# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୪/୨୦୧୯ (୧୬ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, September 4/2019 | ★★★★★★

୪୫ଶ ଭାଗ ୨୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ଟି୨୦ରୁ ମିଥାଲିଙ୍କ ଅବସର

ଭାରତର ସିନିୟର ମହିଳା କ୍ରିକେଟର ମିଥାଲି ରାଜ୍ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି।

**୧୪ ୦୯**

## 'ପଲ୍ ପଲ୍ ଦିଲ୍ କେ ପାସ୍'ରେ କରନ ଦେଓଲ

'ପଲ୍ ପଲ୍ ଦିଲ୍ କେ ପାସ୍'ରେ ଅଭିନୟ ଜୀବନ ଆରମ୍ଭ କରି ବଲିଉଡରେ ପଦାର୍ପଣ କରିବାକୁ ଯାଉଛନ୍ତି ସନି ଦେଓଲଙ୍କ ପୁତ୍ର କରନ।



## ଚାକିରି ଦେବା ନାଁରେ ଯୁବତୀଙ୍କୁ ବଳାତ୍କାର
### ଅର୍ଥ ଲଗାଣକାରୀ ସଂସ୍ଥାର ଓଡ଼ିଶା ମୁଖ୍ୟ ଗିରଫ

**କଟକ ରୋଡ,୩।୯(ଡି.ଏନ୍.ଏ.):** ଜଣେ ଯୁବତୀଙ୍କୁ ଚାକିରି ଦେବା ନାଁରେ ହୋଟେଲରେ ବଳାତ୍କାର କରାଯାଇଛି। ପୀଡ଼ିତାଙ୍କ ଅଭିଯୋଗକ୍ରମେ ଲକ୍ଷ୍ମୀସାଗର ପୋଲିସ ଏକ ମାମଲା(ନଂ.୨୪୦/୧୯)ରୁଜୁ କରିବା ସହ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେ ହେଲେ ଉତ୍ତରପ୍ରଦେଶ ଭାପୁର ଜିଲାର ଭରନା ଥାନା ଅଧୀନ ସିଂଗନପୁର ଅଞ୍ଚଳର ଜୟ କୁମାର(୩୯)। ପୋଲିସ ସୂଚନା ଅନୁଯାୟୀ, ଛତିଶଗଡ ରାୟଗଡ଼ ଅଞ୍ଚଳର ଜଣେ ଯୁବତୀ ରାୟପୁରରେ ଥିବା ଅର୍ଥ ଲଗାଣକାରୀ ସଂସ୍ଥାରେ କର୍ମଚାରୀ ଥିଲେ। ଉକ୍ତ ସମୟରେ ଅଭିଯୁକ୍ତ ଜୟ ତାଙ୍କ ଉପରିସ୍ଥ ଅଧିକାରୀଭାବେ କାର୍ଯ୍ୟ କରୁଥିଲେ। ଏହା ପରେ ଜୟଙ୍କ ଭୁବନେଶ୍ୱର ବଦଳି ହୋଇଥିବା ବେଳେ ସେ ସେହି ସଂସ୍ଥାର ଓଡ଼ିଶା ମୁଖ୍ୟଭାବେ କାର୍ଯ୍ୟ କରୁଥିଲେ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ପୀଡ଼ିତା ରାୟପୁର କାର୍ଯ୍ୟାଳୟରେ ୧୦ମାସ ଚାକିରି କରିବା ପରେ ଗତ ୪ମାସ ପୂର୍ବେ ଚାକିରି ଛାଡି ଦେଇଥିଲେ। ପୁନର୍ବାର ଚାକିରି କରିବା ପାଇଁ ଯୁବତୀଜଣକ ଗତ ୧୦ଦିନ ପୂର୍ବେ ଜୟଙ୍କୁ ଯୋଗାଯୋଗ କରିଥିଲେ। ଧଉଳି ଥାନା ଅଧୀନ ଗଙ୍ଗୋତ୍ରୀ ନଗର ଅଞ୍ଚଳରେ ଥିବା ଉକ୍ତ ସଂସ୍ଥାର ଶାଖା କାର୍ଯ୍ୟାଳୟରେ କେତୋଟି ପଦବୀ ଖାଲିଥିବା ନେଇ ଜୟ ତାଙ୍କୁ କହିଥିଲେ। ଏହା ସହ ଗତ ୧ତାରିଖରେ ସାକ୍ଷାତକାର ଥିବା ନେଇ ଭୁବନେଶ୍ୱର ଡକାଇଥିଲେ। ଚାକିରି ଆଶାରେ ଯୁବତୀ ଓ ତାଙ୍କର ଅନ୍ୟ ଜଣେ ସାଙ୍ଗ ଉକ୍ତ ଦିନ ଭୁବନେଶ୍ୱର ରେଲୱେ ଷ୍ଟେଶନରେ ପହଞ୍ଚି ଜୟଙ୍କ ସହ ଯୋଗାଯୋଗ କରିଥିଲେ। କଟକ ରୋଡରେ ଥିବା ଏକ ହୋଟେଲରେ ରହିବା ପାଇଁ ଜୟ ସେମାନଙ୍କୁ କହିଥିଲେ। ମଧ୍ୟାହ୍ନରେ ସାକ୍ଷାତ୍କାର ସମୟ ଥିବା ବେଳେ ଜୟ ଏହାକୁ ଗଡାଇ ସନ୍ଧ୍ୟାରେ ରଖିଥିଲେ। ସନ୍ଧ୍ୟାରେ ସାକ୍ଷାତ୍କାର ସରିବା ପରେ ଚାକିରି ତୁମର ନିଶ୍ଚିତ ହୋଇଯିବ କହି ଅଭିଯୁକ୍ତ ଉକ୍ତ ହୋଟେଲରେ ଅନ୍ୟ ଏକ ରୁମକୁ ଯୁବତୀଙ୍କୁ ନେଇ ବଳାତ୍କାର କରିଥିଲେ। ଏ ନେଇ ଗତ ୨ତାରିଖରେ ପୀଡ଼ିତାଜଣଙ୍କ ଥାନାରେ ଏତାଲା ଦେଇଥିଲେ। ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମଙ୍ଗଳବାର ଗଙ୍ଗୋତ୍ରୀନଗର ଅଞ୍ଚଳର ଏକ ଭଡାଘରେ ରହୁଥିବା ଜୟଙ୍କୁ ଗିରଫ କରିଥିଲା।

# ବଡ଼ଦାଣ୍ଡରେ ଗର୍ଜିଲେ ସାଧୁସନ୍ଥ

## ବଡ଼ଆଖଡା ମଠ ଉଚ୍ଛେଦ ସାମୟିକ ସ୍ଥଗିତ

**ପୁରୀ ଅଫିସ, ୩।୯**

ଶ୍ରୀମନ୍ଦିର ସୁରକ୍ଷା ଏବଂ ପୁରୀର ବିକାଶ ପାଇଁ ପ୍ରଶାସନ ପକ୍ଷରୁ ଚାଲିଥିବା ଉଚ୍ଛେଦ ପ୍ରକ୍ରିୟାରେ ଲାଗିଛି ବ୍ରେକ୍। କ୍ଷତିଗ୍ରସ୍ତଙ୍କ ଲାଗି ସରକାର ଆକର୍ଷଣୀୟ ପ୍ୟାକେଜ ଘୋଷଣା କରିଛନ୍ତି। ଏହା ସେମାନଙ୍କୁ ସନ୍ତୁଷ୍ଟ କରିପାରିନି। ବରଂ ସେମାନଙ୍କ ପ୍ରତିବାଦକୁ ଆହୁରି ଶାଣିତ କରିଛି। ସବୁଠୁ ବଡ଼ କଥା ହେଉଛି ଏହି ପ୍ରତିବାଦର ସ୍ୱର ଆଉ ପୁରୀ କିମ୍ବା ଓଡ଼ିଶା ଭିତରେ ସୀମିତ ନାହିଁ, ଅନ୍ୟ ରାଜ୍ୟକୁ ବି ଛୁଇଁଛି। ଭାରତର ବିଭିନ୍ନ ସ୍ଥାନରୁ ଅଖିଳ ଭାରତୀୟ ସନ୍ଥ ସମିତିର ପ୍ରମୁଖ କର୍ମକର୍ତ୍ତା ଶ୍ରୀକ୍ଷେତ୍ରରେ ପହଞ୍ଚି ମଠ, ମନ୍ଦିରର ସୁରକ୍ଷା ପାଇଁ ଜୀବନ ବାଜି ଲଗାଇବାକୁ ପ୍ରସ୍ତୁତ ହୋଇଯାଇଛନ୍ତି। ମଠ, ମନ୍ଦିର ଉଚ୍ଛେଦକୁ ବିରୋଧ କରି ବଡ଼ଦାଣ୍ଡରେ ଗର୍ଜିଛନ୍ତି ସାଧୁସନ୍ଥ। ବଡ଼ ଆଖଡା ମଠରେ ମେଳି ବାନ୍ଧି ପ୍ରଶାସନକୁ



ବଡ଼ଆଖଡ଼ା ମଠ ଉଚ୍ଛେଦକୁ ସାଧୁସନ୍ଥ ଓ ଅନ୍ୟମାନେ ବିରୋଧ କରୁଛନ୍ତି।

ମୁକାବିଲା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଏଭଳି ପ୍ରତିବାଦକୁ ଦେଖି ଝୁଙ୍କିଛି ପ୍ରଶାସନ। ଫଳରେ ମଙ୍ଗଳବାର ହେବାକୁ ଥିବା ବଡ଼ ଆଖଡା ମଠ ଉଚ୍ଛେଦ କାର୍ଯ୍ୟକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ୨/୩ ଦିନ ମଧ୍ୟରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

୨ଦିନ ଉଚ୍ଛେଦ ସ୍ଥଗିତ ରହିବା ପରେ ମଙ୍ଗଳବାର ବଡ଼ ଆଖଡା ମଠ ଭଙ୍ଗାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ତେଣୁ ମଠରେ ଚାଲୁଥିବା ସିଂହଦ୍ୱାର ଥାନା, ଦୋକାନ ଖାଲି କରାଯାଇଥିବା ବେଳେ ମଠ ପରିସର ଘରଗୁଡ଼ିକରୁ ମଧ୍ୟ ଜିନିଷପତ୍ର ଖାଲି କରାଯାଇଥିଲା। ହେଲେ ମଙ୍ଗଳବାର ସକାଳୁ ପ୍ରବଳ ବର୍ଷା ଯୋଗୁ ପ୍ରଶାସନ ଉଚ୍ଛେଦ ପାଇଁ ପ୍ରସ୍ତୁତ ହୋଇ ନ ଥିବାବେଳେ ବଡ଼ ଆଖଡା ମଠ ଭଙ୍ଗାକୁ ବିରୋଧ କରିଥିଲେ ଅଖିଳ ଭାରତୀୟ ସନ୍ଥ ସମିତିର କର୍ମକର୍ତ୍ତା ଏବଂ କ୍ଷତିଗ୍ରସ୍ତ ଦୋକାନୀ। ଦେବୋତ୍ତର କମିଶନ ମଠକୁ ବିପଦସଙ୍କୁଳ ବୋଲି ଘୋଷଣା କରି ନ ଥିବାବେଳେ ପ୍ରଶାସନ ବିପଦସଙ୍କୁଳ ଦର୍ଶାଇ ଭାଙ୍ଗିବାକୁ ଉଦ୍ୟମ କରୁଛି ବୋଲି କହିଥିଲେ। ଏପରି କି ସାଧୁ ସନ୍ଥମାନେ ମଠ ଭିତରେ ଧାରଣା ଦେବା ସହ ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ଜାରି ରଖିଥିଲେ। ଅପରାହ୍ନରେ ପ୍ରଶାସନ ପ୍ରଥମେ ମଠ କୋଠାରେ ଥିବା ଦୋକାନ ଘର ଭାଙ୍ଗିବାକୁ ପ୍ରସ୍ତୁତ ହୋଇଥିଲା। ପ୍ରାୟ ୩୦ ପ୍ଲାଟୁନ ଫୋର୍ସ ମଠକୁ ସମ୍ପୂର୍ଣ୍ଣ ଘେରି କର୍ଡନ କରି ଦେଇଥିଲେ। ମଠରୁ ଦୋକାନ ଘର ଭାଙ୍ଗିବା ପାଇଁ ଜେସିବି ଉଦ୍ୟମ କରୁଥିବା ବେଳେ ସାଧୁ ସନ୍ଥମାନେ ଗର୍ଜି ଉଠିଥିଲେ। ସେମାନେ ନାନା ପ୍ରକାର ପ୍ରଶାସନ ବିରୋଧୀ ନାରାବାଜି କରି ଜେସିବି ଆଗକୁ ଚାଲି ଆସିଥିଲେ। ଫଳରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିଲା। ଏଭଳି ଅପ୍ରୀତିକର ପରିସ୍ଥିତି ଦେଖି ଉପଜିଲାପାଳ ଭବତାରଣ ସାହୁ ମଠ ମହନ୍ତ ହରିନାରାୟଣ ଦାସଙ୍କୁ ଆଲୋଚନା ପାଇଁ ଜିଲାପାଳଙ୍କ ପାଖକୁ ନେଇଯାଇଥିଲେ। ସେପଟେ ଆଲୋଚନା ଜାରି ରହିଥିବା ବେଳେ ଏପଟେ ସାଧୁସନ୍ଥମାନେ ପ୍ରଶାସନ ବିରୋଧୀ ସ୍ଲୋଗାନ ଦେଇ ମଠ ଉପରେ ଧାରଣାରେ ବସିଥିଲେ।

ପୃଷ୍ଠା-୧୦

**ସାଧୁସନ୍ଥଙ୍କ ଚେତାବନୀ**

### ଜୀବନ ଦେବୁ ପଛେ ମଠ ଛାଡ଼ିବୁନି

# ବାୟୁସେନାରେ ୮ ଆପାଚେ ହେଲିକପ୍ଟର ସାମିଲ

**ଥରକେ ୧୨୦୦ ରାଉଣ୍ଡ ଗୁଳିବର୍ଷଣ କରିପାରିବ**



**୧୯ ମିସାଇଲ ବହନ କରିବ**

**ପଠାନକୋଟ,୩।୯(ପି.ଟି.)**

ଆମେରିକା ନିର୍ମିତ ୮ଟି ଆପାଚେ ଲଢୁଆ ହେଲିକପ୍ଟର ମଙ୍ଗଳବାର ଭାରତୀୟ ବାୟୁସେନା (ଆଇଏଏଫ୍)ରେ ସାମିଲ ହୋଇଛି। ଭାରତ ସୀମାପାର ଆତଙ୍କବାଦ ସମେତ ବିଭିନ୍ନ ଜଟିଳ ସୁରକ୍ଷାଜନିତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଆପାଚେ ହେଲିକପ୍ଟର ସାମିଲହେବା ଫଳରେ ଏହାର ଆକ୍ରମଣ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ ବୋଲି କୁହାଯାଉଛି। ପଠାନକୋଟ ବାୟୁସେନା ବେସ୍‌ରେ ୱାଟର କ୍ୟାନନ୍ ସାଲ୍ୟୁଟ ଏବଂ ପୂଜକଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ହେଲିକପ୍ଟରଗୁଡ଼ିକୁ ଆନୁଷ୍ଠାନିକ ଭାବେ ଆଇଏଏଫ୍‌ରେ ସାମିଲ କରାଯାଇଛି।

ବୋଇଂ କମ୍ପାନୀ ନିର୍ମିତ ୨୨ଟି ଆପାଚେ ଏଏଚ୍-୬୪ଇ ହେଲିକପ୍ଟର କିଣିବା ପାଇଁ ୪ ବର୍ଷ ପୂର୍ବେ ଆମେରିକା ସହ ବହୁକୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଅବଶିଷ୍ଟ ହେଲିକପ୍ଟର ୨୦୨୦ ମାର୍ଚ୍ଚ ସୁଦ୍ଧା ମିଳିବ। ନୂଆ ପ୍ରଯୁକ୍ତିରେ ନିର୍ମିତ ଏହି ହେଲିକପ୍ଟର ବାୟୁସେନା ଆଧୁନିକୀକରଣ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଏୟାର ଚିଫ ମାର୍ଶାଲ ବି.ଏସ୍. ଧନୋଆ କହିଛନ୍ତି। ଭାରତର ପଶ୍ଚିମାଞ୍ଚଳରେ ସାମିଲ ହେବାକୁ ଥିବା ଏହି ହେଲିକପ୍ଟର ବାୟୁସେନାର ଆକ୍ରମଣ କ୍ଷମତା ବୃଦ୍ଧି କରିବ। ପ୍ରତି ହେଲିକପ୍ଟରରେ ୮ଟି ହେଲ୍‌ଫାୟାର ମିସାଇଲ ଓ ରକେଟ ରହିବା କ୍ଷମତା ରହିଛି। ଏହାବ୍ୟତୀତ ଏଥିରେ ଥିବା କମାଣ ଏକସମୟରେ ୧୨୦୦ ରାଉଣ୍ଡ ଗୁଳିବର୍ଷଣ କରିପାରିବ। ଏଥିରେ ରହିଥିବା ଦୁଇଟି ମିସାଇଲ ପଡ୍‌ରେ ୧୯ଟି ମିସାଇଲ ରଖାଯାଇପାରିବ। ବିଶ୍ୱର ସବୁଠୁ ଘାତକ ହେଲିକପ୍ଟର କୁହାଯାଉଥିବା ଆପାଚେ ଶତ୍ରୁ ପକ୍ଷକୁ ଧ୍ୱଂସ କରିପାରିବ। ଏହାବ୍ୟତୀତ ଶତ୍ରୁପକ୍ଷର ରାଡାର କବଳରୁ ମଧ୍ୟ ଏହା ନିଜକୁ ଲୁଚାଇବାରେ ସକ୍ଷମ। ପାକିସ୍ତାନର ବାଲାକୋଟରେ ବାୟୁସେନାର ଏୟାରଷ୍ଟ୍ରାଇକ୍‌ର ୬ ମାସ ପରେ ମିଳିଥିବା ଆପାଚେ ହେଲିକପ୍ଟର ବାହ୍ୟ ଆକ୍ରମଣ ସମ୍ଭାବନାର ପ୍ରଭାବଶାଳୀ ମୁକାବିଲା କରିବାରେ ସକ୍ଷମ ହୋଇପାରିବ। ବାୟୁସେନାରେ ରହିଥିବା ରୁଷିଆ ନିର୍ମିତ ଏମ୍ଆଇ-୩୫ ହେଲିକପ୍ଟର ସ୍ଥାନରେ ଆପାଚେ ମୁତୟନ ହେବ ବୋଲି ଜଣାପଡ଼ିଛି।

ଡିଜିଟାଲ କକ୍‌ପିଟ୍ ଥିବା ଏଏଚ୍-୬୪ଇ ଆପାଚେ ବିଶ୍ୱର ସବୁଠୁ ଅତ୍ୟାଧୁନିକ ଲଢୁଆ ହେଲିକପ୍ଟର, ଯାହା ଭାରତୀୟ ବାୟୁସେନାର ଭବିଷ୍ୟତ ଆବଶ୍ୟକତା ପୂରଣ କରିପାରିବ ବୋଲି ଧନୋଆ କହିଛନ୍ତି। ଏହାକୁ ଯୁଦ୍ଧ ସମେତ ସୈନ୍ୟ ସର୍ବେକ୍ଷଣ, ଶାନ୍ତିରକ୍ଷା ଅଭିଯାନ ଆଦି କାର୍ଯ୍ୟରେ ବ୍ୟବହାର କରାଯାଇପାରିବ। ଏହି ହେଲିକପ୍ଟର ସଂଗ୍ରହ କରିବାରେ ଭାରତ ୧୬ତମ ରାଷ୍ଟ୍ର ବୋଲି ବୋଇଂ କମ୍ପାନୀ ପକ୍ଷରୁ କୁହାଯାଇଛି। ଭାରତୀୟ ସେନାର ଆଧୁନିକୀକରଣରେ ବୋଇଂ ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ବୋଇଂ ଇଣ୍ଡିଆ ଅଧ୍ୟକ୍ଷ ସଲିଲ ଗୁପ୍ତେ କହିଛନ୍ତି। ମଙ୍ଗଳବାର ବାୟୁସେନାରେ ସାମିଲ ହୋଇଥିବା ହେଲିକପ୍ଟରଗୁଡ଼ିକ ଜୁଲାଇରେ ଭାରତ ଆସିଥିଲା।

# ଥାନା ପାଖରେ ନକଲି ତେଲ, ଘିଅ କାରଖାନା

**ଭୁବନେଶ୍ୱର,୩।୯(ବ୍ୟୁରୋ)/କଟକରୋଡ (ଡି.ଏନ୍.ଏ.)**

ଲକ୍ଷ୍ମୀସାଗର ଥାନାଠାରୁ ମାତ୍ର ଶହେ ମିଟର ଦୂର ଏକ ଘରେ ଚାଲିଥିଲା ନକଲି ତେଲ ଓ ଘିଅ କାରଖାନା। ମଙ୍ଗଳବାର ସ୍ପେଶାଲ ସ୍କ୍ୱାଡ୍ ଓ ସ୍ଥାନୀୟ ପୋଲିସର ମିଳିତ ଟିମ୍ ସେଠାରେ ଚଢ଼ାଉ କରି ବିପୁଳ ନକଲି ତେଲ, ଘିଅ ଓ ଅନ୍ୟ ସରଞ୍ଜାମ ଜବତ କରିଛି। ଏହି ଘଟଣାରେ ପୋଲିସ ୩ ଭାଇଙ୍କ ସମେତ ଜଣେ ଶ୍ରମିକଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦ୍ରାପଡା ଜିଲା ମାର୍ଶାଘାଇ କରଞ୍ଜି ଗ୍ରାମର ଲଲାଟ କେଶରୀ ଆଚାର୍ଯ୍ୟ(୩୩), ବିକ୍ରମ କେଶରୀ ଆଚାର୍ଯ୍ୟ, ଯଯାତି କେଶରୀ ଆଚାର୍ଯ୍ୟ(୩୩) ଓ ଶ୍ରମିକ ଯାଜପୁର ଜିଲା ବିଞ୍ଝାରପୁର ଥାନା ବାଂଶଡା ଗ୍ରାମର ବୈକୁଣ୍ଠ ମଲ୍ଲିକ(୩୦)। ପୋଲିସ ମାମଲା ☞ପୃଷ୍ଠା-୪



- ୮୮ ଟିଣ, ୧୫୦୦ ଲିଟର ତେଲ ଜବତ
- ଜେଲ ଗଲେ ୩ଭାଇ ସମେତ ୪ ଅଭିଯୁକ୍ତ






**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

### ମୃଷା ଯନ୍ତା

**ଆଜିର ମନ୍ତବ୍ୟ**

"ଆମେରିକା ନିର୍ମିତ ଆପାଚେ ଏଏଚ୍-୬୪ଇ ହେଲିକପ୍ଟର ଭାରତୀୟ ବାୟୁସେନାର ଶକ୍ତିବୃଦ୍ଧି କ୍ଷେତ୍ରରେ ବହୁ ସହାୟକ ହେବା
– ବି.ଏସ୍. ଧନୋଆ, ଆଇଏଏଫ୍ ମୁଖ୍ୟ

NATIONAL EGG CO-ORDINATION COMMITTEE | 03.09.2019 | Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 51 | 94 | 104 |
| CTC | 51 | 94 | 104 |
| DKL | 52 | 96 | 106 |
| BDK | 50 | 93 | 103 |
| BLS | 50 | 93 | 103 |
| ANG | 51 | 94 | 104 |
| BHM | 51 | 94 | 104 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers

## ଫନୀ ମାଡ଼ରେ ଦୋହଲିଗଲା ବିଦ୍ୟୁତ୍ ଭିତ୍ତିଭୂମି
# ଖାମଖିଆଲ ଓପିଟିସିଏଲ୍: ୧୫କୋଟି ବରବାଦ

**ଅନିଲ ଦାସ**
**ଭୁବନେଶ୍ୱର,୩।୯**

ଗତ ମେ' ୩ରେ ପୁରୀ ଉପକୂଳ ଛୁଇଁଥିବା ବାତ୍ୟା 'ଫନୀ' ପୁରୀ, ଖୋର୍ଦ୍ଧା ଓ କଟକ ଜିଲାରେ ବ୍ୟାପକ କ୍ଷତି କରିଥିଲା। ଏଥିରେ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ବିଦ୍ୟୁତ୍ ଭିତ୍ତିଭୂମି। ହଜାର ହଜାର ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ନଷ୍ଟ ହୋଇଥିବାବେଳେ ମୁଖ୍ୟଗ୍ରୀଡ଼କୁ ସଂଯୋଗ କରୁଥିବା ଉଚ୍ଚ ଶକ୍ତି ସମ୍ପନ୍ନ ବଡ଼ ବଡ଼ ବିଦ୍ୟୁତ୍ ଟାୱାର ଚୂର୍ମାର ହୋଇଯାଇଥିଲା। ମୋଟାମୋଟି କହିବାକୁ ଗଲେ ପୁରୀ, କଟକ, ଖୋର୍ଦ୍ଧା ଜିଲାର ବିଦ୍ୟୁତ୍ ଭିତ୍ତିଭୂମି ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁ ଜିଲାବାସୀଙ୍କୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡିଲା ବୋଲି ଶକ୍ତି ବିଭାଗର କେତେକ ପୂର୍ବତନ ଯନ୍ତ୍ରୀ ମତ ଦେଇଛନ୍ତି। ସବୁଠାରୁ ବିଡ଼ମ୍ବନାର ବିଷୟ ଯେ, ୪୦ ବର୍ଷର ପୁରୁଣା ଟାୱାର ଛିଡ଼ା ହୋଇଥିବାବେଳେ ମାତ୍ର ୪ ବର୍ଷ ପୂର୍ବରୁ ନିର୍ମିତ ୭୦ଟି ବଡ଼ ଟାୱାର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୫ କୋଟିରୁ ଊର୍ଦ୍ଧ୍ୱ ହେବ।

- ୨୨୦ କେଭିର ୭୦ ନୂଆ ଟାୱାର ଧ୍ୱସ୍ତବିଧ୍ୱସ୍ତ
- ଟାୱାର କିଣିବାରେ ବ୍ୟାପକ ହେରଫେର ଅଭିଯୋଗ
- ମାନ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଗଲା



ମିଳିଥିବା ସୂଚନା ଅନୁଯାୟୀ ୨୦୧୫ରେ ଅନୁଷ୍ଠିତ ଶ୍ରୀଜୀଉଙ୍କ ନବକଳେବରକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଖୋର୍ଦ୍ଧା ପାଣ୍ଡିଆବିଲ ପାୱାର ଗ୍ରୀଡ଼ ଷ୍ଟେଶନରୁ ପୁରୀ ସମଗରା ଷ୍ଟେଶନକୁ ୨୨୦ କେଭି ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ଲକ୍ଷ୍ୟ ଥିଲା ପୁରୀ ସହର ସମେତ ସମ୍ପୂର୍ଣ୍ଣ ଜିଲାକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ। ଓଡିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ(ଓପିଟିସିଏଲ) ଏହାର ନିର୍ମାଣ ଦାୟିତ୍ୱ ନେଇଥିଲା। ଏଥିପାଇଁ ପ୍ରତି କିଲୋମିଟରକୁ ୫୩ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଥିଲା। ଟେଣ୍ଡର ଜରିଆରେ ଏକ ଘରୋଇ କମ୍ପାନୀକୁ ଟାୱାର ବସାଇବା ଦାୟିତ୍ୱ ଦିଆଯାଇଥିଲା। ତେବେ ସେହି କମ୍ପାନୀ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ନ କରି ପାରିବାରୁ ଓପିଟିସିଏଲ୍ ☞ପୃଷ୍ଠା-୪



କାଲିଫର୍ନିଆ ଉପକୂଳରେ ଏକ ବୋଟ୍‌ରେ ନିଆଁ ଲାଗିଯିବାରୁ ୨୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୯ ନିଖୋଜ ହୋଇଯାଇଛନ୍ତି। ବୋଟରେ ସ୍କୁବା ଡାଇଭରମାନେ ଭ୍ରମଣରେ ଯାଇଥିଲାବେଳେ ସୋମବାର ଦୁର୍ଘଟଣା ଘଟିଥିଲା। ଉଦ୍ଧାରକାରୀ ଟିମ୍ ୧୪୫ କିଲୋମିଟର ଦୂରରୁ ୪ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ନିଖୋଜ ୯ ଜଣଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

‘ମିଷ୍ଟର୍ ଆଣ୍ଡ୍ ମିସ୍ ଇଣ୍ଡିଆ ଚାର୍ମିଂ ଫେସ୍’

# ରାଜେଶ ପ୍ରଥମ ଓଡ଼ିଆ ଆଞ୍ଚଳିକ ନିର୍ଦ୍ଦେଶକ

ଭୁବନେଶ୍ୱର,୩।୯(ବ୍ୟୁରୋ)

ବିଶ୍ୱର ଜଣାଶୁଣା ବିଉଟି ପାଜେଣ୍ଟ୍ ‘ମିଷ୍ଟର୍ ଆଣ୍ଡ୍ ମିସ୍ ଚାର୍ମିଂ ଫେସ୍’ର ୩ୟ ସଂସ୍କରଣ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏଥିପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସନ୍ତା ଅକ୍ଟୋବର ୧୩ରେ ଗୋଆରେ ଏହାର ଗ୍ରାଣ୍ଡ୍ ଫିନାଲେ ଅନୁଷ୍ଠିତ ହେବ। ତେବେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଜଣେ ଓଡ଼ିଆଙ୍କୁ ‘ମିଷ୍ଟର୍ ଆଣ୍ଡ୍ ମିସ୍ ଇଣ୍ଡିଆସ୍ ଚାର୍ମିଂ ଫେସ୍’ର ଆଞ୍ଚଳିକ ନିର୍ଦ୍ଦେଶକଭାବେ ଦାୟିତ୍ୱ ଦିଆଯାଇଛି। ମିସ୍ ଇଣ୍ଡିଆ ଚାର୍ମିଂ ଫେସ୍‌ରେ ଓଡ଼ିଶାରୁ ଆଞ୍ଚଳିକ ନିର୍ଦ୍ଦେଶକ ଭାବେ ମନୋନୀତ ହୋଇଛନ୍ତି ରାଜେଶ ରଞ୍ଜନ ମହାନ୍ତି। ରାଜେଶଙ୍କ ଉପସ୍ଥିତି ଜାତୀୟସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିବାସହ ଚଳିତବର୍ଷ ରାଜ୍ୟ ପାଇଁ ମଧ୍ୟ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଏକ ନୂଆ ଆଶା ସୃଷ୍ଟି କରିଛି।

ଇଣ୍ଡିଆସ୍ ଚାର୍ମିଂ ଫେସ୍ ୨୦୧୯’ର ଓଡ଼ିଶା ଅଡିଶନ୍ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏବେ ଅନଲାଇନ୍ ରେଜିଷ୍ଟ୍ରେଶନ ସହ ଅନ୍‌ଲାଇନ ଅଡିଶନ୍ ଚାଲିଛି। ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ଅଡିଶନ ଚାଲିବ ଏବଂ ‘ଇଣ୍ଡିଆସ୍ ଚାର୍ମିଂ ଫେସ୍- ଓଡ଼ିଶା ୨୦୧୯’ ପାଇଁ ସେପ୍ଟେମ୍ବର ୩୦ ତାରିଖରୁ ୩ ଦିନ ବ୍ୟାପୀ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଅନଲାଇନ୍ ଅଡିଶନରେ ମନୋନୀତ ହୋଇଥିବା ୫୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୫ଜଣଙ୍କୁ ଗ୍ରାଣ୍ଡ୍ ଫିନାଲେ ପାଇଁ ମନୋନୀତ କରାଯିବ। ୧୫ଜଣଙ୍କ ମଧ୍ୟରୁ ଶ୍ରେଷ୍ଠ ୫ଜଣ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଜାତୀୟସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଓଡ଼ିଶାରୁ ବହୁ ପ୍ରତିଭା ବିଗତ କିଛିବର୍ଷ ମଧ୍ୟରେ ବିଉଟି ପାଜେଣ୍ଟ୍ କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିଥିବାରୁ ‘ମିଷ୍ଟର୍ ଆଣ୍ଡ୍ ମିସ୍ ଇଣ୍ଡିଆସ୍ ଚାର୍ମିଂ ଫେସ୍’ରେ ଭଲ ପ୍ରଦର୍ଶନ କରିବାକୁ ଓଡ଼ିଶା ପାଇଁ ବିପୁଳ ସୁଯୋଗ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ଏଥର ପ୍ରଥମଥର ପାଇଁ ଜଣେ ଓଡ଼ିଆଙ୍କୁ ରିଜିଓନାଲ ଡାଇରେକ୍ଟର ଭାବେ ନିଯୁକ୍ତ କରାଯାଇଥିବାରୁ ରାଜ୍ୟ ପାଇଁ ଆଶା ସୃଷ୍ଟି ହୋଇଛି। ପୁରୀ ଜନ୍ମିତ ରାଜେଶ ଜଣେ କମ୍ୟୁନିକେଶନ ପ୍ରଫେଶନାଲ ଭାବେ କାର୍ଯ୍ୟ କରୁଥିବା ବେଳେ ଏକାଧିକ ଡକ୍ୟୁମେଣ୍ଟାରୀ, ଆଡ୍ ଫିଲ୍ମ, କର୍ପୋରେଟ୍ ଫିଲ୍ମ ଏବଂ ମ୍ୟୁଜିକ୍ ଭିଡିଓ ତିଆରି କରି ସୁନାମ ଅର୍ଜିଛନ୍ତି।

ଓଡ଼ିଶା ପାଇଁ ରହିଛି ବିପୁଳ ସୁଯୋଗ



# ଓଡ଼ିଆରେ ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ମୁଖ୍ୟମନ୍ତ୍ରୀ, ଧର୍ମେନ୍ଦ୍ର ମଧ୍ୟ ଅଭିନନ୍ଦନ ଜଣାଇଲେ



ଭୁବନେଶ୍ୱର,୩।୯(ବ୍ୟୁରୋ)

ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଓଡିଆରେ ଟୁଇଟ୍ କରି ନୂଆଁଖାଇ ଜୁହାର ଜଣାଇଛନ୍ତି। ଏହି ଅବସରରେ ସମାଜର ସବୁବର୍ଗ ସହିତ ଚାଷୀଭାଇଙ୍କ ସୁଖ ଓ ସମୃଦ୍ଧି କାମନା କରିଛନ୍ତି। ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଉନ୍ନତି ପାଇଁ ଭଗବାନଙ୍କ ନିକଟରେ ସେ ପ୍ରାର୍ଥନା କରିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶାନ୍ତି, ମୈତ୍ରୀ ଓ ଆନନ୍ଦର ପର୍ବ ନୂଆଁଖାଇ ଅବସରରେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟର କୃଷକ ଭଉଣୀ,ଭାଇଙ୍କ ସମୃଦ୍ଧି କାମନା କରିଛନ୍ତି। ଏହାସହ ସମଲେଇଙ୍କ ଆଶୀର୍ବାଦରୁ ଆମ ରାଜ୍ୟ ଓଡିଶା ଆହୁରି ପ୍ରଗତିଶୀଳ ହେବା ସହିତ ସମସ୍ତଙ୍କୁ ଆଉଥରେ ସେ ନୂଆଁଖାଇ ଜୁହାର ଜଣାଇଛନ୍ତି।


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ନୂଆଁଖାଇ ହେଉଛି ଚାଷ ଆଧାରିତ ଏକ ଧାର୍ମିକ, ଆଧ୍ୟାତ୍ମିକ, ସାଂସ୍କୃତିକ, ସାମାଜିକ ମହାନ୍ ଲୋକପର୍ବ। ନୂଆ ଧାନକୁ ପୂଜା କରି ପରିବାର ସହ ମିଶି ଖାଇବାର ମହାନ୍ ପରମ୍ପରାର ପ୍ରତୀକ ହେଉଛି ଏହି ପର୍ବ। ପରିବାର ଓ ସମାଜର ସମସ୍ତଙ୍କୁ ଜୁହାର କରିବାର ଅବସର ହେଉଛି ନୂଆଁଖାଇ। ଆଜି ପରିବାର ଓ ସମାଜ ସହ ମିଳିମିଶି ରହିବାର ଧାରା ଦୁର୍ବଳ ହେବାରେ ଲାଗିଛି, ସେଥିଲାଗି ନୂଆଁଖାଇ ପର୍ବର ଆବଶ୍ୟକତା ବଢି ଯାଇଛି। ନୂଆଁଖାଇ ପରିବାର ଓ ସମାଜ ଭିତରେ ମିଳିମିଶି ରହିବା ଓ ଶାନ୍ତି, ସହଯୋଗ ଏବଂ ଭାଇଚାରାକୁ ମଜଭୁତ୍ କରିବାର ସନ୍ଦେଶ ଦେଉଛି। ଚାଷର ଉନ୍ନତି, ମା’ ମାଟିର ସୁରକ୍ଷା, ଘର ଦ୍ୱାରକୁ ସଫାସୁତୁରା ରଖିବା ଓ ପରିବାରର ସମସ୍ତଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦିଆଯାଉଥିବାରୁ ନୂଆଁଖାଇ ପର୍ବ ସ୍ୱତନ୍ତ୍ର ବୋଲି ପ୍ରଧାନ କହିଛନ୍ତି।

# ସୁନିଲ ଆରୋରା ବିଶ୍ୱ ନିର୍ବାଚନ ସଂସ୍ଥା ସଂଘର ଅଧ୍ୟକ୍ଷ



**ନୂଆଦିଲ୍ଲୀ, ୩।୯:** ମୁଖ୍ୟ ନିର୍ବାଚନ କମିଶନର ସୁନିଲ ଆରୋରା ମଙ୍ଗଳବାର ବିଶ୍ୱ ନିର୍ବାଚନ ସଂସ୍ଥା ସଂଘର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୨୧ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ। ନୂଆଦିଲ୍ଲୀରେ ଥିବା ଭାରତୀୟ ଅନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସଂସ୍ଥାରେ ପ୍ରଶିକ୍ଷଣ, ଗବେଷଣା ଓ ଦସ୍ତାବିଜ ଲେଖନ କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ବିଶ୍ୱ ନିର୍ବାଚନ ସଂସ୍ଥା ସଂଘର ଉପସଭାପତି ଭାବେ ଦକ୍ଷିଣ ଆଫ୍ରିକାର ନିର୍ବାଚନ ଆୟୋଗ ଅଧ୍ୟକ୍ଷ ଗ୍ଲେନ ମ୍ୟୁମା ମାସନିମିଙ୍କୁ ଓ ନୂତନ ମହାସଚିବ ଭାବେ ଦକ୍ଷିଣ କୋରିଆର ଜୋଙ୍ଗୟୁନ୍ ଚୋଙ୍କୁ ନିର୍ବାଚିତ କରାଯାଇଛି।

# ଲ୍ୟାଣ୍ଡର୍ ବିକ୍ରମର ପ୍ରଥମ ଡି-ଅର୍ବିଟାଲ ଅପରେଶନ୍ ଶେଷ



**ଚେନ୍ନାଇ:** ସେପ୍ଟେମ୍ବର ୨ ତାରିଖ ୧ଟା ୧୫ ମିନିଟ୍‌ରେ ଅର୍ବିଟର୍‌ରୁ ଭାରତର ପ୍ରଥମ ମୁନ୍ ଲ୍ୟାଣ୍ଡର ବିକ୍ରମ ଅଲଗା ହୋଇ ଚନ୍ଦ୍ରର ନିକଟତର ହେବାରେ ଲାଗିଛି। ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ କେନ୍ଦ୍ର (ଇସ୍ରୋ) ଲ୍ୟାଣ୍ଡର୍‌ର ପ୍ରଥମ ଡି-ଅର୍ବିଟାଲ ଅପରେଶନ(ଅଧିକ ଉଚ୍ଚତାରେ ଥିବା ଅର୍ବିଟ ବା କକ୍ଷରୁ ତଳକୁ କମ୍‌ଉଚ୍ଚତାର କକ୍ଷକୁ ଅଣାଯିବା ପ୍ରକ୍ରିୟା) ସକାଳ ୮ଟା ୫୦ ମିନିଟରେ ଆରମ୍ଭ କରି ସଫଳତାର ସହ ଶେଷ ମଧ୍ୟ କରିଛି। ଅନବୋର୍ଡ ପ୍ରୋପଲ୍‌ସନ ସିଷ୍ଟମ ବ୍ୟବହାର କରି ଏହି ଅପରେଶନକୁ ଇସ୍ରୋ ୪ ସେକେଣ୍ଡରେ ଶେଷ କରିଛି। ଲ୍ୟାଣ୍ଡର୍‌ର ଅର୍ବିଟ ବା କକ୍ଷ ୧୦୪କିମି x ୧୨୮ କିମି। ଅପରପକ୍ଷରେ ଚନ୍ଦ୍ରଯାନ-୨ର ଅର୍ବିଟର ଏବେ ବି ଚନ୍ଦ୍ର ଚାରିପାଖରେ ତା କକ୍ଷପଥରେ ଘୂରୁଛି। ଅର୍ବିଟର ଓ ଲ୍ୟାଣ୍ଡର ପୂରା ଠିକ୍ ଅଛି ବୋଲି ଇସ୍ରୋ ପ୍ରକାଶ କରିଛି। ଦ୍ୱିତୀୟ ଡି-ଅର୍ବିଟାଲ ଅପରେଶନ ସେପ୍ଟେମ୍ବର ୪ ତାରିଖ ରାତି ୪ଟା ୩୦ ମିନିଟ୍‌ରେ କରାଯିବ।ଏହାପରେ ଲ୍ୟାଣ୍ଡର୍ ଚନ୍ଦ୍ରର ନିକଟତର ହୋଇ ସେପ୍ଟେମ୍ବର ୭ ତାରିଖ ରାତି ୧ଟା ୩୦ ମିନିଟରୁ ୨ଟା ୩୦ ମିନିଟ ମଧ୍ୟରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ।

# ଭର୍ତ୍ତୃହରିଙ୍କ ବାଗ୍‌ଦାଦ୍ ଯାତ୍ରା

ଏସିଆନ୍ ପାର୍ଲାମେଣ୍ଟାରୀ ଆସେମ୍ବ୍ଲିରେ ଯୋଗଦେବେ



**ନୂଆଦିଲ୍ଲୀ:** ଇରାକର ରାଜଧାନୀ ବାଗ୍‌ଦାଦ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ୍ ପାର୍ଲାମେଣ୍ଟାରୀ ଆସେମ୍ବ୍ଲିରେ ଯୋଗଦେବା ଲାଗି ଭାରତ ପକ୍ଷରୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମଙ୍ଗଳବାର ସେଠାକୁ ଯାତ୍ରା କରିଛନ୍ତି। ଉକ୍ତ ୩ଦିନିଆ ସମ୍ମିଳନୀରେ ଭର୍ତ୍ତୃହରି ଭାରତର ଦୃଷ୍ଟିକୋଣ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିବେ। ଉଲ୍ଲେଖଯୋଗ୍ୟ, ଭର୍ତ୍ତୃହରି ପୂର୍ବରୁ କ୍ରମାଗତ ଏହି ଏସିଆନ ପାର୍ଲାମେଣ୍ଟାରୀ ଆସେମ୍ବ୍ଲି ସମ୍ମିଳନୀରେ ଭାରତରୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ଗତବର୍ଷ ତୁର୍କୀର ରାଜଧାନୀ ଇସ୍ତାନବୁଲ୍ ଏବଂ ତା’ ପୂର୍ବରୁ ୟୁନାଇଟେଡ୍ ଆରବ ଏମିରେଟ୍ସର ରାଜଧାନୀ ଆବୁଧାବିରେ ଅନୁଷ୍ଠିତ ସମ୍ମିଳନୀରେ ମଧ୍ୟ ଯୋଗଦେଇଥିଲେ। କଶ୍ମୀର ପ୍ରସଙ୍ଗକୁ ପାକିସ୍ତାନ ପକ୍ଷରୁ ବିଭିନ୍ନ ମଞ୍ଚରେ ଉଠାଯାଉଥିବାରୁ ଏଥର ବାଗ୍‌ଦାଦ୍ ସମ୍ମିଳନୀରେ ଭାରତ ପକ୍ଷରୁ ଏହାର ଜୋରଦାର ବିରୋଧ କରାଯିବ ବୋଲି ଜଣାପଡ଼ିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ସେପ୍ଟେମ୍ବର, ୨୦୧୯



ଭାରତର ଲୁନାର ମିଶନ୍ ଚନ୍ଦ୍ରୟାନ-୨ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବା ବେଳେ ଏହି ଐତିହାସିକ ଘଟଣାବଳୀ ଦର୍ଶକମାନଙ୍କୁ ଦେଖାଇବା ଲାଗି ନ୍ୟାଶନାଲ ଜିଓଗ୍ରାଫିକ୍ ଚ୍ୟାନେଲ ସବୁମତେ ପ୍ରସ୍ତୁତ ରହିଥିବା ମଙ୍ଗଳବାର ଘୋଷଣା କରିଛି। ସେପ୍ଟେମ୍ବର ୭ ରାତ୍ରି ୧ଟା ୩୦ରୁ ୨ଟା ୩୦ ମଧ୍ୟରେ ଦର୍ଶକମାନେ ଚନ୍ଦ୍ରୟାନ-୨ ଅବତରଣ ଦେଖିବା ସହିତ ନାସା ମହାକାଶଚାରୀ ଜେରି ଲାଇନେଙ୍ଗର ତାଙ୍କର ମହାକାଶ ରହଣି ଅନୁଭୂତି ବର୍ଣ୍ଣନା କରିବେ। ଚନ୍ଦ୍ରୟାନ-୨ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ମିଶନ୍, ଯଦ୍ୱାରା ଚନ୍ଦ୍ରରେ ଜଳ ଅନୁସନ୍ଧାନ କରାଯାଇପାରିବ।




## ସଂକ୍ଷେପରେ

### ପାଣିରେ ବୁଡ଼ି ୨ ଭଉଣୀ ମୃତ

ବାରିପଦା ଅଫିସ/ କୁଳିଅଣା,୩।୯ (ଡି.ଏନ୍.ଏ): ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ଚାନ୍ଦୁଆ ଗ୍ରାମରେ ମଙ୍ଗଳବାର ପାଣିରେ ବୁଡ଼ି ୨ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ଦ୍ୱୟ ହେଲେ ମଦନ ବେଶ୍ରାଙ୍କ ଝିଅ ପାୟଲ (୨) ଓ ବିଶ୍ୱନାଥ ବେଶ୍ରାଙ୍କ ଝିଅ ଝାନସୀ (୩)। ସେମାନେ ସମ୍ପର୍କୀୟ ୨ ଭଉଣୀ ବୋଲି ଜଣାପଡ଼ିଛି। ସକାଳେ ଘର ନିକଟରେ ଉଭୟ ଖେଳୁଥିବା ସମୟରେ ପାଖ ରାସ୍ତା କଡ଼ରେ ଥିବା ଖାଲକୁ ଚାଲିଯାଇଥିଲେ। ସେମାନଙ୍କ ଗୋଡ଼ ଖସିଯିବାରୁ ଖାଲରେ ଥିବା ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରି ପାଣିରୁ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ହେବା ପରେ ସମ୍ପୃକ୍ତ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ହଷ୍ଟେଲ ୩ୟ ମହଲାରୁ ଡେଇଁ ଯୁବତୀ ଗୁରୁତର

ଅନୁଗୋଳ ଅଫିସ, ୩।୯: ଅନୁଗୋଳ ସହରସ୍ଥିତ ଏକ ମହିଳା ହଷ୍ଟେଲରେ ରହୁଥିବା ଜଣେ ବାନ୍ଧବୀଙ୍କ ନିକଟକୁ ମଙ୍ଗଳବାର ବୁଲି ଆସିଥିବା ଢେଙ୍କାନାଳ ଅଞ୍ଚଳର ଜନୈକା ଯୁବତୀ ହଠାତ୍ ୩ୟ ମହଲାରୁ ତଳକୁ ଡେଇଁ ଗୁରୁତର ହୋଇଛନ୍ତି। ତାଙ୍କୁ ଖୋଜିବାକୁ ହଷ୍ଟେଲ ନିକଟରେ ପହଞ୍ଚିଥିବା ମା' ବାପା ଝିଅକୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। କେଉଁ କାରଣ ପାଇଁ ଯୁବତୀ ଜଣକ କୋଠାରୁ ଡେଇଁ ପଡ଼ିଲେ ତାହା ଏଯାଏ ସ୍ପଷ୍ଟ ହୋଇ ନ ଥିବା ବେଳେ ଏ ନେଇ ଅନୁଗୋଳ ଥାନାରେ ମଧ୍ୟ ଅଭିଯୋଗ ହୋଇନାହିଁ। ତେବେ ଖବରପାଇ ପୋଲିସ ଘଟଣାର ଖୋଳତାଡ଼ କରିବା ସହ ହଷ୍ଟେଲ ମାଲିକଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି।




# ଦାନବ ସାଜିଲେ ବାପା: ପୁଅକୁ କଟାଡ଼ି ମାରିଲେ

କପ୍ତିପଦା,୩।୯(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ଲାବଣ୍ୟଦେଈପୁର ପଞ୍ଚାୟତ ଗାଲାସାହି ଗ୍ରାମରେ ମଙ୍ଗଳବାର ଜଣେ ବ୍ୟକ୍ତି ନିଜର ୬ ବର୍ଷର ପୁଅକୁ ଅତି ନୃଶଂସ ଭାବେ ହତ୍ୟା କରିଛନ୍ତି। ପ୍ରଥମେ ପିଲାଟିକୁ ସେ କଟାଡ଼ି ମାରିବାକୁ ଉଦ୍ୟମ କରିଥିଲେ। ସେଥିରେ ସଫଳ ନ ହେବାରୁ ସେ ପୁଅକୁ ପାଣିରେ ବୁଡାଇ ହତ୍ୟା କରିଛନ୍ତି। ମୃତ ଶିଶୁ ଜଣକ ହେଲେ ସର୍ଦ୍ଦାର ସିଂ (୬)। ପୋଲିସ ଅଭିଯୁକ୍ତ ବାପା ମଧୁ ସିଂଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ମଧୁଙ୍କ ମସ୍ତିଷ୍କ ବିକୃତି ଥିଲା। ମଙ୍ଗଳବାର ସକାଳ ୮ଟା ସମୟରେ ସେ ଘର ପାଖ ପଡ଼ିଆକୁ ଗୋରୁ ବାନ୍ଧିବାକୁ ଯାଇଥିଲେ। ସେଠାରେ ଜଣେ ବ୍ୟକ୍ତିଙ୍କ ବିଲ ନିକଟରେ ଗୋରୁ ବାନ୍ଧିବାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେଠାରୁ ରାଗରେ ଘରକୁ ଫେରି ମଧୁ ସମସ୍ତଙ୍କୁ ମାରିଦେବି ବୋଲି ଧମକ ଦେଇଥିଲେ। ଏଭଳି ଆଚରଣ ଦେଖି ତାଙ୍କ ସ୍ତ୍ରୀ ୨ ଛୋଟ ପିଲାଙ୍କୁ ଧରି ଘରୁ ପଳାଇ ଯିବାକୁ ଉଦ୍ୟମ କରିଥିଲେ। ବଡ଼ ପୁଅ ମାଆ ସହିତ ଯିବାକୁ ବାହାରିବାରୁ ତାଙ୍କୁ ମଧୁ ଛାଡ଼ି ନ ଥିଲେ। ପିଲାଟି ଜୋରରେ କାନ୍ଦିବାରୁ ରାଗରେ ମଧୁ ତାଙ୍କୁ ପିଟିବା ସହିତ କଟାଡ଼ି ଦେଇଥିଲେ। ପରେ ପିଲାଟିର ଚେତା ଚାଲି ଯାଇଛି ଭାବି ମଧୁ ତାଙ୍କୁ ନେଇ ଘରପାଖ ପୋଖରୀରେ ବୁଡ଼ାଇ ହତ୍ୟା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ଏକତ୍ରିତ ହୋଇ ମଧୁଙ୍କୁ କାବୁ କରିବା ସହିତ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଦସ୍ତାବିଜ ଦେବ ନାଗରିକତ୍ୱର ପ୍ରମାଣ

ଭୁବନେଶ୍ୱର, ୩।୯ (ବ୍ୟୁରୋ)

ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ଆସାମର ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି)ର ଚୂଡ଼ାନ୍ତ ତାଲିକା ୩୧ ଅଗଷ୍ଟ ୨୦୧୯ରେ ପ୍ରକାଶ ପାଇଛି। ଏଥିରେ ୩ କୋଟି ୧୧ ଲକ୍ଷ ୨୧ ହଜାର ୪ ଜଣ ସାମିଲ ହୋଇଛନ୍ତି। ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏଥିରୁ ବାଦ୍ ପଡ଼ିବା ପରେ ଆସାମ ସମେତ ଦେଶବ୍ୟାପୀ ଏହି ପ୍ରସଙ୍ଗ ଚର୍ଚ୍ଚାର ବିଷୟ ପାଲଟିଛି। କୁହାଯାଉଥିଲା ଆସାମକୁ ବେଆଇନ ଭାବେ ଅନୁପ୍ରବେଶ କରିଥିବା ବାଂଲାଦେଶୀ ମୁସଲମାନଙ୍କୁ ତଡ଼ିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। କିନ୍ତୁ ୧୯୬୦ ପୂର୍ବରୁ ପୂର୍ବ ପାକିସ୍ତାନରୁ ଆସିଥିବା ହିନ୍ଦୁମାନେ ମଧ୍ୟ ତାଲିକାରୁ ବାଦ୍ ପଡ଼ିଯାଇଛନ୍ତି। ଏନ୍ଆର୍‌ସି ଏବେ ଆସାମରେ ବିଭେଦର ରେଖା ଟାଣିଥିବା ବେଳେ ଓଡ଼ିଶା ସମେତ ଅନ୍ୟାନ୍ୟ କେତେକ ରାଜ୍ୟରେ ସମାନ ବ୍ୟବସ୍ଥା ଲାଗୁ କରାଗଲେ ଅନୁପ୍ରବେଶକାରୀମାନଙ୍କୁ ଠାବ କରାଯାଇପାରିବ ବୋଲି କଥା ଉଠିଲାଣି। ଏଭଳି ସ୍ଥଳେ କେଉଁମାନେ ନାଗରିକତ୍ୱ ପାଇବା ପାଇଁ ହକ୍‌ଦାର ଓ ଏଥିଲାଗି ରହିଥିବା ସର୍ତ୍ତ ପୂରଣ କିଭଳି ହୋଇପାରିବ ତାହା ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ଆସାମରେ ଏନ୍ଆର୍‌ସି ଚିଠା ତାଲିକାରୁ ପ୍ରଥମେ ଯେଉଁମାନେ ବାଦ୍ ପଡିଥିଲେ, ସେମାନଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ କରିବା ପାଇଁ ସୁପ୍ରିମକୋର୍ଟ ବର୍ଷକ ତଳେ (୫ ସେପ୍ଟେମ୍ବର ୨୦୧୮) ୧୦ଟି ଦଲିଲର ପ୍ରମାଣ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏନେଇ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର ଏବଂ ସମ୍ପୃକ୍ତ ଅନ୍ୟ ପକ୍ଷମାନଙ୍କ ମତାମତ ଲୋଡ଼ିଥିଲେ। ଏନେଇ ଅଦାଲତ ଆସାମ ପବ୍ଲିକ୍ ୱାର୍କସ, ଆସାମ ସମ୍ମିଳିତ ମହାସଂଘ, ନ୍ୟାଶନାଲ ଡେମୋକ୍ରାଟିକ୍ ଫ୍ରଣ୍ଟ ଅଫ୍ ବୋଦୋଲାଣ୍ଡ (ପ୍ରୋଗ୍ରେସିଭ୍), ଇଣ୍ଡିଜେନିଅସ୍ ଟ୍ରାଇବାଲ ପିପୁଲ୍ସ ଫେଡେରେଶନ, ଅଲ୍ ଆସାମ ଭୋଜପୁରୀ ପରିଷଦ, ବଙ୍ଗାଳୀ ଶରଣାର୍ଥୀ ମିଳିତ କ୍ରିୟାନୁଷ୍ଠାନ କମିଟି, ଅଲ୍ ଆସାମ ମାଇନରିଟି ଷ୍ଟୁଡେଣ୍ଟସ୍ ୟୁନିୟନ ଏବଂ ଜାମିଆତ ଉଲେମା-ଇ-ହିନ୍ଦ୍ ସଂଗଠନକୁ ମଧ୍ୟ ଜବାବ ମାଗିଥିଲେ। ତେବେ ନାଗରିକତ୍ୱ ହାସଲ ସକାଶେ ୧୦ଟି ପରିଚୟ ଦସ୍ତାବିଜ୍ ପ୍ରାମାଣିକ ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ରୋହିଣ୍ଟନ ଫଲି ନରିମାନ କହିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇରେ ଆସାମରେ ଏନ୍ଆରସି ଚିଠା ତାଲିକା ପ୍ରକାଶ ପାଇଥିଲା, ଯେଉଁଥିରେ ୨ କୋଟି ୮୯ ଲକ୍ଷ ୮୩ ହଜାର ୬୭୭ ଜଣ ସାମିଲ ହୋଇଥିଲେ। ୩ କୋଟି ୨୯ ଲକ୍ଷ ୯୧ ହଜାର ୩୮୪ ଜଣ ଆବେଦନ କରିଥିବାବେଳେ ୪୦ ଲକ୍ଷ ୭ ହଜାର ୭୦୭ ଜଣ ତାଲିକାରୁ ବାଦ୍ ପଡିଥିଲେ। ସେମାନଙ୍କ ମଧ୍ୟରୁ ପ୍ରକୃତ ଯୋଗ୍ୟଙ୍କୁ ଏନ୍ଆର୍‌ସିରେ ସାମିଲ କରିବା ପାଇଁ ଏହାର ଆସାମ ଆବାହକ ପ୍ରତୀକ ହାଜେଲା ଦେଇଥିବା ପରିଚୟ ଦସ୍ତାବିଜ୍ ପ୍ରସ୍ତାବ ମଧ୍ୟରୁ ଜଷ୍ଟିସ ରଞ୍ଜନ ଗୋଗୋଇ ଓ ନରିମାନଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୦ଟିକୁ ଚୟନ କରିଥିଲା। ସେଗୁଡ଼ିକ ହେଲା-ଜମି ପଟ୍ଟା, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଏଲ୍ଆଇସି ପଲିସି, ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ପାଇଥିବା ଲାଇସେନ୍ସ ଅଥବା ପ୍ରମାଣପତ୍ର, ସରକାରୀ କିମ୍ବା ରାଷ୍ଟ୍ରାୟତ୍ତ କମ୍ପାନୀରେ ନିଯୁକ୍ତି ସମ୍ପର୍କିତ ଦସ୍ତାବିଜ୍, ବ୍ୟାଙ୍କ କିମ୍ବା ପୋଷ୍ଟଅଫିସ୍ ଆକାଉଣ୍ଟ, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଇସ୍ୟୁ ହୋଇଥିବା ଜନ୍ମ ପ୍ରମାଣପତ୍ର, ବୋର୍ଡ କିମ୍ବା ବିଶ୍ୱବିଦ୍ୟାଳୟ ଦେଇଥିବା ଶିକ୍ଷାଗତ ପ୍ରମାଣପତ୍ର, ବିଚାର ବିଭାଗୀୟ ରେକର୍ଡ ଏବଂ ରାଜସ୍ୱ ଅଦାଲତର ରେକର୍ଡ। ଏହିସବୁ ଦସ୍ତାବିଜ ୧୯୭୧ ମାର୍ଚ୍ଚ ୨୪ ପର୍ଯ୍ୟନ୍ତ ରହିଥିବା ଆବଶ୍ୟକ ବୋଲି ଏନ୍ଆର୍‌ସିରେ ଉଲ୍ଲେଖ କରାଯାଇଛି।




### ଏନ୍ଆର୍‌ସି ଲାଗି ୧୦ ସର୍ତ୍ତ

- ଜମି ପଟ୍ଟା
- ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର
- ଏଲ୍ଆଇସି ପଲିସି
- ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ପାଇଥିବା ଲାଇସେନ୍ସ ଅଥବା ପ୍ରମାଣପତ୍ର
- ସରକାରୀ କିମ୍ବା ରାଷ୍ଟ୍ରାୟତ୍ତ କମ୍ପାନୀରେ ନିଯୁକ୍ତି ସମ୍ପର୍କିତ ଦସ୍ତାବିଜ୍
- ବ୍ୟାଙ୍କ କିମ୍ବା ପୋଷ୍ଟଅଫିସ୍ ଆକାଉଣ୍ଟ
- ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଇସ୍ୟୁ ହୋଇଥିବା ଜନ୍ମ ପ୍ରମାଣପତ୍ର
- ବୋର୍ଡ କିମ୍ବା ବିଶ୍ୱବିଦ୍ୟାଳୟ ଦେଇଥିବା ଶିକ୍ଷାଗତ ପ୍ରମାଣପତ୍ର
- ବିଚାର ବିଭାଗୀୟ ରେକର୍ଡ
- ରାଜସ୍ୱ ଅଦାଲତର ରେକର୍ଡ

# ତୃତୀୟଶ୍ରେଣୀ ସାହିତ୍ୟ ବହିରେ ପଠାଣି ସାମନ୍ତଙ୍କ ସମ୍ପର୍କରେ ଭୁଲ ତଥ୍ୟ

ଖଣ୍ଡପଡା,୩।୯(ସ୍ୱ.ପ୍ର.)

ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏବଂ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ୩ୟ ଶ୍ରେଣୀ ସାହିତ୍ୟ ବହିରେ ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ୍ ତଥା ସିଦ୍ଧାନ୍ତ ଦର୍ପଣର ରଚୟିତା ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ଜୀବନୀ ସମ୍ପର୍କରେ ଆଧାରିତ 'ତୁଳସୀ ଦୁଇ ପତ୍ରରୁ ବାସେ' ବିଷୟବସ୍ତୁରେ ଭୁଲ ତଥ୍ୟ ପ୍ରକାଶ ପାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉକ୍ତ ବିଷୟ ବସ୍ତୁର ଶେଷ ଭାଗରେ ପଠାଣି ସାମନ୍ତଙ୍କ ପିତାଙ୍କ ନାମ ଶ୍ୟାମବନ୍ଧୁ ସିଂହଙ୍କ ପରିବର୍ତ୍ତେ ଶ୍ୟାମ ସୁନ୍ଦର ସିଂହ ବୋଲି ଉଲ୍ଲେଖ କରାଯାଇଛି। ଏହି ଭୁଲ ତଥ୍ୟକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ଦେଖାଦେଇଛି। କୋମଳମତି ପିଲାମାନେ ପଠାଣି ସାମନ୍ତଙ୍କ ଜୀବନୀ ବୃତ୍ତାନ୍ତରୁ କ'ଣ ଏହି ଭୁଲ ଶିକ୍ଷା କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ନୟାଗଡ଼ ଜିଲା ଖଣ୍ଡପଡାରେ ଜନ୍ମ ଗ୍ରହଣ କରିଥିବା ଏହି ମହାମନିଷଙ୍କ ସମ୍ପର୍କରେ ପ୍ରକାଶିତ ଭୁଲ ତଥ୍ୟ ସୁଧାରିବା ନିମନ୍ତେ ସମ୍ପୃକ୍ତ ପ୍ରକାଶନ ସଂସ୍ଥା ସମେତ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷାବିଭାଗ କର୍ତ୍ତୃପକ୍ଷ, ବିଭାଗୀୟ ମନ୍ତ୍ରୀ ଓ ସଚିବ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ତୁଳସୀ ଦୁଇ ପତ୍ରରୁ ବାସେ

5T9RKL

ଆମ ଜନ୍ମଭୂମି ଓଡ଼ିଶା ଏକ ପୁଣ୍ୟ କ୍ଷେତ୍ର। ଏହି ମାଟିର ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଖଣ୍ଡପଡ଼ାରେ ଜଣେ ସୁଯୋଗ୍ୟ ସନ୍ତାନ ଜନ୍ମନେଇ ଓଡ଼ିଶାକୁ ମହାନ କରିଥିଲେ। ସେ ହେଲେ ଓଡ଼ିଶାର ପ୍ରଥମ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ। ତାଙ୍କର ପୂରା ନାମ ଥିଲା ସାମନ୍ତ ଚନ୍ଦ୍ରଶେଖର ସିଂହ ମହାପାତ୍ର।

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ତାଙ୍କ ପ୍ରତିଭା ପିଲାବେଳରୁ ହିଁ ଜଣାପଡ଼ିଥିଲା। ଛୋଟ ବେଳରୁ ସେ ଶୂନ୍ୟ ଆକାଶକୁ ଦେଖିବାକୁ ଭଲ ପାଉଥିଲେ। ଖଣ୍ଡ ଖଣ୍ଡ ମେଘମାଳା ପବନ ସ୍ପର୍ଶରେ ଆସି କିପରି ବଦଳି ଯାଉଛନ୍ତି, ତାକୁ ସେ ଭଲ ଭାବରେ ନିରୀକ୍ଷଣ କରୁଥିଲେ। ଚାଟଶାଳୀରେ ପଢୁଥିବାବେଳେ ଦଳଦଳ ହୋଇ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ଆନନ୍ଦରେ କୁରୁଳି ଉଠୁଥିଲେ। କେଉଁ ପକ୍ଷୀ କେତେ ବେଗରେ ଉଡୁଛି, ମେଘ ଓ ପକ୍ଷୀମଧ୍ୟରେ ଦୂରତା କେତେ, ତାହା କୌତୂହଳସହ ଗଣନା କରୁଥିଲେ। ଖେଳୁଖେଳୁ ଆଖି ଆଗରେ ରଙ୍ଗୀନ କାଚ ଧରି ସୂର୍ଯ୍ୟଙ୍କୁ ସେ ଦେଖିବାକୁ ଚେଷ୍ଟା କରୁଥିଲେ।

ଅନେକ ସମୟରେ କୌଣସି ଏକ ବରଗଛ ନିକଟକୁ ଯାଇ ତା' ତଳେ ବସୁଥିଲେ। ସୂର୍ଯ୍ୟଙ୍କ ଗତି ଅନୁଯାୟୀ ଖଣ୍ଡିଏ କାଠି ଦ୍ୱାରା ଗଛର ଉଚ୍ଚତା କହିଦେଇ ପାରୁଥିଲେ। ରାତ୍ରିରେ ଧ୍ରୁବତାରା, ସପ୍ତର୍ଷିମଣ୍ଡଳ, ଗ୍ରହ ଓ ନକ୍ଷତ୍ରମାନଙ୍କର ଗତି, ଉଦୟ ଓ ଅସ୍ତ ଆଦି ସମୟର ହିସାବ ତାଳପତ୍ରରେ ଲେଖି ରଖୁଥିଲେ।

ପଠାଣି ସାମନ୍ତ ପ୍ରାୟ ଦଶ ବର୍ଷ ବୟସରେ ତାଙ୍କ ପିତା ଶ୍ୟାମସୁନ୍ଦର ସିଂହଙ୍କଠାରୁ ଜ୍ୟୋତିଷ ବିଦ୍ୟା ଶିକ୍ଷା କରିଥିଲେ। ସେତେବେଳେ ଗଣନା କରିବା ପାଇଁ କୌଣସି ଯନ୍ତ୍ରର ବ୍ୟବହାର ନ ଥିଲା। ସାମନ୍ତ ଚନ୍ଦ୍ରଶେଖର ପ୍ରାଚୀନ ଗ୍ରନ୍ଥକୁ ପଢ଼ି ଏକ ବାଉଁଶ ନଳୀ ସାହାଯ୍ୟରେ ଧ୍ରୁବତାରା, ଗ୍ରହ ଓ ନକ୍ଷତ୍ରମାନଙ୍କର

# ସମଲେଶ୍ୱରୀଙ୍କୁ ନବାନ୍ନ ଅର୍ପଣ

ସମ୍ବଲପୁର,୩।୯(ବ୍ୟୁରୋ)

- ସମଲେଇଙ୍କ ସମେତ ବିଭିନ୍ନ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ନବାନ୍ନ ଲାଗି
- ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶା ଉତ୍ସବ ମୁଖର


ନୂଆଁଖାଇ ଅବସରରେ ସମଲେଶ୍ୱରୀଙ୍କ ମହାଆଳତି ଓ ପାର୍ଶ୍ୱ ଦେବଦେବୀଙ୍କୁ ନବାନ୍ନ ଅର୍ପଣ କରାଯାଉଛି।

କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ମଙ୍ଗଳବାର ପଶ୍ଚିମ ଓଡିଶାର ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ପରମ୍ପରା ଓ ଧାର୍ଯ୍ୟ ଲଗ୍ନ ଅନୁସାରେ ଇଷ୍ଟଦେବୀ ମା' ସମଲେଇଙ୍କୁ ନବାନ୍ନ ସମର୍ପଣ କରାଯାଇଛି। ଏଥିସହ ବଲାଙ୍ଗୀରର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ, ଝାରସୁଗୁଡ଼ାର ଇଷ୍ଟଦେବୀ ସମ୍ବଲେଶ୍ୱରୀ, ବୌଦ୍ଧର ଭୈରବୀ, ବରଗଡର ସମଲେଇ, ନୂଆପଡାର ଟାନ୍‌ୱାଟ୍ କଣାଭଇରା, ସୁନ୍ଦରଗଡର ସମଲେଇ, ଶିଖରବାସିନୀ ପୀଠରେ ମଧ୍ୟ ପାରମ୍ପରିକ ରୀତିନୀତିରେ ନବାନ୍ନ ଲାଗି ହୋଇଛି। ଦେବୀ ପୀଠରେ ନୂଆଁ ଲାଗି ହେବା ପରେ ଜନସାଧାରଣ ନିଜ ଘରେ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ଅର୍ପଣ କରିଥିଲେ। ଏହାପରେ ପରିବାର ସଦସ୍ୟ, ବନ୍ଧୁ ପରିଜନ ସମବେତ ହୋଇ ନୂଆଁଖାଇ ତିହାର ଉତ୍ସାହ ପାଳନ କରିଛନ୍ତି। ନୂଆଁଖାଇ ପରେ ସାହି ଓ ପଡାରେ ଜୁହାର ଭେଟ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି।

ପୂର୍ବାହ୍ନ ୧୦ଟା୦୫ରୁ ୧୦ଟା୨୦ ମିନିଟ ମଧ୍ୟେ ବିଶୁଦ୍ଧ ତୁଳା ଲଗ୍ନେ ମୀନ ନବାଂଶେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଇଙ୍କ ପୀଠରେ ନବାନ୍ନ ଭୋଗ ଲାଗିଥିଲା। ପ୍ରାତଃ ସାଢେ ୪ଟାରୁ ସମଲେଇଗୁଡିରେ ରୁଦ୍ଧଦ୍ୱାର ନୀତି ହୋଇଥିଲା। ଦେବୀଙ୍କୁ ନୂଆ ସମ୍ବଲପୁରୀ ପାଟବସ୍ତ୍ର ପିନ୍ଧାଇ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ଆଭୂଷଣ କରାଯାଇଥିଲା। ସକାଳ ୮ଟାରେ ୧୧୫ଟି ସ୍ଥାନରେ ପୂଜକମାନେ ବନା (ଝୋଟି) ପକାଇଥିଲେ। କ୍ଷତ୍ରିୟ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରୁ ପୂର୍ବାହ୍ନ ୯ଟା ୩୦ରେ ଘଣ୍ଟ, ଶଙ୍ଖ ସହ ନବାନ୍ନ ଭୋଗ ମନ୍ଦିର ଗମ୍ଭୀରାକୁ ନିଆଯାଇଥିଲା। ଏହାପରେ କ୍ରମାନ୍ୱୟରେ ଗଙ୍ଗାଧର ରାୟ, କୋଦଣ୍ଡ ରାୟ, ପ୍ରଶାନ୍ତ ରାୟଙ୍କ ଘରୁ ନବାନ୍ନ ଭୋଗ ମନ୍ଦିରକୁ ଆସିଥିଲା। ପରମ୍ପରାନୁସାରେ ପୂର୍ବାହ୍ନ ୮ଟା ୨୦ ମିନିଟରେ ଝାଡୁଆପଡା ବେହେରା ପରିବାରରୁ ନୂଆଁଖାଇ ଭୋଗ, ନୂଆ ଚାଉଳ, ପିଠା, କାକରା, ଉଖୁଡା, ଖିରି, ସାରୁ ଶାଗ ମନ୍ଦିରକୁ ଆସିଥିଲା। ପୂର୍ବାହ୍ନ ୯ ଟା ୫୫ରେ ଦେବୀଙ୍କ ଦ୍ୱାର ବନ୍ଦ ହୋଇଥିଲା। ୧୦ଟା୫ ମିନିଟରେ ଶଙ୍ଖ ନାଦ ହୋଇଥିଲା। ଶଙ୍ଖ ଧ୍ୱନି ସହ ୧୫ଜଣ କ୍ଷତ୍ରିୟ ପୂଜକ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ର ଉଚ୍ଚାରଣ କରିଥିଲେ। ଏଥିସହ ଇଷ୍ଟଦେବୀ ମା' ସମଲେଇଙ୍କୁ ନବାହ୍ନ ଭୋଗ ଅର୍ପଣ କରିଥିଲେ। ୧୦ ଟା ୨୧ମିନିଟ୍‌ରେ ପୂଜକମାନେ ମନ୍ଦିର ଗମ୍ଭୀରା ଭିତରୁ ବାହାରି ନୂଆ ଚାଉଳ, ଗାଈଘିଅ ଓ ଗୁଡରେ ପ୍ରସ୍ତୁତ ନବାନ୍ନ ଭୋଗ ୧୧୫ଟି ପାର୍ଶ୍ୱ ଦେବଦେବୀଙ୍କୁ ଅର୍ପଣ କରିଥିଲେ। ୧୦ଟା ୪୫ରେ ମହା ଆଳତି ହୋଇଥିଲା। ଅପରାହ୍ନ ସାଢ଼େ ୧୨ଟାରେ ଭକ୍ତଙ୍କ ଦର୍ଶନାର୍ଥେ ମନ୍ଦିର ଦ୍ୱାର ଖୋଲା ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ଅନ୍ନଭୋଗ ଓ ପହଡ ନୀତି, ରାତି ୮ଟାରେ ଆଳତି, ୯ଟାରେ ଅନ୍ନଭୋଗ ଓ ୧୦ଟାରେ ମନ୍ଦିର ଦ୍ୱାର ବନ୍ଦ ହୋଇଥିଲା।

# ଲୁହାଭାରାରୁ ମୁକୁଳିବ ବିଶ୍ୱ ଐତିହ୍ୟ

ଭୁବନେଶ୍ୱର,୩।୯(ବ୍ୟୁରୋ)/ କୋଣାର୍କ (ଡି.ଏନ୍.ଏ)

ଶେଷରେ ଲୌହଭାରାରୁ ମୁକୁଳିବ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର। ଦୀର୍ଘଦିନର ବାଦବିବାଦ ଏବଂ ଦାବି ପରେ କୋଣାର୍କ ମନ୍ଦିରରୁ ହଟିବ ଲୌହଭାରା। କୋଣାର୍କର ସଂରକ୍ଷଣ ପାଇଁ ଲାଗିଥିବା ଏହି ଲୌହଭାରା ମନ୍ଦିରର କଳାକୃତି ନଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାରୁ ଏହାକୁ ଖୋଲିବାକୁ ନିଷ୍ପତ୍ତି ନେଇଛି ଏଏସ୍ଆଇ। ଏହା ପରିବର୍ତ୍ତେ ମନ୍ଦିର ପୀଢକୁ ସପୋର୍ଟ ଦେବାକୁ ୮ଟି ଷ୍ଟିଲ୍ ବିମ୍ ଲଗାଯିବ। ଉତ୍ତରାଖଣ୍ଡର ରୁର୍କିସ୍ଥିତ ସେଣ୍ଟ୍ରାଲ ବିଲ୍ଡିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଆସିଥିବା ବିଶେଷଜ୍ଞ ଟିମ୍‌ର ପରାମର୍ଶ କ୍ରମେ ଏନେଇ ନିଷ୍ପତ୍ତି ନିଆଯାଇଛି।

ରୁର୍କି ସେଣ୍ଟ୍ରାଲ ବିଲଡିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ ସିଦ୍ଧାର୍ଥ ବେହେରାଙ୍କ ନେତୃତ୍ୱରେ ଏକ ୩ ଜଣିଆ ବିଶେଷଜ୍ଞ ଟିମ୍ ମଙ୍ଗଳବାର କୋଣାର୍କ ମନ୍ଦିର ବୁଲି ଦେଖିଥିଲେ। ଏମାନଙ୍କ ସହ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)ର ଏକ ଇଞ୍ଜିନିୟରିଂ ଟିମ୍ ମନ୍ଦିରର ବାହ୍ୟ ପାର୍ଶ୍ୱ ଓ ଗର୍ଭଗୃହର ସ୍ଥିତି ଯାଞ୍ଚ କରିଥିଲେ। ମନ୍ଦିରର ମରାମତି ପାଇଁ ଦୀର୍ଘ ଏକ ଦଶନ୍ଧିରୁ ଅଧିକ ସମୟ ଧରି ସୂର୍ଯ୍ୟ ମନ୍ଦିର ଚତୁଃପାର୍ଶ୍ୱରେ ଲାଗିଥିବା ଲୌହଭାରା ଏହି ବିଶ୍ୱ ଐତିହ୍ୟକୁ ନଷ୍ଟ କରୁଥିବାରୁ ଚତୁଃପାର୍ଶ୍ୱରୁ ସମ୍ପୂର୍ଣ୍ଣଭାବେ ଲୁହାଭାରା ମୁକ୍ତ କରାଯିବ। ଆସନ୍ତା ୨ ମାସ ମଧ୍ୟରେ ଏହି କାର୍ଯ୍ୟ ସମ୍ପନ୍ନ ହେବ। ଏହାବ୍ୟତୀତ ପୀଢକୁ ସପୋର୍ଟ ଦେବାକୁ ୮ଟି ଷ୍ଟିଲ୍ ବିମ୍ ଲାଗିବ ବୋଲି ବିଶେଷଜ୍ଞ ଟିମ୍ କହିଛନ୍ତି। ମନ୍ଦିରର ପ୍ରଥମ ପୀଢଠାରୁ ମନ୍ଦିର ଚୂଳ ଏବଂ ଗର୍ଭଗୃହରେ ଥିବା ବାଲିର ସ୍ଥିତି ଜାଣିବା ପାଇଁ ବିଶେଷଜ୍ଞ ଟିମ୍ ଏହି ଅବସରରେ ଗର୍ଭଗୃହ ବାଲିର ନମୂନା ସଂଗ୍ରହ କରିଥିଲେ।

ମନ୍ଦିରର ସୌନ୍ଦର୍ଯ୍ୟକୁ ପୂର୍ବବତ୍ ବଜାୟ ରଖିବା ସହ ଏହାର ସଂରକ୍ଷଣ ଏବଂ ମରାମତି କାର୍ଯ୍ୟ ଲାଗି ପ୍ରାୟ ଏକ ଦଶନ୍ଧି ହେଲା କୋଣାର୍କ ସୂର୍ଯ୍ୟମନ୍ଦିର ଲୌହଭାର ଘେରରେ ରହିଥିଲା। ବିପଦଜ୍ଜନକ ଭାବେ ଥିବା ପଥର ଖଣ୍ଡଗୁଡ଼ିକ ନ ଖସିବା ପାଇଁ ଏହି ଲୁହା ପାଇପ ଲଗାଯାଇଥିବା ଏଏସ୍ଆଇ ପକ୍ଷରୁ କୁହାଯାଇଥିଲା। ହେଲେ ଏହି ଲୁହା ଭାରା ଯୋଗୁ କୋଣାର୍କର ନିଖୁଣ କାରିଗରି ଦେଖିବାରୁ ପର୍ଯ୍ୟଟକମାନେ ବଞ୍ଚିତ ହେଉଥିବାବେଳେ ଏହା ମନ୍ଦିରର ସୌନ୍ଦର୍ଯ୍ୟକୁ ମଧ୍ୟ ନଷ୍ଟ କରୁଥିଲା। ଏପରି କି ବ୍ଲାକ୍ ପାଗୋଡା କୋଣାର୍କର ବିଶ୍ୱ ଐତିହ୍ୟ ମାନ୍ୟତାକୁ ନେଇ ଦିନକୁ ଦିନ ଆଶଙ୍କା ବଢିବାରେ ଲାଗିଥିଲା। ଜବରଦଖଲ ଲାଗି କୋଣାର୍କର ଐତିହ୍ୟତା ନଷ୍ଟ ହେଉଥିବାବେଳେ ଲୁହାଭାରା ଯୋଗୁ ୟୁନେସ୍କୋ ଏହାକୁ ବିଶ୍ୱ ଐତିହ୍ୟ ମାନ୍ୟତାରୁ ବାଦ୍ ଦେବାନେଇ ଆଶଙ୍କା ସୃଷ୍ଟିହୋଇଥିଲା। ଅନ୍ୟପକ୍ଷରେ ଗତ ମେ' ମାସରେ ହୋଇଥିବା ପ୍ରଳୟଙ୍କରୀ ବାତ୍ୟା ଫନୀରେ ଚାରିପଟେ ଲାଗିଥିବା ଲୁହା ପାଇପ୍ ଭାଙ୍ଗି ମନ୍ଦିରର କାରୁକାର୍ଯ୍ୟକୁ ନଷ୍ଟ କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା।



## ୨୪ଘଣ୍ଟା ପ୍ରବଳ ବର୍ଷିବ

# ଆଜି ୩ ଜିଲାକୁ ଅରେଞ୍ଜ, ୭ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୩।୯(ବ୍ୟୁରୋ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ସାରା ରାଜ୍ୟରେ ପ୍ରବଳ ବର୍ଷା ହେଉଛି। ଆସନ୍ତା ୨୪ଘଣ୍ଟା ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିପାଇଁ ବୁଧବାର ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଆଦି ୩ଟି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି କୋରାପୁଟ, କନ୍ଧମାଳ, ଜଗତସିଂହପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ବରଗଡ଼, ଝାରସୁଗୁଡ଼ା ଆଦି ୭ଟି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏ ସମସ୍ତ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗୁରୁବାର ମଧ୍ୟ ରାଜ୍ୟର କିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା କରିଛି ପାଣିପାଗ କେନ୍ଦ୍ର। ଗୁରୁବାର ସୁନ୍ଦରଗଡ଼, କେନ୍ଦୁଝର, ନୂଆପଡ଼ା, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ ଆଦି ୭ଜିଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ, ତେଣୁ ଆସନ୍ତା ୪୮ଘଣ୍ଟା ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ମତ୍ସ୍ୟଜୀବୀଙ୍କୁ ନ ଯିବା ପାଇଁ ବାରଣ କରିଛି ପାଣିପାଗ କେନ୍ଦ୍ର। ଲଘୁଚାପ ଯୋଗୁ ସୋମବାର ରାତିରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେଉଛି। ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଯାତାୟାତ ଠପ୍ ହୋଇଥିଲା। ସୋମବାର ରାତିରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ପୁରୀରେ ସର୍ବାଧିକ ୧୪୭ ମିମି ବର୍ଷା ହୋଇଛି। ଭୁବନେଶ୍ୱରରେ ୪୮.୭, କୋରାପୁଟରେ ୪୦.୨ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା କେନ୍ଦୁଝରରେ ସର୍ବାଧିକ ୫୬.୮ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବାରିପଦାରେ ୨୨, ପାରାଦୀପରେ ୧୩.୮, ସମ୍ବଲପୁରରେ ୧୩, କୋରାପୁଟରେ ୧୨, ମାଲକାନଗିରି ଓ ଚାନ୍ଦବାଲିରେ ୧୧, ଭବାନିପାଟଣାରେ ୮, ଗୋପାଳପୁରରେ ୬, ଅନୁଗୋଳରେ ୪.୬, ପୁରୀରେ ୪, କଟକରେ ୩ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି।

**କିଛି ତଥ୍ୟ**

ଚଳିତ ବର୍ଷ ଅଗଷ୍ଟ ମାସରେ ୟୁପିଆଇରେ ମୋଟ ମନି ଟ୍ରାନ୍ସଫର ଟ୍ରାଞ୍ଜାକଶନ ସର୍ବୋଚ୍ଚ ସ୍ତର ୯୧.୮୩ କୋଟି ଛୁଇଁଛି।
– ଏନ୍‌ପିସିଆଇ

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................




ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଥାନା ପାଖରେ ନକଲି...

(ନଂ.୨୪୧/୧୯) ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ତେବେ ଏହି ର୍‍ୟାକେଟ ପଛରେ ଜଣେ ମନ୍ଦିର ପୂଜକଙ୍କ ହାତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ୩ ଭାଇ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବିଡିଏ କଲୋନୀ ଫେଜ୍–୧ରେ ଥିବା ଉକ୍ତ ଘରକୁ ଭଡ଼ାରେ ନେଇ ସେଠାରେ ଏହି ନକଲି ତେଲ ଓ ଘିଅ କାରଖାନା ଚଳାଇଥିଲେ। ସେମାନେ ନକଲି ରାଶି, ଜଡା, ରିଫାଇନ ତେଲ ଓ ଘିଅ ପ୍ରସ୍ତୁତ କରୁଥିଲେ। ପରେ ତାହାକୁ ନାମୀଦାମୀ କମ୍ପାନୀର ଲୋଗୋ ଥିବା ଓ ଅସଲି ଭଳି ଦିଶୁଥିବା ପ୍ୟାକେଟ ବା ଡବାରେ ଭର୍ତ୍ତି କରି ଦୋକାନୀଙ୍କୁ ଦେଉଥିଲେ। ଲୋକେ ଏହା ଜାଣିପାରୁ ନ ଥିବାବେଳେ କମ୍ ଦାମ୍ ରହୁଥିବାରୁ ବ୍ୟବସାୟୀମାନେ ଏହାକୁ ବିକ୍ରି କରିବାରେ ଅସୁବିଧାହେଉ ନ ଥିଲା। ନିକଟରେ ଏହା ଉକ୍ତ କମ୍ପାନୀର ମାର୍କେଟିଂ ମ୍ୟାନେଜରଙ୍କ ନଜରକୁ ଆସିବା ପରେ ସେ ଭୁବନେଶ୍ୱର ଡିସିପି ଅନୁପ ସାହୁଙ୍କୁ ଜଣାଇଥିଲେ। ଡିସିପି ସାହୁ ତୁରନ୍ତ ସ୍ପେଶାଲ ସ୍କ୍ୱାଡ୍‌କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ମିଳିତ ଟିମ୍ ଚଢାଉ କରିଥିଲା। ସେଠାରୁ ୮୮ ଟିଣ ଡବାରେ ଥିବା ପ୍ରାୟ ୧୫ଶହ ଲିଟର ତେଲ ସହ ଘିଅ ଡବା ଜବତ କରିଥିଲା। ତେବେ ଥାନା ନିକଟରେ ଦୀର୍ଘଦିନ ହେବ ଏହି ବେଆଇନ କାରଖାନା ଚାଲିଥିଲେ ମଧ୍ୟ ପୋଲିସ ନିକଟରେ କିପରି ଖବର ନ ଥିଲା ତାହାକୁ ନେଇ ସ୍ଥାନୀୟ ଲୋକେ ନାନା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଜବତ ତେଲ ମଧ୍ୟରୁ କେତେ ପରିମାଣ ନକଲି ବା ଅପମିଶ୍ରିତ ହୋଇଛି ତାହା ଜାଣିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସହଯୋଗ ଲୋଡାଯିବ ବୋଲି ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି।


ପୋଲିସ ନକଲି ତେଲ ଜବତ କରୁଛି।

### ଖାମଖିଆଲ ଓପିଟିସିଏଲ୍:...

ଏହାର କାର୍ଯ୍ୟ ନିଜ ହାତକୁ ନେଇଥିଲା। ଗତ ବାତ୍ୟାରେ ଖୋର୍ଦ୍ଧାରୁ ପୁରୀ ମଧ୍ୟରେ ୪୮ଟି ଟାୱାର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ୨୨ଟି ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ମାତ୍ର ସେହି ସମଗରାରୁ ପୁରୀ ଯାଇଥିବା ୧୩୨ କେଭି ପୁରୁଣା ଟାୱାରଗୁଡ଼ିକର ବିଶେଷ କ୍ଷତି ହୋଇନାହିଁ। ସେହିପରି ନିମାପଡ଼ାରୁ ପୁରୀ ଯାଇଥିବା ୪୦ ବର୍ଷର ୧୨ ରୁ ୧୪ଟି ଟାୱାର ଆଂଶିକ କ୍ଷତି ହୋଇଛି। ତେବେ ଏହି ନୂତନ ଟାୱାର କାହିଁକି ଭାଙ୍ଗିଲା ସେ ନେଇ ପ୍ରଶ୍ନ ଉଠିଛି।

ଅଧିକାଂଶ ସମୟରେ ବାତ୍ୟା ଯୋଗୁ ବିଦ୍ୟୁତ୍ ଭିତ୍ତିଭୂମିର ବ୍ୟାପକ କ୍ଷତି ହେଉଛି। ୨୦୧୩ ଫାଇଲିନ ବାତ୍ୟାରେ ଗଞ୍ଜାମ ଓ ଗଜପତି ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଅନେକ ବିଦ୍ୟୁତ୍ ଟାୱାର ନଷ୍ଟ ହୋଇଥିଲା। ରେଳ ବିଭାଗର ବିଦ୍ୟୁତ୍ ଖୁଣ୍ଟ କିଛି ହୋଇ ନ ଥିବାବେଳେ ଟାୱାରଗୁଡିକ କାହିଁକି କ୍ଷତିଗ୍ରସ୍ତ ହେଲା ସେ ନେଇ ତତ୍‌କାଳୀନ ଶକ୍ତି ସଚିବ ପ୍ରଦୀପ ଜେନା ତଦନ୍ତ କରାଇଥିଲେ। ଅଭିଜ୍ଞ ଯନ୍ତ୍ରୀମାନଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ ହୋଇଥିଲା। ଏହି କମିଟି ପରବର୍ତ୍ତୀ ସମୟରେ ଟାୱାର ନିର୍ମାଣ ପାଇଁ କେତେକ ପରାମର୍ଶ ଦେଇଥିଲା। ଟାୱାର ଭିତ୍ତିଭୂମିକୁ ମଜଭୁତ କରିବା ସହ ୧୭୦ରୁ ୨୭୦ କିମି ପର୍ଯ୍ୟନ୍ତ ପବନ ମାଡ଼କୁ ଯେପରି ଏହା ସମ୍ଭାଳିପାରିବ ସେ ନେଇ କମିଟି ଶକ୍ତି ବିଭାଗକୁ ସୁପାରିସ କରିଥିଲା। ଟାୱାରଗୁଡିକ ଦ୍ୱିତୀୟ ଶ୍ରେଣୀର ଲୁହାରେ ନିର୍ମାଣ ହେବ ନାହିଁ। ମୂଳଦୁଆକୁ ଅତ୍ୟନ୍ତ ସୁଦୃଢ଼ କରାଯିବ। ହେଲେ ଏହି ସୁପାରିସକୁ ଅଣଦେଖା କରି ଓପିଟିସିଏଲ କର୍ତ୍ତୃପକ୍ଷ ନବକଳେବର ପାଇଁ ନିର୍ମାଣ କରାଯାଉଥିବା ନୂତନ ଟାୱାରଗୁଡ଼ିକର ଗୁଣବତ୍ତାକୁ ସମ୍ପୂର୍ଣ୍ଣ ଅଣଦେଖା କଲେ। ଏହି କାର୍ଯ୍ୟ ନେଇଥିବା ଠିକାଦାରଙ୍କୁ ବିଦା କରିବା ପରେ ଓପିଟିସିଏଲ୍ 'ଟର୍ନ କୀ ବେସିସ୍'ରେ ଏକ ଘରୋଇ ଠିକାଦାର ଜରିଆରେ ଟାୱାର ସାମଗ୍ରୀ ରାୟପୁରରୁ ମଗାଇଥିଲେ। ତେବେ ଏହାର ଗୁଣବତ୍ତାକୁ ଓପିଟିସିଏଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଲେ ନାହିଁ। ଏହାର ମାନ ଯାଞ୍ଚ କରାଗଲା ନାହିଁ। ହଜାର ହଜାର କୋଟି ଟଙ୍କାର ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ କରୁଥିବା ଓପିଟିସିଏଲ୍‌ରେ ମାନ ନିର୍ଦ୍ଧାରଣ ଉଇଙ୍ଗ କିମ୍ବା ଡିଜାଇନ ୟୁନିଟ ନାହିଁ। ଠିକାଦାର ଉପରେ ଟାୱାର ଡିଜାଇନ ଓ ନିର୍ମାଣ ସାମଗ୍ରୀ ଯୋଗାଣ ଦାୟିତ୍ୱ ସମ୍ପୂର୍ଣ୍ଣ ଛାଡି ଦିଆଯାଉଛି। ଏଥିଯୋଗୁ ଏହି କାର୍ଯ୍ୟରେ ବ୍ୟାପକ ହେର୍‌ଫେର ହୋଇଥିବା ସ୍ପଷ୍ଟ ବାରି ହେଉଛି। ଓପିଟିସିଏଲ ତତ୍‌କାଳୀନ ସିଏମ୍‌ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଭଳି ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଓପିଟିସିଏଲରେ ପୁଳାପୁଳା ଯନ୍ତ୍ରୀ ଥାଇ ମଧ୍ୟ ଏଭଳି ନିମ୍ନମାନର କାର୍ଯ୍ୟ କାହାର ସ୍ୱାର୍ଥରେ ହୋଇଛି ସେ ନେଇ ଏବେ ପ୍ରଶ୍ନ ଉଠିଛି। ଘର ବୁଡି ଗଲା ପରେ ବୁଦ୍ଧି ଦିଶିବା ଭଳି ପ୍ରାୟ ୧୫ କୋଟି ଟଙ୍କାର ଟାୱାର ନଷ୍ଟ ହେବାପରେ ଓପିଟିସିଏଲ କର୍ତ୍ତୃପକ୍ଷ ଟାୱାର ମାନ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଆସିବା ପରେ ଟାୱାର ଯୋଗାଇଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓପିଟିସିଏଲ ଅଣ୍ଟା ଭିଡୁଛି। ଓପିଟିସିଏଲ ନିର୍ଦ୍ଦେଶକ(ପ୍ରକଳ୍ପ) ଆର. ଆର. ପଣ୍ଡା କହିଛନ୍ତି ଯେ ଟାୱାର ଗୁଣବତ୍ତା ପରୀକ୍ଷା କରିବାକୁ ଲାବୋରେଟୋରିକୁ ପଠାଯାଇଛି। ପବନର ବେଗ ଅଧିକ ହେବା ଓ ଘୂର୍ଣ୍ଣିଝଡ଼ ଯୋଗୁ ଟାୱାରଗୁଡ଼ିକ ମୋଡି ହୋଇଯାଇଥିଲା। ତେବେ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ। କେବଳ ନୂଆ ନୁହେଁ ଅନ୍ୟ ଟାୱାର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଆପଣ ସଭାସମିତିରେ,ବନ୍ଧୁଗହଣରେ ଫଳପ୍ରଦ ଆଲୋଚନା କରିପାରିବେ। ଶିକ୍ଷା ସମ୍ବନ୍ଧୀୟ କିମ୍ବା ସନ୍ତାନ ହେତୁକ ପ୍ରତ୍ୟେକ ସମସ୍ୟା ନିଶ୍ଚିତ ସୁଧୁରିଯିବ। ଆନୁସଙ୍ଗିକ ସୁବିଧା ସୁଯୋଗ ଲାଭ କରି କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲରେ କୌଣସି ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କିମ୍ବା ରାଜନୈତିକ ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ।

**ବୃଷ** ବିଶାଖା ନକ୍ଷତ୍ରସ୍ଥ ଚନ୍ଦ୍ର ଯୋଗୁ ବିଭିନ୍ନ ପ୍ରକାରର ଝାମେଲା ଭିତର ଦେଇ ଯିବାକୁ ପଡୁଥିବାରୁ ସମ୍ପୂର୍ଣ୍ଣଭାବେ ସନ୍ତୋଷ ଆସିବ ନାହିଁ। ବର୍ତ୍ତମାନର ଗୁରୁତ୍ୱପୂର୍ଣ୍ଣ କାମଟିକୁ ଆରମ୍ଭ କରିବେ ଏବଂ ସାମୟିକ ଆତ୍ମତୃପ୍ତି ଆସିପାରେ। ହଠାତ୍ ବନ୍ଧୁଙ୍କ ଦ୍ୱାରା ଆନୀତ ପ୍ରସ୍ତାବ ସ୍ଥିରୀକୃତ ସକାଶେ ଆଲୋଚନା କରି ପାରନ୍ତି।

**ମିଥୁନ** ସରକାରୀ କିମ୍ବା ବେସରକାରୀ ସ୍ତରରୁ ପାଇବାକୁ ଥିବା ଅର୍ଥ ପାଇଁ ଆଶା ବଢ଼ିବ। ସଦାବେଳେ ଝଗଡ଼ା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କିମ୍ବା ସମାଧାନ କରିବାର ଚିନ୍ତା ଲାଗି ରହିବ। ନିଜର ସୁଖ ସୁବିଧାକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହୋଇପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିବା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ ଯେଉଁ କାମଟି ହାତକୁ ନେଇଛନ୍ତି, ସେଥିରେ ନିଶ୍ଚିତ ସଫଳତା ପ୍ରାପ୍ତ ହୋଇପାରିବ। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କୌଣସି ନିଚ ମନୋଭାବାପନ୍ନ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ସିଂହ** ଅର୍ଥ ବିନିମୟରେ କାର୍ଯ୍ୟସମ୍ପନ୍ନ କରିବେ କିନ୍ତୁ ମନରେ ଶାନ୍ତି ଆସି ନ ପାରେ। ପାରିବାରିକ କ୍ଷେତ୍ରରେ ଥିବା ସମସ୍ୟା ଆଜି ଜଣେ ହିତୈଷୀଙ୍କ ସାହାଯ୍ୟରେ ସମାଧାନ ହୋଇଯିବ। ପରିବହନ, ବ୍ୟବସାୟ ,ଶିଳ୍ପ ଓ ପରିବହନରୁ ଖୁସି ରହିବେ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ପାଇଁ କୌଣସି ରୋଗୀ,ବନ୍ଧୁମାନେ କିମ୍ବା ସହଯାତ୍ରୀ ଖୁସୀ ହୋଇପାରନ୍ତି।

**କନ୍ୟା** କର୍ମ କ୍ଷେତ୍ରରେ ପରିସ୍ଥିତି ଗମ୍ଭୀର ରହିଲେ ମଧ୍ୟ କାର୍ଯ୍ୟ ସମ୍ପନ୍ନରେ ଅସୁବିଧା ରହିବ ନାହିଁ। ବନ୍ଧୁମାନେ ନିଜର ପୂର୍ବପ୍ରତିଶ୍ରୁତି ଅନୁଯାୟୀ ସାହାଯ୍ୟ କରିବାକୁ ଆଗେଇ ଆସିବେ। ସାମ୍ବାଦିକତା, ଆଇନ ଅଦାଲତ, ଶିଳ୍ପ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ଇଚ୍ଛା ନ ଥାଇ ମଧ୍ୟ ନିଜକୁ ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ଚଳିବାକୁ ବାଧ୍ୟ ହେବେ।

**ତୁଳା** କର୍ମାରମ୍ଭର ପ୍ରାଥମିକ ଅବସ୍ଥାରେ ସ୍ତ୍ରୀ/ସହକର୍ମୀ କିମ୍ବା କୌଣସି ଗୁରୁ ସ୍ଥାନୀୟ ବ୍ୟକ୍ତି ବିରୋଧାଭାଷ ପ୍ରଦର୍ଶନ କରିପାରନ୍ତି। କିନ୍ତୁ ସ୍ୱାତୀ ନକ୍ଷତ୍ରର କୌଣସି କଥାରେ ଅଭାବ ରହିବ ନାହିଁ , କିମ୍ବା କୌଣସି କାମ ମଧ୍ୟ ଅଟକିବାର ପ୍ରଶ୍ନ ଉଠୁନି। ସଭାସମିତିରେ ଆପଣ ଏମିତି ଯୁକ୍ତି କରିବେ ଯେ ସମସ୍ତଙ୍କ ମୁହଁ ବନ୍ଦ ହୋଇଯିବ।

**ବିଛା** କୌଣସି ବନ୍ଧୁଙ୍କ ଆର୍ଥିକ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ଚଳିତ ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ କରନ୍ତୁ, ନଚେତ୍ କିଛିଟା ଅସୁବିଧାର ସମ୍ଭାବନା ରହିଛି। କୌଣସି ସଭାସମିତି କିମ୍ବା ଆଲୋଚନା କାର୍ଯ୍ୟରେ ଯୋଗଦେଇପାରନ୍ତି। ବ୍ୟବସାୟ, ପରିବହନ, ନିର୍ମାଣ, ପ୍ରଶାସନ ପାଇଁ ଦିନଟି ଭଲ।

**ଧନୁ** ଅନ୍ୟମାନଙ୍କ ପ୍ରେରଣାରେ ପ୍ରଭାବିତ ହୋଇ ସମ୍ମାନିତ ହୋଇପାରନ୍ତି। ନୂତନ ସ୍ଥାନକୁ ଯାତ୍ରା କିମ୍ବା ଜମିଜମା କାରବାର କିମ୍ବା ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବିବାଦୀୟ ମନ୍ତବ୍ୟ ଦେବା କାରଣରୁ ମୂଳା ନକ୍ଷତ୍ର ଦୁଃଶ୍ଚିନ୍ତାଗ୍ରସ୍ତ ହେବେ। ଦୀର୍ଘ ଦିନରୁ କୌଣସି ଗୁରୁତ୍ୱପୂର୍ଣ୍ଣ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।


**ମକର** ନିଜଲୋକମାନଙ୍କ ଖାପଛଡା ମନୋଭାବ, ଘରଲୋକଙ୍କ ମନଇଚ୍ଛା କାମ, କର୍ମକ୍ଷେତ୍ରରେ ସମସ୍ୟା ପରେ ସମସ୍ୟା ହେତୁ ବ୍ୟସ୍ତ ହେବେ। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ହାତକୁ ନେଇଥିବା ଆଜିର କାମଗୁଡିକ ଡେରିରେ ସମ୍ପନ୍ନ ହେବ। ଆଇନ ଅଦାଲତରେ ସୁଫଳ ପାଇବେ ଓ ନିର୍ମାଣାଧୀନ କାମ ଦ୍ରୁତଗତିରେ ଅଗ୍ରଗାମୀ ହେବ।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ଦୃଢ଼ ମନୋବଳ ମଧ୍ୟ ଆପଣଙ୍କୁ କାମ କରିବା ସକାଶେ ପ୍ରେରଣା ଯୋଗାଇବ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବ୍ୟବସାୟରେ ସଫଳତା ହାସଲ କରିବେ ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**ମୀନ** ଆକସ୍ମିକ କେହିଜଣେ ବିଶିଷ୍ଟ ବ୍ୟକ୍ତି ବା ଉଚ୍ଚ ପଦାଧିକାରୀ ଆପଣଙ୍କ ସପକ୍ଷରେ ଅନୁକୂଳ ମତ ପୋଷଣ କରିପାରନ୍ତି। ପାରିବାରିକ ସ୍ତରରେ ନିଜର ଲୋକମାନେ ନିଜର ଫାଇଦା ହାସଲ ପାଇଁ ଚେଷ୍ଟିତ ହେବେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମନା କରିବାକୁ ପଡିବ।

ଆଜି ଭାଦ୍ରବ ଶୁକ୍ଳ ଷଷ୍ଠୀ ବୁଧବାର, ଷଠୀଓଷା, ବୁଧିବାମନ ଓଷା ତୃତୀୟ ପାଳି,ସେପ୍ଟେମ୍ବର ୪ ତାରିଖ, ରାଶି ନକ୍ଷତ୍ର–ବିଶାଖା/ତୁଳା, କର୍କଟ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ ୬ ।୫୩ମି. ଗତେ ଘ ୮ ।୩୧ମି. ମଧ୍ୟେ, ଘ ୩ ।୦୭ମି. ଗତେ, ଘ ୪ ।୪୬ମି. ମଧ୍ୟେ ଅମୃତବେଳା। ଘ ୧୦ ।୧୦ମି. ଗତେ ଘ ୧ ।୪୯ମି. ମଧ୍ୟେ, ଘ ୪ ।୪୬ମି. ଗତେ ଘ ୬ ।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ ୧୧ ।୪୫ମି. ଗତେ ଘ ୧ ।୧୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Government Teacher Age-34 ଭୁବନେଶ୍ୱର ସ୍ଥିତ ବ୍ରାହ୍ମଣ ପୁଅଙ୍କ ପାଇଁ ଯେକୌଣସି ଜାତିର ଝିଅ ଦରକାର। 9658674636. D-67901

Wanted a widow/ divorcee (40 to 45) for a widower (60yr. 50,000 pension / p.m) for rest of the life. Phone No.- 7326037796, 9853151643. D-14100

Khandayat boy 1991, 5.8, B.Tech, serving Imfosys, Bangalore, Sunasansar. 9937512659. D-66778

**Wanted Karana/ Khandayat girl (MSC, BSC, B.com, BA) for 34 age textile Engineer, 6ft., working in reputed textile firm. Contact: 9937571552, 8658811742.** D-14124

Dhoba boy 1990, M.Tech, production Engineer, Bangalore, 30LPA. 9853366347. D-67223

Brahmin son age-28 B.Tech, CET, M.Tech IIT Madras working in IES Officer Govt. of India, 7008986005. D-14216

**GROOM WANTED**

34 ବୟସ୍କା divorcee ନିଃସନ୍ତାନ SBI PO ଚାକିରୀ କରୁଥିବା ସୁନ୍ଦର Gudia ଝିଅଙ୍କ ପାଇଁ ପୁଅ ଦରକାର। 7381460016. D- 14163

Cuttack ବାସିନ୍ଦା Age-37 divorcee Government ସ୍କୁଲ Teacher ଖଣ୍ଡାୟତ ଝିଅଙ୍କ ପାଇଁ ପୁଅ ଦରକାର। 7381366103. D-67902

Girl age-27 MSC, PHD, NIT Rourkela working in Govt. Scientist/ Researcher, 8144589551. D-14217

Now Matrimonial ads. only on Wednesday & Sunday
Book 1 Get 1 FREE




**SALE**

2BHK simplex 26,00,000/- finishing Hanspal, Plot-Atala, Rangabazar. Contact: 9776878715. D-67056

ଭୁବନେଶ୍ୱର–ପୁରୀ ବାଇପାସ୍ କଡ଼ରେ ପାହାଳ, ନଖରା, ଚକେଇସିହାଣୀରେ **Road, Electricity** ପାଚେରୀ ଥାଇ **plot** ମିଳୁଅଛି। **9937749564, 9090142564.** D-66771

ନଖରା ତ୍ରିନାଥବଜାରଠାରେ **SC plot** ଘରବାରି ପାଚେରି ସହ **1500କୁ 5,25,000/, general plot sqft-400/-outright**ରେ ମିଳୁଅଛି। **9348847649, 8249243709.** D-66772

ଭୁବନେଶ୍ୱର ଖୋର୍ଦ୍ଧା **NH** ପାଖରେ ପିତାପଲ୍ଲୀ ଛକରେ **possession** ଥାଇ **plot sqft. 399/-**ରେ ମିଳୁଅଛି। **9090963952.** D-66774

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

ଭୁବନେଶ୍ୱର ଜଟଣୀ ଗେଟ୍ **NH5** ରୁ ଅଳ୍ପଦୂରତାରେ **1200sqft, 2,16,000/, IIT Argul** ରେଲୱେଷ୍ଟେସନଠାରେ **1200sqft 2,00,000/-** ରେ **outright** ରେ ମିଳୁଅଛି । **9776974912, 8144706560.** D-66773

20904sqft. gharabari commercial land for sale at Pahal, Adjacent to NH Phone- 7008346486, 9437192512 (Broker excuse). D-67377

**7,50,000/-** ଟଙ୍କା ଦେଇ **1500sqft.** ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। **9040628648.** D-66775

**21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse).** D-67376

**3000sqft. residential plot sale at Satabdinagar near Unit-8 Boys' High School, Bhubaneswar. Price- 1.80cr. Contact: 9937097791.** D-66777

**ଭୁବନେଶ୍ୱର Infocity-2 boundary**କୁ ଲାଗି **mega plotting project sqft. 350/-** ରେ **(Sidhavihar Colony)**ରେ **plot** କିଣନ୍ତୁ। **9114955347, 8658962508.** D-66764

**4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999.** D-66292




Shivam logistic packers movers. Household/ car relocation countrywide. 9777044177, 9338461133. D-14206




2BHK, separate drawing and dining, verandah and garage for rent at MIG 96 K-9A, Kalinga Vihar near DN Regalia Mall, Transferrable govt/PSU banks service family contact: 7338850380. D-14205

**Duplex house 1BHK & 2BHK at Basera Complex, near Palamandap, Dumuduma, Bhubaneswar for office cum Residence/ Residence Contact: 9880105537.** D-66776

3Bedroom house with drawing, dining, kitchen, balcony, groundfloor Plot: 961/2415, Forest Park, Bhubaneswar. Contact: 9437008476. D-67224




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents smart experts therapist. 9114697517. D-66949

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Experience full body massage with us (expert). Call: 7377048581, 06742597822. D-67372

Full body herbal massage with refreshment expert therapist. 7381239385, 06742540855. D-67371

Mostly experienced highly trends male therapist for full body massage. 9938579108, 8480233423. D-67373




ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117




ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

I Lokesh Prasad Singh, S/o- Chitan Prasad Singh, R/o- Ettabhata, PO- Industrial Estate, Dist- Jharsuguda have passed the CBSE 12th Board examination-2014 having Roll No. 1645761. The Certificate and Marksheet has been lost somewhere. Inspite of my best effort I could not trace out the same. D-37378

**Happy Birthday**



(SHRIYA)

**Adyasha Priyanshi Brahmapur**

Happy Birth Day Shriya. May Lord Jagannath bless you with loads of success and prosperity in life. Keep smiling always.

Best Wishes: Jeje Bapa, Jeje Maa, Papa, Mama, Aja, Aai, Dada, Khudi, Mama, Main, Nitun, Sipun, Goon, Goodly, Shreya and Shubham.
D-14203

**ଜନ୍ମଦିନ ଶୁଭେଚ୍ଛା**



**ଲୁଲୁ**

**ଗୁରୁଡିଝାଟିଆ, କଟକ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ତୁମ ଜୀବନ ସୁଖମୟ ହେଉ।

**ଶୁଭେଚ୍ଛା ସହ:**
ଧର୍ମପତ୍ନୀ– ସ୍ମୃତି (ଗେଲୁ), ଶାରଦା ଭାଇ, ଆଈ, ବୋଉ, ମଉସା, ମାଉସୀ, ବାପା ଓ ଅନ୍ୟମାନେ
ଧ–୧୪୨୧୫

**Happy Birthday**




(PAPAL)

**SWASTIK MOHAPATRA**
**95/2199, Road No.11, Jagannath Nagar, Rasulgarh, Bhubaneswar**

On this August Day of your 20th Birth Anniversary, we pray before the almighty to bless you. Fill your path with flowers. Get all success in life.

**Best Wishes:**
Srikant Kumar Mohapatra (Father)
Rajalaxmi Dash (Mother)
D-14192

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ ସଲମାନ୍ ରଶ୍‌ଦିଙ୍କ ଉପନ୍ୟାସ 'କ୍ୱିଚୋଟେ' ଚଳିତ ବର୍ଷ ବୁକର ପୁରସ୍କାର ଦୌଡ଼ରେ ରହିଛି। ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହେଲେ ରଶ୍‌ଦିଙ୍କୁ ମିଳିବ ୫୦,୦୦୦ ପାଉଣ୍ଡ ଅର୍ଥରାଶି। ବିଶ୍ୱରେ ଇଂଲିଶ ସାହିତ୍ୟ ପାଇଁ ବୁକର ହେଉଛି ପ୍ରମୁଖ ସାରସ୍ୱତ ସମ୍ମାନ ମଧ୍ୟରୁ ଅନ୍ୟତମ। ମଙ୍ଗଳବାର ଅପରାହ୍ନରେ ବୁକର ସଂଗଠନ ପକ୍ଷରୁ ରଶ୍‌ଦିଙ୍କ ପୁସ୍ତକ ଚଳିତ ବର୍ଷ ଚୟନ ତାଲିକାରେ ରହିଥିବା ଘୋଷଣା କରାଯାଇଛି। 'କ୍ୱିଚୋଟେ' ପେଙ୍ଗୁଇନ୍ ରାଣ୍ଡମ ହାଉସ ଇଣ୍ଡିଆ ଦ୍ୱାରା ଭାରତରେ ପ୍ରକାଶ ପାଇଛି।



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୨ଏନ୍‌ଟିପିସି କର୍ମଚାରୀ ମୃତ

ସୁନ୍ଦରଗଡ଼, ୩।୯(ଡି.ଏନ୍.ଏ.): ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବାଲିଯୋରୀ ଛକରେ ମଙ୍ଗଳବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ଜଣ ଏନ୍‌ଟିପିସି କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସସ୍ମିତା କବିରାଜ (୨୫) ଓ ସୂର୍ଯ୍ୟକାନ୍ତ (୨୮)। ସସ୍ମିତା ଏନ୍‌ଟିପିସିର ଦର୍ଲିପାଲି ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଓ ସୂର୍ଯ୍ୟକାନ୍ତ ଦୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପରେ କାମ କରୁଥିଲେ। ସେମାନଙ୍କ ଘର କେଉଁଠି ଜଣାପଡ଼ିନାହିଁ। ଉଭୟ କର୍ମଚାରୀ କୌଣସି କାମରେ ସୁନ୍ଦରଗଡ଼ ଆସି ଏକ ସ୍କୁଟି ଯୋଗେ ପୂର୍ବାହ୍ନ ୧୦ଟାରେ ଦର୍ଲିପାଲି ଫେରୁଥିବାବେଳେ ବାଲିଯୋରୀ ଛକରେ ଏମ୍‌ସିଏଲ୍ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍ ସହିତ ଧକ୍କା ହୋଇଥିଲା। ଫଳରେ ଉଭୟ ଟ୍ରକ୍ ଚକାତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ପୋଲିସ ଟ୍ରକ୍‌କୁ ଜବତ କରିଛି।

### ■ ସରକାରୀ ବିଭାଗ ସହ ନିର୍ଦ୍ଦେଶାଳୟ ମିଶ୍ରଣ ପ୍ରସଙ୍ଗ

# ପ୍ରଶାସନିକ ତତ୍ପରତା ଆରମ୍ଭ

ଭୁବନେଶ୍ୱର,୩।୯(ବ୍ୟୁରୋ)

■ଆଜି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ

■ଯୋଗଦେବେ ଜିଏ, ଅର୍ଥ, ନିର୍ମାଣ, ଇ ଏଣ୍ଡ ଆଇଟି ସଚିବ

ରାଜ୍ୟରେ ଥିବା ସରକାରୀ ବିଭାଗ ଓ ସଂପୃକ୍ତ ନିର୍ଦ୍ଦେଶାଳୟଗୁଡିକର ମିଶ୍ରଣ କରାଯିବ। ଏହି ମିଶ୍ରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ଅଣ୍ଟା ଭିଡିଛି। ସେହିକ୍ରମରେ ବୁଧବାର ସଚିବାଳୟରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ(ଜିଏ ଏଣ୍ଡ ପିଜି) ବିଭାଗ ସଚିବ, ଅର୍ଥ ସଚିବ, ନିର୍ମାଣ ବିଭାଗ ସଚିବ ଏବଂ ଇ ଏଣ୍ଡ ଆଇଟି ସଚିବ ଯୋଗଦେବେ।

ଏହି ବୈଠକ ପୂର୍ବରୁ ଅର୍ଥାତ୍ ଗତ ଅଗଷ୍ଟ ୩୦ରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବିଭାଗ ସଚିବଙ୍କୁ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ୭ଟି ବିଷୟକୁ ପ୍ରାଥମିକତା ଦିଆଯାଇଛି। କେଉଁ ବିଭାଗ ଅଧୀନରେ କେଉଁ ନିର୍ଦ୍ଦେଶାଳୟର ସମ୍ମିଶ୍ରଣ ହେବ, ସେ ନେଇ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଉ। ଜିଏ ଏଣ୍ଡ ପିଜି ପକ୍ଷରୁ ମିଶ୍ରଣ ହେବାକୁ ଥିବା ନିର୍ଦ୍ଦେଶାଳୟଗୁଡିକର ତାଲିକା ଇ ଏଣ୍ଡ ଆଇଟି ବିଭାଗ ଏବଂ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓସିଏସି)କୁ ପ୍ରଦାନ କରାଯିବ। ସଚିବାଳୟ ପଛପାଖରେ ଥିବା ବିଭାଗୀୟ ମୁଖ୍ୟ ଦପ୍ତର(ନ'ତାଲା)ରେ କାର୍ଯ୍ୟକ୍ଷମ ନିର୍ଦ୍ଦେଶାଳୟକୁ ତୁରନ୍ତ ମିଶ୍ରଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ପରେ ନ' ତାଲା ବ୍ୟତୀତ ଭୁବନେଶ୍ୱରର ଅନ୍ୟ ସ୍ଥାନରେ ଥିବା ନିର୍ଦ୍ଦେଶାଳୟଗୁଡିକୁ ସରକାରୀ ଓସୱାସ ବ୍ୟବସ୍ଥାର ସମ୍ପ୍ରସାରଣ କରାଯାଉ। ଓସିଏସ୍‌ସି ଆବଶ୍ୟକ ଅନୁସାରେ ଓସୱାସକୁ ଟ୍ରାନ୍ସଫର କରୁ। ବିଭାଗ ସହ ମିଶ୍ରଣ ହେଉଥିବା ସଂପୃକ୍ତ ନିର୍ଦ୍ଦେଶାଳୟଗୁଡିକ କମ୍ପ୍ୟୁଟର ଏବଂ ତତ୍ ସମ୍ବନ୍ଧୀୟ ଉପକରଣ ବ୍ୟବସ୍ଥା କରିବେ। ଏଥିସହିତ ଓସୱାସ ସମ୍ପ୍ରସାରଣ ପାଇଁ ଆବଶ୍ୟକ ଅତିରିକ୍ତ ସର୍ଭର,ଷ୍ଟୋରେଜ୍ ଏବଂ ରିସର୍ଚ୍ଚ ସପୋର୍ଟ ଓସିଏସ୍‌ସି ବ୍ୟବସ୍ଥା କରିବ ବୋଲି ଜଣାପଡିଛି। ଅପରପକ୍ଷରେ ସଚିବାଳୟ ଏବଂ ବିଭାଗୀୟ ମୁଖ୍ୟ ଦପ୍ତରଗୁଡିକରେ ବିଭିନ୍ନ ଆଶଙ୍କା ପ୍ରକାଶ ପାଇଛି। କିଏ ଏହା ଦ୍ୱାରା ପ୍ରଶାସନିକ ମାନର ହ୍ରାସ ଘଟିବା ନେଇ ଆଶଙ୍କା କରୁଥିବାବେଳେ, ଅନ୍ୟ କେତେକ ନିଜ କ୍ୟାଡର ଭବିଷ୍ୟତ ନେଇ ଚିନ୍ତା ପ୍ରକଟ କରୁଛନ୍ତି। କେତେ ଜଣ ବରିଷ୍ଠ କର୍ମଚାରୀଙ୍କ ମତ ଅନୁଯାୟୀ, ଏହି ମିଶ୍ରଣ ଦ୍ୱାରା ବିଭାଗୀୟ ମୁଖ୍ୟ ଦପ୍ତରଗୁଡିକରେ ଥିବା ମିନିଷ୍ଟରିଆଲ କ୍ୟାଡର ପଦବୀଗୁଡିକ ଉଚ୍ଛେଦ ହୋଇଯିବ। ସମସ୍ତ କ୍ଷମତା ସଚିବାଳୟ କ୍ୟାଡରଗୁଡିକ ହାତରେ ରହିବ। ତେଣୁ ନିଷ୍ପତ୍ତିର ପୁନଃବିଚାର ନେଇ କର୍ମଚାରୀ ମହଲରେ ଦସ୍ତଖତ ଅଭିଯାନ ଚାଲୁଥିବା ଜଣାପଡିଛି।

ସାରା ଦେଶରେ ସରକାରୀ କାର୍ଯ୍ୟକ୍ରମ ତ୍ରିସ୍ତରୀୟ ବ୍ୟବସ୍ଥା(ଜିଲା ପ୍ରଶାସନ-ନିର୍ଦ୍ଦେଶାଳୟ-ସର୍ବୋଚ୍ଚ ପ୍ରଶାସନିକ ବିଭାଗ) ଦ୍ୱାରା କାର୍ଯ୍ୟକାରୀ ହେଉଛି। ହେଲେ ଓଡ଼ିଶାରେ ଏହି ପୁରାତନ ବ୍ୟବସ୍ଥାକୁ ଉଚ୍ଛେଦ କରି ଦ୍ୱିସ୍ତରୀୟ ବ୍ୟବସ୍ଥା କରାଯାଉଛି। ତେଣୁ ଏହା କେତେଦୂର ଫଳପ୍ରଦ ହେବ ତାହା ଏବେଠୁ ଆକଳନ କରିହେବ ନାହିଁ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି। ହେଲେ ଆଗାମୀ ଦଶନ୍ଧି ମଧ୍ୟରେ ରାଜ୍ୟରେ ଥିବା ପ୍ରାୟ ୪୦,୦୦୦ରୁ ଅଧିକ ସରକାରୀ ପଦବୀ ହ୍ରାସ ପାଇବ ବୋଲି କେତେକ ବରିଷ୍ଠ କର୍ମଚାରୀ ମତ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ନିର୍ଦ୍ଦେଶାଳୟଗୁଡିକର କାର୍ଯ୍ୟଧାରାକୁ ଅଧିକ ବ୍ୟବସ୍ଥାପିତ କରିବା ସହ, ନିଷ୍ପତ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ବିଭାଗ-ନିର୍ଦ୍ଦେଶାଳୟର ସମ୍ମିଶ୍ରଣ ସଂକ୍ରାନ୍ତରେ ଏକ ସଂକଳ୍ପ ପତ୍ର ଗତ ଅଗଷ୍ଟ ୨୧ରେ ଜିଏ ଏଣ୍ଡ ପିଜି ପକ୍ଷରୁ ପ୍ରକାଶ ପାଇଥିଲା। ସରକାରୀ ନିଷ୍ପତ୍ତି ଅନୁଯାୟୀ, ବିଭାଗ ଓ ବିଭାଗୀୟ ମୁଖ୍ୟ ଦପ୍ତରକୁ ସୁବିଧାନୁଯାୟୀ ଏକ ଛାତ ତଳେ ଅବସ୍ଥାପିତ କରାଯିବ। ସଚିବାଳୟର ଓସୱାସକୁ ନିର୍ଦ୍ଦେଶାଳୟକୁ ସମ୍ପ୍ରସାରଣ କରାଯିବ, ପୂର୍ବପରି ନିର୍ଦ୍ଦେଶାଳୟଗୁଡିକରେ ପୁନଃସମୀକ୍ଷା ହେବ ନାହିଁ। ଉଭୟ ବିଭାଗ-ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ପ୍ରତିଷ୍ଠାନ, ନିର୍ଗମନ, ହିସାବ ଓ ରୋକଡ ପ୍ରଭୃତି ଶାଖାକୁ ମିଶ୍ରଣ କରାଯିବ।

## ଜିଲା ଚିଠି ନବରଙ୍ଗପୁର



### ଠକେଇ ଚିନ୍ତା

ନବରଙ୍ଗପୁର ଜିଲାରେ ମହିଳା ଶିକ୍ଷା ହାର ସାରା ଭାରତ ବର୍ଷରେ ବହୁ ପଛରେ ରହିଛି। ନିରକ୍ଷର ଲାଗି ମହିଳା ଓ ବୟସ୍କ ବ୍ୟକ୍ତିମାନେ ଠକାମିର ଶିକାର ହେଉଛନ୍ତି। ନିରକ୍ଷରର ଫାଇଦା ନେଉଛନ୍ତି କେତେଜଣ ଲୋକ। ବିଶେଷକରି ପଞ୍ଚାୟତ ଓ ଗାଁ ସ୍ତରରେ କେତେକ ରାଜନୈତିକ ବ୍ୟକ୍ତି ଅନୁସୂଚିତ ଜାତି ଓ ଜନଜାତି ମହିଳାମାନଙ୍କୁ ଟାର୍ଗେଟ କରୁଛନ୍ତି। ଘର, ରାଶନ କାର୍ଡ, ବିଭିନ୍ନ ସରକାରୀ ସୁବିଧା ସୁଯୋଗ କରାଇ ଦେବାର ପ୍ରଲୋଭନ ଦେଖାଇ ସେମାନଙ୍କଠାରୁ ଭୋଟ ପରିଚୟ ପତ୍ର, ଆଧାର କାର୍ଡ ସହ ଟିପ ଚିହ୍ନ ନେଇ ଯାଉଛନ୍ତି। ବିଭିନ୍ନ ଘରୋଇ ସଂସ୍ଥାରେ ସେମାନଙ୍କ ଅଜାଣତରେ ବ୍ୟକ୍ତିଗତ ଋଣ କରାଇ ଟଙ୍କା ଧରି ଛୁ ମାରୁଛନ୍ତି। ସେହିଭଳି ଅନେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ମଧ୍ୟ ଏହି ଗୋଷ୍ଠୀ ଟାର୍ଗେଟ କରୁଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ଘରୋଇ ସଂସ୍ଥାରୁ ଋଣ କରାଇ ନେଉଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଜାଣନ୍ତି ନାହିଁ କେତେ ଟଙ୍କା ଋଣ ହୋଇଛି। କିଛି ଟଙ୍କା ସେମାନଙ୍କ ହାତରେ ଧରାଇଦେଇ ଲକ୍ଷାଧିକ ଟଙ୍କା ଧରି ମଧ୍ୟସ୍ଥି ଫେରାର ହୋଇଯାଉଛନ୍ତି। ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କିଛି ଚଳନ୍ତି ପୁଞ୍ଜି ପ୍ରଦାନ କରୁଛନ୍ତି। ଉଦ୍ଦେଶ୍ୟ ରହିଛି ସେମାନେ କିଛି ବ୍ୟବସାୟ କରିବେ ଓ ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ସରକାରଙ୍କ ଏହି ଉଦ୍ଦେଶ୍ୟକୁ କେତେକ ଗୋଷ୍ଠୀ ଆତ୍ମସାତ୍ କରିବାକୁ ଉଦ୍ୟମ କରୁଛନ୍ତି। ଏହା ପଛରେ କେତେକ ଅଧିକାରୀଙ୍କ ମଧ୍ୟ ହାତ ରହିଛି। ଏହାର ବିଧିବଦ୍ଧ ତଦନ୍ତ ହେବା ଆବଶ୍ୟକ। କର୍ମ ନିଯୁକ୍ତି ନ ଥିବାରୁ ବହୁ ଶିକ୍ଷିତ ଯୁବତୀ, ଯୁବକ ବେକାର ହୋଇ ରହିଛନ୍ତି। ଏହାର ଫାଇଦା ନେଉଛନ୍ତି ରାଜ୍ୟ ବାହାର ଓ ଅନ୍ୟ ଜିଲାର ଚତୁର ଯୁବ ଗୋଷ୍ଠୀ। କିଛି ଅର୍ଥ ଜମା କଲେ ପାଠ ପଢ଼ା ସୁବିଧା ସହ ଚାକିରି ମିଳିବ। ଜୀବନବ୍ୟାପୀ ରୋଜଗାର ଆସିବ। ଏହିଭଳି ଅନେକ ପ୍ରଲୋଭନ ଦେଖାଇ ଶିକ୍ଷିତ ଯୁବପିଢ଼ିଙ୍କୁ ଟାର୍ଗେଟ କରୁଛନ୍ତି। ଗରିବ ଶିକ୍ଷିତ ଯୁବତୀଯୁବକମାନେ ଧାର କରଜ ଓ ଜମି ବିକ୍ରି କରି ସଂସ୍ଥା ନିକଟରେ ଟଙ୍କା ଜମା ଦେଉଛନ୍ତି। କିଛି ମାସ ମନ ମୋହିଲା ଭଳି କଥା ସଂସ୍ଥା ପକ୍ଷରୁ କୁହାଯାଉଛି। ପରେ ସଂସ୍ଥା କେଉଁ ଆଡ଼େ ଚାଲିଯାଉଛି ତାହାର ଆଉ ଦେଖା ମିଳୁନାହିଁ। ସେହିଭଳି ନବରଙ୍ଗପୁରରେ ଭିତିରିଆ ଚିଟ୍‌ଫଣ୍ଡ ବ୍ୟବସାୟ ଜୋରସୋରରେ ଚାଲିଛି। ଏକାଧିକ ଅଣଓଡ଼ିଆ ଏହି କାରବାର ଚଳାଇଛନ୍ତି। ବ୍ୟବସାୟୀଙ୍କୁ ସେମାନେ ଟାର୍ଗେଟ କରିଛନ୍ତି। ଦୈନିକ ଟଙ୍କା ଜମା କଲେ ସେମାନେ ଆବଶ୍ୟକ ସ୍ଥଳେ ଲକ୍ଷାଧିକ ଟଙ୍କା ପାଇପାରିବେ ବୋଲି ବ୍ୟବସାୟୀଙ୍କୁ ଲୋଭ ଦେଖାଉଛନ୍ତି। ଜମାକାରୀମାନେ ଟଙ୍କା ଜମା କରିବା ପରେ ଲକ୍ଷାଧିକ ଟଙ୍କା ଧରି ଚିଟ୍‌ଫଣ୍ଡ କରିଥିବା ବ୍ୟକ୍ତି ଫେରାର ହୋଇଯାଉଛନ୍ତି। ଅନ୍ୟ ପକ୍ଷେ ଗୋଟିଏ ନୂଆ ସଂସ୍ଥା କାର୍ଯ୍ୟାଳୟ ଖୋଲିଲେ ପ୍ରଶାସନ, ପୋଲିସ ଓ ଗୁଇନ୍ଦା ବିଭାଗ ମଧ୍ୟ ଜାଣି ପାରୁନାହିଁ। ଲୋକେ ଠକାମିର ଶିକାର ହୋଇ ଅଭିଯୋଗପତ୍ର ଧରି ଥାନାକୁ ଆସିଲେ ପୋଲିସ ଜାଣୁଛି। ନଚେତ୍ ଜିଲାପାଳ ଓ ଏସ୍‌ପିଙ୍କ ନିକଟକୁ ଅଭିଯୋଗ ଆସିଲେ ଘଟଣା ଜଣାପଡୁଛି। ଏଥିପ୍ରତି ପୋଲିସ, ଜିଲା ପ୍ରଶାସନ ଓ ସରକାର ଯଦି ଦୃଷ୍ଟି ନ ଦିଅନ୍ତି ତେବେ ନବରଙ୍ଗପୁର ଭଳି ପଛୁଆ ଜିଲା ଆହୁରି ୫୦ ବର୍ଷ ତଳକୁ ଖସିଯିବ ଏଥିରେ ଦ୍ୱିମତ ନାହିଁ।

– ସଦାଶିବ ପ୍ରହରାଜ

## ଜେଟ୍‌ଲୀଙ୍କ ପାଇଁ ୫ରେ ଶ୍ରଦ୍ଧାଞ୍ଜଳି ସଭା

**ଭୁବନେଶ୍ୱର,୩।୯(ବ୍ୟୁରୋ):** ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ସ୍ମରଣରେ ରାଜ୍ୟ ଭାଜପା ପକ୍ଷରୁ ଆସନ୍ତା ୫ ତାରିଖ ଦିନ ସ୍ଥାନୀୟ ଏକ ଘରୋଇ ହୋଟେଲରେ ସାର୍ବଜନୀନ ଓ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯିବ। ଏନେଇ ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଏହି ସାର୍ବଜନୀନ ଓ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭାରେ ଜେଟ୍‌ଲୀଙ୍କ ସ୍ମୃତିଚାରଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଏହି ଅବସରରେ ରାଜ୍ୟର ସମସ୍ତ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ, ସାମାଜିକକର୍ମୀ, ଖବରଦାତା, ବୁଦ୍ଧିଜୀବୀ, ଶୁଭେଚ୍ଛୁ, ସମର୍ଥକଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦାନ କରିବାକୁ ଅନୁରୋଧ କରାଯାଇଛି।


## ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ

ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଆପଣଙ୍କୁ ୧୯୩୪ ମସିହା ଠାରୁ ଅନବରତ ଭାବେ ଗରିବ ଚାଷୀଙ୍କୁ ସବୁଜ ବିପ୍ଳବରେ ସାମିଲ କରି ସ୍ୱଳ୍ପ ସୁଧରେ ଚାଷଋଣ ପ୍ରଦାନ କରି ସେବା କରିଆସୁଛି। ସବୁ ଶ୍ରେଣୀର ଲୋକଙ୍କୁ ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କମାନଙ୍କଠାରୁ ଜମା ଉପରେ ଅଧିକ ସୁଧ ପ୍ରଦାନ କରି ଆସୁଅଛି। ଏହାଛଡ଼ା ଜମାକାରୀଙ୍କ ଜମାରାଶିକୁ ବୀମା ପରିସରଭୁକ୍ତ କରିବା ସହିତ ଋଣୀଦାର ଓ ଅଣଋଣୀଦାର ଚାଷୀଙ୍କ ଫସଲକୁ ମଧ୍ୟ ବୀମାଭୁକ୍ତ କରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାର ସୁଯୋଗ ସୃଷ୍ଟି କରିଛି।

**ଆମର ମୁଖ୍ୟ ଆକର୍ଷଣ:** ସମସ୍ତ ପ୍ରକାର କୃଷିଭିତ୍ତିକ ଋଣ ଦେବାରେ ଅଗ୍ରଣୀ ବ୍ୟାଙ୍କ। ସରକାରଙ୍କ ଦ୍ୱାରା ପ୍ରଯୋଜିତ ସମସ୍ତ ପ୍ରକାର ଯୋଜନା ଅନୁଯାୟୀ ତଳସ୍ତରର ସଭ୍ୟଙ୍କୁ ଅର୍ଥନୈତିକ ଉନ୍ନତି ସକାଶେ ଋଣ ପ୍ରଦାନ। ସ୍ୱୟଂସହାୟକ ଗୋଷ୍ଠୀ ଓ ମିଳିତ ଦାୟିତ୍ୱ ଗୋଷ୍ଠୀଙ୍କୁ ସମସ୍ତ ପ୍ରକାର ଋଣ ଦେବାରେ ସାହାଯ୍ୟ ଓ ସହଯୋଗ ପ୍ରଦାନ। ଭାରତ ସରକାରଙ୍କର ନୂତନ ଅର୍ଥନୀତି ଅନୁଯାୟୀ ଋଣ ସୀମାକୁ ବର୍ଦ୍ଧିତ କରି ଚାଷୀଙ୍କର ଉନ୍ନତି ସକାଶେ ଋଣ ଦେବାର ପରିକଳ୍ପନା। ନୂତନ ବାସଗୃହ ନିର୍ମାଣ ଓ ନୂତନ ଯାନ କ୍ରୟ ନିମନ୍ତେ ଋଣ ପ୍ରଦାନ ତଥା ଚାକିରିଆମାନଙ୍କ ନିମନ୍ତେ ବ୍ୟକ୍ତିଗତ ଋଣ ପ୍ରଦାନ। ବ୍ୟାଙ୍କର ଶାଖାମାନଙ୍କରେ କମ୍ପ୍ୟୁଟର ସେବା ପ୍ରଦାନ ସହିତ ବଲାଙ୍ଗୀର, ସୁବର୍ଣ୍ଣପୁର, ଟିଟିଲାଗଡ଼, କଣ୍ଟାବାଞ୍ଜି, ଜରାସିଂହା, ତରଭା ଓ ସଇଁତଳାଠାରେ ଏଟିଏମ୍ ସେବା ପ୍ରଦାନ କରାଯାଉଛି। ମହିଳାମାନଙ୍କ ନିମନ୍ତେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲ୍ଲାରେ ମହିଳା ଶାଖା ମାଧ୍ୟମରେ ସ୍ୱତନ୍ତ୍ର ଜମା ଓ ଋଣ ସେବା ପ୍ରଦାନ। ଅନୁଷ୍ଠାନ ଆପଣଙ୍କର ଆଶୀର୍ବାଦ ଓ ସହଯୋଗ କାମନା କରେ। **ପବିତ୍ର ନୂଆଁଖାଇ ଅବସରରେ ଆମେ ଆମର ଅଗଣିତ ଚାଷୀ, ବୁଣାକାର, ଅଂଶୀଦାର, ଜମାକାରୀ ଓ ଗ୍ରାହକମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛୁ। ନୂଆଁଖାଇ ଜୁହାର।**

**ଶ୍ରୀ ଅଶୋକ କୁମାର ମହାପାତ୍ର**
**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**
**ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**

**ଶ୍ରୀ ଲକ୍ଷ୍ମଣ କୁମାର ମେହେର**
**ସଭାପତି**
**ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**


### IN THE COURT OF CIVIL JUDGE, SENIOR DIVISION, BHUBANESWAR

M.S. No. 1700/2012

**State Bank of India, Lewis Road Branch, Bhubaneswar,** represented through its Stressed Assets Recovery Branch, Rasulgarh, Bhubaneswar by its City Case Officer. ...**Plaintiff**

**Versus**

**M/s. Novelty World & Another** ...**Defendants**

**To,**

(1) **M/s. Novelty World, Prop.: Jitendra Sahoo,** age - 31 years, S/o: Debendra Nath Sahoo, At: Room No.-8, Maa Gouri Market Complex, Ravi Talkies Square, P.O.: Old Town, Bhubaneswar-2. Residing at- Plot No.: 3602, Palasuni, P.O.: Rasulgarh, Bhubaneswar-10.

(2) **Gyanendra Kumar Sahoo,** age - 38 years, S/o: Debendra Nath Sahoo, At: Plot No.: 16/12, Old Station Road, Cuttack Road, Bhubaneswar-6. Residing at- Plot No.: 3602, Palasuni, P.O.: Rasulgarh, Bhubaneswar-10.

**NOTICE UNDER ORDER-5 RULE-20 C.P.C.**

Take notice that the Plaintiff has filed a suit against you for realization of **Rs.3,50,847/-** with P.I. & F.I. and you are avoiding the service of summons, for which summons can not be served on you in normal course.

You are thereby directed to appear in this Court on **15.11.2019 10.30 A.M.** in person or by a Pleader duly instructed by you to answer all points in the above said suit failing which suit shall be heard and determined in your absence.

Given under my hand and seal of this Court on **17th day of August of 2019.**

**Sd/-**
**Civil Judge, Senior Division**
**Bhubaneswar**

## ମନେ ପଡ଼ନ୍ତି

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ସନ୍ଧ୍ୟାରାଣୀ ସେଠୀ**
ସ୍ୱାମୀ: ପୂର୍ଣ୍ଣଚନ୍ଦ୍ର ସେଠୀ
ମଙ୍ଗଳାଘାଟ ରୋଡ, ପୁରୀ
ଆବିର୍ଭାବ: ୨୦।୦୨।୧୯୬୪
ତିରୋଧାନ: ୧୧।୦୯।୨୦୧୩ (ଷଷ୍ଠୀଓଷା)

ନିଖୁଣ ଚନ୍ଦ୍ରମା' ସାଜି ଆସିଥିଲ ତୁମେ ସାଗର ବେଳାର ଅଗଣାରେ,
ସବୁରି ହୃଦୟ ଜିତିକରି ପୁଣି ହଜିଗଲ କାହିଁ ଅମା ଅନ୍ଧାରରେ।
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:**
ପରିବାରବର୍ଗ ଓ ବନ୍ଧୁ ପରିଜନ

ଧ-୧୪୧୯୪

### ଏକାଦଶାହ ଉପଲକ୍ଷେ



**✓ ହରେକୃଷ୍ଣ ପଣ୍ଡା**
ଗ୍ରାମ/ପୋ.: ତିଳିଦା, ଭାୟା: ମଉଦା, ଜିଲ୍ଲା: କଟକ
ଆବିର୍ଭାବ: ୨୮.୦୬.୧୯୩୨
ତିରୋଧାନ:୨୫.୦୮.୨୦୧୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ ସମସ୍ତଙ୍କ ପାଇଁ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା

**-: ଶୋକ ସନ୍ତପ୍ତ :-**
ସାନଭାଇମାନେ, ପୁତ୍ର ଓ ପୁତ୍ରବଧୂମାନେ, ଝିଅ ଓ ଜ୍ୱାଇଁ, ପୁତୁରା ଓ ପୁତୁରା ବୋହୂମାନେ, ଝିଆରୀ ଓ ଝିଆରୀ ଜ୍ୱାଇଁମାନେ, ନାତି, ନାତୁଣୀ, ଅଣ ନାତି, ଅଣ ନାତୁଣୀ ଓ ବନ୍ଧୁ ପରିବାର ବର୍ଗ

ଧ-୧୪୨୦୨

### ବିଭିନ୍ନ କୃଷି ଉତ୍ପାଦରୁ ପ୍ରସ୍ତୁତ ଇଥାନଲର ମୂଲ୍ୟ ବୃଦ୍ଧି ନେଇ ନିଷ୍ପତ୍ତି

# ଅନ୍ନଦାତା ହେବେ ଉର୍ଜାଦାତା: ଧର୍ମେନ୍ଦ୍ର

ଭୁବନେଶ୍ୱର,୩।୯(ବ୍ୟୁରୋ)

ଦେଶର ଅନ୍ନଦାତାମାନେ ଉର୍ଜାଦାତା ହେବେ। ଏହି ନୀତି ଆଧାରରେ ମୋଦି ସରକାର କାମ କରୁଛନ୍ତି। ତେଣୁ ଲୋକଙ୍କ ଆୟକୁ ବଢାଇବା ପାଇଁ ବିଭିନ୍ନ କୃଷି ଉତ୍ପାଦରୁ ପ୍ରସ୍ତୁତ ଇଥାନଲର ମୂଲ୍ୟ ବୃଦ୍ଧି କରିବାକୁ କେନ୍ଦ୍ର କ୍ୟାବିନେଟରେ ନିଷ୍ପତ୍ତି ହୋଇଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଆଖୁ ଚାଷୀମାନଙ୍କୁ ଲାଭ ହେବାସହ ପରିବେଶ ପ୍ରତି ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ମଧ୍ୟ ପ୍ରମାଣିତ କରୁଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଇଥାନଲ ବ୍ଲେଣ୍ଡେଡ ପେଟ୍ରୋଲ (ଇପିବି) କାର୍ଯ୍ୟକ୍ରମରେ ବିଭିନ୍ନ କୃଷି ଉତ୍ପାଦରୁ ନିର୍ମିତ ଇଥାନଲର ମୂଲ୍ୟବୃଦ୍ଧି ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ସି ହେଭି ମୋଲାସେସ୍‌ରୁ ପ୍ରାପ୍ତ ଇଥାନଲର ମୂଲ୍ୟ ଲିଟର ପ୍ରତି ୪୩.୪୬ ଟଙ୍କାରୁ ୪୩.୭୫ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ହେଭି ମୋଲେସରୁ ପ୍ରାପ୍ତ ଇଥାନଲର ମୂଲ୍ୟକୁ ୫୨.୪୩ ଟଙ୍କାରୁ ୫୪.୪୩ ଟଙ୍କା କରାଯାଇଛି। ଆଖୁ ରସ, ଚିନି, ଚିନି ସିରପରୁ ପ୍ରାପ୍ତ ଇଥାନଲର ମୂଲ୍ୟକୁ ୫୯.୫୮ ଟଙ୍କା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାଛଡା ଜିଏସ୍‌ଟି ଓ ପରିବହନ ଶୁଳ୍କ ମଧ୍ୟ ଦେବାକୁ ପଡିବ। ତେଲ କମ୍ପାନୀଗୁଡିକୁ ବାସ୍ତବିକ ପରିବହନ ଶୁଳ୍କ ନିର୍ଦ୍ଧାରିତ କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ଇଥାନଲକୁ ଲମ୍ବା ରାସ୍ତା ଦେଇ ପରିବହନ ପାଇଁ କେହି ହତୋତ୍ସାହିତ ହେବେନାହିଁ। ପେଟ୍ରୋଲର ଆମଦାନୀରେ ନିର୍ଭରଶୀଳତା କମିବା, କୃଷି କ୍ଷେତ୍ର ଓ କୃଷକମାନଙ୍କୁ ସହାୟତା, ପରିବେଶ ଅନୁକୂଳ ଇନ୍ଧନ ତଥା ପ୍ରଦୂଷଣକୁ କମ କରିବାରେ ସହାୟତା ମିଳିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ





### ■ ଜବରଦସ୍ତ ଚାନ୍ଦା ଆଦାୟ

# ରାଜ୍ୟର ବିଭିନ୍ନ ସ୍ଥାନରୁ ୧୩ ଗିରଫ

କଟକ ଅଫିସ, ୩।୯

ଆରମ୍ଭ ହୋଇଛି ପାର୍ବଣ ଋତୁ। ତେଣୁ ସବୁଠି ଖୁସିର ମାହୋଲ। ତେବେ ଏହି ସୁଯୋଗରେ ପୂଜା ନାମରେ କେତେକ ଅସାଧୁ ଯୁବକ ବଳପୂର୍ବକ ଚାନ୍ଦା ଆଦାୟ କରୁଛନ୍ତି। ଏହାକୁ ନେଇ ଅନେକ ସମୟରେ ଅପ୍ରୀତିକର ଘଟଣା ଘଟିବାର ବହୁ ନଜିର ରହିଛି। ତେଣୁ ରାଜ୍ୟ ପୋଲିସ ପକ୍ଷରୁ ମଙ୍ଗଳବାର ଜବରଦସ୍ତ ଚାନ୍ଦା ଆଦାୟକାରୀଙ୍କୁ ଧରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ୪ଟି ଜିଲାରେ ପୋଲିସ ପକ୍ଷରୁ ୫ଟି ମାମଲା ରୁଜୁ କରାଯାଇ ୧୩ ଜଣଙ୍କୁ ଗିରଫ କରାଯାଇଛି। ତନ୍ମଧ୍ୟରେ ଭୁବନେଶ୍ୱର ଖଣ୍ଡଗିରି ଥାନା ପକ୍ଷରୁ ଗୋଟିଏ ମାମଲା ରୁଜୁ ସହ ଜଣେ ବ୍ୟକ୍ତି ଏବଂ ରାୟଗଡ଼ା ଜିଲା ଚାନ୍ଦିଲି ଥାନାରେ ୨ଟି ମାମଲା ରୁଜୁ କରାଯାଇ ୭ଜଣଙ୍କୁ ଗିରଫ କରାଯାଇଛି। ସେହିପରି ସୁନ୍ଦରଗଡ଼ ଜିଲା ହେମଗିରି ଥାନା ପକ୍ଷରୁ ୪ ଓ ଢେଙ୍କାନାଳ ଜିଲାର କାମାକ୍ଷାନଗର ଥାନା ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ବୋଲି ଡିଜିପି ବିଜୟ କୁମାର ଶର୍ମା ମଙ୍ଗଳବାର ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜନସାଧାରଣ ଯେପରି ପାର୍ବଣର ମଜା ଉଠାଇପାରିବେ ଏବଂ ଅସାମାଜିକ ବ୍ୟକ୍ତିଙ୍କୁ ସାବାଡ କରାଯାଇପାରିବ ସେଥିପ୍ରତି ପୋଲିସ ଗୁରୁତ୍ୱ ଦେଇଛି। ରାଜ୍ୟରେ ପାର୍ବଣ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ରାଜ୍ୟ ପୋଲିସ ପ୍ରସ୍ତୁତ ଅଛି ବୋଲି ଶର୍ମା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବେଆଇନ ଓ ବଳପୂର୍ବକ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗତ ଶୁକ୍ରବାର ଡିଜିପି ଶର୍ମା ପୋଲିସ କମିଶନରଙ୍କ ସମେତ ରାଜ୍ୟର ସମସ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ୫ରେ ଭାଜପାର ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୩।୯(ବ୍ୟୁରୋ)

ଆସନ୍ତା ୫ ତାରିଖ ଦିନ ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଦଳୀୟ ସାଙ୍ଗଠନିକ ନିର୍ବାଚନ ପାଇଁ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ଦଳର ସମସ୍ତ ରାଜ୍ୟ ପଦାଧିକାରୀ, ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲା ସଭାପତି, ବିଧାୟକ ଓ ଏମ୍‌ପି, ଜିଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ନବନିଯୁକ୍ତ ଜିଲା ନିର୍ବାଚନ ଅଧିକାରୀ ଓ ସହ ଅଧିକାରୀମାନେ ଯୋଗଦେବେ। ଏନେଇ ଭାଜପା ସହ ନିର୍ବାଚନ ଅଧିକାରୀ ଓ ମୁଖପାତ୍ର ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଦଳର ବିଭିନ୍ନ ସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଏହି ସାଙ୍ଗଠନିକ ନିର୍ବାଚନକୁ ସୁପରିଚାଳନା କରିବା ପାଇଁ ୩୦୦ରୁ ଊର୍ଦ୍ଧ୍ୱ ନେତୃବୃନ୍ଦଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ସମାଜର ବିଭିନ୍ନ ବର୍ଗ, ଯଥା – ଯୁବ, ମହିଳା, ସଂଖ୍ୟାଲଘୁ, ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗର ନେତୃବୃନ୍ଦଙ୍କୁ ମଧ୍ୟ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ରାଜ୍ୟ ଭାଜପା ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲ ୩୬ଟି ସାଙ୍ଗଠନିକ ଜିଲା ପାଇଁ ନିର୍ବାଚନ ଅଧିକାରୀ ଓ ସହନିର୍ବାଚନ ଅଧିକାରୀ ମନୋନୀତ କରିଛନ୍ତି। ଏହି କର୍ମଶାଳାରେ କେନ୍ଦ୍ରୀୟ ସହ ନିର୍ବାଚନ ଅଧିକାରୀ ଓ ଏମ୍‌ପି ବିନୋଦ ସୋନକାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ରାଜ୍ୟ ସଭାପତି ବସନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହିବେ। ଅରୁଣ ଜେଟଲୀଙ୍କ ବିୟୋଗ କାରଣରୁ ଗତ ୨୫ରେ ରାଜ୍ୟ କାର୍ଯ୍ୟାଳୟଠାରେ ହେବାକୁ ଥିବା ଦଳର ସାଙ୍ଗଠନିକ ନିର୍ବାଚନର ରାଜ୍ୟସ୍ତରୀୟ କର୍ମଶାଳାକୁ ସ୍ଥଗିତ ରଖାଯାଇଥିଲା।



# ମୂଷା ଯନ୍ତା

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ପୂର୍ବତନ କୁଳପତି ଆଶିଷ ଦତ୍ତା, ପ୍ରଖ୍ୟାତ ବୈଜ୍ଞାନିକ ଆର୍. ରାଜାରାମନ୍ ଏବଂ ଐତିହାସିକ ରୋମିଲା ଥାପରଙ୍କ ସମେତ ୧୨ ସେବାନିବୃତ୍ତ ପ୍ରଫେସରଙ୍କ ଶିକ୍ଷା ଓ ଜୀବନ ବୃତ୍ତାନ୍ତର ସଂକ୍ଷିପ୍ତ ବିବରଣୀ ବା ସିଭି ଦାଖଲ କରିବା ଲାଗି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ଜଣାଇ ଦେଇଛନ୍ତି। ଚାକିରିରୁ ଅବସର ଗ୍ରହଣ କରିବା ପରେ ଅବୈତନିକ ଭାବେ ଶିକ୍ଷାଦାନ କରୁଥିବା ଏଭଳି ପ୍ରଫେସରଙ୍କୁ ନୋଟିସ ମିଳିବା ପରେ ବିଭିନ୍ନ ଆଡୁ ବିଶ୍ୱବିଦ୍ୟାଳୟ ପ୍ରଶାସନକୁ ସମାଲୋଚନା କରାଯାଇଛି। ଅନ୍ୟପକ୍ଷରେ ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି ଯେ, ସମ୍ପୃକ୍ତ ପ୍ରଫେସରମାନଙ୍କୁ ଦିଆଯାଇଥିବା ଏମିରିଟସ୍ ମାନ୍ୟତା ହ୍ରାସ କରାଯିବା ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ନୁହେଁ, ବରଂ ଏହା ଏକ ସାଧାରଣ ପ୍ରକ୍ରିୟା। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଦୀର୍ଘବର୍ଷ ଧରି ଉଚ୍ଚଶିକ୍ଷା ଦେଇ ଆସୁଥିବା ବ୍ୟକ୍ତିଙ୍କ ସିଭି ଯାଞ୍ଚ କରିବାର ଆବଶ୍ୟକତା କାହିଁକି ପଡ଼ିଲା। ଏହାର ଭିତରକୁ ଗଲେ ଅସହିଷ୍ଣୁତା ରହିଥିବା ବିଷୟ ବୁଝାପଡ଼ିଯାଉଛି। ଦେଶର ଶାସନ ପ୍ରଣାଳୀକୁ ବିଭିନ୍ନ ମଞ୍ଚରେ ବିରୋଧ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ନଜର ରଖିବା ଲାଗି କେନ୍ଦ୍ର ସରକାର ଏପରି ପଦକ୍ଷେପ ନେଉଛନ୍ତି ବୋଲି ସମାଲୋଚନା ହେଉଛି। ବିଶେଷକରି ଭାରତୀୟ ଇତିହାସ ପାଠ୍ୟ ପୁସ୍ତକରେ ପକ୍ଷପାତିତା ପୋଷଣ କରାଯାଇ ହେଉଥିବା କେତେକ ପରିବର୍ତ୍ତନକୁ ନେଇ ରୋମିଲା ଥାପର ସୂଚିତ କରିବା ପରେ ତାଙ୍କୁ ଟାର୍ଗେଟ କରାଯାଉଥିବା କୁହାଯାଉଛି।

ଆଜି ଭାରତରେ ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ଯାଏ ତ୍ରୁଟିବିଚ୍ୟୁତି ଲକ୍ଷ୍ୟ କରାଯାଉଛି। ଗୁଣାତ୍ମକ ଶିକ୍ଷା ଉପରେ କମ୍ ଜୋର ଦିଆଯାଉଥିବା ବେଳେ ପାଠ୍ୟ ପୁସ୍ତକ ପରିବର୍ତ୍ତନ କରିବା ହୋଇଯାଉଛି ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ପ୍ରଗତିଶୀଳ ଚିନ୍ତାଧାରା ରଖୁଥିବା କୌଣସି ସରକାର ଶିକ୍ଷାରେ ନୂତନତ୍ୱ ଆଣିଲେ ତାହାକୁ ସ୍ୱାଗତ କରାଯିବା ଉଚିତ। ପାଶ୍ଚାତ୍ୟରେ ବ୍ୟକ୍ତିବିଶେଷର ସାମଗ୍ରିକ ଉନ୍ନତି ଆଣିପାରୁଥିବା ବିଷୟବସ୍ତୁ ଉପରେ ଅଧିକ ଧ୍ୟାନ ଦିଆଯାଉଥିବାରୁ ସର୍ବଦା ଭିନ୍ନତା ପରିଲକ୍ଷିତ ହୋଇଥାଏ। ଭାରତରେ ଯେଉଁ ବିଷୟକୁ ପଢ଼ିଲେ ତାହାର ଛାତ୍ରୀଛାତ୍ରମାନେ ନିଯୁକ୍ତି ପାଇବାର ସୁଯୋଗ ପାଇପାରିବେ, ତାହା ଉପରେ ସେଭଳି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଆମେ ପଛରେ ପଡ଼ିଯାଉଛେ। ଦୁଃଖର ସହ ସ୍ୱୀକାର କରିବାକୁ ହେବ ଯେ, ଭାରତର କୌଣସି ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ୧୦୦ ମଧ୍ୟରେ ଆସିପାରୁ ନାହିଁ। ଏଥିସହିତ ଏ ଦେଶରେ ଅଧିକାଂଶ ସମୟରେ ନିର୍ବାଚିତ ସରକାର ବିଶ୍ୱବିଦ୍ୟାଳୟ, ଶିକ୍ଷା ବୋର୍ଡ ଆଦି ଶୀର୍ଷ ଅନୁଷ୍ଠାନର ବିଭିନ୍ନ ନିଷ୍ପତ୍ତିରେ ହସ୍ତକ୍ଷେପ କରିଥାଆନ୍ତି। କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଆଦର୍ଶକୁ ଅନୁସରଣ କରି କ୍ଷମତାକୁ ଆସିଥିବା ସରକାର ଚାହିଁଥାଏ ତା'ର ସର୍ବାଧିକ ମତ ପାଠ୍ୟ ପୁସ୍ତକରେ ସ୍ଥାନ ପାଉ। ସମସ୍ତେ ଜାଣନ୍ତି, ପିଲାମାନଙ୍କୁ ପାଠପଢ଼ାର ଆଦ୍ୟ ସ୍ତରରୁ ପ୍ରଭାବିତ କରିଦେଲେ ସେମାନଙ୍କ ଆଦର୍ଶ ଦୀର୍ଘଜୀବୀ ହେବ। ବାସ୍ତବରେ ଶିକ୍ଷା ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହିବା ଦରକାର। ସେହିପରି ରାଜନୈତିକ ବ୍ୟକ୍ତିମାନେ କ୍ୟାମ୍ପସ୍ ରାଜନୀତି ପ୍ରତି ଅନିଚ୍ଛା ପ୍ରକାଶ କରିପାରିଲେ ଶିକ୍ଷା ଉତ୍କର୍ଷ ଲାଭ କରିପାରନ୍ତା।

ଆଜିର ଏହି ପରିସ୍ଥିତିକୁ ଦେଖିଲେ ମନେହେଉଛି ଯେପରି ଭାରତର ଭୁଶୁଡ଼ି ପଡ଼ିଥିବା ଶିକ୍ଷା ବ୍ୟବସ୍ଥାକୁ ଅଧିକ ଦୁର୍ବଳ କରିଦେବାର ଚେଷ୍ଟା ଲାଗି ରହିଛି। କୌଣସି ସକାରାତ୍ମକ ମତ ବା ପରାମର୍ଶ ଆସିଲେ ତାହାକୁ ତର୍ଜମା ନ କରି ତୀବ୍ର ବିରୋଧ କରାଯାଉଛି। ଏହାଫଳରେ ଘଟୁଥିବା ପରିବର୍ତ୍ତନ ନକାରାତ୍ମକ ହେବା ସହିତ ଭବିଷ୍ୟତ ପିଢ଼ି ପାଇଁ ଆଜିର ବ୍ୟବସ୍ଥା ଏକ ମୂଷା ଯନ୍ତା ସଦୃଶ ପାଲଟିଗଲାଣି।

# ଜମ୍ମୁ-କଶ୍ମୀରର ବିକାଶ ଚିତ୍ର



ଡ. ସନ୍ତୋଷ କୁମାର ମହାପାତ୍ର

କେନ୍ଦ୍ର ସରକାରଙ୍କ ଜମ୍ମୁ-କଶ୍ମୀର ନିଷ୍ପତ୍ତି ସପକ୍ଷରେ ଅନେକ ଯୁକ୍ତି ମଧ୍ୟରୁ ଏକ ପ୍ରମୁଖ ଯୁକ୍ତି ହେଉଛି ଧାରା ୩୭୦ ଓ ୩୫(ଏ) ଯୋଗୁ ଏହାର ବିକାଶ ହୋଇପାରିନି। ଏହାର ଅର୍ଥ ଜମ୍ମୁ-କଶ୍ମୀର ଅନ୍ୟ ସବୁ ରାଜ୍ୟ ତୁଳନାରେ ନିଶ୍ଚୟ ପଛୁଆ ଥିବ। କିନ୍ତୁ ବାସ୍ତବରେ ସ୍ଥିତି ଓଲଟା। ଜମ୍ମୁ-କଶ୍ମୀର ଅନେକ କ୍ଷେତ୍ରରେ ଦେଶରେ ଆଗୁଆ ଅଛି। ଏପରିକି ନରେନ୍ଦ୍ର ମୋଦିଙ୍କ ଗୁଜରାଟଠାରୁ ମଧ୍ୟ ଆଗରେ ଅଛି। ଜମ୍ମୁ-କଶ୍ମୀରର ଆର୍ଥିକ ସ୍ଥିତି ଜାଣିବା ପାଇଁ ବିଭିନ୍ନ ସୂଚକାଙ୍କରେ ଏହାର ସ୍ଥିତିକୁ ଅନ୍ୟ ରାଜ୍ୟ ସହିତ ତୁଳନା କରି ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିବାକୁ ଉଚିତ ମନେକଲୁ। ବିକାଶ ବା ଉନ୍ନତିର ଏକ ପ୍ରମୁଖ ସୂଚକାଙ୍କ ହେଉଛି ଦାରିଦ୍ର୍ୟ ହାର। ୨୦୧୧-୧୨ ପରେ ଆଉ ଦାରିଦ୍ର୍ୟ ହାର ଆକଳନ କରାଯାଇ ନାହିଁ। ସେହି ତଥ୍ୟ ଅନୁସାରେ ଜମ୍ମୁ-କଶ୍ମୀରରେ ଦାରିଦ୍ର୍ୟ ହାର ମାତ୍ର ୧୦.୩୫%। ଏହା ଜାତୀୟ ହାର (୨୧.୯୨%)ଠାରୁ ବହୁତ କମ୍। ଗୁଜରାଟ ୧୬.୬୩%, ଓଡ଼ିଶା (୩୨.୫୯%), ବିହାର (୩୩.୭୪%) ଉତ୍ତରପ୍ରଦେଶ (୨୯.୪୩%)ର ଦାରିଦ୍ର୍ୟ ହାର ଜମ୍ମୁ-କଶ୍ମୀରଠାରୁ ଅଧିକ। ଦାରିଦ୍ର୍ୟ ହାର ଦୃଷ୍ଟିରୁ କେରଳରେ ଏହା ମାତ୍ର (୭.୦୫%)। କେବଳ ୨୮ଟି ରାଜ୍ୟ ମଧ୍ୟରୁ ୨୧ଟି ରାଜ୍ୟର ଦାରିଦ୍ର୍ୟ ହାର ଜମ୍ମୁ-କଶ୍ମୀରଠାରୁ ଅଧିକ। ପୁନଶ୍ଚ ୨୦୧୩ ରଘୁରାମ ରାଜନଙ୍କ ଅଧ୍ୟକ୍ଷତାରେ ୧୦ଟି ସୂଚକାଙ୍କ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ପାରିବାରିକ ସୁବିଧା, ଦାରିଦ୍ର୍ୟ, ମହିଳା ସାକ୍ଷରତା ହାର, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ମୁଣ୍ଡପିଛା ଆୟ ଆଦିକୁ ନେଇ ଗଠିତ କମିଟି ରାଜ୍ୟମାନଙ୍କୁ ୩ଟି ପର୍ଯ୍ୟାୟରେ ବିଭକ୍ତ କରିଥିଲେ। ପ୍ରଥମଟି ହେଉଛି ସର୍ବାଧିକ କମ୍ ବିକାଶ ବା ପଛୁଆ ରାଜ୍ୟ। ତାଙ୍କ ରିପୋର୍ଟ ଅନୁଯାୟୀ ୧୦ଟି ରାଜ୍ୟ ପଛୁଆ, ଯେଉଁଥିରେ ଜମ୍ମୁ-କଶ୍ମୀର ନାହିଁ। କିନ୍ତୁ ଓଡ଼ିଶା ୧ ନମ୍ବର ପଛୁଆ ରାଜ୍ୟ ହୋଇଥିଲା ବେଳେ ବିହାର ୨ ନମ୍ବରରେ ରହିଛି। କିନ୍ତୁ ସର୍ବାଧିକ ବିକାଶ ବା ତୁଳନାତ୍ମକ ଭାବେ ଅଧିକ ବିକାଶ ହୋଇଥିବା ରାଜ୍ୟମାନଙ୍କ ମଧ୍ୟରେ ଗୋଆ ୧ ନମ୍ବରରେ ଥିଲାବେଳେ କେରଳ ୨ ନମ୍ବର ସ୍ଥାନରେ ରହିଛି। ବିକାଶ ଦୃଷ୍ଟିରୁ ୧୪ଟି ରାଜ୍ୟ ଜମ୍ମୁ-କଶ୍ମୀର ପଛରେ ଅଛନ୍ତି। ବିକାଶର ଏକ ମୁଖ୍ୟ ମାନଦଣ୍ଡ ହେଉଛି ମାନବିକ ଉନ୍ନୟନ ସୂଚକାଙ୍କ ଯାହା ହାରାହାରି ଆୟୁ, ଶିକ୍ଷା ଓ ମୁଣ୍ଡପିଛା ଆୟକୁ ଭିତ୍ତିକରି ପ୍ରସ୍ତୁତ ହୋଇଥାଏ। ୨୦୧୭ରେ ୩୬ଟି ଭାଷା ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଏହି ସୂଚକାଙ୍କରେ ଜମ୍ମୁ-କଶ୍ମୀର ୧୭ଶ ସ୍ଥାନରେ ଅଛି। ଏହାର ମାନବିକ ଉନ୍ନୟନ ସୂଚକାଙ୍କ ମୂଲ୍ୟ (୦.୬୮୪) ଜାତୀୟ ହାର (୦.୬୪୦)ଠାରୁ ଅଧିକ। ବିହାର ସବା ନିମ୍ନରେ (୩୬ତମ ସ୍ଥାନ) ରହିଲାବେଳେ ଉତ୍ତରପ୍ରଦେଶ ୩୫ତମ ଓ ଓଡ଼ିଶା ୩୨ତମ ସ୍ଥାନରେ ଅଛନ୍ତି। ଗୁଜରାଟ ୨୪ତମ ସ୍ଥାନରେ ରହିଛି। ଅର୍ଥାତ୍ ଜମ୍ମୁ-କଶ୍ମୀର ପଛରେ। କେରଳ ସର୍ବାଗ୍ରେ ୧ ନମ୍ବର ସ୍ଥାନରେ ରହିଛି। ସେହିପରି ମୁଣ୍ଡପିଛା ଜିଏସ୍‌ଡିପି ମଧ୍ୟ ଏକ ବିକାଶର ମାନଦଣ୍ଡ। ୨୦୧୮-୧୯ରେ ଭାରତର ହାରାହାରି ମୁଣ୍ଡପିଛା ଆୟ ୧,୨୬,୪୦୬ ଟଙ୍କା ହୋଇଥିଲା ବେଳେ ଜମ୍ମୁ-କଶ୍ମୀରରେ ଏହା ୯୪,୯୯୨ ଟଙ୍କା। ଅର୍ଥାତ୍ ଜାତୀୟ ହାରଠାରୁ କମ୍, କିନ୍ତୁ ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୯ଟି ଜମ୍ମୁ-କଶ୍ମୀର ତଳେ ଅଛନ୍ତି। ଗୋଆ ସର୍ବାଗ୍ରେ ରହିଲା ବେଳେ କେରଳ ୧୨ଶ ସ୍ଥାନରେ। ଗୁଜରାଟ ୧୪ଶ ସ୍ଥାନରେ ରହିଛି। ସର୍ବନିମ୍ନରେ ବିହାର ଥିଲାବେଳେ ତା' ତଳକୁ ଉତ୍ତରପ୍ରଦେଶ, ମଣିପୁର ଓ ଝାଡ଼ଖଣ୍ଡ ରହିଛି। ବିକାଶ ମାପିବାର ଆଉ ଏକ ମାନଦଣ୍ଡ ହେଉଛି ନୀତି ଆୟୋଗର ସ୍ୱାସ୍ଥ୍ୟ ସୂଚକାଙ୍କ। ଏହା ଭିତ୍ତି ବର୍ଷ ୨୦୧୫-୧୬ ଏବଂ ରେଫରେନ୍ସ ବର୍ଷ ୨୦୧୭-୧୮ ଉପରେ ପର୍ଯ୍ୟବସିତ। ଏହା ନବଜାତ ଶିଶୁ ମୃତ୍ୟୁହାର, ୫ ବର୍ଷ ବୟସରୁ କମ୍ ଶିଶୁ ମୃତ୍ୟୁହାର, କମ୍ ଓଜନର ଶିଶୁ ଜନ୍ମ, ଯକ୍ଷ୍ମା, ଏଚ୍‌ଆଇଭି, ସରକାରୀ ସ୍ୱାସ୍ଥ୍ୟ ଭିତ୍ତିଭୂମି ଆଦି ୨୩ଟି ସ୍ୱାସ୍ଥ୍ୟଭିତ୍ତିକ ସୂଚକାଙ୍କ ଉପରେ ପର୍ଯ୍ୟବସିତ। ୨୧ଟି ବଡ଼ ରାଜ୍ୟ ମଧ୍ୟରେ କେରଳ ସର୍ବାଗ୍ରେ ରହିଲା ବେଳେ ଜମ୍ମୁ-କଶ୍ମୀର ୭ମ ସ୍ଥାନରେ ଅର୍ଥାତ୍ ୧୪ଟି ବଡ଼ ରାଜ୍ୟ ଆଗରେ ଅଛି। ଗୁଜରାଟଠାରୁ ମାତ୍ର ୩ଟି ସ୍ଥାନ ପଛରେ। କିନ୍ତୁ ଉତ୍ତରପ୍ରଦେଶ ସବାତଳେ ବା ୨୧ତମ ସ୍ଥାନରେ ରହିଲା ବେଳେ ବିହାର ୨୦ତମ, ଓଡ଼ିଶା ୧୯ତମ ସ୍ଥାନରେ ରହିଛି। ଉତ୍ତରପ୍ରଦେଶ ସବୁଠାରୁ ସ୍ୱାସ୍ଥ୍ୟସେବା ଦୃଷ୍ଟିରୁ ଖରାପ ସ୍ଥିତିରେ ରହିଛି। ସେହିପରି ୧ ବର୍ଷରୁ କମ୍ ଶିଶୁ ମୃତ୍ୟୁହାର ମଧ୍ୟ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କ। ୨୦୧୬ରେ ପ୍ରତି ୧୦୦୦ରେ ଏହି ମୃତ୍ୟୁହାର ଜମ୍ମୁ-କଶ୍ମୀରରେ ୨୪ ହୋଇଥିବା ବେଳେ ଗୁଜରାଟରେ ୩୦। ଜାତୀୟ ହାର (୩୪) ଆହୁରି ଅଧିକ। ସେହିପରି ମା' ମୃତ୍ୟୁହାରରେ ଜମ୍ମୁ-କଶ୍ମୀରରେ ଜାତୀୟ ହାରଠାରୁ କମ୍। କେରଳରେ ଏହା ସର୍ବନିମ୍ନ। ଯଦି ଜଣେ ସରକାରୀ ଡାକ୍ତର କେତେଜଣ ଜନତାଙ୍କୁ ସେବା ପ୍ରଦାନ କରିବା ବିଚାରକୁ ନିଆଯାଏ ତେବେ ଜମ୍ମୁ-କଶ୍ମୀରରେ ଏହା ୩୦୬୦। କେବଳ ୬ଟି ରାଜ୍ୟ ଜମ୍ମୁ-କଶ୍ମୀରଠାରୁ ଉନ୍ନତ ସ୍ଥିତିରେ ଅଛନ୍ତି। ବିହାର ସବୁଠାରୁ ଖରାପ ସ୍ଥିତିରେ ରହିଛି। ହାରାହାରି ଆୟୁକୁ ମଧ୍ୟ ଏକ ବିକାଶ ସୂଚକାଙ୍କ ଭାବେ ବିଚାର କରାଯାଏ। ସାମ୍ପଲ୍ ରେଜିଷ୍ଟ୍ରେଶନ ସର୍ଭେ (୨୦୧୦-୨୦୧୪) ଏବଂ ୟୁଏନ୍‌ଡିପି ରିପୋର୍ଟ ୨୦୧୧ ଅନୁସାରେ ଜମ୍ମୁ-କଶ୍ମୀରରେ ହାରାହାରି ଆୟୁ ୭୨.୬ ବର୍ଷ ଯାହା ଜାତୀୟସ୍ତର (୬୭.୯ ବର୍ଷ)ଠାରୁ ଅଧିକ। ଓଡ଼ିଶାରେ ହାରାହାରି ଆୟୁ ୬୫.୮ ବର୍ଷ, ଉତ୍ତରପ୍ରଦେଶରେ ୬୪.୧ ବର୍ଷ ଏବଂ କେରଳରେ ସର୍ବାଧିକ ୭୪.୯ ବର୍ଷ। ଆସାମ (୬୩.୯ ବର୍ଷ) ସର୍ବନିମ୍ନରେ ରହିଛି। ସେହିପରି ସାକ୍ଷରତା ହାର କଥା ବିଚାର କଲେ ପିନ୍‌କୋଡ ଇଣ୍ଡିଆ ନେଟ୍ ଅନୁସାରେ ୨୦୧୭-୧୮ରେ କେରଳରେ ଏହା ସର୍ବାଧିକ (୯୩.୯୧%) ହୋଇଥିଲା ବେଳେ ବିହାର (୬୩.୮୨%) ସର୍ବନିମ୍ନ ସ୍ତରରେ ରହିଛି। ଜମ୍ମୁ-କଶ୍ମୀରର ସାକ୍ଷରତା ହାର ୬୮.୭୪%। ଗୁଜରାଟ (୭୯.୩୧), ଓଡ଼ିଶା (୭୩.୪୫) ଓ ଉତ୍ତରପ୍ରଦେଶ (୬୯.୭୨) ଜମ୍ମୁ-କଶ୍ମୀରଠାରୁ ଆଗରେ ଅଛନ୍ତି। କିନ୍ତୁ ବିହାର, ଝାଡଖଣ୍ଡ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, ତେଲେଙ୍ଗାନା ଆଦି ଜମ୍ମୁ-କଶ୍ମୀରଠାରୁ ପଛରେ ଅଛନ୍ତି। ଯେଉଁ ରାଜ୍ୟରେ ବେକାରି ହାର କମ୍, ସେହି ରାଜ୍ୟ ସେତେ ଉନ୍ନତ ବୋଲି ବିଚାର କରାଯାଏ। ବେକାରି ହାର ପରିସଂଖ୍ୟାନ ମନ୍ତ୍ରଣାଳୟ ତରଫରୁ ପ୍ରକାଶ ପାଉଥିବା ରିପୋର୍ଟ ଅନ ପିରିୟଡିକ୍ ଲେବର ଫୋର୍ସ ସର୍ଭେରୁ ଜଣାପଡ଼ିଥାଏ। ୨୦୧୭-୧୮ରେ ବେକାରି ହାର ଜାତୀୟ ସ୍ତରରେ ୬.୧% ହୋଇଥିଲା ବେଳେ ଜମ୍ମୁ-କଶ୍ମୀରରେ ଏହି ହାର ମାତ୍ର ୫.୩%। ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବେକାରି ହାର ଜମ୍ମୁ-କଶ୍ମୀରଠାରୁ ଅଧିକ। ଗୁଜରାଟରେ ଏହା ୪.୮% ହୋଇଥିଲା ବେଳେ ଓଡ଼ିଶାରେ ୭.୧%, ଉତ୍ତରପ୍ରଦେଶରେ ୬.୪%, ବିହାରରେ ୭.୨%, କେରଳରେ ୧୧.୨%। ଉପରୋକ୍ତ ତଥ୍ୟରୁ ସହଜରେ ପ୍ରତିପାଦିତ ହେଉଛି ଯେ, ଜମ୍ମୁ-କଶ୍ମୀର ବିଭିନ୍ନ ସୂଚକାଙ୍କରେ କିଛି ରାଜ୍ୟଠାରୁ ଆଗୁଆ ଥିଲାବେଳେ କିଛି ରାଜ୍ୟଠାରୁ ପଛୁଆ ଅଛି। ଏଠାରେ ବିକାଶ ହୋଇନି ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ।

ଡିଭାଇନ ନଗର, ଚାଉଳିଆଗଞ୍ଜ, କଟକ,
ମୋ-୯୪୩୭୨୦୮୭୬୨,
skmohapatra67@gmail.com

# ପଥ୍ୟ ହିଁ ଚିକିତ୍ସା



ଡ. ଦୀପକ ଭଟ୍ଟାଚାର୍ଯ୍ୟ

ରୋଗୀ ପାଇଁ ଉପଯୁକ୍ତ ଖାଦ୍ୟକୁ ହିଁ ପଥ୍ୟ କୁହାଯାଏ। ରୋଗୀର ଚିକିତ୍ସା ପାଇଁ ଔଷଧ ଯେତିକି ଗୁରୁତ୍ୱପୂର୍ଣ୍ଣ ପଥ୍ୟ ମଧ୍ୟ ତତୋଽଧିକ। ଉଦାହରଣସ୍ୱରୂପ କୋଷ୍ଠକାଠିନ୍ୟ ହେଲେ ଅଣଡାଇବେଟିସ୍ ରୋଗୀଙ୍କ ପାଇଁ ଲିଆ, ଖଜୁରି, ମକା, ତେନ୍ତୁଳି, ଗହମ ଛତୁଆ, ପଇଡ଼ ନାଲୀ, ଅମୃତଭଣ୍ଡା, ପାଚିଲା କଦଳୀ, ନାରଙ୍ଗୀ, କମଳା ପ୍ରଭୃତି ଖାଇବା ଉଚିତ। କିନ୍ତୁ ଡାଇବେଟିସ୍ ହୋଇଥିଲେ ମିଠାଜାତୀୟ ଜିନିଷ ଛଡ଼ା ଅନ୍ୟ ଖାଦ୍ୟ ଖାଇପାରିବେ। ସାଇନୋସାଇଟିସ୍ ପାଇଁ ଭାକୁରମାଛ ମୁଣ୍ଡ, ମାଛତେଲ, ଘିଅ, ମହୁ, ସୋରିଷତେଲ, ମସଲା ଇତ୍ୟାଦି ଖାଇବା ଉଚିତ। ପୋଷ୍ଟେଟ୍ ରୋଗୀ ଖାଇବେ ଦଦୟା ପତ୍ର, ପୋଇଶାଗ, କଖାରୁ ପ୍ରଭୃତି। ଉଚ୍ଚ ରକ୍ତଚାପ ରୋଗୀ ଖାଇବେ କାକୁଡ଼ି ଚୋପା, ସଜନା ଶାଗ ଓ ଛୁଇଁ, କୋଳଥ, କଲରା, ମସୁର ଡାଲି, ପୁରୁଣା ନାଲି ଉଷୁନା ଚାଉଳ, ଲେମ୍ବୁ, କଞ୍ଚାଲଙ୍କା ପ୍ରଭୃତି। ଏସବୁ ବିନା ଲୁଣରେ ଖାଇବାକୁ ହେବ। ଆଇବିଏସ୍ (ଇରେଗୁଲାର ବାୱେଲ୍ ସିଣ୍ଡ୍ରୋମ୍) ରୋଗୀମାନେ କଂସାଥାଳି ବା କଦଳୀପତ୍ରରେ ଖାଇବା ଉଚିତ। ସେମାନେ କଞ୍ଚାଲଙ୍କା, ଲୁଣ, ଲେମ୍ବୁ, ଖୁରୁଡ଼ ନଡ଼ିଆ, ପୁରୁଣା ଉଷୁନା ଚାଉଳର ଭାତ ଖାଇବା ଭଲ। ତେବେ କ୍ୟାନ୍‌ସର ରୋଗୀମାନଙ୍କ ପାଇଁ କ'ଣ ପଥ୍ୟ ବା ଅପଥ୍ୟ ତାହା ଏଠାରେ ପ୍ରଧାନ ଆଲୋଚ୍ୟ ବିଷୟ।

କ୍ୟାନ୍‌ସରରେ କେମୋଥେରାପି, ରେଡିଓ ଓ ବ୍ରାକିଥେରାପି, ଇଲେକ୍ଟ୍ରୋନ୍ ବିମ୍ ଥେରାପି, ଅସ୍ତ୍ରୋପଚାର ଇତ୍ୟାଦିର ପ୍ରୟୋଗ କରାଯାଏ। ଅନ୍ୟ ରୋଗ ଚିକିତ୍ସା ତୁଳନାରେ ବାସ୍ତବରେ ଏହା ଏକ ଦମନଲୀଳା। ଏହି ଦମନ ହେତୁ ରୋଗୀର ଅଙ୍ଗପ୍ରତ୍ୟଙ୍ଗ ଉପରେ ବ୍ୟାପକ ଭାବରେ ପ୍ରତିକ୍ରିୟା ସୃଷ୍ଟି ହୁଏ ଏବଂ କ୍ଷୟକ୍ଷତି ବି ହୁଏ। ସର୍ବାଧିକ ପାକସ୍ଥଳୀ, ଅନ୍ତ୍ର ଓ ଅସ୍ଥିମଜ୍ଜା ଉପରେ ଏହି ଦମନଲୀଳା ପ୍ରତିଫଳିତ ହୋଇଥାଏ। ଖର୍ଚ୍ଚର କଥା କହିଲେ ନ ସରେ। ଚିକିତ୍ସା ଚାଲିଥିବା ବେଳେ ରୋଗୀ ମାନସିକ ଯନ୍ତ୍ରଣା ଭୋଗିବା ସହ ରକ୍ତଶୂନ୍ୟତା, ନିମ୍ନ ରକ୍ତଚାପ, ଗଣ୍ଠିବିନ୍ଧା, ଅସ୍ଥିରତା, ଉଦରପୀଡ଼ା ଇତ୍ୟାଦିରେ ଆକ୍ରାନ୍ତ ହୋଇ ପଡ଼ିଥାଏ। ରୋଗପୀଡ଼ାଠାରୁ ଚିକିତ୍ସାପୀଡ଼ା ବଳିପଡ଼େ।

କ୍ୟାନ୍‌ସର ବିରୋଧରେ ରଣକୌଶଳ ସମ୍ପୂର୍ଣ୍ଣ ଭାବରେ ବଦଳାଇବା ସମୟର ଡାକ। ତତ୍‌ସହ ପଥ୍ୟପାଚନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ତେଣୁ ପ୍ରଶ୍ନ ହେଉଛି ରୋଗୀ କ୍ୟାନ୍‌ସର ଚିକିତ୍ସା ବେଳେ ଖାଇବେ କ'ଣ? କ୍ୟାନ୍‌ସରରେ ସାହାଯ୍ୟକାରୀ ଖାଦ୍ୟ- ତୁଳସୀ, ଅଁଳା, ବାଡ଼ିଅଁଳା, ପାଚିଲା କଦଳୀ, ମଞ୍ଜା, ଭଣ୍ଡା, ଅମୃତଭଣ୍ଡା, ଡାଳିମ୍ବ, କେନ୍ଦୁ, ଖଇ, ପୋଇ, କୋଳଥ, କାକୁଡ଼ି, ଲିଆ, ରନ୍ଧାଚୂନ, ଗୁଡ଼, ଘିଅ, ଚା, ଚିନି, ଛେନା, ବିଲାତି, ବେଲ, ବେଲପତ୍ର, ମଧୁର କୋଳି, ରାଶି, ମକା, ପୋଟଳ, ପୋସ୍ତକ, ପାନଡେମ୍ଫ, ମାଟିଆଳୁ, ସବୁଜ ଲଙ୍କା, କ୍ୟାପ୍ସିକମ୍, ଶୁଖିଲା ଲଙ୍କାର କଳା ପାଉଁଶ, ବାଇଗଣ, ଭେଜି ବାଇଗଣ, ଲହୁଣି, ଲାଉ, କ୍ଷୀର, ଛୋଟ ମାଛ, ମସଲା ଖାଦ୍ୟ, ସୋରିଷ ଓ ତେଲ, ବେସର, ମହୁର, ମାଣ୍ଡିଆ, ଶିରିଣି, ତୋରାଣି, ପଖାଳ, ଚୁଡ଼ା, ମୁଢ଼ି, ମୁଆଁ, ଚଣା, ବେସନ, ପାମ୍ପଡ଼। କୌଣସି ଖାଦ୍ୟ ଅତ୍ୟଧିକ ବା ଦୈନିକ ଖାଇବେ ନାହିଁ। କେମୋ ବା ରେଡିଓଥେରାପି ନେଉଥିବା ବେଳେ ଓଆର୍‌ଏସ୍, ମଲ୍‌ଟିମିନେରାଲ ସାହାଯ୍ୟକାରୀ। ଟ୍ରେସ୍ ଏଲିମେଣ୍ଟ୍ସ, ମିନେରାଲ୍‌ସ ଇତ୍ୟାଦି ଉପପଥ୍ୟ ହିସାବରେ ଉପାଦେୟ।

କ୍ୟାନ୍‌ସରରେ ବାରଣ କରାଯାଇଥିବା ଖାଦ୍ୟ- ତେନ୍ତୁଳି, ସାରୁ, କଞ୍ଚା କଦଳୀ, କଙ୍କଡ଼ା, ଛତୁ, ଆଣ୍ଟି ହିଷ୍ଟାମିନ, ଆଣ୍ଟି ଏଲାର୍ଜେନ, ମୃଦୁପାନୀୟ, ଭିଟାମିନ୍, ଏନ୍‌ଜାଇମସ୍, ଫୋଲେଟ୍‌ସ, ଫଲିକ୍ ଏସିଡ୍, ଆୟୋଡିନ, ଆୟୋଡିନ୍‌ଯୁକ୍ତ ଲବଣ, ବିଟ୍, ଶୁଖୁଆ, ହାଇ ଏନର୍ଜି ଓ ପ୍ରୋଟିନ୍ ରିଚ୍ ଖାଦ୍ୟ, ଗୋମୂତ୍ର, ଗହମ ଘାସ, ଭାଙ୍ଗ ଇତ୍ୟାଦି କ୍ୟାନ୍‌ସର ରୋଗୀଙ୍କ ପାଇଁ ନିଷେଧ। ଏନ୍‌ଜାଇମସ, ଆମିନୋଏସିଡ୍‌ସ, ଏସେନ୍‌ସିଆଲ୍ ଓ ନନ୍ ଏସେନ୍‌ସିଆଲ୍ ଅଏଲ୍‌ସ, ଫସ୍‌ଫେଟ୍, ଫସ୍‌ଫରସ୍ ଥିବା ପରିବା, ନାଇଟ୍ରେଟ, ଅକ୍ସିଜେନ ଓ ବିଶେଷତଃ ଓଜୋନ, ନାଇଟ୍ରୋଜେନ୍ ଇତ୍ୟାଦି ନିୟନ୍ତ୍ରଣରେ ଥିବା କ୍ୟାନ୍‌ସରକୁ ଲଗାମହୀନ କରିଦିଏ। ଦ୍ରବ୍ୟକୁ ଗୁଣବିହୀନ କରିଦିଏ। ଏହା ବ୍ୟତୀତ ନୂତନ ରକ୍ତନଳୀ ସୃଷ୍ଟି କରିବାରେ ସାହାଯ୍ୟ କରେ। ଏହା ଟ୍ୟୁମର ଓ କ୍ୟାନ୍‌ସରକୁ ବହୁମାତ୍ରାରେ ତ୍ୱରାନ୍ୱିତ କରିଥାଏ।

କ୍ୟାନ୍‌ସର ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ପାଇଁ ଏକ ଅତିରିକ୍ତ ଓ ବିଶେଷ ଘର ତିଆରି ଖାଦ୍ୟ ହିତକର। ଏହାର ସୂଚନା ନିମ୍ନରେ ଦିଆଗଲା- ଭଜାଚୁଡ଼ା, ଯୁରିଆବିହୀନ ମୁଢ଼ି, ଭଜାଅଟା, ଭଜା ବେସନ, ଅରୁଆ ବା ଉଷୁନା ଭାତ, ନଡ଼ିଆ, ସିଝା ମସୁର/ହରଡ଼, ମାଣ୍ଡିଆ, କୋଳଥ ଇତ୍ୟାଦି ଏକ ମୁଠା ଲେଖାଏଁ। ତନ୍ମଧ୍ୟରେ ଦହିପାଣି, କାଞ୍ଜି, ତୋରାଣି ବା ଭାଙ୍ଗପାଣି (ଦୁଇ ଚାମଚ), ସୈନ୍ଧବ ଲବଣ, ଗୁଡ଼, ଘିଅ ଇତ୍ୟାଦି ବ୍ୟକ୍ତିଗତ ରୁଚି ଅନୁସାରେ। ଏହାସବୁ ଶିଳରେ ବା ଗ୍ରାଇଣ୍ଡରରେ ପେଷା ହେବ। ଏହାକୁ ଦିନତମାମ ରୋଗୀ ଅଳ୍ପ ଅଳ୍ପ ଖାଇବେ। ରାତି ଶଯ୍ୟା ପୂର୍ବରୁ ଆରାରୁଟ୍ ସେବନ କରିବେ। ଏହାଛଡ଼ା ଚିକିତ୍ସାଜନିତ ଦ୍ରବ୍ୟ ଓ ତା'ର ମାତ୍ରା ଖୁବ୍ କମ୍ ସେବନ କଲେ ବିକଳ ହୋଇଥିବା ଅନ୍ତ୍ର ଓ ବିଭିନ୍ନ ଶାରୀରିକ ଯନ୍ତ୍ରକୁ ମିଳିଥାଏ ଉପଶମ। ମୂଳ ସମସ୍ୟା ଯଥା ବିକଳ ହୋଇଥିବା ପେରିଷ୍ଟାଲସିସ୍ ଫେଲିଓର ଏବଂ ଅନ୍ତ୍ର ଜାକି ଓ ଲୁମେନ ନିଗାଡ଼ି ହେବାଟା କମିଯାଏ। ଶରୀର ପୁନଶ୍ଚ ପାଇଥାଏ ଖାଦ୍ୟରୁ ରସାୟନ, ଯବକ୍ଷାର ଓ ଟ୍ରେସ୍‌ଏଲିମେଣ୍ଟ୍ସ।

ଶରୀର ସୁସ୍ଥ ଥିବା ବେଳେ ନେହୁଁଆ ସ୍ତନ କର୍କଟ ଏବଂ କେନ୍ଦୁ ଜରାୟୁ ଓ ଲସିକା କର୍କଟକୁ ପ୍ରତିହତ କରିଥାଏ। କିନ୍ତୁ କ୍ୟାନ୍‌ସର ହୋଇଥିଲେ ଉଭୟ ଫଳ ରୋଗକୁ ବଢ଼ାଇଦିଏ। ହଳଦୀ ଓ ହଳଦୀ ଲେପ ଚର୍ମ କ୍ୟାନ୍‌ସରରେ ଉପଯୋଗୀ। ପୁରୁଷର ଦଣ୍ଡବୈଠକ, ନାରୀର ବୈଠକ ଓ ପୁଚିଖେଳ ପ୍ରଭୃତି ବ୍ୟାୟାମ ପ୍ରଜନନ ଅଙ୍ଗରେ କ୍ୟାନ୍‌ସରକୁ ପ୍ରତିହତ କରେ। ସେହିପରି ଚନ୍ଦନ ଓ କର୍ପୂରର ବ୍ୟବହାର ପୁରୁଷ ଓ ନାରୀ ଉଭୟଙ୍କ ପାଇଁ ଲିଙ୍ଗ କ୍ୟାନ୍‌ସରରେ ଉପାଦେୟ। କ୍ୟାନ୍‌ସର ବେଳେ ଡାଳିମ୍ବ ଚୋପା ଅତି ଉପକାରୀ। ସବୁ ପ୍ରକାର ଫୁସ୍‌ଫୁସ୍ କ୍ୟାନ୍‌ସରରେ ବାଇଗବା ଫଳ, ଜଡ଼ାତେଲ, ସୋରିଷ ତେଲ, ବିଶେଷତଃ ରାସାୟନିକ ତୈଳ ପ୍ରଭୃତି ଉପାଦେୟ।

ସଂସାର ବଡ଼ ଜଟିଳ, ଯାହାକୁ ଗୃହିଣୀ ଚଳାଇଥାନ୍ତି। ଲକ୍ଷ୍ୟ କରିବାର କଥା ଯେ, ପରିବାରର କେଉଁ ସଦସ୍ୟ ସୁଆଦିଆ କଞ୍ଚାଲଙ୍କା ଅନାୟାସରେ ଖାଇପାରୁଥିଲେ ଅଥଚ ହଠାତ୍ ଆଉ ଖାଇପାରୁନାହାନ୍ତି। ଜିଭ ପାଟି ଜଳେ ଓ ଓଠ କଳାଦିଶେ। ଏପରି ଦେଖାଗଲେ ତୁରନ୍ତ ଫ୍ୟାମିଲି ଫିଜିସିଆନଙ୍କ ସହ ପରାମର୍ଶ କରିବା ଆବଶ୍ୟକ।

ମୋ- ୮୮୯୫୯୯୭୨୫୯

## ଚିରନ୍ତନୀ

ବିଚିତ୍ରିତ ଏ ଭୁବନ, ଲୁପ୍ତ ଝରଣାର ବ୍ୟଥା ବହି
ଝରିପଡ଼େ ଯେ କୋରକ କୋଟି ବିୟୋଗର ତ୍ରାସ ସହି
ସୃଜନର ଅଶ୍ରୁ ରାଶି ଝରି ପଡ଼େ ସଦା,
ଏ ଧରଣୀ ହୁଏ ତହିଁ ଓଦା। (ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଧନ୍ୟ ଗୁରୁ ଧନ୍ୟ ଶିଷ୍ୟ

ଅକ୍ଷୟ ମହାନ୍ତି

ଆଉ ଦିନକ ପରେ ଗୁରୁଦିବସ। କିନ୍ତୁ ଆଚାର୍ଯ୍ୟ ଚାଣକ୍ୟ ଓ ସମର୍ଥ ରାମଦାସଙ୍କ ପରି ଗୁରୁ କ'ଣ ଆଉ ଜନ୍ମ ହେବେନି? ଗୁରୁ ରାମଦାସ ଓ ଶିବାଜୀଙ୍କ ବିଷୟରେ ଛୋଟିଆ କଥାଟିଏ। ଗୁରୁଙ୍କର ସଦା ପ୍ରସନ୍ନତା ଦେଖି ଶିବାଜୀ ଭାବିଲେ ସେ ଯଦି ସନ୍ନ୍ୟାସୀ ହୋଇଯିବେ, ତେବେ ସେ ବି ଗୁରୁଙ୍କ ପରି ସବୁବେଳେ ସାଧନଭଜନ କରି ଓ ସାଂସାରିକ ଦାୟଦାୟିତ୍ୱରୁ ମୁକ୍ତ ରହି ପ୍ରସନ୍ନ ରହିପାରିବେ। ଗୁରୁଙ୍କୁ ଅଭିପ୍ରାୟ ଜଣାନ୍ତେ ସେ ସ୍ମିତହାସ୍ୟ କରି ସମ୍ମତି ଜଣାଇଲେ। ସନ୍ନ୍ୟାସ ନେବା ପୂର୍ବରୁ ସେ ରାଜ୍ୟଭାର କାହାକୁ ଦେବେ ବୋଲି ଗୁରୁଙ୍କୁ ପ୍ରଶ୍ନ କରନ୍ତେ ଗୁରୁ କହିଲେ, ମୋତେ ଦେଇଦେ। ଶିବାଜୀ ଆଞ୍ଜୁଳାଏ ପାଣି ହାତରେ ଟେକିଦେଇ କହିଲେ- ହେ ଗୁରୁଦେବ! ଏ ସମଗ୍ର ରାଜ୍ୟ ମୁଁ ଆପଣଙ୍କ ହାତରେ ଅର୍ପଣ କରିଦେଲି। ତା'ପରେ ଏକ ଗେରୁଆ ବସ୍ତ୍ର ପରିଧାନ କରି ସନ୍ନ୍ୟାସ ଦୀକ୍ଷା ନେବାକୁ ଗୁରୁଦେବଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲେ। ଉପସ୍ଥିତ ସଭାସଦ୍ ଏବଂ ରାଜ୍ୟବାସୀ ଦୁଃଖରେ ମ୍ରିୟମାଣ ହୋଇ ପଡ଼ୁଥିଲେ। ଶିବାଜୀ ନିଜର ଦୈନନ୍ଦିନ ଚଳଣି ଲାଗି କିଛି ଅର୍ଥ ନେବାକୁ ଇଚ୍ଛାପ୍ରକଟ କଲେ। ଗୁରୁଦେବ ତତ୍‌କ୍ଷଣାତ୍ ଏହା ଉପରେ ରୋକ୍ ଲଗାଇ କହିଲେ, ଶିବାଜୀ ତୁମେ ତୁମର ସମଗ୍ର ରାଜ୍ୟ ମୋତେ ଦାନ କରିଦେଇଛ। ରାଜକୋଷ ଉପରେ ତୁମର କୌଣସି ଅଧିକାର ନାହିଁ। ତୁମେ କିଛି ନେଇପାରିବ ନାହିଁ। ଗୁରୁଦେବ କହିଲେ, ଶିବାଜୀ ମୁଁ ତୁମର ଗୁରୁ। ମୁଁ ଏ ରାଜ୍ୟର ଶାସନକର୍ତ୍ତା। ମୁଁ ଯାହା କହିବି, ତୁମେ ମାନିବାକୁ ବାଧ୍ୟ। ଯେହେତୁ ମୁଁ ଜଣେ ସନ୍ନ୍ୟାସୀ, ଏ ରାଜ୍ୟ ଚଳାଇବା ପାଇଁ ଜଣେ ଯୋଗ୍ୟ ଲୋକ ବାଛିବା ମୋର କର୍ତ୍ତବ୍ୟ। ଏ ରାଜ୍ୟକୁ ସୁଶାସନ ଦେବା, ରାଜ୍ୟର ସୀମାକୁ ସୁରକ୍ଷିତ ରଖିବା ଭଳି ବ୍ୟକ୍ତି ତୁମ ଛଡ଼ା ଆଉ କେହି ମୋ ଆଖିକୁ ଦେଖାଯାଉନାହାନ୍ତି। ତୁମକୁ ମୋର ସେବକ ଭାବରେ ଏ ରାଜ୍ୟର ଶାସନ ଏବଂ ସୁରକ୍ଷାଭାର ତୁମ ହାତରେ ହିଁ ଅର୍ପଣ କରୁଛି। ନଗରବାସୀଙ୍କର ଜୟଜୟକାର ଧ୍ୱନିରେ ରାଜ୍ୟ ପ୍ରକମ୍ପିତ ହୋଇ ଉଠିଲା। ଧନ୍ୟ ସେହି ଗୁରୁ, ଧନ୍ୟ ସେହି ଶିଷ୍ୟ।

ମହୁରା, ଭୁବନେଶ୍ୱର, ମୋ-୯୯୩୭୪୬୨୫୦୭

## ଏଇ ଭାରତରେ

ଉତ୍ତରପ୍ରଦେଶ ବରେଲିର ଇଜ୍ଜତନଗର ଥାନା ଅଞ୍ଚଳରେ ଏପରି ଏକ ଘଟଣା ଘଟିଛି ଯାହା ସମସ୍ତଙ୍କୁ ଚକିତ କଲାଭଳି। ନୁରୁଲ ହାସନ ନାମକ ଜଣେ ରିକ୍ସା ଚାଳକ ଫେସ୍‌ବୁକ୍‌ରେ ନିଜକୁ ଆଇପିଏସ୍ ଅଧିକାରୀ ବୋଲି ପରିଚୟ ଦେଇଥିଲେ। ଏହାପରେ ଯୁବତୀମାନେ ତାଙ୍କ ପ୍ରେମରେ ପଡ଼ିଥିଲେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ନୁରୁଲ ପ୍ରଥମେ ଫେସ୍‌ବୁକ୍‌ରେ ଆକାଉଣ୍ଟ ଖୋଲିବା ପରେ ଆଇପିଏସ୍ ବେଶରେ ଏକ ଫଟୋ ପକାଇ ପ୍ରୋଫାଇଲରେ ଆଇପିଏସ୍ ବୋଲି ଉଲ୍ଲେଖ କରିଥିଲେ। ଖୁବ୍ କମ୍‌ଦିନ ମଧ୍ୟରେ ତାଙ୍କର ପ୍ରାୟ ୫ଶହ ବନ୍ଧୁ ହୋଇ ଯାଇଥିଲେ। ଧୀରେ ଧୀରେ ଏହା ବଢି ୫ ହଜାରରେ ପହଞ୍ଚିଥିଲା। ଆଉ ଏହି ୫ ହଜାର ବନ୍ଧୁଙ୍କ ମଧ୍ୟରୁ ପ୍ରାୟ ସାଢେ ୩ ହଜାର ଥିଲେ ଯୁବତୀ। ଏମାନେ ନୁରୁଲଙ୍କୁ ଆଇପିଏସ୍ ଭାବି ତାଙ୍କ ପ୍ରେମରେ ପଡ଼ିଥିବା ସେ କୁହନ୍ତି। ତେବେ ଏହି ଯୁବତୀମାନଙ୍କ ମଧ୍ୟରୁ ଅନେକ ନୁରୁଲଙ୍କୁ ଆଇ ଲଭ୍ ୟୁ ମେସେଜ୍ ପଠାଇଥିବା ବେଳେ ନୁରୁଲ ମଧ୍ୟ ସେହି ସମାନ ମେସେଜ୍ ପୋଷ୍ଟ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବରେଲିର। ନୁରୁଲ କୁହନ୍ତି ସେ ହାଇସ୍କୁଲ ପାସ୍ କରିନାହାନ୍ତି। କିନ୍ତୁ ଅଳ୍ପକିଛି ଇଂଲିଶ ଜାଣିଛନ୍ତି। ତେବେ ଏ ସମସ୍ତ ଘଟଣା ତାଙ୍କ ସ୍ତ୍ରୀ ଜାଣିବା ପରେ ନୁରୁଲଙ୍କର ପାଖାପାଖି ୫ଟି ମୋବାଇଲ ଭାଙ୍ଗି ଦେଇଥିଲେ। ହେଲେ ଏତିକିରେ ସୁଧୁରି ନ ଥିଲେ ନୁରୁଲ। ଏହାପରେ ମଧ୍ୟ ସେ ଚାଟିଂ ଜାରି ରଖିଥିବାରୁ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ଏବେ ପୋଲିସ ତାଙ୍କୁ ଗିରଫ କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୪ ସେପ୍ଟେମ୍ବର ୧୯୯୪

- ବମ୍ବେ ବୋମା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ସନ୍ଦିଗ୍ଧ ବ୍ୟକ୍ତି ଅନ୍ତର୍ଜାତୀୟ ପୋଲିସ ସଂସ୍ଥା ଇଣ୍ଟରପୋଲ ଦ୍ୱାରା ଗିରଫ।
- ବିଶିଷ୍ଟ ବୈଜ୍ଞାନିକ ଏ.ଭି. ରାମାରାଓ ଜି. ମେହେଟ୍ଟା, ଜି.ଏସ୍. ଅଗ୍ରୱାଲା ୧୯୯୪ ମସିହାରେ ଗୋୟାଲ ପୁରସ୍କାର ପାଇବା ପାଇଁ ମନୋନୀତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | 9 | | 8 | | | | A | C | | | | | |
| | 5 | | | | | | | 8 | | 1 | | | | |
| | 4 | B | | | E | | | | D | | | | C | |
| 7 | | | | 0 | 4 | | 1 | | | 9 | | | | 8 |
| | | | 7 | 6 | | 5 | | 3 | | | B | E | 9 | |
| E | | | D | | 5 | 2 | 9 | | | | | 6 | | |
| | | | | | 7 | | | | 0 | 8 | | | | |
| | | D | E | | | B | 7 | 4 | | C | 3 | 9 | 2 | |
| B | | | | | | | | | A | | 5 | 8 | 7 | |
| | | | | A | | | D | | | | | | 5 | 4 |
| | | | | | | | | | | | 1 | | | |
| | | | | | | 4 | A | | | 5 | | B | D | |
| 3 | | | A | | | | | 6 | E | B | 0 | | | |
| 0 | | | | | | | C | 1 | | 7 | 8 | 2 | | |
| D | | C | 9 | | | | E | 2 | 3 | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 3 | E | 9 | 4 | 1 | D | C | 7 | A | 5 | 6 | B | 2 | 0 |
| D | 1 | C | 6 | 8 | 5 | E | 2 | A | 3 | 0 | B | 9 | 7 | 4 |
| 0 | 2 | 5 | 3 | B | 7 | 8 | 6 | 4 | 1 | 9 | D | E | A | C |
| A | 7 | B | C | D | 2 | 0 | 9 | 5 | E | 8 | 4 | 3 | 6 | 1 |
| 4 | 6 | 9 | 0 | E | A | 1 | B | 3 | 2 | C | 7 | D | 5 | 8 |
| B | 0 | 7 | 5 | 9 | 8 | C | 3 | E | 4 | 6 | 1 | 2 | D | A |
| 6 | 4 | A | B | C | 3 | 5 | D | 1 | 7 | 2 | 8 | 0 | E | 9 |
| 2 | 5 | 3 | 7 | 1 | D | B | 8 | 9 | 0 | A | E | 4 | C | 6 |
| E | C | D | 2 | A | 6 | 4 | 7 | 0 | 5 | B | 9 | 1 | 8 | 3 |
| 1 | 9 | 8 | 4 | 0 | E | 6 | A | 2 | D | 3 | C | 7 | B | 5 |
| 7 | 8 | 0 | E | 2 | 9 | A | 5 | 6 | B | 1 | 3 | C | 4 | D |
| 9 | B | 2 | D | 6 | 0 | 7 | 1 | C | 8 | 4 | A | 5 | 3 | E |
| 5 | A | 6 | 1 | 3 | B | 2 | 4 | D | C | E | 0 | 8 | 9 | 7 |
| C | D | 1 | A | 5 | 4 | 3 | E | 8 | 9 | 7 | 2 | 6 | 0 | B |
| 3 | E | 4 | 8 | 7 | C | 9 | 0 | B | 6 | D | 5 | A | 1 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚା ମାଧ୍ୟମରେ ଜନସମ୍ପର୍କ

ମହାଶୟ,

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୀଘା ସୈକତ ସହରକୁ ଗସ୍ତ କରିବା ଅବସରରେ ରାସ୍ତାକଡ଼ରେ ଥିବା ଏକ ଚା ଦୋକାନରେ ଚା ତିଆରି କରି ନିଜେ ପିଇ ସହଯାତ୍ରୀମାନଙ୍କୁ ମଧ୍ୟ ଆପ୍ୟାୟିତ କରିବା ଖବର ପ୍ରକାଶ ପାଇଛି। ଆମ ଦେଶରେ ଦରିଦ୍ର ଲୋକଙ୍କଠାରୁ ଧନୀ ଲୋକ ପର୍ଯ୍ୟନ୍ତ ଉଣା ଅଧିକେ ଚା ପିଇବାରେ ଅଭ୍ୟସ୍ତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଲାଦିନେ ଚା ବିକୁଥିଲେ ଏବଂ ଚାଇନା ରାଷ୍ଟ୍ରପତିଙ୍କୁ ଚା ନିଜେ ତିଆରି କରି ଖୁଆଇଥିବାର ଗଣମାଧ୍ୟମରେ ପ୍ରଦର୍ଶିତ ଦୃଶ୍ୟ ଭୁଲିବାର ନୁହେଁ। ତେଣୁ ରାଜ୍ୟରେ ନିଜର ଜନପ୍ରିୟତା ହ୍ରାସ ପାଉଥିବା ପରିପ୍ରେକ୍ଷୀରେ ମମତା ବାନାର୍ଜୀ ଚା ମାଧ୍ୟମରେ ଜନସମ୍ପର୍କ ବଢ଼ାଇବାର ଚେଷ୍ଟା କରିଥିବା ପରି ମନେହୁଏ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଦେଢ଼ଘଣ୍ଟା ଅଯୌକ୍ତିକ

କଥାରେ ଅଛି 'ନ ଦେଖିଲା ଲୋକ ଦେଖ, କଇଁଚ କାଡ଼ିଚି ବେକ'। ବର୍ତ୍ତମାନ ସରକାର ଯେଉଁ ଶିକ୍ଷାନୀତି ପ୍ରଚଳନ କରିବାକୁ ଯାଉଛନ୍ତି, ତାହା ଏ ଆଖି କେବେ ଦେଖି ନ ଥିଲା। ଇଂଲିଶ, ଗଣିତ ଓ ବିଜ୍ଞାନ ବିଷୟରେ ଶିକ୍ଷାଦାନ ପାଇଁ ପିରିୟଡକୁ ପଇଁଚାଳିଶ ମିନିଟ୍ ପରିବର୍ତ୍ତେ ଦେଢ଼ଘଣ୍ଟା କରିବାକୁ ସରକାର ଘୋଷଣା କରିଛନ୍ତି, ଯାହା ଆଦୌ ଯୁକ୍ତିଯୁକ୍ତ ନୁହେଁ। ପ୍ରଧାନ କାରଣ ହେଲା ଦୀର୍ଘ ସମୟ ଗୋଟିଏ ବିଷୟ ଶିକ୍ଷାଦାନ ଉଭୟ ଶିକ୍ଷକ ଓ ଛାତ୍ରଙ୍କୁ ଭାରାକ୍ରାନ୍ତ କରିବ। 'ବାପା ରାଣ ଢିଙ୍କି ଗିଳ' ଭଳି ବସି ବସି ସମସ୍ତେ ସମୟ ଅପଚୟ କରିବେ। ଏତେ ସମୟ ଧରି ମାନସିକ ସ୍ଥିରତା ଆଦୌ ରହିବନି। ତା'ଛଡ଼ା ତିନୋଟି ବିଷୟ ପାଇଁ ସାଢ଼େ ଚାରି ଘଣ୍ଟା ଗଲେ ଅନ୍ୟ ବିଷୟ କେତେବେଳେ ପଢ଼ା ହେବ? ପୁଣି ଅଧିକାଂଶ ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ତେଣୁ ସବୁଠୁ ଭଲହେବ ସରକାର ଏ ବିଷୟଗୁଡ଼ିକର ପିରିୟଡ ସଂଖ୍ୟା ବଢ଼ାନ୍ତୁ ପଛେ ଦେଢ଼ଘଣ୍ଟା ଆଦୌ କରନ୍ତୁ ନାହିଁ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### କଠୋର ଶାସ୍ତି ଦିଆଯାଉ

ସରକାରୀ ଯୋଜନାରୁ ସୁଫଳ ପାଇବା ପାଇଁ କରାଯାଉଥିବା ଅନୁସନ୍ଧାନ ତ୍ରୁଟିପୂର୍ଣ୍ଣ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପ୍ରିୟାପ୍ରୀତି ଓ ଜାଲିଆତି ପ୍ରତି ଦୃଷ୍ଟି ଦିଆଯାଉ। ଅନଭିଜ୍ଞ ଗ୍ରାମ୍ୟ କ୍ଷେତ୍ର କର୍ମଚାରୀଙ୍କ ଖାମଖିଆଲି କାର୍ଯ୍ୟରେ ଲକ୍ଷ୍ୟସ୍ଥଳରେ ଯୋଜନା ପହଞ୍ଚିପାରୁ ନାହିଁ।

ରମେଶଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପ୍ରିୟଜନଙ୍କଠାରୁ ବହୁକାଳ ଧରି ବିଚ୍ଛେଦ ହିଁ ମନୁଷ୍ୟକୁ ମୃତ୍ୟୁର ସ୍ୱାଦ ବିଷୟରେ ଧାରଣା ଦେଇଥାଏ।
- ଜନ୍‌ଶନ



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୧୧ତମ କଟନ ଫେବ-୨୦୧୯, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ଏୟାର ସ୍କ୍ୱାର୍ଡନ ଏନ୍‌ସିସି ପକ୍ଷରୁ ସାର୍ଟିଫିକେଟ ପ୍ରଦାନ ଉତ୍ସବ, ଏକାମ୍ର କଲେଜ, ଭୀମଟାଙ୍ଗୀ, ପୁରୁଣା ଭୁବନେଶ୍ୱର, ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ରୁରାଲ ଡେଭେଲପମେଣ୍ଟ ପ୍ରୋଗ୍ରାମ ଟ୍ରଷ୍ଟ ପକ୍ଷରୁ ସାର୍ଟିଫିକେଟ ପ୍ରଦାନ ଉତ୍ସବ, ରେଲ ଅଡିଟୋରିୟମ, ପ୍ରସାର ଭାରତୀ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ୪୫ତମ ପ୍ରତିଷ୍ଠା ଦିବସ, ଅନୁଷ୍ଠାନର ଅଡିଟୋରିୟମ ହଲ, ଅପରାହ୍ନ ୫ଟା।
- ସୋମନାଥ ଯୁବ ପରିଷଦ ପକ୍ଷରୁ ଗଣେଶ ପୂଜା ଅବସରରେ ଡ୍ୟାନ୍ସ ଧମାକା, ସମେଇଗଡ଼ିଆ, ସନ୍ଧ୍ୟା ୭ଟା।
- ଜୀବନରେଖା ନାଟ୍ୟ ସଂସ୍ଥାର ନାଟକ ପରିବେଷଣ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୩୦।

## ବନ୍ଧୁକ ଲଗାଇ ଯୁବତୀଙ୍କୁ ଅପହରଣ

**ଗୋପ,୩।୯(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ଗୋପ- ବାଲିଘାଇ ରାସ୍ତାରୁ ମଙ୍ଗଳବାର ୬ଜଣ ଯୁବକ ବନ୍ଧୁକ ଲଗାଇ ଜଣେ ଯୁବତୀଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଛି। ପୋଲିସ ଖବରପାଇ ପ୍ରାଥମିକ ତଦନ୍ତରେ ଯୁବତୀଙ୍କୁ ବଳଙ୍ଗା ଥାନା ଅଞ୍ଚଳର ଗୋଟିଏ ଅନ୍ଧାର ଘରୁ ଉଦ୍ଧାର କରିଥିବାବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଯୁବତୀ ଜଣକ ନିଜ ସ୍କୁଟି(ନଂ ଓଡି ୧୩କେ ୨୧୯୪)ରେ ମଦରଙ୍ଗ ଗ୍ରାମ ନିକଟ ଏକ ଏନ୍‌ଜିଓ ସଂସ୍ଥାକୁ ଟଙ୍କା ବାନ୍ଧିବାକୁ ଯାଉଥିଲେ। ମାତ୍ର ନେତପୁର ନିକଟରେ ୨ଟି ବାଇକ୍‌ରେ ୬ଜଣ ଯୁବକ ଆସି ତାଙ୍କୁ ଅଟକାଇବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ଗାଡିରୁ ୩୦ହଜାର ଟଙ୍କା ନେଇଯାଇଥିଲେ। ଏହାସହ ଯୁବତୀଙ୍କୁ ମଧ୍ୟ ଅପହରଣ କରି ବଳଙ୍ଗା ଅଞ୍ଚଳର ନିଛାଟିଆ ସ୍ଥାନର ଏକ ଘରେ ରଖି ଧମକଚମକ ଦେଉଥିଲେ। କିନ୍ତୁ ଯୁବତୀଜଣକ କୌଶଳକ୍ରମେ ନିଜ ମୋବାଇଲ ମାଧ୍ୟମରେ ପରିବାର ଲୋକଙ୍କୁ ଜଣାଇଥିଲେ। ଫଳରେ ପରିବାର ଲୋକେ ପୋଲିସକୁ କହିବା ପରେ ଗୋପ ଥାନାଧିକାରୀ ସୁଧୀର ରଞ୍ଜନ ସାହୁ ଏକ ଟିମ ସହ ଉକ୍ତ ସ୍ଥାନରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିବା ସହ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିଥିଲେ। ଅପହୃତା ଯୁବତୀଙ୍କ ଅଭିଯୋଗ ଓ ରିପୋର୍ଟ ଲେଖାହେବା ମଧ୍ୟରେ ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ ହୋଇ ନାହିଁ। ଏ ନେଇ ଥାନାଧିକାରୀ ସାହୁ କୁହନ୍ତି, ଘଟଣାର ଅଧିକ ତଦନ୍ତ ପାଇଁ ମୁଖ୍ୟ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଥିବାବେଳେ ଅନ୍ୟ ୫ଜଣ ଫେରାର ହୋଇଯାଇଛନ୍ତି।

## ସିଲିଣ୍ଡର ଫାଟି ୩ ଆହତ

**ଜଟଣୀ,୩।୯(ଡି.ଏନ.ଏ.):** ଜଟଣୀ ଥାନା ତିରିମଲ ଗ୍ରାମ ତଳସାହିର ଥିବା ମେଳଣ ପଡିଆରେ ମଙ୍ଗଳବାର ସନ୍ଧ୍ୟାରେ ଗ୍ୟାସ୍ ସିଲିଣ୍ଡର ଫାଟି ୩ ଜଣ ଆହତ ହୋଇଛନ୍ତି। ମନସ ଛୋଟରାୟ ରୋଷେଇ ପାଇଁ ଗ୍ୟାସ୍ ଚୁଲା ଲଗାଇବା ବେଳେ ନିଆଁ ଲାଗି ସିଲିଣ୍ଡରଟି ଫାଟି ଯାଇଥିଲା। ଫଳରେ ରାମଚନ୍ଦ୍ର ଗୁରୁତର ହୋଇଥିବା ବେଳେ ତାଙ୍କ ପରିବାରର ଆଉ ଦୁଇଜଣ ସାମାନ୍ୟ ଆହତ ହୋଇଛନ୍ତି। ଆହତମାନଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସିଲିଣ୍ଡର ପାଇପ୍‌ରୁ ଗ୍ୟାସ୍ ନିର୍ଗତ ହୋଇ ଏପରି ହୋଇଥିବା ଅନୁମାନ କରାଯାଉଛି।

# ବିଶ୍ୱରେ ୪୦% ସାମୁଦ୍ରିକ ବନ୍ୟପ୍ରାଣୀ କ୍ଷତିଗ୍ରସ୍ତ

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ଆଜି ଜାତୀୟ ବନ୍ୟପ୍ରାଣୀ ଦିବସ। ପ୍ରତିବର୍ଷ ସେପ୍ଟେମ୍ବର ୪କୁ ବନ୍ୟପାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ପାଳନ କରାଯାଉଛି। ଏଥର ଏହି ଦିବସ ଥିମ୍ ରହିଛି 'ଲାଇଫ୍ ବିଲୋ ୱାଟର: ଫର୍ ପିପୁଲ ଆଣ୍ଡ୍ ପ୍ଲାନେଟ୍'। ପ୍ରଥମଥର ବନ୍ୟପ୍ରାଣୀ ଦିବସରେ ପାଣି ତଳର ଜୀବନ ଉପରେ ଗୁରୁତ୍ୱାରୋପ କରାଯାଉଛି।

ସମୁଦ୍ରରେ ପ୍ରାୟ ୨ଲକ୍ଷ ପ୍ରଜାତିର ପ୍ରାଣୀ ରହୁଥିବା ଚିହ୍ନଟ କରାଯାଇଥିବାବେଳେ ବାସ୍ତବ ସଂଖ୍ୟା ବହୁଗୁଣ ଅଧିକ ହେବ। ବିଶ୍ୱରେ ସାମୁଦ୍ରିକ ଏବଂ ଉପକୂଳ ସମ୍ପଦ ତଥା ଶିଳ୍ପରୁ ୩ ଟ୍ରିଲିୟନ ଆମେରିକୀୟ ଡଲାର କାରବାର ହୋଇଥାଏ। ସେହିପରି ୩ ବିଲିୟନରୁ ଅଧିକ ଲୋକ ସାମୁଦ୍ରିକ ତଥା ଉପକୂଳ ଜୈବ ବିବିଧତା ଉପରେ ନିର୍ଭର କରନ୍ତି। ସାମୁଦ୍ରିକ ବନ୍ୟପ୍ରାଣୀ ମାନବ ସଭ୍ୟତାକୁ କାହିଁ କେଉଁ କାଳରୁ ଖାଦ୍ୟ ଓ ପୋଷଣ, କୁଟୀର ଓ ନିର୍ମାଣ ଶିଳ୍ପ, ଆଦିରେ ଋଦ୍ଧିମନ୍ତ କରି ଆସିଛି। ଏହା ଆମ ଜୀବନରେ ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ଆମୋଦ ପ୍ରମୋଦକୁ ରୁଚିପୂର୍ଣ୍ଣ ମଧ୍ୟ କରି ଆସିଛି। ତେବେ ପାଣି ତଳର ଜୀବନ ବା ସାମୁଦ୍ରିକ ବନ୍ୟପ୍ରାଣୀ ଏବେ ଘୋର ସଂକଟରେ ପଡ଼ିଛନ୍ତି। ମଣିଷର ମାତ୍ରାଧିକ ହସ୍ତକ୍ଷେପ ଫଳରେ ସାମୁଦ୍ରିକ ବନ୍ୟପ୍ରାଣୀ ଆଜି ବିପଦାପନ୍ନ। ବିଭିନ୍ନ କାରଣରୁ ପ୍ରାୟ ୪୦% ସାମୁଦ୍ରିକ ବନ୍ୟପ୍ରାଣୀ କ୍ଷତିଗ୍ରସ୍ତ ହେଲେଣି। ସାମୁଦ୍ରିକ ବନ୍ୟପ୍ରାଣୀଙ୍କୁ ଅତ୍ୟଧିକ ବ୍ୟବହାର, ପ୍ରଦୂଷଣ, ଉପକୂଳ ବାସସ୍ଥାନ ନଷ୍ଟ ଏବଂ ଜଳବାୟୁ ପରିବର୍ତ୍ତନ ଆଦି ଏହାର ପ୍ରମୁଖ କାରଣ। ଏହାଦ୍ୱାରା ସାମୁଦ୍ରିକ ଜୀବଜଗତ ଉପରେ ଜୀବିକା ପାଇଁ ନିର୍ଭର କରୁଥିବା ଲୋକେ ନିଶ୍ଚୟ ପ୍ରଭାବିତ ହେବେ। ତେଣୁ ଏସବୁ ବିଷୟରେ ଜାଣିବା ତଥା ଅନ୍ୟମାନଙ୍କୁ ସଚେତନତା ବାର୍ତ୍ତା ଦେବାପାଇଁ ଏଥର ବନ୍ୟପ୍ରାଣୀ ଦିବସ ବହୁ ଗୁରୁତ୍ୱ ବହନ କରିବ।

ଓଡ଼ିଶାର ୪୮୦ କିମିର ସୁଦୀର୍ଘ ବେଳାଭୂମି ବି ପ୍ରଦୂଷିତ ହେବାରେ ଲାଗିଛି। କୁଢ଼କୁଢ଼ ଆବର୍ଜନା ସାଙ୍ଗକୁ ସମୁଦ୍ରରେ ମିଶୁଥିବା ନାଳନର୍ଦ୍ଦମା ପାଣି ଅଲିଭ୍ ରିଡ୍‌ଲେ, ଡଲ୍‌ଫିନ୍, ସାର୍କ, ହ୍ୱେଲ୍, ପର୍ପୋଏଜ ଭଳି ସାମୁଦ୍ରିକ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ଗୋପାଳପୁର, ଚାନ୍ଦିପୁର, ପାରାଦୀପ, ଚନ୍ଦ୍ରଭାଗା ପରି ପ୍ରମୁଖ ବେଳାଭୂମିର ସୁରକ୍ଷା ଏବେ ଜରୁରୀ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ଆମ ରାଜ୍ୟରେ ସାମୁଦ୍ରିକ ବନ୍ୟପ୍ରାଣୀଙ୍କ ମଧ୍ୟରୁ ଅଲିଭ୍ ରିଡ୍‌ଲେ ଓ ଡଲ୍‌ଫିନ୍ ହେଉଛି ମୁଖ୍ୟ ବନ୍ୟପ୍ରାଣୀ। ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ଏହି ଦୁଇ ବନ୍ୟପ୍ରାଣୀଙ୍କର ଗଣନା ମଧ୍ୟ ହୋଇଥାଏ। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୭-୧୮ ଗଣନା ଅନୁଯାୟୀ, ଆମ ରାଜ୍ୟରେ ୭ ପ୍ରଜାତିର ୪୬୯ ଡଲ୍‌ଫିନ୍ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଇରାୱାଡ଼ି ଡଲ୍‌ଫିନ ସଂଖ୍ୟା ୧୬୩। ସେହିପରି ୧୧ଲକ୍ଷ ୧୦ହଜାର ଅଲିଭ୍ ରିଡ୍‌ଲେ ଅଛନ୍ତି। ତେବେ ପର୍ଯ୍ୟଟକଙ୍କ ପାଇଁ ବ୍ୟବହାର ହେଉଥିବା ମୋଟରବୋଟ୍ ଯୋଗୁ ଏହି ଦୁଇ ସାମୁଦ୍ରିକ ବନ୍ୟପ୍ରାଣୀ ବିପଦରେ ଅଛନ୍ତି।

## ଆଜି ଜାତୀୟ ବନ୍ୟପ୍ରାଣୀ ଦିବସ

- ସଂକଟରେ ଓଡ଼ିଶାର ଅଲିଭ୍ ରିଡ୍‌ଲେ, ଡଲ୍‌ଫିନ
- ସୁରକ୍ଷା ପାଇଁ ବିକଳ୍ପ ବ୍ୟବସ୍ଥା ଲୋଡ଼ା



### ବର୍ଷକୁ ମରୁଛନ୍ତି ୫ହଜାର କଇଁଛ



ରାଜ୍ୟ ସରକାରଙ୍କ ଅବହେଳା, ପାଟ୍ରୋଲିଂ ଅଭାବ ଓ ବେଆଇନ ମାଛଧରା ପାଇଁ ବର୍ଷକୁ ପ୍ରାୟ ୫ହଜାର ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ଘଟୁଛି। ଅନେକ କଇଁଛ ଟ୍ରଲର ଧକ୍କାରେ ମରୁଛନ୍ତି। ଟ୍ରଲରଗୁଡ଼ିକ ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ(ଟିଇଡି) ବ୍ୟବହାର କରୁ ନାହାନ୍ତି। ଏହି ଡିଭାଇସକୁ ବ୍ୟବହାର କଲେ କଇଁଛ ଟ୍ରଲରରେ ବାଜି ଏକ ଜାଲରେ ରହିବା ପରେ ପଳେଇ ଯାଇପାରିବେ। କିନ୍ତୁ ଏମାନଙ୍କୁ ସୁରକ୍ଷା ଦେବାରେ ବିଭାଗ ଫେଲ୍ ମାରୁଛି। ସେହିପରି ଇରାୱାଡ଼ି ଡଲ୍‌ଫିନ ମଧ୍ୟ ସଙ୍କଟରେ ପଡ଼ିଲେଣି। ଡଲ୍‌ଫିନ୍ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ପ୍ରାୟ ୮୦୦ ମୋଟର ବୋଟ୍ ଚଳାଚଳ କରୁଛି। ବୋଟ ମାଡ଼ ସହ ଏଥିରୁ ନିର୍ଗତ ତେଲ ଓ ଧୂଆଁ ଏମାନଙ୍କ ପାଇଁ ବିପଦ ସାଜିଛି। ମୋଟର ବୋଟ୍ ସଂଖ୍ୟାକୁ ନିୟନ୍ତ୍ରଣ କରାଯିବା ସହ ବ୍ୟାଟେରିଚାଳିତ ବୋଟ୍ ବ୍ୟବହାର କରାଗଲେ ଏମାନଙ୍କ ସୁରକ୍ଷା ସ୍ୱାଭାବିକ ହୋଇପାରିବ।

- ବିଶ୍ୱଜିତ ମହାନ୍ତି, ବନ୍ୟପ୍ରାଣୀ ବିଶେଷଜ୍ଞ

### ସାମୁଦ୍ରିକ ପ୍ରାଣୀ ପାଇଁ ବିପଦ ପଲିଥିନ



ଓଡ଼ିଶା ଉପକୂଳରେ ବିଭିନ୍ନ ପ୍ରକାର ବନ୍ୟପ୍ରାଣୀ ଦେଖାଯାଆନ୍ତି। ତେବେ ସମୁଦ୍ର ଭିତରେ ରହୁଥିବା ସାର୍କ, ହ୍ୱେଲ ଭଳି ଜୀବଜନ୍ତୁଙ୍କୁ ଆମେ ସୁରକ୍ଷା ଦେବାରେ ସଫଳ ହୋଇପାରୁନୁ। ଏମାନେ ସମୁଦ୍ରର ବହୁ ଭିତରେ ରହୁଥିବାରୁ ଆମ ଅଧିକାରରେ ଆସୁନାହାଁ। ସମୁଦ୍ର ଭିତରେ କେବଳ ୫ କିଲୋମିଟର ପର୍ଯ୍ୟନ୍ତ ଆମେ ଯାଇପାରିବୁ। ତେଣୁ ଏମାନଙ୍କୁ ସୁରକ୍ଷା ଦେବା ଆମପାଇଁ କଷ୍ଟକର। ଓଡ଼ିଶା ଉପକୂଳରେ ବିଶେଷ କରି ପଲିଥିନ ଯୋଗୁ ସାମୁଦ୍ରିକ ବନ୍ୟପ୍ରାଣୀ ବିପଦରେ ରହୁଛନ୍ତି।

- ହର୍ଷ ବର୍ଦ୍ଧନ ଉଦ୍‌ଗାତା, ବନଖଣ୍ଡ ଅଧିକାରୀ, ପୁରୀ

# ୧୦ଜଣଙ୍କୁ ଦଧୀଚି ପ୍ରତିଭା ସମ୍ମାନ




କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଅତିଥିମାନେ 'ଦଧୀଚି ଶିକ୍ଷା ଜ୍ୟୋତି ସମ୍ମାନ' ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର,୩।୯(ବ୍ୟୁରୋ)**

ଦଧୀଚି ଏଜୁକେଶନାଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ୨ୟ ଦଧୀଚି ପ୍ରତିଭା ସମ୍ମାନ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ହ୍ୱାଇଟ୍ କାନ୍‌ଭାସ୍ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଗି ଓଡ଼ିଶାର ୧୦ ପ୍ରତିଭାଙ୍କୁ ଦଧୀଚି ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଜଣେ କୃତୀ ବିଦ୍ୟାର୍ଥୀକୁ ସମ୍ବର୍ଦ୍ଧିତ କରାଯାଇଥିଲା।

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ୨୦୧୯ ମସିହା ଲାଗି ଦଧୀଚି ଶିକ୍ଷା ଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସମାଜକୁ ଦଧୀଚି ଆଦର୍ଶ ଜ୍ୟୋତି ସମ୍ମାନ, ପଦ୍ମଶ୍ରୀ ଦୈତାରି ନାୟକଙ୍କୁ ଦଧୀଚି ସେବା ଜ୍ୟୋତି ସମ୍ମାନ, ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଦଧୀଚି କୃଷି ଜ୍ୟୋତି ସମ୍ମାନ, ରୁଚିର ପ୍ରତିଷ୍ଠାତା ତଥା ଶିଳ୍ପପତି ଡ. ଶରତ କୁମାର ସାହୁଙ୍କୁ ଦଧୀଚି ଶିଳ୍ପ ଜ୍ୟୋତି ସମ୍ମାନ, ଆଇଟିଆରର ନିର୍ଦ୍ଦେଶକ ଡ. ବିନୟ କୁମାର ଦାସଙ୍କୁ ଦଧୀଚି ବିଜ୍ଞାନ ଜ୍ୟୋତି ସମ୍ମାନ, ଚିକିତ୍ସାବିତ ଡା. ଶୁକଦେବ ନାୟକଙ୍କୁ ଦଧୀଚି ଚିକିତ୍ସା ଜ୍ୟୋତି ସମ୍ମାନ, ଲେଖକ ତଥା ସଂସ୍କୃତି ଗବେଷକ ଅସିତ୍ ମହାନ୍ତିଙ୍କୁ ଦଧୀଚି ସାହିତ୍ୟ ଜ୍ୟୋତି ସମ୍ମାନ, ସାମ୍ବାଦିକ ଦୀପକ କୁମାର ରଥଙ୍କୁ ଦଧୀଚି ସାମ୍ବାଦିକ ସମ୍ମାନ, ସେନା ଅଧିକାରୀ ଭାଗବତ ସାହୁଙ୍କୁ ଦଧୀଚି ସେବା ଜ୍ୟୋତି ସମ୍ମାନ ଏବଂ ଦଧୀଚିର ଫାର୍ମାସୀ ବିଭାଗର ଛାତ୍ର ବିଶ୍ୱବିଜୟୀ ସ୍ୱାଇଁଙ୍କୁ ଦଧୀଚି ଶିକ୍ଷା ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଲୋକସେବକ ମଣ୍ଡଳର ସମ୍ପାଦକ ନିରଞ୍ଜନ ରଥ, ସମ୍ମାନିତ ଅତିଥିଭାବେ ବିପିୟୁଟିର କୁଳପତି ଡ. ଚିତ୍ତରଞ୍ଜନ ତ୍ରିପାଠୀ, ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାଶ ଓ ପୁରୀ ଗୋବର୍ଦ୍ଧନ ମଠ ଆଦିତ୍ୟ ବାହିନୀର ମହାସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ଦଧୀଚି ଏଜୁକେଶନାଲ ଟ୍ରଷ୍ଟର ଅଧ୍ୟକ୍ଷ ମନୋଜ କୁମାର ଦାଶ ଅଧ୍ୟକ୍ଷ ଓ ଦଧୀଚି ଗ୍ରୁପ୍‌ର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ବବିତା ଦାଶ ଧନ୍ୟବାଦ ଦେଇଥିଲେ। ଉଲ୍ଲାସ ଚନ୍ଦ୍ର ବେହୁରା ଓ ସେଫାଳି ଉଦ୍‌ଗାତା ଉପସ୍ଥାପନା କରିଥିଲେ।

## ଆଉ ୨୦ ଏୟାରପୋର୍ଟରେ ପ୍ଲାଷ୍ଟିକ ଉପରେ ପ୍ରତିବନ୍ଧକ

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ନିଷିଦ୍ଧକୁ ଜୋର ଦେଉଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ରେଲୱେ ଷ୍ଟେଶନ, ଏୟାରପୋର୍ଟ ଆଦି ପ୍ରମୁଖ ସ୍ଥାନରେ ଏହାକୁ ନିଷିଦ୍ଧ କରିବାକୁ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଅନେକ ରେଳ ଷ୍ଟେଶନରେ ଏବେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଉପରେ ପ୍ରତିବନ୍ଧକ ଲାଗି ସାରିଲାଣି। ଏହି ପ୍ରକ୍ରିୟାରେ ବିମାନ ବନ୍ଦରଗୁଡିକ ଖୁବ ସକ୍ରିୟ ରହିଛନ୍ତି। ପୂର୍ବରୁ ଦେଶର ୩୫ଟି ବିମାନ ବନ୍ଦରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଉପରେ ପ୍ରତିବନ୍ଧକ ଲାଗିସାରିଛି। ମଙ୍ଗଳବାର ଆହୁରି ୨୦ଟି ବିମାନ ବନ୍ଦର ଏହି ସ୍ୱୀକୃତି ହାସଲ କରିଛନ୍ତି। ଏ ସଂପର୍କରେ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହି ବିମାନ ବନ୍ଦରଗୁଡିକ ହେଉଛି ପ୍ରୟାଗରାଜ (ଆଲ୍ଲାହାବାଦ), ଔରଙ୍ଗାବାଦ, ବେଲଗାଓଁ, ଭୂଜ, ଡିବ୍ରୁଗଡ, ଦୀମାପୁର, ଗୟା, ଗୋରଖପୁର, ଜବଲପୁର, ଜାମନଗର, ଯୋଧପୁର, ଜୋରହାଟ, କାଙ୍ଗ୍ରା, ଖଜୁରାହୋ, ଲେହ, ରାଜାମନ୍ଦ୍ରୀ, ରାଜକୋଟ, ସିଲଚାର, ସୁରତ ଓ ଟୁଟିକୋରିନ। ସୂଚନାଯୋଗ୍ୟ ଭୁବନେଶ୍ୱର ଏୟାରପୋର୍ଟ ପ୍ରଥମ ପର୍ଯ୍ୟାୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ନିଷିଦ୍ଧ ବୋଲି ସ୍ୱୀକୃତି ପାଇସାରିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ବାପୁଜୀ



ଶୁଭଶ୍ରୀ



ଚିଉ



ରାହୁଲ



ଉଜାଲାଲ



ପ୍ରଦୀପ



ସାନ୍



କୁନା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ

www.dharitri.com/category/selfie/

## ଶ୍ରୀଲିଙ୍ଗରାଜଙ୍କ ଜମିରେ ୧୪୪ ଧାରା ଲାଗିବା ଘଟଣା

# ନିର୍ମାଣ କାମକୁ ନେଇ ଠାକୁରଙ୍କ ନୀତି ବନ୍ଦ

**ପୁରୁଣା ଭୁବନେଶ୍ୱର, ୩। ୯ (ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜଙ୍କ ଜମି ଉପରେ ନିର୍ମାଣାଧୀନ ଗୃହକୁ ନେଇ ୧୪୪ ଧାରା ଜାରି ସତ୍ତ୍ୱେ ସେଠାରେ କାମ ବନ୍ଦ ହେଉନାହିଁ। ଏହାକୁ ବିରୋଧ କରି ବ୍ରାହ୍ମଣ ଓ ପୂଜାପଣ୍ଡା ନିଯୋଗ ମଙ୍ଗଳବାର ସକାଳୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ବନ୍ଦ କରି ଦେଇଛନ୍ତି। ସକାଳ ୬ଟାରେ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତି ଆଳତି ଓ ଅବକାଶ ପରେ କୋଠ ରୋଷ ହୋମ ହୋଇଥିଲା। ସେତେବେଳକୁ ସକାଳ ସାଢେ ୭ଟା ହୋଇଥିଲା। ଏହାପରଠାରୁ ଠାକୁରଙ୍କ ସମସ୍ତ ନୀତିକାନ୍ତି ରାତି ୧୨ ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ଖବର ମୁତାବକ, ଶ୍ରୀଲିଙ୍ଗରାଜଙ୍କ ମାଲିକାନାରେ ଗଙ୍ଗୁଆ ବ୍ରିଜ୍ ନିକଟ ନୂଆଗାଁ ମୌଜାରେ ଠାକୁରଙ୍କ ୨ ଏକର ଜମି ରହିଛି। ଏହା ଉପରେ ବଢ଼ୁ ନିଯୋଗର ଜଣେ ସେବାୟତ କୋଠାଘର ନିର୍ମାଣ କରୁଥିଲେ। ମନ୍ଦିର ପ୍ରଶାସନ କୋର୍ଟଙ୍କ ଆଶ୍ରୟ ନେବା ପରେ ଉକ୍ତ ଜାଗା ଉପରେ ୧୪୪ ଧାରା ଲାଗୁ ହୋଇଥିଲା। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ଥିବାବେଳେ ଶନିବାର ସମ୍ପୃକ୍ତ ସେବାୟତ ୧୪୪ ଧାରା ଭଙ୍ଗ କରି ସେଠାରେ ନିର୍ମାଣ କାମ ଆରମ୍ଭ କରିଥିଲେ। ଏହାକୁ ବିରୋଧ କରି ମଙ୍ଗଳବାର ପୂଜାପଣ୍ଡା ନିଯୋଗ ଓ ବ୍ରାହ୍ମଣ ନିଯୋଗ ପକ୍ଷରୁ ନୀତିକାନ୍ତିରେ ଅସହଯୋଗ ପୂର୍ବକ ନୀତି ବନ୍ଦ କରାଯାଇଥିଲା। ଖବର ଲେଖା ହେଲା ବେଳକୁ ମନ୍ଦିର ପ୍ରଶାସନ ପକ୍ଷରୁ ଏକ ଅନୁରୋଧ ପତ୍ର ଉଭୟ ନିଯୋଗକୁ ପ୍ରଦାନ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିପାରିନାହିଁ। ପୂର୍ବବତ୍ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କୁହନ୍ତି, ଜାଗାଟି ସମ୍ପୂର୍ଣ୍ଣ ଶ୍ରୀଲିଙ୍ଗରାଜଙ୍କର। ତାହା ଉପରେ ଚଞ୍ଚକତା ପୂର୍ବକ ୬୦ ଦିନ ପରିବର୍ତ୍ତେ ଅଧା ଦିନରେ ୧୪୪ ଧାରା ହଟାଇ ସମ୍ପୃକ୍ତ ବ୍ୟକ୍ତି ଗୃହ ନିର୍ମାଣ ଆରମ୍ଭ କରିଛନ୍ତି। ଯଦିଓ ୧୪୪ ଧାରା ଉଠାଯାଇଛି ତେଣୁ ମାମଲା ସିଭିଲ୍ କୋର୍ଟ ଯିବାକୁ ଅର୍ଡର ମଧ୍ୟ ରହିଛି। ମାମଲା ବିଚାରାଧୀନ ଥିବାବେଳେ ଏହି ନିର୍ମାଣ କାର୍ଯ୍ୟକୁ ଆମ୍ଭେ ବିରୋଧ କରୁଛୁ। ତେଣୁ ନିର୍ମାଣ କାର୍ଯ୍ୟ ବନ୍ଦ ହେବା ନ ଯାଏ ନୀତିରେ ନିଯୋଗ ପକ୍ଷରୁ ଅସହଯୋଗ ଜାରି ରହିବ। ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କୁହନ୍ତି, ଠାକୁରଙ୍କ ଜମି ଠାକୁରଙ୍କ ତହବିଲକୁ ଫେରିଆସୁ। ବେଆଇନ ଜାଗାରେ ନିର୍ମାଣ କାର୍ଯ୍ୟକୁ ଭଙ୍ଗାଯାଇ ପୂର୍ବ ଅବସ୍ଥା ରହୁ। ଏହାପରେ ଆମେ ନୀତିରେ ସହଯୋଗ କରିବୁ। ଏ ନେଇ ବଢ଼ୁ ନିଯୋଗ ସମ୍ପାଦକ ଗୃହ ନିର୍ମାଣ କାର୍ଯ୍ୟ କରୁଥିବା ସେବାୟତ କମଳାକାନ୍ତ ବଢ଼ୁ କୁହନ୍ତି, କେସ୍ ଡ୍ରପ ହେଲା ଅର୍ଥାତ୍ ଆମ ସପକ୍ଷରେ ଗଲା। କୋର୍ଟ ଜାଗା ଉପରେ ମନ୍ଦିର ପ୍ରଶାସନକୁ ସିଭିଲ୍ କୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଉପର କୋର୍ଟକୁ ଯିବାକୁ। ତେଣୁ ଆଇନକୁ ସମ୍ମାନ ଦେଇ ବିନା ଅଙ୍କୁଶ ନ ଥାଇ କାର୍ଯ୍ୟ ଆରମ୍ଭ କରିଛୁ। ଏବେ ବି ଉପର କୋର୍ଟରେ ସମ୍ମାନ ଦେଇ ମକଦ୍ଦମାରେ ଯାହାର ବିଜୟ ହେବ ସେହି ହିଁ ଜମିର ମାଲିକ ହେବ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କୁହନ୍ତି, ବାହାରେ ଅଛି, ନୀତି ବନ୍ଦ କଥା ଜାଣିନାହିଁ। ଯଦି ହୋଇଥାଏ ମୁଁ ସେ ସପକ୍ଷରେ ନାହିଁ। ଆଇନ ଉଲ୍ଲଂଘନ ହୋଇଥିଲେ ପ୍ରଶାସନ ତାହା ଉପରେ ପଦକ୍ଷେପ ନେବ।



ବିଶ୍ୱର ସବୁଠୁ ଛୋଟ ମ୍ୟୁଜିୟମ୍ ସୁଇଜରଲାଣ୍ଡରେ ରହିଛି। ତାହା ପୁଣି ୬୦୦ବର୍ଷର ପୁରାତନ ଏକ ଘରେ। ଏହାକୁ ସୁଇସ୍ ଭାଷାରେ 'ହୁସେସାଗ ମ୍ୟୁଜିୟମ୍' ବା ଇଂଲିଶରେ 'ପ୍ୟାଣ୍ଟ ପକେଟ ମ୍ୟୁଜିୟମ୍' କୁହାଯାଏ। ଏହି ମ୍ୟୁଜିୟମ୍ ଦେଖିବା ପାଇଁ ପାଉଣା ଦେବାକୁ ପଡେନାହିଁ। କିନ୍ତୁ ଏହା ଭିତରକୁ ପ୍ରବେଶ ଅନୁମତି ନାହିଁ। କେବଳ ମ୍ୟୁଜିୟମକୁ ଏକ ବର୍ଗାକାର ଝରକା ମଧ୍ୟଦେଇ ଦେଖିବାକୁ ହୋଇଥାଏ। ଏହି ଝରକାର ଆକାର ଦୁଇଫୁଟରେ ଦୁଇଫୁଟ। ଏଥିରେ ଲୁହା ଗ୍ରିଲ୍ ଲାଗିଛି। ୬୦୦ବର୍ଷର ପୁରାତନ ଏହି ଘରଟି ସୁଇଜରଲାଣ୍ଡର ବାସେଲ୍ସ ଓଲ୍ଡଟାଉନ୍‌ରେ ରହିଛି।

## ସଂକ୍ଷେପରେ

### ଓଏସ୍‌ଡିଏମ୍‌ଏକୁ ମିଳିବ ଏକ୍ସପ୍ରେସ ଆଇଟି ଏକ୍ସିଲେନ୍ସ ପୁରସ୍କାର

**ଭୁବନେଶ୍ୱର,୩।୯(ବ୍ୟୁରୋ):** ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସୂଚନା ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଯୋଗୁ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍‌)କୁ ଏକ୍ସପ୍ରେସ ଆଇଟି ଏକ୍ସିଲେନ୍ସ ପୁରସ୍କାର ମିଳିବ। ଏକ୍ସପ୍ରେସ ଇଣ୍ଡିଆ ପକ୍ଷରୁ ଆସନ୍ତା ୧୮ ତାରିଖରେ ଏହି ପୁରସ୍କାର ପ୍ରଦାନ କରାଯିବ । ଏହି ପୁରସ୍କାର ଗ୍ରହଣ କରିବାକୁ ଓସ୍‌ଡମା ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀଙ୍କୁ ନିମନ୍ତ୍ରଣ କରାଯାଇଛି । ୧୯୯୯ ମହାବାତ୍ୟା ପରେ ବିପର୍ଯ୍ୟୟ ମୁକାବିଲା ଓ ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶା ଏକ ଆଦର୍ଶ ରାଜ୍ୟ ଭାବେ ପରିଗଣିତ ହୋଇଛି। ସତର୍କ(ସିଷ୍ଟମ ଫର୍ ଆସେସିଂ, ଟ୍ରାକିଂ ଆଣ୍ଡ ଆଲର୍ଟିଂ ଡିଜାଷ୍ଟର ରିସ୍କ ଇନ୍‌ଫରମେଶନ ବେସ୍‌ଡ ଅନ୍ ଡାଇନାମିକ ରିସ୍କ ନଲେଜ) ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି । ବାତ୍ୟା, ବନ୍ୟା, ବଜ୍ରପାତ, ମରୁଡ଼ି, ଅଂଶୁଘାତ, ସୁନାମି, ଭୂକମ୍ପ ଭଳି ପ୍ରାକୃତିକ ବିପତ୍ତି ବିଷୟରେ ଆଗୁଆ ସୂଚନା ୱେବ୍‌ସାଇଟ ଏବଂ ମୋବାଇଲ ଜରିଆରେ ଦିଆଯାଇପାରୁଛି । ବିଭିନ୍ନ ସମୟରେ ସତର୍କତା ସୂଚନା ଓଡ଼ିଆ ଏବଂ ଇଂଲିଶରେ ଦିଆଯାଇପାରୁଛି । ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା କ୍ଷେତ୍ରରେ ଲୋକଙ୍କ ହିତ ପାଇଁ ବୈଷୟିକ ଜ୍ଞାନକୌଶଳକୁ ବହୁଳ ବ୍ୟବହାର କରୁଥିବା ସଂଗଠନ ଓ ସରକାରୀ ସଂସ୍ଥାକୁ ଏକ୍ସପ୍ରେସ କମ୍ପ୍ୟୁଟର ଆଇଟି ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଉଛି ।

### ପଞ୍ଚାମୃତ ଖାଇ ୬୦ରୁ ଊର୍ଦ୍ଧ୍ୱ ଅସୁସ୍ଥ

**କେନ୍ଦୁଝର/ରାଇସୁଆଁ, ୩।୯ (ସ୍ୱ.ପ୍ର./ଡି.ଏନ୍.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ୍ ଅଧୀନ ପଦ୍ମେଶ୍ୱର ମନ୍ଦିର ପରିସରରେ ଗଣେଶ ପୂଜାରେ ହୋଇଥିବା ପଞ୍ଚାମୃତ ଖାଇ ସ୍ଥାନୀୟ ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ ଲୋକ ବାନ୍ତି କରି ଅସୁସ୍ଥ ହୋଇପଡ଼ିଛନ୍ତି। ଗ୍ରାମବାସୀ ସେମାନଙ୍କୁ ମଙ୍ଗଳବାର ସକାଳେ ପଦ୍ମପୁର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କୌଣସି କାରଣରୁ ପଞ୍ଚାମୃତ ବିଷାକ୍ତ ହୋଇଥିବା କୁହାଯାଉଛି। ଏଥିରେ କଦଳୀ ଓ କର୍ପୂର ମିଶା ଯାଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅସୁସ୍ଥଙ୍କ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ଏକ ଡାକ୍ତରୀଦଳ ଗାଁକୁ ଯାଇ ଅନ୍ୟମାନଙ୍କ ଚିକିତ୍ସା କରିବା ସହ ପଞ୍ଚାମୃତ ଭୋଗର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ସମସ୍ତେ ଏବେ ବିପଦମୁକ୍ତ ବୋଲି ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀ ଡା. ଶିବଚରଣ ବାଗ୍ କହିଛନ୍ତି।

### ସ୍ତ୍ରୀ ମୃତ ଭାବି ସ୍ୱାମୀଙ୍କ ଆତ୍ମହତ୍ୟା

**ପାଟଣାଗଡ଼,୩।୯(ଡି.ଏନ.ଏ.):** ସୋମବାର ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ଲାଗିଥିଲା। ସ୍ୱାମୀ ସ୍ତ୍ରୀଙ୍କୁ ନିସ୍ଥୁକ ପିଟିଥିଲେ। ଏଥିରେ ସ୍ତ୍ରୀ ଚେତାଶୂନ୍ୟ ହୋଇ ଘରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ। ସ୍ତ୍ରୀ ମରିଯାଇଥିବା ଭାବି ସ୍ୱାମୀ ସେହି ଘର ଭିତର ଓରାରେ ଦଉଡ଼ି ବାନ୍ଧି ଝୁଲିପଡ଼ିଥିଲେ। ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅନ୍ତର୍ଗତ କେନ୍ଦୁମୁଣ୍ଡି ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ପୋଲିସ ମଙ୍ଗଳବାର ମୃତ ଦୁର୍ଯ୍ୟୋଧନ ବଡ଼ିଆଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଆହତ ସ୍ତ୍ରୀ କିଶୋରୀଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଦମ୍ପତିଙ୍କ ୫ରୁ ୬ ବର୍ଷର ଦୁଇ ପିଲା ଅଛନ୍ତି।

### ବଜ୍ରପାତରେ ୪ ଗୁରୁତର

**ପାଲଲହଡା,୩।୯(ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡା ବ୍ଲକ ଅଲୋରୀ ପଞ୍ଚାୟତ ନୂଆଗାଁ ଗ୍ରାମରେ ମଙ୍ଗଳବାର ଅପରାହ୍ଣରେ ବଜ୍ରପାତ ଘଟି ଗୋଟିଏ ପରିବାରର ୪ ସଦସ୍ୟ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଫୁଲ କଳା, ଶୁକ୍ରା କଳା, ସୁଭଦ୍ରା କଳା ଏବଂ ସୋମବାରୀ କଳା। ସମସ୍ତେ ଖାଇସାରି ଘର ବାରଣ୍ଡାରେ ବସିଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସମସ୍ତେ ଅଚେତ ହୋଇଯାଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା।

■ ଖାଦ୍ୟ ଓ ଖାଉଟି ବ୍ୟାପାର ଜାତୀୟ ପରାମର୍ଶଦାତା ବୈଠକ

# ବକେୟା ଅର୍ଥ ପଇଠ କରିବାକୁ ଦାବି କଲେ ମନ୍ତ୍ରୀ

**ଭୁବନେଶ୍ୱର,୩।୯(ବ୍ୟୁରୋ)**

ଧାନ ସଂଗ୍ରହ ବାବଦକୁ କେନ୍ଦ୍ରଠାରୁ ମିଳିବାକୁ ଥିବା ବକେୟା ସବ୍‌ସିଡି ଅର୍ଥ ତୁରନ୍ତ ପ୍ରଦାନ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି।

ମଙ୍ଗଳବାର ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବିତରଣ ମନ୍ତ୍ରୀ ରାମ ବିଳାଶ ପାଶୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖାଦ୍ୟ ଓ ଖାଉଟି ବ୍ୟାପାର ଜାତୀୟ ପରାମର୍ଶଦାତା ବୈଠକରେ ମନ୍ତ୍ରୀ କହିଛନ୍ତି ସବସିଡି ଅର୍ଥ ପାଇବାରେ ବିଳମ୍ବ ଯୋଗୁ ଯୋଗାଣ ନିଗମ ପରି ଧାନ ସଂଗ୍ରହ କରୁଥିବା ଅନ୍ୟ ସଂସ୍ଥାଗୁଡ଼ିକ ଉପରେ ଆର୍ଥିକ ଚାପ ପଡୁଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶା ସରକାର ନିଜ ସଂସ୍ଥା ମାଧ୍ୟମରେ ଧାନ ସଂଗ୍ରହ କରୁଛନ୍ତି। କେନ୍ଦ୍ର ସରକାର ଅର୍ଥ ପ୍ରଦାନ ବିଳମ୍ବ କରୁଥିବା ଯୋଗୁ ଯୋଗାଣ ନିଗମର ବ୍ୟାଙ୍କ ଋଣ ଓ ସୁଧ ବୋଝ ବଢି ବଢି ଚାଲିଛି। ଏପରି କ୍ଷେତ୍ରରେ ସୁଧ ବାବଦ ଅର୍ଥକୁ କେନ୍ଦ୍ର ସରକାର ଭରଣା କରିବା ପାଇଁ ମନ୍ତ୍ରୀ ଦାବି କରିଛନ୍ତି।

ଏଥିସହିତ ଗତବର୍ଷ ଗୁଡିକର ଦର୍‌ଦାମକୁ ବିଚାର କରି ଦେଶରେ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟସୂଚୀ ସମ୍ପର୍କରେ ୩ ମାସ ଆଗରୁ ଠିକ୍ ପୂର୍ବାନୁମାନ କରି ଏକ ଦକ୍ଷ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ଖାଉଟିମାନେ ଉପକୃତ ହେବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ଦିଗରେ ପ୍ରାକ୍ ପ୍ରସ୍ତୁତ କରାଯାଇ ପାରିବ ବୋଲି ରଣେନ୍ଦ୍ର କହିଥିଲେ। ଏହାଛଡ଼ା ବର୍ତ୍ତମାନର ଜିଓ ଟ୍ୟାଗିଂ ବ୍ୟବସ୍ଥାରେ ଆବଶ୍ୟକ ସୁଧାର ଆଣିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ନକଲି ଔଷଧ ଓ ଖାଦ୍ୟ ଦ୍ରବ୍ୟର ପ୍ରସ୍ତୁତି ଓ ବିକ୍ରିକୁ ରୋକା ନ ଗଲେ ମେକ୍ ଇନ ଓଡ଼ିଶା ସଫଳ ହେବ ନାହିଁ। ଏକ ସର୍ଭେରୁ ଜଣାପଡିଛି ଯେ ନକଲି ମୋଟର ଯାନର ଯନ୍ତ୍ରାଂଶ ଯୋଗୁ ଦିନକୁ ଦିନ ଗାଡ଼ି ଦୁର୍ଘଟଣା ବୃଦ୍ଧି ପାଉଛି। ସେହିପରି ଔଷଧ ବଜାରରେ ପ୍ରାୟ ୨୦ ପ୍ରତିଶତ ନକଲି ଔଷଧ ବିକ୍ରି ହେଉଥିବାରୁ ଅନେକ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି ବୋଲି ମନ୍ତ୍ରୀ ଅଭିଯୋଗ କରିଥିଲେ। ରାଜ୍ୟରେ ଖାଉଟି ସଚେତନତା ସୃଷ୍ଟି କରିବା ଦିଗରେ ଅନେକ ପଦକ୍ଷେପ ନିଆଯାଉଛି। ଏ ନେଇ ୨୬ଟି ଖାଉଟି ପରାମର୍ଶ କେନ୍ଦ୍ର ଖୋଲାଯାଇ ସଚେତନତା ସୃଷ୍ଟି କରାଯାଉଛି ବୋଲି ସେ କହିଛନ୍ତି। ସମସ୍ତ ଜିଲାରେ ଖାଉଟି ବିବାଦ ସମାଧାନ ମଞ୍ଚ କାର୍ଯ୍ୟ କରୁଛି ସେ ସୂଚନା ଦେଇଥିଲେ।

# ଭାଇରାଲ ହେଉଛନ୍ତି ଜୟପୁରର କିଶୋର କୁମାର

**ଜୟପୁର,୩।୯ (ଡି.ଏନ୍.ଏ.)**

■ ସୋସିଆଲ ମିଡିଆରେ ଲୋକପ୍ରିୟ ହେଉଛି ଅଟୋ ଚାଳକଙ୍କ ଗୀତ

■ ୧୦ରୁ ୧୨ ଭିଡିଓକୁ ଗତ ୫/୬ ଦିନ ଭିତରେ ମିଳିଛି ଲକ୍ଷାଧିକ ଭିଉଜ୍



ଅଟୋ ଚାଳକ ପଦ୍ମନ ଗୌଡ଼।

'ଚଲ୍‌ତେ ଚଲ୍‌ତେ ମେରେ ୟେ ଗୀତ୍ ୟାଦ୍ ରଖନା, କଭି ଅଲ୍‌ବିଦା ନା କେହ୍‌ନା।' ଜୟପୁର ସହରର ଏକ ନିର୍ଦ୍ଦିଷ୍ଟ ଅଟୋରେ ଆପଣ ଯାତ୍ରା କରିବା ବେଳେ ଭାସିଆସିବ କିଶୋର କୁମାରଙ୍କ ଏଇ ଚିର ସବୁଜ ଗୀତ ସାଙ୍ଗକୁ ଆହୁରି ଅନେକ ସୁରିଲା ଗୀତ। ସେ ଗୀତର ସ୍ୱର ଷ୍ଟେରିଓରୁ ନୁହେଁ, ବରଂ ଷ୍ଟିଅରିଂ ଧରିଥିବା ଅଟୋ ଡ୍ରାଇଭରଙ୍କ କଣ୍ଠରୁ ଝରୁଥିବ। କୋରାପୁଟ ଜିଲା ଜୟପୁର ସହରର କିଶୋର କୁମାର ଭାବେ ପରିଚିତ ଏଇ ଅଟୋ ଚାଳକ ଜଣକ ହେଉଛନ୍ତି ପଦ୍ମନ ଗୌଡ଼।

ଷ୍ଟେଶନରେ ଲତା ମଙ୍ଗେସ୍କରଙ୍କ ଗୀତ ଗାଇ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ରାନୁ ମଣ୍ଡଳଙ୍କ ପରେ ଏବେ କିଶୋର କୁମାରଙ୍କ ଗୀତ ଗାଇ ଚର୍ଚ୍ଚାକୁ ଆସିଛନ୍ତି ପଦ୍ମନ ଗୌଡ଼। ସୋସିଆଲ ମିଡିଆର ୟୁଟ୍ୟୁବ୍ ଓ ଫେସବୁକ୍‌ରେ ସେ ଗାଉଥିବା ୧୦ରୁ ୧୨ଟି ଭିଡିଓକୁ ଗତ ୫/୬ ଦିନ ଭିତରେ ଲକ୍ଷାଧିକ ଭିଉଜ୍ ମିଳିସାରିଛି। ଚଲ୍‌ତେ ଚଲ୍‌ତେ, ଜାନେମନ୍ ଜାନେମନ୍ ଭଳି ପ୍ରଖ୍ୟାତ କଣ୍ଠଶିଳ୍ପୀ ସ୍ୱର୍ଗତ କିଶୋର କୁମାରଙ୍କ ଗୋଟିଏ ପରେ ଗୋଟିଏ ହିଟ୍ ଗୀତକୁ ଏହି ଭିଡିଓ ସବୁରେ ଗାଇଛନ୍ତି ପଦ୍ମନ। ଏତେ ସୁନ୍ଦର ଗୀତ ଗାଉଥିବା ଏହି କଳାକାର ଜଣେ ଅଟୋ ଡ୍ରାଇଭର। ବିଶେଷ ପାଠ ପଢ଼ି ନ ଥିବା ପଦ୍ମନ ସଂଗୀତ ସାଧନା ପାଇଁ କାହାଠାରୁ ତାଲିମ ନେଇ ନାହାନ୍ତି। ପିଲାଟି ବେଳରୁ କେବଳ ରେଡିଓ ଏବଂ ଟିଭି ଦେଖି ସେ ଗୀତ ସବୁ ଶିଖିଥିବା କହିଛନ୍ତି। ମଝିରେ ମଝିରେ ସୁଯୋଗ ମିଳିଲେ ସେ ଅର୍କେଷ୍ଟ୍ରାରେ କିଶୋର କୁମାରଙ୍କ କିଛି ଗୀତ ଗାଆନ୍ତି। ସେଥିପାଇଁ ସେ ସ୍ଥାନୀୟ ଅଞ୍ଚଳରେ ଜୟପୁରର କିଶୋର କୁମାର ଭାବେ ପରିଚିତ। ସ୍ତ୍ରୀ ଓ ଝିଅଙ୍କୁ ନେଇ ପଦ୍ମନଙ୍କ ପରିବାର। ଗରିବ ପରିବାରରେ ତାଙ୍କର ଜନ୍ମ ଆଉ ଏବେମଧ୍ୟ ଅଭାବ ତାଙ୍କ ପିଛା ଛାଡ଼ିନାହିଁ। ଅଟୋ ଚଳାଇଲେ ଯାହା ରୋଜଗାର କରନ୍ତି, ସେତିକିରେ ୩ ପ୍ରାଣୀ ଚଳି ଯାଆନ୍ତି। ଏକଦା ଗୀତ ଗାଇବା ମାନିଆ ପାଇଁ ପଦ୍ମନଙ୍କୁ ତାଙ୍କ ସ୍ତ୍ରୀ ପ୍ରଥମେ ବିବାହ କରିବାକୁ ରାଜି ହୋଇ ନ ଥିଲେ ସତ; କିନ୍ତୁ ବିବାହ ପରେ ସ୍ୱାମୀଙ୍କ ଗୀତକୁ ଭୁରି ଭୁରି ପ୍ରଶଂସା କରୁଛନ୍ତି। ଅନ୍ୟପକ୍ଷରେ ଗୀତ ଗାଇବାକୁ ପଦ୍ମନଙ୍କୁ ସୁଯୋଗ ମିଳିବା ପାଇଁ ୨ ବର୍ଷ ହେଲା ପ୍ରୟାସ ଜାରି ରଖିଛନ୍ତି ତାଙ୍କ ବାଲ୍ୟବନ୍ଧୁ ତ୍ରିପତି ଗନ୍ତାୟତ। ଏଥିପାଇଁ ସେ ବିଭିନ୍ନ ସଙ୍ଗଠନକୁ ଭେଟିବା ସହ ପଦ୍ମନଙ୍କ ଗୀତକୁ ଭିଡିଓ ଆକାରରେ ସୋସିଆଲ ମିଡିଆରେ ଅପଲୋଡ କରିବା ପରେ ତାହା ଏବେ ଭାଇରାଲ ହେଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଳେଇ ପଶିଲି ମାଉସୀ ଘରେ ମାଉସୀ ମାଇଲା ଦି' ପାହାରେ ।**

ମା' ଯେମିତି ନିଜ ପିଲାଙ୍କ ଯତ୍ନ ନେଇଥାଏ ଓ ସ୍ନେହଶ୍ରଦ୍ଧା କରିଥାଏ, ତାହା ସେମିତି ଆଉ କେହି କରିପାରି ନ ଥାନ୍ତି। ମା'ର ଭଉଣୀ ମାଉସୀ ପରି ଯେତେ ସମ୍ପର୍କୀୟ ହୋଇଥିଲେ ମଧ୍ୟ ସେମାନେ କେବେ ମା'ପରି ନିଜ ମନର ଭାବ, ଆବେଗ ବୁଝିପାରି ନ ଥାନ୍ତି। ଅନେକ ସମୟରେ ସେମାନଙ୍କଠାରୁ ହତାଦର ବା ଅବହେଳାର ଶିକାର ହେବାକୁ ପଡ଼ିଥାଏ। ପରଲୋକ କେବେ ନିଜର ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପୋଡ଼ା ଘା'ରେ ଚୂନ ପଚା ଘା'ରେ ଲୁଣ ।**

ପୋଡ଼ା ଘା'ରେ ଚୂନ ଦେଲେ ଘା' ବହୁତ ପୋଡ଼େ। କଷ୍ଟ ଆହୁରି ବଢ଼ିଯାଏ। ସେହିପରି ପଚା ଘା'ରେ ଲୁଣ ଦେଲେ ତାହା ଆହୁରି ବିଶାଣିଆ ହୋଇଯାଏ। ଯନ୍ତ୍ରଣାକୁ ଉପଶମ ନ କରାଇ ଆହୁରି ଯନ୍ତ୍ରଣା ଦେବା ଜଣେ ଭୋକ୍ତା ପାଇଁ ଖୁବ୍ ମର୍ମନ୍ତୁଦ ଘଟଣା ହେବା ଭଳି ଜଣକର ଦାରୁଣ ଦୁଃଖ ଉପରେ ଆହୁରି ଦୁଃଖର ପାହାଡ଼ ଲଦିଦେଇ ତା'ର ଦୁଃଖକଷ୍ଟକୁ ଆହୁରି ବଢ଼େଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବଂଶଧାରା ଟ୍ରିବ୍ୟୁନାଲର ଶୁଣାଣି ବାତିଲ

**ନୂଆଦିଲ୍ଲୀ, ୩।୯**

ବଂଶଧାରା ନଦୀ ଉପରେ ଆନ୍ଧ୍ରପ୍ରଦେଶର ବ୍ୟାରେଜ ନିର୍ମାଣକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ଆବେଦନ ଉପରେ ବଂଶଧାରା ଜଳବିବାଦ ଟ୍ରିବ୍ୟୁନାଲ ବୁଧବାର ଶୁଣାଣିକୁ ବାତିଲ କରିଛନ୍ତି। ମାମଲାର ଦୁଇଦିନିଆ ଶୁଣାଣି ସେପ୍ଟେମ୍ବର ୪ରୁ ଆରମ୍ଭ ହେବାକୁ ଥିଲା। ଟ୍ରିବ୍ୟୁନାଲର ୩ଜଣିଆ ଖଣ୍ଡପୀଠରେ ଜଷ୍ଟିସ ଏମ୍.କେ. ଶର୍ମା ମୁଖ୍ୟ ରହିଥିବାବେଳେ ଜଷ୍ଟିସ ବି.ଏନ୍. ଚତୁର୍ବେଦି ଓ ଜଷ୍ଟିସ୍ ପ୍ରତିଭା ରାଣୀ ଅଛନ୍ତି। ଗତ ଅଗଷ୍ଟ ୨୭ରେ ରାଜ୍ୟ ସରକାରଙ୍କ ପକ୍ଷରୁ ବଂଶଧାରାର ନେରାଡି ପ୍ରକଳ୍ପ ବ୍ୟାରେଜ୍‌ରେ ଯୁଗ୍ମ ସର୍ଭେ କାର୍ଯ୍ୟ କରାଯିବା ଉପରେ ଆପତ୍ତି ଉଠାଯାଇଥିଲା। ସେ ସଂକ୍ରାନ୍ତୀୟ ଏକ ଆବେଦନ ଉପରେ ଟ୍ରିବ୍ୟୁନାଲ ତାଙ୍କ ଆଦେଶ ସଂରକ୍ଷିତ ରଖିଥିଲେ। ଶୁଣାଣିବେଳେ ରାଜ୍ୟ ସରକାରଙ୍କ ଆଇନଜୀବୀ ଆନ୍ଧ୍ର ସରକାର ୧୦୬ ଏକର ଜାଗା ସର୍ଭେ କରାଯିବା ସମ୍ପର୍କରେ କୌଣସି ଉଲ୍ଲେଖ କରି ନ ଥିବା ଦର୍ଶାଇଥିଲେ। ପୂର୍ବରୁ ଟ୍ରିବ୍ୟୁନାଲ ଜଳଚର ହେବାକୁ ଥିବା ଏହି ଜାଗାର ମିଳିତ ସର୍ଭେ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏନେଇ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଥିଲା। ଆନ୍ଧ୍ର ସରକାର ଜଳମଗ୍ନ ହେବାକୁ ଥିବା ୧୦୬ ଏକର ଜାଗାର ସମ୍ପୂର୍ଣ୍ଣ ସର୍ଭେ ରିପୋର୍ଟ ଦାଖଲ କରିବା ଉଚିତ ବୋଲି ଦର୍ଶାଯାଇଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକକୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

EDUCATION

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

BUSINESS

ଧାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747
7354398404
908, Ward, Backside Anand Market, Dhiman Line, Yamunagar, Delhi

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି ।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

ରଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ଦଳର ମୁଖ୍ୟ ସୋନିଆ ଗାନ୍ଧୀ ମଧ୍ୟପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ପଦ ଲାଗି ଚୂଡ଼ାନ୍ତ ନିଷ୍ପତ୍ତି ନେବେ।
-ଜ୍ୟୋତିରାଦିତ୍ୟ ସିନ୍ଧିଆ,
କଂଗ୍ରେସ ସାଧାରଣ ସମ୍ପାଦକ



**୩୦ ଦିନ ପୂରିଲା**

# ସ୍ୱାଭାବିକ ହୋଇନି ଉପତ୍ୟକା

ଶ୍ରୀନଗର,୩।୯(ପି.ଟି.)



କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ୩୦ ଦିନ ପୂରିଥିବାବେଳେ ଏବେ ବି ଉପତ୍ୟକାରେ ସ୍ୱାଭାବିକ ଅବସ୍ଥା ଫେରିନାହିଁ। କଶ୍ମୀରର ଅଧିକାଂଶ ସ୍ଥାନରେ ଦିନବେଳା କଟକଣା କୋହଳ ହୋଇଥିବାବେଳେ ବଜାର ଓ ସାଧାରଣ ପରିବହନ ସେବା ଏବେ ମଧ୍ୟ ବନ୍ଦ ରହିଛି। ୩୭୦ ଉଚ୍ଛେଦ ପୂର୍ବରୁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ଜମ୍ମୁ-କଶ୍ମୀରକୁ ଏକପ୍ରକାର ସେନା ଛାଉଣୀରେ ପରିଣତ କରାଯିବା ସହ ସେଠାକାର ପାଖାପାଖି ୩୦୦୦ ନେତା, ବିଚ୍ଛିନ୍ନତାବାଦୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଟକ ରଖାଯାଇଥିଲା। ବିଭିନ୍ନ ଅଞ୍ଚଳରେ ୧୪୪ ଧାରା ଜାରି ସମେତ କେତେକ ସ୍ଥାନରେ କର୍ଫ୍ୟୁ ଜାରି କରାଯାଇଥିଲା। ଟେଲିଫୋନ ଓ ଇଣ୍ଟରନେଟ ସେବାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା।

ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ। ଉପତ୍ୟକାର ୯୦ ଭାଗ ଅଞ୍ଚଳରେ ସ୍ଥିତିରେ ଉନ୍ନତି ଆସିଥିବାରୁ ୯୨ଟି ଥାନା ଅଞ୍ଚଳରେ ଦିନବେଳା କଟକଣା ହଟାଯାଇଥିବା ମଙ୍ଗଳବାର

**■ଦିନବେଳା କଟକଣା କୋହଳ**
**■ଏବେ ବି ବଜାର ବନ୍ଦ**

ପ୍ରଶାସନ ପକ୍ଷରୁ କୁହାଯାଇଛି। ଘରୋଇ ଗାଡ଼ି ଓ ଅଟୋରିକ୍ସା କେତେକ ଅଞ୍ଚଳରେ ଚଳାଚଳ କରୁଛି। ଶ୍ରୀନଗର ସିଭିଲ ଲାଇନ୍, ଲାଲ୍ ଚୌକ-ଟିଆର୍‌ସି ଚୌକ-ଡାଲ୍‌ଗେଟ ଲାଇନରେ କେତେଜଣ ଦୋକାନୀ ସେମାନଙ୍କ ଷ୍ଟଲ୍ ଖୋଲିଥିବା ଜଣେ ଅଧିକାରୀ କହିଛନ୍ତି। ଉପତ୍ୟକାର ଅଧିକାଂଶ ଅଞ୍ଚଳରୁ ବାରିକେଡ଼ ହଟିଥିବାବେଳେ ସୁରକ୍ଷା ବଳ ମୁତୟନ ଜାରି ରହିଛି। କୁପ୍‌ୱାରା ଓ ହଣ୍ଡୱାରା ଥାନା ଅଞ୍ଚଳକୁ ବାଦ୍ ଦେଲେ ଉପତ୍ୟକାର ଅନ୍ୟ ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ବ୍ରଡ୍‌ବ୍ୟାଣ୍ଡ ସମେତ ଅନ୍ୟାନ୍ୟ ଇଣ୍ଟରନେଟ ଓ ମୋବାଇଲ ସେବା ବନ୍ଦ ରହିଛି। ଫଳରେ ପିସିଓ ଏବଂ ଏସ୍‌ଟିଡି ବୁଥ୍‌ଗୁଡ଼ିକରେ ଫୋନ କରିବା ପାଇଁ ଲୋକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଛି। ଲ୍ୟାଣ୍ଡଲାଇନ ସଂଯୋଗ ଦିଆଯାଇଥିବା ବିଭିନ୍ନ ସ୍ଥାନରେ ଅସ୍ଥାୟୀ ପିସିଓ ଖୋଲାଯାଇଛି। ସ୍କୁଲ ଖୋଲିଥିଲେ ହେଁ ଉପସ୍ଥାନ ଯଥେଷ୍ଟ କମ୍ ରହୁଛି।

ସମ୍ପର୍କ ଅଭିଯାନ ମାଧ୍ୟମରେ ଲୋକଙ୍କ ପାଖରେ ୩୭୦ ଉଚ୍ଛେଦର ବାର୍ତ୍ତା ପହଞ୍ଚାଇ ସମର୍ଥନ ହାସଲ ଲାଗି ଭାଜପା ଉଦ୍ୟମ ଚଳାଇଥିବାବେଳେ ମଙ୍ଗଳବାର ଦଳ ଅଧ୍ୟକ୍ଷ ଅମିତ୍ ଶାହ ଓ କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ଜଗମୋହନଙ୍କୁ ଭେଟି ରାଜ୍ୟ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ସେମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଥିଲେ। କଶ୍ମୀର ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ରଖୁଥିବା ଜଗମୋହନ ପୂର୍ବରୁ ଅଟଳ ବିହାରୀ ବାଜପେୟୀ ସରକାରରେ ମନ୍ତ୍ରୀ ଥିଲେ।

■ ମନି ଲଣ୍ଡରିଂ ମାମଲା

# କଂଗ୍ରେସ ନେତା ଶିବକୁମାର ଗିରଫ

ନୂଆଦିଲ୍ଲୀ, ୩।୯



କଂଗ୍ରେସର ବରିଷ୍ଠ ନେତା ଡି.କେ. ଶିବକୁମାରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମନି ଲଣ୍ଡରିଂ ମାମଲାରେ ମଙ୍ଗଳବାର ଗିରଫ କରିଛି। କର୍ଣ୍ଣାଟକର ଏହି ପୂର୍ବତନ ମନ୍ତ୍ରୀ ତଥା କନକପୁରା ବିଧାୟକଙ୍କୁ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା କ୍ରମାଗତ ଭାବେ ଜେରା କରାଯାଇଥିଲା। ଏବେ ହେପାଜତରେ ରଖି ତାଙ୍କୁ ଅଧିକ ଜେରା କରାଯିବ ବୋଲି ଜଣାପଡ଼ିଛି। ଗିରଫ ହେବା ପରେ ଶିବକୁମାର ଟୁଇଟ୍ କରି ତାଙ୍କୁ ରାଜନୈତିକ ଆକ୍ରୋଶ ରଖି ଗିରଫ କରାଯାଇଛି ବୋଲି କହିଛନ୍ତି। ସେ କୌଣସି ବେଆଇନ କାର୍ଯ୍ୟ କରି ନ ଥିବା ପ୍ରକାଶ କରିଛନ୍ତି। ବୁଧବାର ଇଡି ତାଙ୍କୁ ନୂଆଦିଲ୍ଲୀସ୍ଥିତ ଏକ କୋର୍ଟରେ ହାଜର କରିବାର କାର୍ଯ୍ୟକ୍ରମ ରହିଛି। ଗତବର୍ଷ ସେପ୍ଟେମ୍ବର ମାସରେ ଶିବକୁମାର, ନୂଆଦିଲ୍ଲୀସ୍ଥିତ କର୍ଣ୍ଣାଟକ ଭବନର କର୍ମଚାରୀ ଓ ଅନ୍ୟ କେତେଜଣଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ଦାଏର କରାଯାଇଥିଲା। ଏବେ ଶିବକୁମାର ଗିରଫ ହେବା ପରେ କଂଗ୍ରେସ ଏହାକୁ ବିରୋଧ କରିବା ଆରମ୍ଭ କରିଛି। ବିରୋଧୀ ଦଳର ନେତାଙ୍କୁ ଅଯଥାରେ ଟାର୍ଗେଟ କରାଯାଉଛି ବୋଲି କର୍ଣ୍ଣାଟକର ଦଳୀୟ ମୁଖ୍ୟ ଦୀନେଶ ଗୁଣ୍ଡୁରାଓ କହିଛନ୍ତି।

# ଅଜିତ ଯୋଗୀଙ୍କ ପୁଅ ଗିରଫ

ବିଳାସପୁର,୩।୯(ପି.ଟି.)




ନିର୍ବାଚନ ସତ୍ୟପାଠରେ ଜାଲିଆତି ଅଭିଯୋଗରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ପୁଅ ଅମିତ୍‌ଙ୍କୁ ମଙ୍ଗଳବାର ବିଳାସପୁର ଜିଲାରୁ ଗିରଫ କରାଯାଇଛି। ୨୦୧୩ ଛତିଶଗଡ଼ ବିଧାନସଭା ନିର୍ବାଚନ ବେଳେ ସେ ଦାଖଲ କରିଥିବା ସତ୍ୟପାଠରେ ଜାଲିଆତି କରିଥିବା ପୋଲିସ କହିଛି। କୋର୍ଟରେ ହାଜର କରାଯିବା ପରେ ତାଙ୍କୁ ୧୪ ଦିନ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମିଥ୍ୟା ଅଭିଯୋଗରେ ତାଙ୍କ ପୁଅଙ୍କୁ ହାଜତକୁ ପଠାଯାଇଥିବା ଅଜିତ ଯୋଗୀ କହିବା ସହ ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି। ମାରୱାହି ଆସନର ଭାଜପା ପ୍ରାର୍ଥୀ ସମୀର ପାଇକରାଙ୍କ ଏତଲାକ୍ରମେ ଛତିଶଗଡ଼ ପୋଲିସ ଅମିତ୍‌ଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଅମିତ ନାମାଙ୍କନପତ୍ର ଦାଖଲ ବେଳେ ସତ୍ୟପାଠରେ ଜନ୍ମସ୍ଥାନ ସମ୍ପର୍କରେ ଭୁଲ୍ ତଥ୍ୟ ଦେଇଥିଲେ। ୬ ମାସର ତଦନ୍ତ ପରେ ଅମିତ୍‌ଙ୍କୁ ଗିରଫ କରାଯାଇଥିବା ବିଳାସପୁର ଏସ୍‌ପି ପ୍ରଶାନ୍ତ ଅଗ୍ରୱାଲ କହିଛନ୍ତି।

■ ମାନିଲେ ପାକିସ୍ତାନର ଆଇସିଜେ ଓକିଲ

# କଶ୍ମୀରରେ ନରସଂହାର ଅଭିଯୋଗର ପ୍ରମାଣ ନାହିଁ

ଇସ୍‌ଲାମାବାଦ,୩।୯



ପ୍ରମାଣ ଅଭାବରୁ କଶ୍ମୀରରେ ନରସଂହାର ଅଭିଯୋଗର ପ୍ରମାଣ କରିବା ଅତ୍ୟନ୍ତ କଷ୍ଟକର ବୋଲି ପାକିସ୍ତାନର ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ) ଓକିଲ ଖୱର କୁରେଶି ସ୍ୱୀକାର କରିଛନ୍ତି। ଫଳରେ କଶ୍ମୀର ପ୍ରସଙ୍ଗକୁ ନେଇ ଆଇସିଜେ ଯିବାକୁ ଧମକ ଦେଉଥିବା ଇସ୍‌ଲାମାବାଦକୁ ଶକ୍ତ ଧକ୍କା ଲାଗିଛି। ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ୧୯୪୮ର ନରସଂହାର ଚୁକ୍ତିନାମାରେ ଉଭୟ ଦକ୍ଷିଣ ଏସୀୟ ରାଷ୍ଟ୍ର ସ୍ୱାକ୍ଷରକାରୀ ହୋଇଥିବାରୁ ପାକିସ୍ତାନ ଏହି ପ୍ରସଙ୍ଗକୁ ଆଇସିଜେରେ ଉପସ୍ଥାପନ କରିପାରିବ ବୋଲି କୁରେଶି କହିଛନ୍ତି। ତେବେ ଜମ୍ମୁ-କଶ୍ମୀରରେ ହେଉଥିବା ନରସଂହାର ସମ୍ପର୍କରେ ଇସ୍‌ଲାମାବାଦ ପାଖରେ କୌଣସି ପ୍ରମାଣ ନ ଥିବାରୁ ଏହାକୁ ପ୍ରମାଣ କରିବା ପାକିସ୍ତାନ ପକ୍ଷେ ସହଜ ନୁହେଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ଭାରତର ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା କରାଯାଇଛି। ଅଧିକାଂଶ ରାଷ୍ଟ୍ର ଏହାକୁ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି କହିସାରିଛନ୍ତି। ଅନ୍ୟପକ୍ଷରେ ଏହାକୁ ଅନ୍ତର୍ଜାତୀୟ ପ୍ରସଙ୍ଗ କରିବାକୁ ଉଦ୍ୟମ କରୁଥିବା ପାକିସ୍ତାନ ସମର୍ଥନ ତ ଯୋଗାଡ଼ କରିପାରିନାହିଁ ବରଂ ଏକପ୍ରକାର ଏକଘରିକିଆ ହୋଇଯାଇଛି।

# ଏଲ୍‌ଓସିରୁ ୨ ପାକ୍ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୩।୯(ପି.ଟି.)

ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରିଥିବା ୨ ଜଣ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ନାଜ୍‌ମିନ ଖୋଖର(୨୫) ଓ ଖଲିଲ୍ ଅହମ୍ମଦ କୟାନି(୩୬) ନାମକ ଦୁଇ ଆତଙ୍କବାଦୀଙ୍କୁ ସେନା ଯବାନ ଗୁଲମାର୍ଗରୁ ଗିରଫ କରିଥିଲେ। ସେମାନଙ୍କୁ ଜେରା କରାଯାଉଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ସଂଖ୍ୟାଗରିଷ୍ଠତା ହରାଇଲେ ବ୍ରିଟେନ ପ୍ରଧାନମନ୍ତ୍ରୀ

ଲଣ୍ଡନ,୩।୯



ବୋରିସ୍ ଜନ୍‌ସନ

ଆଗକୁ ବ୍ରେକ୍‌ଜିଟକୁ ନେଇ ଭୋଟ ହେବାକୁ ଥିବାବେଳେ କଞ୍ଜରଭେଟିଭ ପାର୍ଟିର ଜଣେ ବିଦ୍ରୋହୀ ଏମ୍‌ପି ମଙ୍ଗଳବାର ଲିବେରାଲ ଡେମୋକ୍ରାଟ୍ସ ପାର୍ଟିରେ ଯୋଗଦେବା ଫଳରେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ହରାଇଛନ୍ତି। ତାଙ୍କର ବ୍ରେକ୍‌ଜିଟ ନୀତିକୁ ଅଟକାଇବା ପାଇଁ ଏମ୍‌ପିମାନଙ୍କ ଯୋଜନାକୁ ଜନସନ ସମାଲୋଚନା କରିଛନ୍ତି। ବ୍ରୁସେଲ୍ସ ସହିତ ୟୁରୋପୀୟ ସଂଘ ଛାଡ଼ିବା ସର୍ତ୍ତରେ ସେ ରାଜି ନ ହୋଇପାରିଲେ ବ୍ରେକ୍‌ଜିଟ ଆହୁରି ବିଳମ୍ବ ହେବ। ବିରୋଧୀ ଦଳ ଏବଂ କଞ୍ଜରଭେଟିଭ୍ ପାର୍ଟିର ଏମ୍‌ପିମାନେ ବ୍ରେକ୍‌ଜିଟକୁ ବିଳମ୍ବିତ କରିବା ପାଇଁ ଯୋଜନା କରୁଥିବା ଜନ୍‌ସନ କହିଛନ୍ତି।

# ଜମ୍ମୁ-କଶ୍ମୀର ପଞ୍ଚାୟତ ପ୍ରତିନିଧିଙ୍କୁ ବୀମା ସୁରକ୍ଷା

**ନୂଆଦିଲ୍ଲୀ, ୩।୯:** ଜମ୍ମୁ-କଶ୍ମୀରର ପଞ୍ଚ ଓ ସରପଞ୍ଚମାନଙ୍କୁ ପୋଲିସ ସୁରକ୍ଷା ଯୋଗାଇ ଦିଆଯିବା ସହ ୨ ଲକ୍ଷ ଟଙ୍କାର ବୀମା ସୁବିଧା ମିଳିବ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନେ ସୁରକ୍ଷା ଓ ବୀମା ଯୋଗାଇଦେବା ନେଇ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଅନୁରୋଧ କରିବା ପରେ ପ୍ରଶାସନ ପକ୍ଷରୁ ଏହାକୁ ଗ୍ରହଣ କରାଯାଇଛି। ଆଗାମୀ ୧୫ରୁ ୨୦ ଦିନ ମଧ୍ୟରେ ଜମ୍ମୁ-କଶ୍ମୀରରେ ମୋବାଇଲ ଫୋନ୍ ସେବା କାର୍ଯ୍ୟକ୍ଷମ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିବା ସେମାନେ ପ୍ରକାଶ କରିଛନ୍ତି।

# ସ୍କୁଟିଚାଳକଙ୍କୁ ୨୩ ହଜାର ଜରିମାନା

ନୂଆଦିଲ୍ଲୀ, ୩।୯:



ଦୀନେଶ ମଦାନ୍

**■ ଗାଡ଼ି ଦାମ୍‌ଠାରୁ ଜରିମାନା ଅଧିକ**
**■ହେଲ୍‌ମେଟ୍, ଡିଏଲ୍, ଇନ୍‌ସ୍ୟୁରାନ୍ସ, ଆର୍‌ସି ଓ ପଲ୍ୟୁଶନ ସାର୍ଟିଫିକେଟ ନ ଥିଲା**

ସେପ୍ଟେମ୍ବର ପହିଲାରୁ ମୋଟର ଯାନ ସଂଶୋଧନ ଆଇନ ଲାଗୁହେବା ପରେ ଦିଲ୍ଲୀର ଗୁରୁଗ୍ରାମଠାରେ ଜଣେ ସ୍କୁଟି ଚାଳକଙ୍କ ଉପରେ ଟ୍ରାଫିକ ପୋଲିସ ୨୩ ହଜାର ଟଙ୍କାର ଜରିମାନା ଲଗାଇଛି। ସ୍କୁଟି ଚାଳକ ହେଲ୍‌ମେଟ ପିନ୍ଧି ନ ଥିବାବେଳେ ତାଙ୍କ ପାଖରେ ଗାଡ଼ିର ଆର୍‌ସି ନ ଥିଲା କି ଗାଡ଼ି ଇନସ୍ୟୁରାନ୍ସ ପେପର୍ ଓ ପଲ୍ୟୁଶନ୍ କାଗଜପତ୍ର କିଛି ବି ନ ଥିଲା। ଏମିତିକି ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ତାଙ୍କ ପାଖରେ ନ ଥିଲା ବୋଲି ଜଣାପଡ଼ିଛି। ଟ୍ରାଫିକ୍ ପୋଲିସ ଗାଡ଼ିଚାଳକଙ୍କ ବିରୋଧରେ ନୂଆ ନିୟମ ଅନୁଯାୟୀ ୫ଟି ଚାଲାଣ କାଟିବା ସହ ୨୩ ହଜାର ଟଙ୍କା ଜରିମାନା ଲଗାଇଛନ୍ତି। ଚାଲାଣ ଟଙ୍କା ନ ଦେବାରୁ ପୋଲିସ ସ୍କୁଟିକୁ ଜବତ କରିଥିବା ଜଣାପଡ଼ିଛି। ସ୍କୁଟିର ଦାମ୍ ୧୫ ହଜାର ଟଙ୍କା ହେବ କି ନାହିଁ ଏବେ ତାଙ୍କୁ ୨୩ ହଜାର ଟଙ୍କାର ଜରିମାନା ଗଣିବାକୁ ପଡ଼ିବ। ଧରାପଡ଼ିଥିବା ଗୁରୁଗ୍ରାମର ଏହି ଯୁବକଙ୍କ ନାମ ଦୀନେଶ ମଦାନ୍ ବୋଲି ଜଣାପଡ଼ିଛି। ଏହି ଜରିମାନା ପରିମାଣ କମାଇବା ଲାଗି ସେ ଅନୁରୋଧ କରିଛନ୍ତି।

# କାବୁଲରେ ବିସ୍ଫୋରଣ: ୧୭ ମୃତ

କାବୁଲ, ୩।୯:

**ଆମେରିକା ଶାନ୍ତିଚୁକ୍ତି ପ୍ରୟାସକୁ ଶକ୍ତ ଧକ୍କା**

ଆଫଗାନିସ୍ତାନର ରାଜଧାନୀ କାବୁଲରେ ତାଲିବାନ୍ ପକ୍ଷରୁ ବିସ୍ଫୋରଣ କରାଯିବା ଫଳରେ ୧୭ ନାଗରିକଙ୍କ ମୃତ୍ୟୁ ଘଟିଛି। ଏଥିରେ ୧୧୯ ଜଣ ଆହତ ହୋଇଛନ୍ତି। ତାଲିବାନ ସହ ଚୁକ୍ତିରେ ଉପନୀତ ହେବା ସମ୍ପର୍କରେ ଆମେରିକା ରାଷ୍ଟ୍ରଦୂତ କହିବାର କିଛିକ୍ଷଣ ପରେ ଏଭଳି ବିସ୍ଫୋରଣ ଦେଖିବାକୁ ମିଳିଛି। ଫଳରେ ଆମେରିକାର ପ୍ରୟାସକୁ ଶକ୍ତ ଧକ୍କା ଲାଗିଛି। ବିସ୍ଫୋରଣରେ ଅନେକ କୋଠା ଭାଙ୍ଗିଯାଇଛି। ତାଲିବାନଙ୍କ ସହ ଆଲୋଚନା କରାଯାଇ ଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୋହରକୁ ଅପେକ୍ଷା ରହିଛି।

# ଓଏନ୍‌ଜିସି ପ୍ଲାଣ୍ଟରେ ଅଗ୍ନିକାଣ୍ଡ: ୪ ମୃତ

ମୁମ୍ବାଇ, ୩।୯:



ମୁମ୍ବାଇଠାରୁ ୪୫ କି.ମି. ଦୂର ଉରାନ୍‌ସ୍ଥିତ ରାଷ୍ଟ୍ରାୟତ୍ତ ତୈଳ ଓ ଗ୍ୟାସ୍ ପ୍ରୋସେସିଂ ପ୍ଲାଣ୍ଟ ଓଏନ୍‌ଜିସିରେ ମଙ୍ଗଳବାର ସକାଳେ ହଠାତ୍ ଅଗ୍ନିକାଣ୍ଡ ଘଟିବାରୁ ୩ ସିଆଇଏସ୍‌ଏଫ୍ (କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ)ର ଯବାନଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୩ ଜଣ ଆହତ ମଧ୍ୟ ହୋଇଛନ୍ତି। ନିଆଁ ଲାଗିବା ପରେ ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚି ପ୍ଲାଣ୍ଟର ୧ କି.ମି. ଅଞ୍ଚଳକୁ ସିଲ୍ କରିଥିଲେ। ଅଗ୍ନିକାଣ୍ଡର ପ୍ରକୋପ ଏତେ ଅଧିକ ଥିଲା ଯେ, ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଦୁଇଘଣ୍ଟା ପରେ ନିଆଁ ଉପରେ ନିୟନ୍ତ୍ରଣ ସମ୍ଭବ ହୋଇଥିଲା।

**ମୁମ୍ବାଇରେ ସିଏନ୍‌ଜି ଯୋଗାଣ ପ୍ରଭାବିତ**

ଏଭଳି ଦୁର୍ଘଟଣା ପରେ ପାଇପ୍‌ଲାଇନ୍‌ରେ ଲୋ ପ୍ରେସର୍ ଯୋଗୁ ମୁମ୍ବାଇର ଅନେକ ଜାଗାକୁ ସିଏନ୍‌ଜି ଯୋଗାଣ ସମ୍ଭବ ହୋଇପାରି ନ ଥିବା ଜଣାପଡ଼ିଛି। ୱାଦାଲାରେ ଏମ୍‌ଜିଏଲ୍ ସିଟିଗେଟ୍ ଷ୍ଟେଶନ ବିଶେଷ ଭାବେ ପ୍ରଭାବିତ ହୋଇଥିବା ପ୍ରକାଶ। ଏଥିଲାଗି ମହାନଗର ଗ୍ୟାସ୍ କମ୍ପାନୀ ଉପଭୋକ୍ତାମାନଙ୍କୁ ବିକଳ୍ପ ଦେଖିବାକୁ ଅନୁରୋଧ କରିଛି।

# ଛୁରାମାଡ଼ରେ ୮ ସ୍କୁଲଛାତ୍ର ମୃତ

**ବେଜିଂ, ୩।୯:** କେନ୍ଦ୍ରୀୟ ଚାଇନାରେ ଜଣେ ଜେଲ୍ ଫେରନ୍ତା ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଏଠାରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟର କେତେଜଣ ଛାତ୍ରଙ୍କୁ ସେ ଛୁରାମାଡ଼ କରିଥିବାବେଳେ ୮ ଜଣଙ୍କ ମୃତ୍ୟୁ ହୋଇଛି। ୨ ଜଣ ଆହତ ମଧ୍ୟ ହୋଇଛନ୍ତି। ହୁବେଇ ପ୍ରଦେଶର ବୈୟାଙ୍ଗ୍‌ପିଙ୍ଗସ୍ଥିତ ଚାଓୟାଙ୍ଗ୍‌ପୋ ଗ୍ରେଡ୍ ସ୍କୁଲରେ ସୋମବାର ସକାଳ ୮ଟାରେ ଏଭଳି ଘଟଣା ଘଟିଛି।

# ରୁଷିଆ ଗସ୍ତରେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩।୯(ପି.ଟି.)



**■ଇଇଏଫ୍‌ରେ ଯୋଗ ଦେବେ**
**■ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ହେବ**

ଭ୍ଲାଡିଭୋଷ୍ଟକରେ ବୁଧବାରଠାରୁ ଅନୁଷ୍ଠିତ ହେବାକୁ ଥିବା ପୂର୍ବାଞ୍ଚଳ ଅର୍ଥନୈତିକ ଫୋରମ୍ (ଇଇଏଫ୍)ରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ରୁଷିଆ ଗସ୍ତ କରିଛନ୍ତି। ତାଙ୍କର ଏହି ଗସ୍ତ କାଳରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ବିଭିନ୍ନ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା ହେବ। ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ସେଥିରେ ବିଭିନ୍ନତା ଆଣିବା ଦୁଇଦେଶର ଲକ୍ଷ୍ୟ ବୋଲି ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀଠାରେ କହିଛନ୍ତି। ରୁଷିଆର ପୂର୍ବ ସୀମାନ୍ତ ଅଞ୍ଚଳ ଗସ୍ତ କରିବାରେ ମୋଦି ହେବେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ।

ପୁଟିନଙ୍କ ନିମନ୍ତ୍ରଣକ୍ରମେ ମୋଦି ୫ମ ପୂର୍ବାଞ୍ଚଳ ଅର୍ଥନୈତିକ ଫୋରମ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହା ବ୍ୟତୀତ ସେ ରୁଷିଆ ରାଷ୍ଟ୍ରପତିଙ୍କ ସହ ୨୦ତମ ଭାରତ-ରୁଷିଆ ବାର୍ଷିକ ସମିଟ୍‌ରେ ଭାଗନେବେ। ଫୋରମରେ ଯୋଗଦେଇଥିବା ଅନ୍ୟାନ୍ୟ ବିଶ୍ୱ ନେତାଙ୍କ ସହ ବୈଠକ କରିବା ସମେତ ଉପସ୍ଥିତ ଭାରତୀୟ ଶିଳ୍ପପତି ଓ ବ୍ୟବସାୟ ପ୍ରତିନିଧିମାନଙ୍କ ସହ ମଧ୍ୟ ଆଲୋଚନା କରିବେ ବୋଲି ମୋଦି କହିଛନ୍ତି।

ଭାରତ-ରୁଷିଆ ସମ୍ପର୍କର ମୂଳଦୁଆ ବହୁତ ମଜଭୂତ। ଉଭୟ ଦେଶ ପ୍ରତିରକ୍ଷା, ବେସାମରିକ ଆଣବିକ ଶକ୍ତି ଏବଂ ମହାକାଶର ଶାନ୍ତିପୂର୍ଣ୍ଣ ବ୍ୟବହାର କ୍ଷେତ୍ରରେ ପରସ୍ପରକୁ ସହଯୋଗ କରିଆସୁଛନ୍ତି। ଦୁଇଦେଶ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜିନିବେଶ ସମ୍ପର୍କ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ମୋଦି ସୂଚନା ଦେଇଛନ୍ତି। ଗସ୍ତ ଅବସରରେ ବେସାମରିକ ଆଣବିକ ସହଯୋଗ ଆହୁରି ବଢ଼ାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହ ସାମରିକ-ବୈଷୟିକ ସହଯୋଗ ଉପରେ ରୁଷିଆ ସହିତ ଆଲୋଚନା ହେବ। ବାର୍ଷିକ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦୨୫ ସୁଦ୍ଧା ୩୦ ବିଲିୟନ ଡଲାରରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। ଏହି ଅବସରରେ ପ୍ରତିରକ୍ଷା, ବାଣିଜ୍ୟ, ପୁଞ୍ଜିନିବେଶ, ଶିଳ୍ପ ସହଯୋଗ, ଶକ୍ତି, ଯୋଗାଯୋଗ, ଶିକ୍ଷା ଓ ସଂସ୍କୃତି ଆଦି କ୍ଷେତ୍ରରେ ୨୫ଟି ଚୁକ୍ତିନାମା ସ୍ୱାକ୍ଷର ହେବା କାର୍ଯ୍ୟକ୍ରମ ରହିଛି।

**[ଇତିହାସର ଆଇନାରେ]**

**ସେପ୍ଟେମ୍ବର ୪ର ପ୍ରମୁଖ ଘଟଣା**

୧୯୯୮ ସେପ୍ଟେମ୍ବର ୪ରେ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ଦୁଇ ଛାତ୍ର ଲାରି ପେଜ୍ ଓ ସେର୍ଗେଇ ବ୍ରିନ୍‌ଙ୍କ ଦ୍ୱାରା ଗୁଗଲ ପ୍ରତିଷ୍ଠା କରାଯାଇଥିଲା। ଗୁଗଲ ହେଉଛି ଆମେରିକାର ଏକ ବହୁରାଷ୍ଟ୍ରୀୟ ଟେକ୍ନୋଲୋଜି କମ୍ପାନୀ। ଏହା ଇଣ୍ଟରନେଟ୍‌ଭିତ୍ତିକ ସେବା ସହିତ ଅନ୍‌ଲାଇନ୍ ଆଡଭଟାଇଜିଂ ଟେକ୍ନୋଲୋଜିଜ୍, ସର୍ଚ୍ଚ ଇଞ୍ଜିନ୍, କ୍ଲାଉଡ୍ କମ୍ପ୍ୟୁଟିଂ, ସଫ୍ଟୱେର ଏବଂ ହାର୍ଡୱେର ଆଦି ଉତ୍ପାଦ ଯୋଗାଇଥାଏ। ବିଶ୍ୱର ୪ଟି ଟେକ୍ନୋଲୋଜି କମ୍ପାନୀ ମଧ୍ୟରେ ଏହା ଅନ୍ୟତମ। ଅନ୍ୟ ୩ କମ୍ପାନୀ ହଉଛି ଆମାଜନ୍, ଆପଲ ଏବଂ ଫେସ୍‌ବୁକ୍।


୨୦୧୦ ସେପ୍ଟେମ୍ବର ୪ରେ ନ୍ୟୁଜିଲାଣ୍ଡର ସାଉଥ୍ ଆଇଲାଣ୍ଡରେ ୭.୧ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିଯୋଗୁ ବ୍ୟାପକ କ୍ଷତି ହେବା ସହିତ ବହୁ ସ୍ଥାନରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଏହାକୁ କାଣ୍ଟେରବୁରି ଭୂକମ୍ପ ବା ଡାରଫିଲ୍ଡ ଭୂକମ୍ପ କୁହାଯାଏ।

# 'ପଲ୍ ପଲ୍ ଦିଲ୍ କେ ପାସ୍'ରେ ପ୍ରଥମ ଅଭିନୟ



**ମୁମ୍ବାଇ:** 'ପଲ୍ ପଲ୍ ଦିଲ୍ କେ ପାସ୍'ରେ ଅଭିନୟ ଜୀବନ ଆରମ୍ଭ କରିଛନ୍ତି ସନି ଦେଓଲଙ୍କ ପୁତ୍ର କରନ ଦେଓଲ। କରନ ଶୁଟିଂସେଟ୍‌ରେ ଥିବାବେଳେ ତାଙ୍କ ଜେଜେବାପା ତଥା ବିଶିଷ୍ଟ ଅଭିନେତା ଧର୍ମେନ୍ଦ୍ର ଅଚାନକ ସେଠାରେ ପହଞ୍ଚିଯାଇଥିଲେ। ଜେଜେବାପାଙ୍କୁ ଅତର୍କିତ ଦେଖି ବିସ୍ମିତ ହୋଇଯାଇଥିଲେ କରନ୍। ଏ ସମ୍ପର୍କରେ କରନ କହନ୍ତି, ଶୁଟିଂରେ ଏକ କାର ସିନ୍ ଚାଲିଥିବାବେଳେ ପାଖରେ ବଡେ ପାପା(ଧର୍ମେନ୍ଦ୍ର) ଛିଡାହୋଇ ଯାଇଥିଲେ। ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲି। ତୁରନ୍ତ କାର୍‌ରୁ ଓହ୍ଲାଇ ଆସି ତାଙ୍କ ପାଖକୁ ଗଲି ଏବଂ ଭାବୁଥିଲି ସେ ମୋ ଶୁଟିଂ କାଳେ ଦେଖିଦେଇ ନାହାନ୍ତି ତ! ଯଦି ଦେଖିଥିବେ ସହଜରେ ଗ୍ରହଣ କରିଥିବେ କି! ଏ ବିଷୟରେ ତାଙ୍କୁ ପ୍ରଶ୍ନ କରିବାରୁ ସେ କହିଲେ, 'ବ୍ୟସ୍ତ ହେବା ଦରକାର ନାହିଁ। ସବୁ ଠିକ୍ ଅଛି।' ଏହାପରେ ମୁଁ ଆଶ୍ୱସ୍ତ ହେଲି। ବଡେ ପାପା ଆମ ପାଇଁ ସବୁବେଳେ ଭଲ, ସ୍ନେହୀ ଏବଂ ସହଯୋଗୀ। ତାଙ୍କର ସ୍ୱୀକୃତି ହିଁ ଯଥେଷ୍ଟ ବୋଲି କହିଛନ୍ତି ୨୭ବର୍ଷୀୟ କରନ୍। କରନ ଦେଓଲଙ୍କ ଅଭିନୀତ 'ପଲ୍ ପଲ୍ ଦିଲ୍ କେ ପାସ୍' ଏକ ପ୍ରେମ କାହାଣୀ ଉପରେ ଆଧାରିତ। ଏହାର ନିର୍ଦ୍ଦେଶନା ଦେଉଛନ୍ତି କରନ୍‌ଙ୍କ ପିତା ସନି ଦେଓଲ। ଉକ୍ତ ସିନେମା ସେପ୍ଟେମ୍ବର ୨୦ରେ ରିଲିଜ ହେବାର ଅଛି।

କରନ ଦେଓଲ



ପ୍ରିୟ ଓ ମିଠା କଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
-ଚାଣକ୍ୟ



## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଦାହଲୀଳା ଅଗ୍ନିଙ୍କୁ ଶାନ୍ତ କରି ଗାଈପଲଙ୍କୁ ଉଦ୍ଧାର କଲେ ଶ୍ରୀକୃଷ୍ଣ

ପୁରୀ ଅଫିସ, ୩।୯: ଶ୍ରୀମନ୍ଦିରରେ ମଙ୍ଗଳବାର ସନ୍ଧ୍ୟାଧୂପ ବଢ଼ିବା ପରେ ଦକ୍ଷିଣୀ ଘରୁ ମଦନମୋହନ ବିଜେ ହୋଇ ଆଜ୍ଞାମାଳ ପାଇ ନାଟପା ମଣ୍ଡପ ଖଟ ଉପରେ ବିଜେ ହୋଇଥିଲେ। ସେଠାରେ ଦାହଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ପରେ ପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ବାହୁଡା ବିଜେ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପାଳ ବାଳକମାନଙ୍କ ସହିତ ଗୋଚାରଣ କରୁଥିବା ବେଳେ ଏକଦା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଏହି ସମୟରେ ଗାଈପଲ୍ଲ ନିକଟରେ ଥିବା ସର ବନ ମଧ୍ୟକୁ ପ୍ରବେଶ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଗୋପାଳ ବାଳକଙ୍କ ସହିତ ଗାଈପଲ୍ଲଙ୍କୁ ଆଣିବାକୁ ଯିବା ସମୟରେ ହଠାତ ବନରେ ନିଆଁ ଲାଗି ଯାଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ, ସେ ସମୟରେ ଗାଈପଲ୍ଲଙ୍କୁ ଉଦ୍ଧାର କରିବା ଅସମ୍ଭବ ହୋଇପଡିଥିଲା। ଗୋପାଳ ପିଲାମାନେ ଗାଈପଲ୍ଲଙ୍କୁ ଉଦ୍ଧାର କରିବା ଲାଗି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀକୃଷ୍ଣ କହିଲେ ତୁମ୍ଭେମାନେ ଆଖି ବନ୍ଦ କର, ମୁଁ ଅଗ୍ନିଜ୍ୱାଳାକୁ ଶାନ୍ତ କରିଦେବି। ଗୋପାଳ ବାଳକମାନେ ଆଖି ବନ୍ଦ କରିବା ପରେ ଶ୍ରୀକୃଷ୍ଣ ଅଗ୍ନିଙ୍କୁ ଶାନ୍ତ କରିଦେଇଥିଲେ। ଏହାକୁ ଦାହଲୀଳା କୁହାଯାଏ। ଏହି ସ୍ମୃତିରେ ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ ଦାହଲୀଳା ପାଳିତ ହେଉଛି।

## ସାଧୁସନ୍ଥଙ୍କ ଚେତାବନୀ
# ଜୀବନ ଦେବୁ ପଛେ ମଠ ଛାଡ଼ିବୁନି

ପୁରୀ ଅଫିସ, ୩।୯:

ଜୀବନ ଦେବୁ ପଛେ, ମଠ ଛାଡିବୁନି। ମୋଗଲ ଶାସନ ହାଏ ହାଏ...। କଳା ପାହାଡ ଶାସନ ଚଳିବ ନାହିଁ, ଯଦି ଚଳିବ ନିଆଁ ଜଳିବ। ମଙ୍ଗଳବାର ଅପରାହ୍ନରେ ଏମିତି କିଛି ପ୍ରଶାସନ ବିରୋଧୀ ନାରା ଶୁଣିବାକୁ ମିଳିଥିଲା ସିଂହଦ୍ୱାର ନିକଟରେ। ନ ଥିଲା କୌଣସି ରାଲି କି ଶୋଭାଯାତ୍ରା। ଆଉ ଏହି ନାରା ସାଧାରଣ ଲୋକେ ଦେଉ ନ ଥିଲେ। ଗେରୁଆ ବସ୍ତ୍ର ପରିଧାନ କରିଥିବା ସାଧୁସନ୍ଥମାନେ ହିଁ ଏହିଭଳି ଢଙ୍ଗରେ ଗର୍ଜନ ଛାଡୁଥିଲେ। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଚାଲିଥିବା ମଠ ଉଚ୍ଛେଦକୁ ବିରୋଧ କରି ଏମିତି ପ୍ରତିବାଦ କରିଥିଲେ ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥ। ଶ୍ରୀକ୍ଷେତ୍ର ଆସିଲେ ଯେଉଁ ମଠରେ ସେମାନେ ରହି ଖାଇପିଇ ଫେରୁଥିଲେ ସେହି ମଠ ଭଙ୍ଗାଯିବ। ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଏମାନେ। ତେଣୁ ଏଭଳି ଢଙ୍ଗରେ ପ୍ରଶାସନକୁ ଚେତାଇ ଦେବାକୁ ଚେଷ୍ଟା କରିଥିଲେ ସାଧୁସନ୍ଥ।

ମଙ୍ଗଳବାର ବଡ଼ ଆଖଡା ମଠ ଭଙ୍ଗାଯିବାକୁ ପ୍ରଶାସନ ସ୍ଥିର କରିଥିଲା। ଏହାକୁ ବିରୋଧ କରି ସକାଳୁ ବଡ଼ ଆଖଡା ମଠରେ ସାଧୁସନ୍ଥମାନେ



ବଡ଼ଆଖଡ଼ା ମଠ ସମ୍ମୁଖରେ ଛିଡାହୋଇ ସାଧୁସନ୍ଥମାନେ ଉଚ୍ଛେଦକୁ ବିରୋଧ କରୁଛନ୍ତି।

ମେଳି ହୋଇଥିଲେ। ଅଖିଳ ଭାରତୀୟ ସନ୍ଥ ସମିତି ସଙ୍ଗଠନ ମନ୍ତ୍ରୀ ବ୍ରହ୍ମଚାରୀ ତେଜମୟ ସ୍ୱରୂପ କହିଛନ୍ତି, ପ୍ରଶାସନର ଏଭଳି ନିଷ୍ପତ୍ତିକୁ ବିରୋଧ କରି ଏହି ପ୍ରସଙ୍ଗକୁ ଜାତୀୟସ୍ତରକୁ ନେଉଛୁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିରର ସୁରକ୍ଷା ପାଇଁ ମଠ ପରମ୍ପରା ଗଢିଉଠିଥିଲା। ମଠ ପରମ୍ପରାର ମୁଖ୍ୟ ହେଲେ ଗୁରୁମାନେ। ଆମର ପୂର୍ବ ଗୁରୁମାନେ ଶିଷ୍ୟ ଏବଂ ଭକ୍ତଙ୍କୁ ସାଥୀରେ ନେଇ ଶ୍ରୀମନ୍ଦିରକୁ ଆକ୍ରମଣ ସମୟରେ ସୁରକ୍ଷା ଦେଉଥିଲେ। ଯେତେବେଳେ ମନ୍ଦିର ଉପରେ ବାରମ୍ବାର ଆକ୍ରମଣ ହୋଇଥିଲା ସେତେବେଳେ ଏ ପ୍ରଶାସନ କିମ୍ବା ସରକାର ନ ଥିଲେ। ସେହିପରି ମଠ, ମନ୍ଦିର ପାଇଁ ଦେବୋତ୍ତର କମିଶନ ରହିଛନ୍ତି। ହେଲେ ଦେବୋତ୍ତର କମିଶନ ମଠକୁ ଅସୁରକ୍ଷିତ ବୋଲି କହିନାହାନ୍ତି। କିନ୍ତୁ ପ୍ରଶାସନିକ ଅଧିକାରୀ ବିପଦସଂକୁଳ କହି ଭାଙ୍ଗିବା ପାଇଁ ଚାପ ପକାଉଥିବା ବ୍ରହ୍ମଚାରୀ ତେଜମୟ କହିଛନ୍ତି। ଅଖିଳ ଭାରତୀୟ ସନ୍ଥ ସମିତି ଓଡ଼ିଶା ପ୍ରଦେଶର ମହାମନ୍ତ୍ରୀ ବ୍ରହ୍ମଚାରୀ ସତ୍ୟାନନ୍ଦ ମଧ୍ୟ ଏଭଳି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଛନ୍ତି। ସେହିପରି ବହୁ ସଂଖ୍ୟକ ସାଧୁସନ୍ଥ ଜୀବନ ଦେଇଦେବୁ ପଛେ ମଠ ଭାଙ୍ଗିବାକୁ ଦେବେ ନାହିଁ ବୋଲି କହିଥିଲେ। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଏବଂ କ୍ଷତିଗ୍ରସ୍ତ ଦୋକାନୀ ମଠ କୋଠା ଉପରେ ବସି ରହିଥିଲେ। ଦିନତମାମ୍ ଏମିତି ପ୍ରଶାସନ ଏବଂ ସାଧୁସନ୍ଥଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା।

ଅନ୍ୟପକ୍ଷରେ ବଡ଼ ଆଖଡ଼ା ମଠ ମହନ୍ତ ହରିନାରାୟଣ ଦାସଙ୍କ ଉପସ୍ଥିତିରେ ଦୀର୍ଘ ୨ ଘଣ୍ଟା ଧରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଲିଥିଲା ବୈଠକ। ସେଠାରେ ମହାମଣ୍ଡଳେଶ୍ୱର ଶଙ୍କରାନନ୍ଦ ଗିରିଙ୍କ ସମେତ ଅନ୍ୟ ସାଧୁସନ୍ଥମାନେ ପହଞ୍ଚି ଆଲୋଚନାରେ ଭାଗ ନେଇଥିଲେ। ତେବେ ଏହି ଆଲୋଚନା କାଳରେ ମହନ୍ତ ପ୍ରଶାସନ ନିକଟରେ କେତେକ ପ୍ରସ୍ତାବ ରଖିଥିଲେ। ଶ୍ରୀକ୍ଷେତ୍ରର ବିଭିନ୍ନ ମଠ ମହନ୍ତ ଏବଂ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବାକୁ କହିଥିଲେ। ସହମତି ଭିତ୍ତିରେ ଯାହା କିଛି ପଦକ୍ଷେପ ନିଆଯାଉ ବୋଲି ମତ ରଖିଥିଲେ। ତେବେ ପରବର୍ତ୍ତୀ ଆଲୋଚନା ପର୍ଯ୍ୟନ୍ତ ବଡ଼ ଆଖଡା ମଠ ଉଚ୍ଛେଦ କାର୍ଯ୍ୟକୁ ସ୍ଥଗିତ ରଖିଛି ପ୍ରଶାସନ। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ମଙ୍ଗଳବାର ବଡ଼ ଆଖଡା ମଠ ସମେତ ଆହୁରି କିଛି ମଠ ମହନ୍ତ ଏବଂ ସାଧୁସନ୍ଥଙ୍କ ସହ ଆଲୋଚନା ବେଶ୍ ସଫଳ ହୋଇଛି। ୨/୩ ଦିନ ମଧ୍ୟରେ ଆଲୋଚନା କରି ପଦକ୍ଷେପ ନେବୁ। ବର୍ତ୍ତମାନ ଉଚ୍ଛେଦ କାର୍ଯ୍ୟ ସାମୟିକ ଭାବେ ବନ୍ଦ ରହିଛି। ସବୁ ମଠର ପରମ୍ପରା ବଜାୟ ରଖିବାକୁ ସବୁ ପ୍ରକାର ପଦକ୍ଷେପ ନିଆଯିବ। ସୁରକ୍ଷା ଜୋନରେ ଆସୁଥିବା ପକ୍ଷଭୁକ୍ତ ସବୁ ପକ୍ଷଙ୍କ ସହ ଆଲୋଚନା କରାଯିବ। ପକ୍ଷଭୁକ୍ତ ସବୁ ବ୍ୟକ୍ତି ଏବଂ ଅନୁଷ୍ଠାନ ସହ ମଧ୍ୟ ଆଲୋଚନା କରିବୁ। ଏହି ଆଲୋଚନାରୁ ନିଶ୍ଚିତ ଭଲ ନିଷ୍କର୍ଷ ବାହାରିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ କଂଗ୍ରେସର ଏକ କମିଟି ପୂର୍ବାହ୍ନରେ ବଡ଼ ଆଖଡା ମଠ ପରିଦର୍ଶନ କରିଥିଲା। ସେମାନେ ସାଧୁସନ୍ଥଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ରାଉତରାୟ କହିଥିଲେ, ସରକାର ମଠ ଓ ମନ୍ଦିର ଭାଙ୍ଗି ହଜାର ହଜାର ବର୍ଷର ଐତିହ୍ୟ ସଂସ୍କୃତିକୁ ନଷ୍ଟ କରୁଛନ୍ତି। ଏଥିରୁ ନିବୃତ୍ତ ରହିବା ଦରକାର। ଶ୍ରୀମନ୍ଦିର ସୁରକ୍ଷା ପାଇଁ ବର୍ତ୍ତମାନ ସୁଦ୍ଧା ଯେଉଁସବୁ ମଠ ଭଙ୍ଗାଯାଇଛି ତାହାର କିପରି ପୁନରୁଦ୍ଧାର କରାଯିବ ସେ ଦିଗରେ ପଦକ୍ଷେପ ନିଅନ୍ତୁ। ଆଉ କୌଣସି ମଠରେ ସରକାର ହାତ ଦିଅନ୍ତୁ ନାହିଁ। ଯଦି ସରକାର ଆହୁରି ମଠ, ମନ୍ଦିର ଭାଙ୍ଗନ୍ତି ତେବେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଧାୟକ ରାଉତରାୟ କହିଛନ୍ତି।

# ପୁରୀକୁ ଆସୁଛନ୍ତି ୨ ହଜାରରୁ ଊର୍ଦ୍ଧ୍ୱ ନାଗା ସାଧୁ

## ବିରୋଧ କରିବ ବିଶ୍ୱହିନ୍ଦୁ ପରିଷଦ

### ମଠ ଉଚ୍ଛେଦ ପ୍ରସଙ୍ଗ

ପୁରୀ ଅଫିସ, ୩।୯ :

ମଠ ଉଚ୍ଛେଦକୁ ନେଇ ମଙ୍ଗଳବାର ସାଧୁସନ୍ଥଙ୍କ ପ୍ରତିବାଦ ଯୋଗୁ ପ୍ରଶାସନ ପକ୍ଷରୁ ବଡ ଆଖଡା ମଠ ଉଚ୍ଛେଦକୁ ସ୍ଥଗିତ ରଖିଛି। ତେବେ ସାଧୁ ସନ୍ଥଙ୍କ ପ୍ରତିବାଦରେ ସାମିଲ ହେବା ଲାଗି ଦିନେ ଦୁଇଦିନ ମଧ୍ୟରେ ସାରା ଭାରତବର୍ଷରୁ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ନାଗା ସାଧୁ ପୁରୀକୁ ଆସୁଥିବା ବିଶେଷ ସୂତ୍ରରୁ ଜଣାପଡିଛି।

ମଙ୍ଗଳବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ମଠ ମହନ୍ତ ମାନଙ୍କ ଏକ କୌଣସି ଏକ ସ୍ଥାନରେ ରୁଦ୍ଧ ଦ୍ୱାର ବୈଠକ ହୋଇଥିଲା। ଏଥିରେ ପ୍ରଶାସନ ପକ୍ଷରୁ ଚାଲିଥିବା ମଠ ଉଚ୍ଛେଦ ପ୍ରକ୍ରିୟାକୁ ମହନ୍ତ ମାନେ ତୀବ୍ର ବିରୋଧ କରିଥିଲେ। ପ୍ରଶାସନ ଦେବୋତ୍ତର କମିଶନଙ୍କ ବିନା ପରାମର୍ଶରେ ମଠକୁ ବିପଦସଙ୍କୁଳ ଦର୍ଶାଇ ଭାଙ୍ଗିବାକୁ ଯୋଜନା କରିଛି। ଏହାକୁ କୌଣସି ପରିସ୍ଥିତିରେ ମଧ୍ୟ ଗ୍ରହଣ କରାଯିବ ନାହିଁ। ଏ ସମ୍ପର୍କରେ ବୁଧବାର ମହନ୍ତ, ସାଧୁସନ୍ଥଙ୍କ ପ୍ରତିନିଧି ଦଳ ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କରିବା ଲାଗି ସ୍ଥିର ହୋଇଛି। ମଠ ମନ୍ଦିରାଧିଶ ସେବା ସଂଘ ଅଖିଳ ଭାରତୀୟ ମଠ ମନ୍ଦିର ସୁରକ୍ଷା ପରିଷଦର ସହଯୋଗ ଲୋଡିଥିବା ଜଣାପଡିଛି। ପୁରୀର ସାଧୁସନ୍ଥ, ମଠ ମହନ୍ତଙ୍କୁ ସହଯୋଗ ଲାଗି ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ଶତାଧିକ ନାଗା ସାଧୁ ପୁରୀକୁ ଆସିବା ଲାଗି ଟ୍ରେନ ଧରିଥିବା ଜଣାପଡିଛି। ଏହି ନାଗା ସାଧୁ ପ୍ରଶାସନର ମଠ ଉଚ୍ଛେଦକୁ ବିରୋଧ କରିବେ। ଆଗାମୀ ଦିନରେ ପୁରୀରେ ସାଧୁସନ୍ଥ ମାନଙ୍କ ବଡ଼ ଧରଣର ମେଳି ହେବାକୁ ଯାଉଛି। ପ୍ରଶାସନକୁ ଘେରିବା ଲାଗି ସାଧୁସନ୍ଥ ମାନେ ଏକତ୍ରିତ ହେଉଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଅନ୍ୟପଟେ ମଠ ଉଚ୍ଛେଦ ପ୍ରକ୍ରିୟାକୁ ବିଶ୍ୱ ହିନ୍ଦୁ ପରିଷଦ ତୀବ୍ର ନିନ୍ଦା କରୁଛି ବୋଲି ଉତ୍କଳ ପ୍ରାନ୍ତ ଉପାଧ୍ୟକ୍ଷ ପ୍ରମୋଦ ଆଚାର୍ଯ୍ୟ କହିଛନ୍ତି। ମଠ ମନ୍ଦିର ଉଚ୍ଛେଦକୁ ଭିଏଚପି ଆଦୌ ଗ୍ରହଣ କରିବ ନାହିଁ। ଆବଶ୍ୟକ ପଡିଲେ, ଭିଏଚପି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

## ମହାଲକ୍ଷ୍ମୀ ପାଳିଲେ ଋଷି ପଞ୍ଚମୀ ବ୍ରତ

ପୁରୀ ଅଫିସ, ୩।୯:

ଭାଦ୍ରବ ଶୁକ୍ଳ ପଞ୍ଚମୀ ତଥା ଋଷି ପଞ୍ଚମୀ ମଙ୍ଗଳବାର ଥିବାରୁ ଶ୍ରୀଦେବୀ (ମହାଲକ୍ଷ୍ମୀ) ମାର୍କଣ୍ଡ ଋଷିଙ୍କ ଆଶ୍ରମକୁ ଯାଇ ଋଷି ପଞ୍ଚମୀ ବ୍ରତ ପାଳନ କରିଛନ୍ତି। ସକାଳ ଧୂପ ବଢ଼ିବା ପରେ ମହାଲକ୍ଷ୍ମୀ ଶ୍ରୀଅଙ୍ଗରୁ ଅଜ୍ଞାମାଳ ପାଇ ସାତ ପାହାଚଠାରେ ଥିବା ପାଲିଙ୍କିରେ ବିଜେ ହୋଇଥିଲେ। ବିମାନବଡୁମାନେ ତାଙ୍କୁ ପାଲିଙ୍କିରେ ନେଇ ମାର୍କଣ୍ଡଙ୍କ ଭିତର ଗମ୍ଭୀରାରେ ବିଜେ କରାଇଥିଲେ। ସେଠାରେ ମାଜଣା, ବନକଲାଗି ସରିବା ପରେ ପୂଜାପଣ୍ଡାମାନେ ଋଷି ପଞ୍ଚମୀ ବ୍ରତ କଥା ପାଠ କରିଥିଲେ। ଏହାପରେ ଶୀତଳ ଭୋଗ ବନ୍ଦାପନା ବଢି ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ଏ ନେଇ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ରଜସ୍ୱଳା ସମୟରେ ନାରୀମାନେ ସ୍ୱତନ୍ତ୍ର ନିୟମରେ ରହିଥାନ୍ତି। କିନ୍ତୁ ଏହି ସମୟରେ ଅଜ୍ଞାତରେ ହୋଇଥିବା ଦୋଷରୁ ମୁକ୍ତି ଲାଗି ସପ୍ତଋଷିଙ୍କୁ ଆରାଧନା କରିବାର ପରମ୍ପରା ରହିଛି। ତାହାକୁ ଋଷି ପଞ୍ଚମୀ ବ୍ରତ କୁହାଯାଏ।



# ପ୍ୟାକେଜ ନାଁରେ ଭୁଆଁ ବୁଲାଉଛନ୍ତି

**ପୁରୀ ଅଫିସ, ୩।୯ : ଶ୍ରୀମନ୍ଦିର ମେଘନାଦ ପାଚେରି ୭୫ମିଟର ପରିଧିରେ ଆସୁଥିବା ନିର୍ମାଣାଧୀନ କୋଠା ଭଙ୍ଗାଯିବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ପୁରୀବାସୀଙ୍କୁ ତ୍ୟାଗ ଲାଗି ଆହ୍ୱାନ ଦେଇଥିଲେ। ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବିସ୍ଥାପିତଙ୍କ ଲାଗି ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ତେବେ ଏହି ପ୍ୟାକେଜକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିସ୍ଥାପିତ ହୋଇଥିବା ଲୋକେ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ପ୍ୟାକେଜ ନାଁରେ ସେମାନଙ୍କୁ ଭୁଆଁ ବୁଲାଯାଉଥିବା ଅଭିଯୋଗ କରିଛନ୍ତି। ଏନେଇ ଏକ ମତାମତ ଭିତ୍ତିକ ଉପସ୍ଥାପନା...**

### ବିସ୍ଥାପନ ଟଙ୍କା ମିଳିନି



ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ମିଥ୍ୟା କହୁଛନ୍ତି। ବିସ୍ଥାପିତଙ୍କୁ ଥଇଥାନ ନାମରେ ମିଥ୍ୟା ପ୍ରଲୋଭନ ଦେଖାଉଛନ୍ତି। ଥଇଥାନ ନେଇ କରିଥିବା ପ୍ୟାକେଜ ଧୂଆଁବାଣ। ଲୋକଙ୍କୁ ଲଲିପପ୍ ଧରାଇବାକୁ ଚେଷ୍ଟା କରୁଛନ୍ତି। ୨୦୧୫ ନବକଳେବର ସମୟରେ ୧୫ଶହ ବର୍ଗ ଫୁଟ ଘର ଦୋକାନ ଗୃହ ଉଚ୍ଛେଦ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଥଇଥାନ ଟଙ୍କା ପାଇବା ଲାଗି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇପଡିଲିଣି। ଏଣୁ କୌଣସି ବ୍ୟକ୍ତି ସରକାରଙ୍କ ଥଇଥାନ ପ୍ୟାକେଜରେ ଭାସି ନ ଯାନ୍ତୁ।

-ନବ କିଶୋର ସାହୁ, ସାମାଜିକ କର୍ମୀ

### ପ୍ରତିଶ୍ରୁତି ଦେଇ ଠକିଲେ



୨୦୧୩ରେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରୁ ଉଚ୍ଛେଦ ହୋଇଥିଲା। ଏହି ସମୟରେ ମୋର ଦୁଇଟି ଦୋକାନ ଉଚ୍ଛେଦ ହୋଇଥିଲା। ପରବର୍ତ୍ତୀ ସମୟରେ ଉପଯୁକ୍ତ ଥଇଥାନ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ତେବେ ବାରମ୍ବାର ପ୍ରଶାସନ କାର୍ଯ୍ୟାଳୟକୁ ଦୌଡିବା ସତ୍ତ୍ୱେ କୌଣସି ସୁଫଳ ମିଳିନି। ପରେ ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲି। ହାଇକୋର୍ଟ ତୁରନ୍ତ ଥଇଥାନ ଲାଗି ନିର୍ଦ୍ଦେଶ ଦେବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କୌଣସି ଥଇଥାନ କରାଯାଇନାହିଁ। ଏବେ ପୁଣି ୭୫ମିଟର ପରିଧି ମଧ୍ୟରେ ଘର ଚାଲିଯିବା ଆଶଙ୍କା ରହିଛି। ସରକାରଙ୍କ ପ୍ୟାକେଜରେ ସତ୍ୟତା ନାହିଁ। ପ୍ୟାକେଜ୍‌ର କାର୍ଯ୍ୟକାରିତା ନେଇ ଦ୍ୱନ୍ଦ୍ୱ ରହିଛି। ସରକାରଙ୍କ ଉପରେ ମୋର ଆଦୌ ଭରସା ନାହିଁ।

-ରାଜ କୁମାର ନିଗମ, ଯୁବ ବ୍ୟବସାୟୀ


### ମଠ ଦୁରବସ୍ଥା ଲାଗି ସରକାର ଦାୟୀ



ଫିଲାଦିନୁ ମଠ ସହିତ ଜଡିତ ରହିଛି। ମଠରେ ଝୁଲଣ ଯାତ୍ରା ହେଉ ଅଥବା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ମଠ ପକ୍ଷରୁ ଆୟୋଜିତ ଉତ୍ସବରେ ସାମିଲ ହୋଇ ଆସିଛି। ମଠର ଦୁରବସ୍ଥା ଲାଗି ସରକାର ଓ ଦେବୋତ୍ତର ବିଭାଗ ଦାୟୀ। ଏହାର ରକ୍ଷଣାବେକ୍ଷଣ ଲାଗି କୌଣସି ବ୍ୟବସ୍ଥା କରାଯାଇନାହିଁ। ବର୍ତ୍ତମାନ ଏହା ବିପଦସଙ୍କୁଳ ଦର୍ଶାଇ ଏହାକୁ ପ୍ରଶାସନ ଭାଙ୍ଗିଚାଲିଛି। ଏହା ଗ୍ରହଣୀୟ ନୁହଁ। ଯଦି ମଠ ନ ରହିବ, ଶ୍ରୀକ୍ଷେତ୍ରର ଐତିହ୍ୟ ନଷ୍ଟ ହୋଇଯିବ। ଭକ୍ତ ଶ୍ରୀକ୍ଷେତ୍ରକୁ ଆସିଲେ, ପ୍ରଥମେ ମଠ ସ୍ଥାନକୁ ପ୍ରାଥମିକତା ଦେଇଥାଏ। ଯଦି ମଠ ନ ରହିବ, ଭକ୍ତମାନେ କୁଆଡେ ଯିବେ। ପୂଜ୍ୟପୂଜାକୁ ସରକାର କୁଠାରାଘାତ କରୁଛନ୍ତି।

-ଗୌରବ ପାଶୋରିଆ, ଯୁବ ସାମାଜିକ କର୍ମୀ

### ମୋ ଜେଜେମା କାନ୍ଦୁଛି



୭୫ ମିଟର ପରିଧିରେ ମୋର ଘର ଆସୁଛି। ଆମ ଘର ଚାଲିଯିବା ଖବର ଶୁଣି ମୋ ଜେଜେମା ଆଖିରେ ଲୁହ ଶୁଖୁନି। ଘର ଆଗରେ ଠିଆ ହୋଇ କହିଁ କହିଁ କାନ୍ଦୁଛି। ବହୁ କଷ୍ଟରେ ଘର ଖଣ୍ଡେ ତୋଳିଥିଲେ। ବୟସାଧିକ୍ୟ ସତ୍ତ୍ୱେ ହାତରେ ବାଡି ଖଣ୍ଡେ ଧରି ସେ ଶ୍ରୀମନ୍ଦିରକୁ ଦର୍ଶନ କରିବାକୁ ଆସେ। ଘର ଉଚ୍ଛେଦ ହୋଇଗଲେ, ପୂର୍ବ ବଂଶ ପରମ୍ପରା ଘର ନଷ୍ଟ ହୋଇଯିବ। ଦୁଃଖରେ ଜେଜେମା ଖାଇବା ପିଇବା ଛାଡିଲାଣି। ଏନେଇ ଆମ ପରିବାରରେ ଦୁଃଖର ବାତାବରଣ ଲାଗି ରହିଛି। ମୁଁ ଜଣେ ସେବାୟତ। ପ୍ରତ୍ୟେକ ସମୟରେ ମହାପ୍ରଭୁଙ୍କ ସେବାକାର୍ଯ୍ୟରେ ଶ୍ରୀମନ୍ଦିର ଯିବାକୁ ପଡୁଛି। ବିସ୍ଥାପିତ ହେବା ପରେ ଶ୍ରୀମନ୍ଦିର କାର୍ଯ୍ୟରେ ବାଧା ସୃଷ୍ଟି ହେବ।

- ରବୀନ୍ଦ୍ର ଦାସ ମହାପାତ୍ର, ସେବାୟତ


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**Urgent Required**

| | | | |
|---|---|---|---|
| 1. | Diploma (Civil) | - | 20 Nos. |
| 2. | Matric to Graduate | - | 50 Nos. |
| 3. | Autocad (Civil) | - | 5 Nos. |

Contact : 7873563668, 9556880775

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time / Full Time)
Contact: 9938676412

ଘରକାମ/ରୋଷେଇ/ଛୋଟପିଲା ଏବଂ ରୋଗୀଙ୍କ ଯତ୍ନ ପାଇଁ ମହିଳା, ପୁରୁଷ ଆବଶ୍ୟକ।
ଦରମା-୬,୦୦୦/୧୨,୦୦୦
9090909300
7381222430

ଫ୍ୟାନ ୱାଇଣ୍ଡିଂ ପାଇଁ ଅଭିଜ୍ଞ ଲୋକ ଏବଂ ସେଲ୍ସମ୍ୟାନ ଆବଶ୍ୟକ।
ସୋନୁ ଇଲେକ୍ଟ୍ରିକାଲ
୧୫୯, ବାପୁଜୀନଗର, ଗଳି ନଂ.-୧୨, ଭୁବନେଶ୍ୱର

**REQUIRED**
TECHNICIANS - (Welder, Foreman, Rigger) FITTER & Mill Write Fitter with 6 to 15 yrs experience in maintenance Sinter Plant & Blast Furnace for TATA Projects at Angul.
Interview at Hotel Suraj Palace, Infocity Road, Patia, BBSR On Date 07.09.2019
Contact: 0674-2361130
Mail : recruitment@planetsolutions4u.com

**ଲଣ୍ଡ୍ରି କମ୍ପାନୀ ନିମନ୍ତେ**
1. SUPERVISOR
2. ଅଟୋ ଡ୍ରାଇଭର
3. ଡେଲିଭରି ବୟ
(ମହିଳା ଏବଂ ପୁରୁଷ)
8280082800, 7609893102

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact : 9938414918

**PARADIP PORT TRUST**
PARADIP - 754142, ODISHA (INDIA)
MEDICAL DEPARTMENT
SAGARMALA
No. CMO/OE/A/GL-302/2018/1603 Dated, the 29th Aug, 2019
**ADVERTISEMENT**
Paradip Port Trust, an autonomous body under Ministry of Shipping invites applications from Indian Nationals for filling up the following vacancies through Direct Recruitment.

| Sl. No. | Post / scale of pay | Vacancy | Age | Essential qualification & experience |
|---|---|---|---|---|
| 01 | Staff Nurse ₹27,400 - 70,500/- (Class - III) | 01 (UR) | 32 years | Diploma in Nursing and Midwifery from institute recognized by Indian Nursing Council with 3 years experience / B.Sc Nursing from Institute of Nursing recognized by INC with 3 years experience as Staff Nurse in Govt. / PSU / Corporate Govt. Recognized Hospital. |
| 02 | Laboratory Technician ₹27,400 - 70,500/- (Class - III) | 01 (UR) | 32 years | Diploma in Laboratory Technician course from Govt. recognized Institute with at least 3 years works experience OR Degree in Lab. Tech. course from Govt. / Govt. recognized institute with 1 year experience in Govt. / Semi Govt. / reputed Hospital. |

**GENERAL CONDITIONS**
Application complete in all respects including all the information, Present / Permanent Address, E-mail, Mob No., Qualification, Caste etc. and all the self attested testimonials with two latest passport size photographs may be submitted to Chief Medical Officer, Paradip Port Trust Hospital, Dist - Jagatsinghpur, Odisha - 754142 by **30.09.2019**. The candidates already in service may submit their application through proper channel. The cutoff date for determining the age is 01.08.2019. Upper age limit and TA/DA to the SC/ST candidates will be decided as per Govt. guideline. The age limit of the candidates enlisted under compassionate appointment scheme, contract workers working under PPT will be decided as per office order No. AD/RR/II/18/2013/1914, dated 15.06.2019 for which they have to submit the application through proper channel. Decision of the Appointing Authority would be final and PPT reserves the right to cancel and modify the advertisement / vacancies without any notice.
CHIEF MEDICAL OFFICER
Paradip Port Hospital
PPT/PR/312/19-20 Dt.31.08.2019

**WALK-IN-INTERVIEW**
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ। ଦରମା - ମୋଟ ୧୨,୨୦୦/- ମାସିକ
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

WALK IN INTERVIEW
**ST. XAVIER'S HIGH SCHOOL, Satyabhamapur, BBSR**

| POST | Educational Qualification |
|---|---|
| PRT | BA/B.SC/B.COM with B.ED and 2 yrs. experience of teaching in CBSE school. |
| Montessori Teacher | Graduate with NTT compulsory and min. 1 yr. experience of teaching in CBSE school. |

Note: For the above post, candidates must be well-versed in both spoken and written English & Hindi. Short-listed candidates will be called for interview at Satyabhamapur school campus.
Interested candidates can send Resume xavierschool2018@gmail.com within 7days of publicaton.
For any query contact Ph- 8249112131, 9437112053, 6371668915

**ଭୁବନେଶ୍ୱରରେ ଲ୍ୟାଣ୍ଡ ଅଫିସର**
ଆବଶ୍ୟକ ଏକ ବିଖ୍ୟାତ ସଂସ୍ଥା ପାଇଁ।
ଲ୍ୟାଣ୍ଡ ସେଟେଲ୍‌ମେଣ୍ଟ୍ କିମ୍ବା ତହସିଲ୍ ଅଫିସ୍‌ରେ କାମ କରିଥିବା ଅଭିଜ୍ଞ ପ୍ରାର୍ଥୀ ଆବଶ୍ୟକ। ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ରିଅଲ୍ ଇଷ୍ଟେଟ୍‌ରେ କାମ କରିଥିବା ପ୍ରାର୍ଥୀଙ୍କୁ ମଧ୍ୟ ନିଆଯିବ। ପ୍ରାର୍ଥୀ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସକ୍ଷମ ଥିବା ଜରୁରୀ।
ଭଲ ଦରମା + ପ୍ରୋତ୍ସାହନ ଭତ୍ତା + ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧ।
ଇଚ୍ଛୁକ ପ୍ରାର୍ଥୀ ନିଜର ବାୟୋଡାଟା ୭ ଦିନ ଭିତରେ recruitment@gift.edu.in ଇ-ମେଲ୍‌ରେ ପଠାନ୍ତୁ।
7873008194, 8249893003

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।

-ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ବେକ କାଟି ଜୀବନ ହାରିଲେ ଯୁବକ

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ଧଉଳି ଥାନା ଅଧୀନ ଗଙ୍ଗେଶ୍ୱରପୁର ଶାସନ ଅଞ୍ଚଳରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଘର ବାଥ୍‌ରୁମ୍ ଭିତରେ ଜଣେ ଶିକ୍ଷିତ ଯୁବକ ନିଜ ବେକ ଓ ହାତକୁ ଛୁରିରେ କାଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ହେଲେ ଆଶୁତୋଷ ପତି (୨୭)। ଏହି ଖବର ପାଇ ପୋଲିସ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଆଶୁତୋଷଙ୍କ ପରିବାର ଗଙ୍ଗେଶ୍ୱରପୁର ଶାସନ ଅଞ୍ଚଳରେ ରହୁଥିବା ବେଳେ ସେ ବ୍ରହ୍ମପୁରରେ ରହି ବିଟେକ୍ ପଢୁଥିଲେ। ଗତ ଦୁଇଦିନ ହେଲା ସେ ଘରକୁ ବୁଲିବାକୁ ଆସିଥିଲେ। ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ସେ ଫୋନ୍‌ରେ କାହା ସହିତ କଥା ହେଉଥିଲେ। ଏହାପରେ ହଠାତ୍ ସେ ଘରର ବାଥ୍‌ରୁମ୍ ଭିତରକୁ ପଶିଯାଇ ନିଜ ବେକ ଓ ହାତକୁ ଛୁରିରେ କାଟିଦେଇଥିଲେ। ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ରାତି ୧୨ଟା ୩୦ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକ ଜଣକ କାହିଁକି ଏଭଳି କାଣ୍ଡ କଲେ ତାହା ସ୍ପଷ୍ଟ ହୋଇନାହିଁ।

### ଆଇନ ମାନିଲେନି: ନାକେଦମ୍ କଲେ ମଦ୍ୟପ ଗାଡ଼ି ଚାଳକ

**ଭୁବନେଶ୍ୱର,୩।୯(ବ୍ୟୁରୋ):** ନୂଆ ମୋଟର ଆଇନ ରବିବାର ଲାଗୁ ହେବାପରେ ରାଜଧାନୀରେ ଟ୍ରାଫିକ ଯାଞ୍ଚ କଡ଼ାକଡି ହେଲଣି। ପ୍ରଥମେ ଦିନରେ କମିଶନରେଟ ପୋଲିସ କଟକ-ଭୁବନେଶ୍ୱରରୁ ୨ଲକ୍ଷ ୧୩ ହଜାର ଟଙ୍କା ଜରିମାନା ଆଦାୟ କରିଥିଲା। ଗଣେଶପୂଜା, ନୂଆଖାଇ ପାଇଁ ସୋମବାର ଓ ମଙ୍ଗଳବାର ପୋଲିସ ପକ୍ଷରୁ ଯାଞ୍ଚ କୋହଳ କରାଯାଇ ଗାଡ଼ି ଚାଳକଙ୍କୁ ସଚେତନ କରାଗଲା। ମଙ୍ଗଳବାର ଟ୍ରାଫିକ ପୋଲିସ ବିଭିନ୍ନ ଛକରେ ରହି ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଅଟକାଇବା ସହ ସଚେତନ କରି ଛାଡ଼ିଥିଲା। ଅପରାହ୍ନ ପ୍ରାୟ ୪ଟାରେ ଜଣେ ମଦ୍ୟପ କଟକ ରୋଡ୍‌ରେ ଦ୍ରୁତ ଗତିରେ ଗାଡି ଚଳାଇ ପୋଲିସକୁ ନାକେଦମ କରିଥିଲେ। ଏପରିକି ଉକ୍ତ ବ୍ୟକ୍ତି ଜଣକ ପଛରେ ଅନ୍ୟ ଜଣଙ୍କୁ ବସାଇବା ସହ ଟ୍ରାଫିକ ନିୟମକୁ ନ ମାନି ରସୁଲଗଡରୁ କଳ୍ପନା ଅଭିମୁଖେ ଯାଇଥିଲେ। ବାଟରେ ଏକାଧିକ ଦୁର୍ଘଟଣା ମଧ ଘଟାଇଥିଲେ। ତାଙ୍କୁ ଧରିବା ପାଇଁ ୩ ଥାନାର ପିସିଆର ଭ୍ୟାନ୍‌କୁ କୁହାଯାଇଥିଲା। ହେଲେ ପିସିଆର୍ ପୋଲିସ ପିଛା କରିଥିଲେ ମଧ ତାଙ୍କୁ ଧରିପାରି ନ ଥିଲା। ଅନ୍ୟପକ୍ଷରେ ବୁଧବାରଠାରୁ ପୁଣି ଯାଞ୍ଚ ପୁଣି କଡ଼ାକଡ଼ି କରାଯିବ। ଉଲ୍ଲଂଘନକାରୀଙ୍କୁ ଛଡ଼ାଯିବ ନାହିଁ ବୋଲି ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ କହିଛନ୍ତି।

### ଆକ୍ରମଣ, ୨ ଗିରଫ

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ନୟାପଲ୍ଲୀ ଥାନା ଅଧୀନ ଭୋଇସାହି ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୋଲିସ ମଙ୍ଗଳବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଥାନା ଅଧୀନ ଭୋଇସାହି ଅଞ୍ଚଳର ସଞ୍ଜୟ ବେହେରା ଓ ବଳରାମ ଭୋଇ। ପୋଲିସ ନଂ. ୩୯୪/୧୯ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

### ଟ୍ରେନ୍‌ରେ ପ୍ରସବ କଲେ ମହିଳା

**ଭୁବନେଶ୍ୱର,୩।୯(ବ୍ୟୁରୋ):** ଟ୍ରେନରେ ଯାତ୍ରା କଲାବେଳେ ଜଣେ ମହିଳା ପ୍ରସବ କରିଛନ୍ତି। ମଙ୍ଗଳବାର ସମ୍ପର୍କକ୍ରାନ୍ତି ଟ୍ରେନରେ ଛତିଶଗଡର ରାୟପୁରକୁ ପରିବାର ସହ ଯାଉଥିବା ଜଣେ ମହିଳା ଯାତ୍ରା ସମୟରେ ପ୍ରସବ ବେଦନା ଅନୁଭବ କରିଥିଲେ। ସୂଚନାପାଇ ଟ୍ରେନରେ ଥିବା ଟିଟିଆଇ ପରବର୍ତ୍ତୀ ଷ୍ଟେଶନ ଶହଦୋଲ(ମଧ୍ୟପ୍ରଦେଶ)ରେ ଡାକ୍ତରଙ୍କ ବ୍ୟବସ୍ଥା କରିଥିଲେ। କିନ୍ତୁ ଷ୍ଟେଶନ ପୂର୍ବରୁ ମହିଳା ଜଣକ ବେଦନା ସହି ନ ପାରି ଟ୍ରେନ ଭିତରେ ହିଁ ଏକ ଶିଶୁକୁ ଜନ୍ମ ଦେଇଥିଲେ। ପରବର୍ତ୍ତୀ ଷ୍ଟେଶନରେ ଟ୍ରେନ ପହଞ୍ଚିବା ବେଳକୁ ଉପସ୍ଥିତ ଡାକ୍ତର ତାଙ୍କର ଚିକିତ୍ସା କରି ଉଭୟ ମା ଓ ନବଜାତ ଶିଶୁକୁ ସୁସ୍ଥ ଥିବା ସୂଚନା ଦେଇଥିଲେ। ଏ ନେଇ ରେଲୱେ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି।

## ରାଜଧାନୀରେ ବର୍ଷାପାଣି ସ୍ରୋତ

# ରାସ୍ତାରେ ବାଇକ୍ ସହ ଭାସିଗଲେ ୩ ଯୁବକ

### ବିଏମ୍‌ସିର ଅବହେଳାକୁ ଦାୟୀ କଲେ ଲୋକେ

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ସୋମବାର ରାତିରେ ପ୍ରବଳ ବର୍ଷା ରାଜଧାନୀକୁ ଜଳମଗ୍ନ କରିବା ସହ ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଥିଲା। ଆଚାର୍ଯ୍ୟ ବିହାରରୁ ଜୟଦେବ ବିହାର ଯିବାକୁ ଥିବା ବାମପାର୍ଶ୍ୱରେ କଲୋନୀ ରାସ୍ତାରେ ବାଇକ୍‌ରେ ଯାଉଥିବା ୩ ଯୁବକ ପାଣିର ପ୍ରବଳ ସ୍ରୋତରେ ଭାସି ଯାଇଥିଲେ। ଭାସି ଯିବାର ଦୃଶ୍ୟ ସିସିଟିଭିରେ କଏଦ ଭିଡିଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଉକ୍ତ ୩ ଯୁବକ ସୁରକ୍ଷିତ ଥିବା ସହ ସେମାନଙ୍କର କିଛି କ୍ଷତି ହୋଇନାହିଁ। ସାମନ୍ୟ ବର୍ଷାରେ ରାଜଧାନୀ ଜଳବନ୍ଦୀ ହେବା ସମସ୍ୟାର ସମାଧାନ ନ ହେବା ଓ ଲୋକେ ବର୍ଷା ପାଣିରେ ଭାସିଯିବା ଘଟଣାକୁ ବିଏମ୍‌ସିର ଅବହେଳା ଯୋଗୁ ହେଲା ବୋଲି ଲୋକେ କହିଛନ୍ତି।

ସୋମବାର ରାତିରେ ପ୍ରାୟ ୩ ଘଣ୍ଟା ଧରି ମୂଷଳଧାରାରେ ବର୍ଷା ହୋଇଥିଲା। ଆଚାର୍ଯ୍ୟ ବିହାରରୁ ଜୟଦେବ ବିହାର ବାମ ପାର୍ଶ୍ୱ କଲୋନୀ ରାସ୍ତାରେ ପ୍ରବଳ ସ୍ରୋତରେ ପାଣି ଚାଲିଥିଲା। ଏହି ସମୟରେ ରାତି ପ୍ରାୟ ସାଢେ ୧୨ଟାରୁ ୧ଟା ଭିତରେ ବି-ଟେକ ପାସ ଛାତ୍ର ସଂଗ୍ରାମ ନାୟକ ତାଙ୍କ ସାଙ୍ଗ ନିହାର ରଞ୍ଜନ ବେହେରା ଓ ପପୁ ବାଇକ୍‌ରେ ଘରକୁ ଫେରୁଥିଲେ। ଦୂରରେ ଥିବା କେତେଜଣ ସ୍ଥାନୀୟ ଲୋକ ପାଣିର ସ୍ରୋତ ପ୍ରଖର ଥିବାରୁ ସେମାନଙ୍କୁ ବାଇକ୍ ଯୋଗେ ନ ଆସିବାକୁ କହିଥିଲେ। ମନା କରୁଥିବା ବେଳେ ୩ ଜଣ ଛାତ୍ର ପାଣି ଭିତରେ ବାଇକ୍ ଚଳାଇ ଯାଇଥିଲେ। ଏହି ସମୟରେ ବାଙ୍କ ବୁଲିବା ବେଳକୁ ଅନ୍ୟ ଦିଗରୁ ପ୍ରଖର ବେଗରେ ଆସୁଥିବା ପାଣି ସ୍ରୋତ ସେମାନଙ୍କ ବାଇକ୍ ସମେତ ୩ ଜଣଙ୍କୁ ଗୋଟିଏ କଡକୁ ଠେଲି ନେଇଥିଲା। ପାଣିର ପ୍ରଖର ସ୍ରୋତ ଯୋଗୁ ସେମାନେ ବାଇକ୍‌ରୁ ନିୟନ୍ତ୍ରଣ ହରାଇବା ସହ ଭାସି ଯାଇଥିଲେ। ପାଣିର ସ୍ରୋତରେ ୨୦ ମିଟର ରାସ୍ତାରେ ଭାସିଯିବା ପରେ ରାସ୍ତା କଡରେ ଥିବା ଏକ ଘରର ଗ୍ରୀଲ ଏବଂ ପାଚେରିକୁ ଧରି ନିଜକୁ ରକ୍ଷା କରିଥିଲେ ବୋଲି ସଂଗ୍ରାମ କହିଥିଲେ। ସଂଗ୍ରାମଙ୍କ କହିବା ମୁତାବକ, ପୂର୍ବରୁ ଅନେକ ଥର ବର୍ଷା ପାଣି ଜମା ହେବା ପରେ ସେମାନେ ଘରକୁ ଫେରିଥାନ୍ତି। ମାତ୍ର ସୋମବାର ରାତିରେ ବର୍ଷା ଜୋରରେ ହେବା ସହ ପାଣିର ସ୍ରୋତ ଏତେ ପ୍ରଖର ହେବ ବୋଲି ଆଶା କରି ନ ଥିଲୁ। ତେଣୁ ବାଙ୍କ ବୁଲିବା କ୍ଷଣି ବୀପରିତ ଦିଗରୁ ଆସୁଥିବା ପାଣି ସେମାନଙ୍କୁ ଠେଲି ନେଇଥିଲା। ସେମାନଙ୍କ ବାଇକ୍‌ରେ ପାଣିରେ ଭାସି ଯାଇ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେମାନେ ସମସ୍ତେ ସୁରକ୍ଷିତ ଥିବା କହିଛନ୍ତି। ଏ ନେଇ କଲୋନୀ ଅଞ୍ଚଳରେ ରହୁଥିବା ସୌରଭ କୁମାର କହିଛନ୍ତି, କଲୋନୀ ଅଞ୍ଚଳର ସମସ୍ୟା ନେଇ ପ୍ରାୟ ୧୦ ବର୍ଷ ହେବ ବିଏମ୍‌ସି ନିକଟରେ ଅଭିଯୋଗ ହେଉଛି। ପାଣି ଜମା ହୋଇ ରହିଲେ ମଟର ଲଗାଇ ଖାଲି କରିବା ବ୍ୟତୀତ ଏହାର ସ୍ଥାୟୀ ସମାଧାନ ସମ୍ପର୍କରେ ବିଏମ୍‌ସି କାର୍ଯ୍ୟ କରୁନି। ଆଜି କାଲି କହି ଦିନ ଗଡାଇ ଚାଲିଛି। ବିଏମ୍‌ସିର ଏପରି ଅବହେଳା ଲାଗି ପାଣି ସ୍ରୋତରେ ୩ ଯୁବକଙ୍କ ଜୀବନ ଚାଲି ଯାଇଥାନ୍ତା।



୩ ଯୁବକ ଭାସିଯିବାର ସିସିଟିଭିରେ କଏଦ ହୋଇଥିବା ଦୃଶ୍ୟ।

## ୟୁନିଟ୍-୮ ଶିଶୁମନ୍ଦିରରେ 'ଅର୍ଚ୍ଚନା'


ଛାତ୍ରୀଛାତ୍ରମାନେ ନିଜ ଆଗରେ ଗଣେଶ ମୂର୍ତ୍ତି ଓ ଫଟୋ ରଖି ପୂଜା କରୁଛନ୍ତି।

**ଭୁବନେଶ୍ୱର, ୩।୯(ଡି.ଏନ୍.ଏ.)**

ଭୁବନେଶ୍ୱରସ୍ଥିତ ୟୁନିଟ-୮ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ମହାସମାରୋହରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ 'ଅର୍ଚ୍ଚନା' ପ୍ରତଃ ୬ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ଗୋଟିଏ ଲେଖାଏଁ ମୂର୍ତ୍ତି ଓ ଫଟୋ ନିଜ ଆଗରେ ରଖି ପଞ୍ଚବିଧି ଉପଚାରରେ ମନ୍ତ୍ରଉଚ୍ଚାରଣ କରି ପୂଜା କରିଥିଲେ। ଏହି ସାମୂହିକ କାର୍ଯ୍ୟକ୍ରମଟି ପରିବେଶକୁ ଅଧିକ ଆଧାତ୍ମିକ ଓ ମନୋଜ୍ଞ କରିଥିଲା।

## ଓଟିଡିସି ପକ୍ଷରୁ ସଜେସନ୍ ବକ୍ସ କାର୍ଯ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର,୩।୯(ବ୍ୟୁରୋ)**

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)ର ୪୦ତମ ପ୍ରତିଷ୍ଠା ଦିବସ ଖଣ୍ଡଗିରିସ୍ଥିତ ପାନ୍ଥିକା ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଟିଡିସି ଅଧୀନରେ ଥିବା ରାଜ୍ୟର ୨୧ଟି ପାନ୍ଥନିବାସକୁ ପ୍ରଦୂଷଣମୁକ୍ତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ପାନ୍ଥନିବାସରେ ବ୍ୟାପକ ଭାବେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନିଗମର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ 'ମୋ କଲେଜ'ର ଉପଦେଷ୍ଟା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ତଥା ଓଟିଡିସି ପରିଚାଳନା ନିର୍ଦ୍ଦେଶକ ନିର୍ମଳ କୁମାର ମିଶ୍ର, ନିଗମର ସାଧାରଣ ପରିଚାଳକ ସନତ କୁମାର ମହାନ୍ତି ଏବଂ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ପାନ୍ଥିକା ପରିସରରେ ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା। ଏହାସହ ପାନ୍ଥନିବାସର ଅତିଥିମାନେ ନିଜ ରହଣି ସମୟରେ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେନେଇ ପରାମର୍ଶ ଦେବାକୁ ଏକ ସଜେସନ୍ ବକ୍ସର ଉନ୍ମୋଚନ କରାଯାଇଥିଲା। ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷରୋପଣ ସହ ପାନ୍ଥନିବାସଗୁଡ଼ିକୁ ପ୍ରଦୂଷଣମୁକ୍ତ ରଖିବାକୁ ଅଧ୍ୟକ୍ଷା ମିଶ୍ର ଗୁରୁତ୍ୱ ଦେଇଥିଲେ। ସଜେସନ୍ ବକ୍ସ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ଲାଗି ବିଶେଷଭାବେ ସହାୟକ ହେବ ବୋଲି ଉପସ୍ଥିତ ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ।


ଓଟିଡିସିର କର୍ମକର୍ତ୍ତାମାନେ ଚାରା ରୋପଣ କରୁଛନ୍ତି।


ପୁରୁଣା ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ କ୍ଲବ ପକ୍ଷରୁ ଆୟୋଜିତ ଶିବଙ୍କ ଆକୃତିର ଗଣେଶ ମୂର୍ତ୍ତି।


ୟୁନିଟ-୬ସ୍ଥିତ ଫ୍ରେଣ୍ଡ୍‌ସ ଆଣ୍ଡ ଫ୍ରେଣ୍ଡ୍‌ସ କ୍ଲବ ପକ୍ଷରୁ ହୋଇଥିବା ଗଣେଶ ପୂଜା।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ଭଗବତ ଗୀତା କର୍ମଶାଳା

**ବାଲିଅନ୍ତା,୩।୯(ଡି.ଏନ୍.ଏ.)**

ସ୍ଥାନୀୟ ନହରକଣ୍ଠାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସରରେ ମଙ୍ଗଳବାର ୫ମବାର୍ଷିକ ଭଗବତ ଗୀତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିକ୍ଷା ମନ୍ଦିର ଓ ସ୍ୱାଧ୍ୟାୟ ପରିବାର ସହଯୋଗରେ ଆୟୋଜିତ ଏହି ଗୀତା କର୍ମଶାଳାରେ ୫୦ଜଣ ଛାତ୍ରୀଛାତ୍ର ଯୋଗଦେଇ ଗୀତା ଆବୃତ୍ତି ଓ ଏହାର ବାଖ୍ୟା କରିଥିଲେ। ମୁଖ୍ୟଅତିଥି ରୂପେ ସ୍ୱାମୀ ଭାଗବତ ନାଦ ସରସ୍ୱତୀ ଯୋଗଦେଇ ଗୀତାରେ ଜୀବନ ସବୁ ସୂତ୍ର ହୋଇ ରହିଛି। ଏହାର ପ୍ରତି ଶ୍ଳୋକ ଗୋଟିଏ ରତ୍ନଭଳି। ଜୀବନର ଶିକ୍ଷା ପାଇବାକୁ ହେଲେ ଛାତ୍ରୀଛାତ୍ରମାନେ ଏହାକୁ ଅଧ୍ୟୟନ କରିବାକୁ ହେବ ବୋଲି ସେ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ.ଅକ୍ଷୟ କୁମାର ମିଶ୍ର ଓ ପଣ୍ଡିତ ବ୍ରଜ କିଶୋର ମିଶ୍ର ଯୋଗଦେଇଥିଲେ। ଏହି କର୍ମଶାଳା ଶିକ୍ଷା ମନ୍ଦିରର ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ଅଧ୍ୟକ୍ଷତା କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏହି କର୍ମଶାଳାକୁ ସଭ୍ୟ ଡମ୍ବରୁଧର ଜେନା, ପଦ୍ମଲୋଚନ ବେହେରା, ବିଶ୍ୱଭୂଷଣ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## ପୂର୍ବତନ ଆର୍‌ଟିଓଙ୍କ ମୃତ୍ୟୁ, ହସ୍ପିଟାଲରେ ଉତ୍ତେଜନା

### ବଞ୍ଚିଥିବା ଭାବି ପରିବାର ଲୋକେ ଅନ୍ୟ ହସ୍ପିଟାଲକୁ ନେବାକୁ ଉଦ୍ୟମ

**ଭୁବନେଶ୍ୱର,୩।୯(ବ୍ୟୁରୋ)**

ପୂର୍ବତନ ଢେଙ୍କାନାଳ ଆର୍‌ଟିଓ ଦିବାକର ସିଂଙ୍କ ମଙ୍ଗଳବାର ଅପରାହ୍ନରେ ମୃତ୍ୟୁ ଘଟିଛି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ହସ୍ପିଟାଲ ପକ୍ଷରୁ ଘୋଷଣା କରାଯାଇଥିଲେ ମଧ ପରିବାର ଲୋକେ ସହଜରେ ଗ୍ରହଣ କରି ନ ଥିଲେ। ଦିବାକର ବଞ୍ଚିଥିବା ଦାବି କରି ସେମାନେ ଅନ୍ୟ ଘରୋଇ ହସ୍ପିଟାଲକୁ ନେବାକୁ ଉଦ୍ୟମ କରିଥିଲେ। ମୃତଦେହକୁ ହସ୍ପିଟାଲରୁ ଆଣି ଆମ୍ବୁଲାନ୍ସରେ ରଖିଥିଲେ। ଆମ୍ବୁଲାନ୍ସ ଡ୍ରାଇଭର ଗାଡି ଷ୍ଟାର୍ଟ କରୁଥିବାବେଳେ ଫାଣ୍ଡି ପୋଲିସ ପହଞ୍ଚି ଅଟକାଇଥିଲେ। ଏହାକୁ ନେଇ ପୋଲିସ ଓ ମୃତ ଦିବାକରଙ୍କ ପରିବାର ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ବରିଷ୍ଠ ପୋଲିସ ଅଧିକାରୀମାନେ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଦିବାକରଙ୍କ ମୃତ୍ୟୁ ଖବର ପାଇ ଭୁବନେଶ୍ୱର ଓ ଅନ୍ୟ ଅଞ୍ଚଳରୁ ପରିବହନ ବିଭାବର ଅଧିକାରୀମାନେ ହସ୍ପିଟାଲରେ ପହଞ୍ଚିଥିଲେ। ମୃତଦେହକୁ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକେ ନେଇଥିଲେ।

ଦିବାକରଙ୍କ ଘର ମୟୂରଭଞ୍ଜ ଝାରପୋଖରିଆରେ ହୋଇଥିବାବେଳେ ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରର ପ୍ଲଟ ନଂ.୩୭୦ରେ ପରିବାର ସହ ରହୁଥିଲେ। ୨୦୧୮ ଅଗଷ୍ଟରେ ସେ ଢେଙ୍କାନାଳ ଆର୍‌ଟିଓଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଗତ ଡିସେମ୍ବର ୨୯ରେ ତାଙ୍କ ବାସଗୃହ, ପୈତୃକ ଘର, ଭଡାଘର ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଚଢାଉ କରିଥିଲା। ସେବେଠାରୁ ସେ ମାନସିକ ଚାପରେ ଥିଲେ।

## ଜଳିଗଲା ଫଳଦୋକାନ

**ପୁରୁଣା ଭୁବନେଶ୍ୱର, ୩। ୯ (ଡି.ଏନ.ଏ.)**

ସ୍ଥାନୀୟ ଗଙ୍ଗନଗର ଛକସ୍ଥିତ ଓୟୁଏଟି ହଷ୍ଟେଲ ପାଚେରୀକୁ ଲାଗିଥିବା ଏକ ଫଳ ଦୋକାନରେ ଅଗ୍ନିକାଣ୍ଡ ଘଟିଛି। ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ଦୋକାନରେ ନିଆଁ ଲାଗି ଯାଇଥିଲା। ନିକଟରେ ଥିବା ଦୋକାନର କର୍ମଚାରୀମାନେ କିଛି ଜିନିଷ ଆଣିବାରେ ସକ୍ଷମ ହୋଇଥିଲେ। ଦୋକାନରେ ଥିବା ସମସ୍ତ ଆସବାବପତ୍ର ସହ ଫଳ ଜଳି ଯାଇଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖଣ୍ଡଗିରିସ୍ଥିତ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବ ନିଆଁକୁ ଆୟତ କରିଥିଲେ। ସେତେବେଳକୁ ସମସ୍ତ ଆସବାଦପତ୍ର ଜଳି ପୋଡ଼ି ପାଉଁଶ ହୋଇଥିଲା।

## ନିସ୍ କଲେଜରେ ସ୍ୱାଗତ ଉତ୍ସବ



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ଭୁବନେଶ୍ୱର,୩।୯(ବ୍ୟୁରୋ)**

ମଦନପୁରସ୍ଥିତ ନିସ ଇନଷ୍ଟିଚ୍ୟୁଟ ଅଫ ବିଜନେସ ଆଡମିନିଷ୍ଟ୍ରେଶନରେ ନବାଗତମାନଙ୍କୁ ସ୍ୱାଗତ କରାଯାଇଛି। ଏହି ଉତ୍ସବରେ ଓଏମସି ଡାଇରେକ୍ଟର ଡ. ସାନ୍ତନୁ ରଥ, ଏକ୍ସଆଇଏମବିର ପ୍ରଫେସର ସୁଚିତ୍ରା ପାଲ, ୱିପ୍ରୋର ଦୁଇ ଅଧିକାରୀ ଅନୁରାଗ କୀର୍ତ୍ତି ଓ ଶୁଭ୍ରାଂଶୁ ଶେଖର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅର୍ଥନୈତିକ ଉନ୍ନତି ପଥରେ ବୈଷୟିକ ଶିକ୍ଷାର ଆବଶ୍ୟକତା, ଭୂମିକା ଓ ଦକ୍ଷତା ବିକାଶ ଉପରେ ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମ୍ୟାନେଜିଂ କମିଟି ଟ୍ରଷ୍ଟି ଡ. ସୁବାସ ଚନ୍ଦ୍ର ନାୟକ, ନିର୍ଦ୍ଦେଶକ ଡ. ଶ୍ରୁତିକାନ୍ତ ଦୀକ୍ଷିତ, ସହ ପ୍ରତିଷ୍ଠାତା ସ୍ମୃତିସୁଧା ନାୟକ, ଉପନିର୍ଦ୍ଦେଶକ ପ୍ର. ଦୁଷ୍ମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ କଲେଜର ନୀତି ନିୟମ ବିଷୟରେ ଆଲୋକପାତ କରିଥିଲେ।

# ନକଲି ସାମଗ୍ରୀର ପେଣ୍ଠସ୍ଥଳ ଭୁବନେଶ୍ୱର

- ସହରବାସୀଙ୍କ ଜୀବନ ସହ ଖେଳ
- ଚୁପ୍ ବସିଛି ପୋଲିସ, ସ୍ୱାସ୍ଥ୍ୟ ବିଭାଗ
- ଅସଲି, ନକଲି ଜାଣିପାରୁ ନାହାନ୍ତି ଲୋକେ

**ଭୁବନେଶ୍ୱର,୩।୯(ବ୍ୟୁରୋ)**

ନକଲି, ଭେଜାଲ ସାମଗ୍ରୀ ତିଆରି ଓ ବିକ୍ରିର ପେଣ୍ଠସ୍ଥଳ ପାଲଟିଛି ରାଜଧାନୀ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଖାଦ୍ୟ ପଦାର୍ଥ, ସବୁକିଛି ହେଉଛି ଭେଜାଲ। ଏହାକୁ ଖାଇ ସହରବାସୀ ଅଜାଣତରେ ରୋଗ କିଣୁଥିବାବେଳେ ବ୍ୟବସାୟୀମାନେ ମଧ ସେମାନଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ବିଶେଷକରି ଖାଇବା ତେଲ, ଶସ୍, ମସଲା ପେଷ୍ଟ, ଇଞ୍ଜିନ ଅଏଲ, ମଦ, ଘିଅ, ଜର୍ଦ୍ଦା, ଗୁଟ୍‌ଖା ଆଦିର ନକଲି ପ୍ରସ୍ତୁତ ହେଉଥିବାବେଳେ ଅଧିକାଂଶ ସାମଗ୍ରୀର ଭେଜାଲ କରାଯାଇ ବଜାରକୁ ଛଡ଼ାଯାଉଛି। ଏସବୁ ବେଆଇନ କାରବାରରେ ଅପରାଧୀ ଗୋଷ୍ଠୀ ଓ ଲାଭଖୋର ବ୍ୟବସାୟୀ ସମ୍ପୃକ୍ତ ରହୁଛନ୍ତି। ନାମୀଦାମୀ କମ୍ପାନୀ ନାଁରେ ଅସଲି ଭଳି ଦେଖାଯାଉଥିବା ପ୍ୟାକ୍‌ରେ ନକଲି ସାମଗ୍ରୀ ଭର୍ତ୍ତି କରି ବିକ୍ରି କରାଯାଉଛି। ଅସଲି ଓ ନକଲି ଜାଣିବା ପାଇଁ ଜଣେ ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ ହେଉ ନ ଥିବାରୁ ଏବେ ସହରରେ ଏସବୁ ସାମଗ୍ରୀର କାରବାର ଢ଼େର୍ ବଢ଼ିଯାଇଛି। ହେଲେ ପୋଲିସ ଓ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସହରୀ ଜୀବନ ପ୍ରତି ଆଶଙ୍କା ପ୍ରକାଶ ପାଇଛି।

### ପୂର୍ବରୁ ଠାବ ହୋଇଥିବା ନକଲି କାରଖାନା

ବିଗତ ଦିନରେ ଭୁବନେଶ୍ୱରରେ ବହୁ ନକଲ କାରଖାନା ଠାବ ହୋଇଛି। ୨୦୧୫ରେ ଖାରବେଳନଗର ଥାନା ଅନ୍ତର୍ଗତ ମାଳିସାହିରେ ଚାଲିଥିବା ନକଲି ଗୁଟ୍‌ଖା କାରଖାନା ଧରାପଡିଥିଲା। ପୋଲିସ ସେଠାରୁ ୩ ମେଶିନ ସହ ବିପୁଳ ସାମଗ୍ରୀ ଜବତ କରିବା ସହ ୫ଜଣ କର୍ମଚାରୀଙ୍କୁ ଗିରଫ କରିଥିଲା। ହେଲେ ମାଷ୍ଟରମାଇଣ୍ଡ୍ ଜଣକ ଜଣେ ପୋଲିସ ଅଧିକାରୀଙ୍କ ସମ୍ପର୍କୀୟ ହୋଇଥିବାରୁ ତାଙ୍କୁ ଗିରଫ କରାଯାଉ ନ ଥିବା କୁହାଯାଉଛି। ଲକ୍ଷ୍ମୀସାଗର ତଳସାହିର ଏକ ଭଡାଘରେ ଏକ ନାମୀ କମ୍ପାନୀର ବ୍ରାଣ୍ଡକୁ ବ୍ୟବହାର କରାଯାଇ ନକଲି ଜର୍ଦ୍ଦା ତିଆରି କାରଖାନା ଚାଲିଥିଲା। ୨୦୧୬ରେ ଡିସିପିଙ୍କ ନିକଟରେ ଅଭିଯୋଗ କରିବା ପରେ ପୋଲିସ ଚଢାଉ କରି ବିପୁଳ ପରିମାଣର ନକଲି ଜର୍ଦ୍ଦା, ମେଶିନ ଜବତ କରିବା ସହ କେବଳ ୩ଜଣ କର୍ମଚାରୀଙ୍କୁ ଗିରଫ କରିଥିଲା। ସେହିପରି ୨୦୧୭ ନଭେମ୍ବର ୧୨ରେ ଲକ୍ଷ୍ମୀସାଗର ଥାନା ପୁରୁଣା ଷ୍ଟେଶନ ବଜାର ନିକଟ ରିଫ୍ୟୁଜି କଲୋନୀରେ ଏକ ନକଲି ଘିଅ କାରଖାନା ଠାବ କରାଯାଇଥିଲା। ଏହି ଘଟଣାରେ ୬ଜଣ ଗିରଫ ହୋଇଥିଲେ। ସେହିବର୍ଷ ଡିସେମ୍ବର ୧୬ରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସମେଇ ଗାଡିଆ ଅଞ୍ଚଳରେ ନକଲି ଗାଡ଼ି ଇଞ୍ଜିନ ଅଏଲ ତିଆରି କାରଖାନାରେ କ୍ୟୁଏଟି ଚଢ଼ାଉ କରି ବିପୁଳ ସାମଗ୍ରୀ ଜବତ କରିଥିଲା। ଏହି ଘଟଣାରେ ଦୁଇଜଣ ଗିରଫ ହୋଇଥିଲେ। ୨୦୧୮ ଫେବୃୟାରୀ ୧୮ରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜୟଦୁର୍ଗା ଅଞ୍ଚଳରୁ ଏକ ନକଲି ଧୂପକାଠି କାରଖାନା ଜବତ କରାଯିବା ସହ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ୨୦୧୯ ଫେବୃୟାରୀରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ଏକ ନକଲି ଲଙ୍କା ଓ ଟମାଟୋ ଶସ୍ ତିଆରି କାରଖାନା ଠାବ କରାଯିବା ସହ ୨ଜଣଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ଗତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ବଡ଼ଗଡ଼ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର କରିଥିଲା। ସେମାନେ ରହୁଥିବା ଧଉଳି ଥାନା ଉତ୍ତରା ବାପୁଜୀ ହାଇଟ୍ ଆପାର୍ଟମେଣ୍ଟରେ ଚଢ଼ାଉ କରିବା ପରେ ସେଠାରେ ନକଲି ମଦ କାରଖାନା ଚାଲିଥିବା ଜଣାପଡିଥିଲା। ପୋଲିସ ମଧ ବିପୁଳ ନକଲି ମଦ ଜବତ କରିଥିଲା।

## ଗୋପାଳନ



–ଶାହାଣ, ଫାଟୁଆ ଓ ବଜବଜିଆ ରୋଗ ନ ହେବା ଲାଗି ଗୋରୁଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ ।

–ଟିକା ଦେବାର ୧୫–୨୦ ଦିନ ଆଗରୁ ଗୋରୁଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଅନ୍ତୁ ।

–ବର୍ଷାଦିନେ ଗାଈଙ୍କୁ ଅଢ଼େଇଆ ଜ୍ୱର ମଶା ଓ ଡାଆଁଶର ଉପଦ୍ରବ ଯୋଗୁଁ ହୋଇଥାଏ । ଏହାଦ୍ୱାରା ଶରୀର ଉତ୍ତାପ ୧୦୩ ରୁ ୧୦୭ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ । ନାକ, ଆଖି ଓ ପାଟିରୁ ପାଣି ବାହାରେ । ପ୍ରଥମେ କଠିନ ଓ ପରେ ତରଳ ଝାଡ଼ା ହୋଇଥାଏ। ଏହାର ପ୍ରତିକାର ନିମନ୍ତେ ଗୁହାଳରେ ଝୁଣା କିମ୍ବା ଲିମ୍ବପତ୍ର ଧୂଆଁ ସନ୍ଧ୍ୟା ସମୟରେ ଦିଅନ୍ତୁ । ଗୁହାଳର ଚାରିପଟ ପରିଷ୍କାର ରଖନ୍ତୁ । ଖତଗଦା ଗୁହାଳଠାରୁ ଦୂରରେ କରନ୍ତୁ । ପ୍ରତିକାର ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ ।

## ଫଳଚାଷ

### ଅମୃତଭଣ୍ଡା

–ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

–ରୋଗଣା ଗଛକୁ ବାହାର କରିଦିଅନ୍ତୁ ।

–ମେଟାଲାକ୍ସିଲ୍ X ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ।


### ଲେମ୍ବୁ

–ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ

–ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡ଼ୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ ।

–ଏକ ମାସ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ।

–ଏକଭାଗ ବୋର୍ଡାକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ବ୍ୟବହାର କରାଯାଇ ପାରିବ ।



# ଏ ମାସର କୃଷି ସୂଚନା



### ମାଛଚାଷ

–ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସିଏଏନ୍ ୧୦ କି.ଗ୍ରା. ଏବଂ ଏସ୍‌ଏସ୍‌ପି ୩ କି.ଗ୍ରା.)କୁ ୩–୪ ଥରରେ ପ୍ରୟୋଗ କରନ୍ତୁ ।

–ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଲୋଗ୍ରାମ୍ ହିସାବରେ ମାଛଙ୍କୁ ଦିଅନ୍ତୁ ।

–କୃତ୍ରିମ ଖାଦ୍ୟ ତିଆରି ଲାଗି ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ। ୧୦୦ କିଲୋଗ୍ରାମ୍ କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କିଲୋଗ୍ରାମ୍ ବାଦାମ/ଶୋରିଷ/ରାଶି/ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କିଲୋଗ୍ରାମ୍ ଶୁଖୁଆଗୁଣ୍ଡ, ୨୮ କିଲୋଗ୍ରାମ୍ କାଣ୍ଡିଆକୁଣ୍ଡା, ୧୦ କିଲୋଗ୍ରାମ୍ ଅଟା ଓ ୨ କିଲୋଗ୍ରାମ୍ ମିନେରାଲ୍ ମିକ୍ସଚର ଆବଶ୍ୟକ । ମାଛଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ।

**ମକା :** ମକା କିଆରିରେ ଠିଆପାଣି ରଖନ୍ତୁ ନାହିଁ। କିଆରିରେ ଠିଆପାଣି ଜମି ରହିଲେ କାଣ୍ଡସଢ଼ା ରୋଗ ଦେଖାଯାଏ । ଏହି ରୋଗ ହେଲେ ପ୍ରତି ଲିଟର ପାଣିରେ ଭାଲିଡାମାଇସିନ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ମାଣ୍ଡିଆ :** ମାଣ୍ଡିଆ କିଆରିରେ ଠିଆ ପାଣି ରଖନ୍ତୁ ନାହିଁ । ଫସଲରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

ଡାଲି ଜାତୀୟ ଫସଲ : ଢିପ ଜମିରେ ମୁଗ, ବିରି, କୋଳଥ ଆଦି ଡାଲି ଜାତୀୟ ଫସଲ ଚାଷ କରନ୍ତୁ ।

***ମୁଗ*** **:** ଟାର୍ମ–୧, ଟାର୍ମ–୨, ପୁଷା–୯୦୭୨, ଓବିଜିଜି–୫୨, ଓୟୁଏମ୍ ୧୧–୫ (କାମଦେବ), ସୁଜାତା, ଧଉଳି, ଆଇପିଏମ୍–୨–୩ ଓ ଆଇପିଏମ୍–୨–୧୪

**ବିରି :** ଟି–୯, ପନ୍ତ୍ ୟୁ–୩୦, ପନ୍ତ୍ ୟୁ–୩୫, ପ୍ରସାଦ, ଶେଖର–୨, ସାରଳା, ଉଜ୍ଜ୍ୱଳା

**ତୈଳବୀଜ :** ଉପକୂଳବର୍ତ୍ତୀ ଜିଲାରେ ତୋରିଆ ଜାତୀୟ ସୋରିଷ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ତୋରିଆ କିସମ ଯଥା– ଅନୁରାଧା, ପାର୍ବତୀ, ସୁଶ୍ରୀ ସଂଗ୍ରହ କରନ୍ତୁ ଓ ସେପ୍ଟେମ୍ବର ଦ୍ୱିତୀୟାର୍ଦ୍ଧରେ ବୁଣନ୍ତୁ।

–ଅଣ ଜଳସେଚିତ ତୋରିଆ ଲାଗି ହେକ୍ଟର ପ୍ରତି ମୂଳସାର ୩୦ କି.ଗ୍ରା. ଯବକ୍ଷାରଜାନ, ୧୫ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।

**ଆଖୁ :** କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩–୪ ଥର ଛାଡନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟ ଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ। ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ।

–ଦହିଆ ପୋକର ଦମନ ସକାଶେ ପ୍ରତି ଲିଟର ପାଣିରେ ୦.୩ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫%, ଡବ୍ଲୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।

–ନାଲିଶଢ଼ା ରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ ।

–ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।

**ପନିପରିବା :**

–ଶୀତଦିନିଆ ପନିପରିବା ଚାଷ କରିବା ପାଇଁ ଚାରା ପକାଇବା ଆରମ୍ଭ କରନ୍ତୁ। (ଏକ ଏକର ଜମିରେ ପରିବା ଚାଷ କରିବା ପାଇଁ ୫୦ ବର୍ଗମିଟର ଜାଗାରେ ୧ ମିଟର ଓସାର ଓ ୩ ମିଟର ଲମ୍ବର ମାଟି ପତନଠାରୁ ୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ।) ତଳିଘରା ମଧ୍ୟରେ ୫୦ ସେ.ମି. ବ୍ୟବଧାନରେ ନାଳି ରଖନ୍ତୁ।

–ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନରେ ୧ ଗ୍ରାମ୍ ଭିଟାଭାକ୍ସ ପାୱାର୍ କିମ୍ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରନ୍ତୁ।

–ତଳିଘରାରେ ମଧ୍ୟ କ୍ୟାପ୍‌ଟାନ୍ (୦.୨%) ସିଞ୍ଚନ କରନ୍ତୁ। ତଳିଘରାରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ।

–ସଅଳ ଶୀତଦିନିଆ ଉନ୍ନତ ପନିପରିବାର କିସମଗୁଡ଼ିକ ହେଲା –

–*ମୂଳା :* ପୁଷା ଚେତକି, ପୁଷା ରଶ୍ମି, ପୁଷା ହିମାନୀ।

–*ଫୁଲକୋବି :* ପୁଷା ଦୀପାଳି, ପୁଷା କୁଆଁରୀ, ପୁଷା କାଟକୀ, ଅର୍ଲି ସିନ୍ଥେଟିକ୍।

–ବନ୍ଧାକୋବି : ପ୍ରାଇଡ୍ ଅଫ୍ ଇଣ୍ଡିଆ, ଗୋଲ୍‌ଡେନ୍ ଏକର, ଗ୍ରୀନ୍ ବଲ୍, ପ୍ରିୟା।

–ଗୁଆଁର : ପୁଷା ସଦାବାହାର, ପୁଷା ନୌବାହାର।

–ଟମାଟୋ : ଉତ୍କଳ ଦୀପ୍ତି, ଉତ୍କଳ କୁମାରୀ, ଉତ୍କଳ ଶ୍ରାବଣୀ ।

–ବିନ୍ : ଆର୍କାକୋମଲ, ଆର୍କାସୁବିଧା।

–ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ।

–ବାଇଗଣରେ କାଙ୍କଡ଼ିଆ ପୋକର ଦମନ ଲାଗି ୧ ଲିଟର ପାଣିରେ ଟ୍ରାଇଆଜୋଫସ୍ ୫୦ ଇ.ସି. ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ। ଏକର ପିଛା ୨୦୦ ଲିଟର ଦ୍ରବଣ ସିଞ୍ଚନ କରିବା ଆବଶ୍ୟକ।

*– କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

## ଧାନ

ଢିପ ଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚି ଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ ।

–ଡେରିରେ ରୁଆ ଯାଇଥିବା ଧାନ ୨–୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ତଳି ୧୭ ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ ।

–ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ ।

–ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଢ଼େଇବା ପର୍ଯ୍ୟନ୍ତ ଜମିରେ ୫ X ୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟା କରନ୍ତୁ।

–ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩%, ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାଛଡ଼ା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ଲାଗି ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ। ଲେଡ଼ାପୋକ ଦମନ ସକାଶେ ଟ୍ରାୟାଜୋଫସ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ଏହାଛଡ଼ା ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ ଔଷଧ ପକାଇ ବିଷ ବଳୟ ତିଆରି କରନ୍ତୁ। ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୭୫% ଡବ୍ଲୁ.ପି. ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୨ ମି.ଲି.)କୁ ଗୋଳାଇ ସିଞ୍ଚନ କରନ୍ତୁ ।

–ଜଳସେଚନ ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ସଅଳ କିସମ ଧାନ ଯଥା – ଖଣ୍ଡଗିରି, ପାରିଜାତ, କଳିଙ୍ଗ–୩, ପଦ୍ମିନୀ ଧାନ ରୁଅନ୍ତୁ ।



## ଫୁଲଚାଷ

–ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ ।

–ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିୟର୍ ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଙ୍ଗ ଷ୍ଟାର୍, ସୁପର ଜ୍ୟାଣ୍ଟ୍ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।





# ବର୍ଷାଦିନେ ପିଆଜର ଉପଯୁକ୍ତ ସାଇତା ପଦ୍ଧତି



ଶିବ ପ୍ରସାଦ ମିଶ୍ର

**ବର୍ଷାଦିନେ ପିଆଜ ସଙ୍କଟ ଦୂର ପାଇଁ ଉପଯୁକ୍ତ ସାଇତା ପଦ୍ଧତି ସମ୍ପର୍କରେ କେତୋଟି ଜାଣିବା କଥା...**

ଚାଷୀଭାଇମାନେ ପିଆଜ ଅମଳ ପରେ ପରେ ବ୍ୟବସାୟୀଙ୍କୁ ବିକ୍ରି କରିଦିଅନ୍ତି । ପିଆଜ ସାଇତି ରଖିଲେ ପଚିଯିବାର ଭୟ ଥାଏ କିମ୍ବା ଅଭାବ ଅସୁବିଧା ମେଣ୍ଟାଇବା ପାଇଁ ଚାଷୀ ବିକ୍ରି କରି ଦେବାକୁ ବାଧ୍ୟ ହୁଏ । ଏପ୍ରିଲ୍–ମେ ମାସରେ ପିଆଜ ଅମଳ ସମୟରେ ବଜାର ଦର ବହୁତ କମ୍ ଥାଏ । କିନ୍ତୁ ଅଗଷ୍ଟ ମାସରୁ ପୁଣି ଅମଳ ସମୟ ପର୍ଯ୍ୟନ୍ତ ଦର ଅତ୍ୟଧିକ ହୁଏ । ଯଦି ଚାଷୀ ଭାଇମାନେ ଦୁଇ ଚାରି ମାସରେ ପିଆଜକୁ ସାଇତି ରଖି ପାରିବେ ତା' ହେଲେ ଅଧିକ ଲାଭ ହେବାର ଆଶା ଅଛି । ଆଜିକାଲି ଗାଉଁଲି ଭାବରେ ପିଆଜ ସାଇତି ରଖିବାର ଉପାୟ ବାହାରିଛି । ପିଆଜକୁ ଅଧିକ ଦିନ କିପରି ସାଇତି ରଖାଯାଇପାରିବ ତାହାର ଉପାୟ ସମ୍ପର୍କରେ ଏଠାରେ ସୂଚିତ କରାଯାଉଛି ...

**ପିଆଜ ସାଇତି ରଖିବା ଲାଗି ଅମଳ ପ୍ରଣାଳୀ :** ସାଧାରଣତଃ ଚାଷୀମାନେ ବର୍ତ୍ତମାନ ଯେଉଁ ପ୍ରଣାଳୀରେ ପିଆଜ ଖୋଳି ଘରକୁ ଆଣି ସାଇତି ରଖୁଛନ୍ତି ତା' ଦ୍ୱାରା ପିଆଜ ବେଶିଦିନ ରହି ପାରୁନାହିଁ ।

– ୭ ଦିନ ପରେ ପିଆଜ ଗଛ ପୂରା ଶୁଖିଯାଇଥାଏ । ପିଆଜଠାରୁ ୧ ଇଞ୍ଚ ବା ୧/୨ ଇଞ୍ଚ ନାଡ଼ ରଖି ବାକିତକ କାଟି ଦିଅନ୍ତୁ । ଚେରକୁ ସଫା କରିଦିଅନ୍ତୁ।

– ଖଣ୍ଡିଆ ବା ପଚା ହୋଇଥିବା ପିଆଜକୁ ବାଛି ବାହାର କରି ଦିଅନ୍ତୁ ।

– ବଡ଼, ମଝିଆ ଓ ସାନ ଆକାରର ପିଆଜକୁ ଅଲଗା ଅଲଗା ବାଛି ରଖନ୍ତୁ । ଏହାଦ୍ୱାରା ପିଆଜ ଅଧିକ ଦିନ ରହିବ ।

**ପିଆଜ ରଖିବା ପାଇଁ ଡୋଲି ତିଆରି ପ୍ରଣାଳୀ :** ବର୍ତ୍ତମାନ ଚାଷୀମାନେ ଘର ଭିତରେ ବା ଆଟୁରେ ଓହଳାଇ ପିଆଜ ରଖୁଛନ୍ତି । ପବନ ଚଳାଚଳ ଅଭାବରୁ ଏହା ଶୀଘ୍ର ପଚା ହୋଇଯାଏ । ଏଣୁ ଭଲ ଭାବେ ପବନ ଚଳାଚଳ ହୋଇ ପାରୁଥିବା ଡୋଲି ତିଆରି କରିବାର ପ୍ରଣାଳୀ ସମ୍ପର୍କରେ ଏଠାରେ ସୂଚିତ କରାଯାଉଛି।

– ସାଧାରଣତଃ ୧୦ କୁଇଣ୍ଟାଲ୍ ପିଆଜ ରଖିବା ପାଇଁ ୭୫ ଘନଫୁଟ ବା ୧୦ ଫୁଟ୍ ଲମ୍ବ, ୩ ଫୁଟ୍ ଓସାର ଓ ୨.୫ ଫୁଟ ଉଚ୍ଚର ଏକ ଡୋଲି ଦରକାର। ତଳ ଉପର ଦୁଇଟି ଡୋଲିରେ ୨୦ କୁଇଣ୍ଟାଲ୍ ପିଆଜ ରହିପାରିବ । ସେହିପରି ଗୋଟିଏ ୧୩ ଫୁଟ ଘରେ ଏହିପରି ୪ଟି ଡୋଲିରେ ୪୦ କୁଇଣ୍ଟାଲ୍ ପିଆଜ ସୁବିଧାରେ ରହି ପାରିବ ।



ପିଆଜ ସାଇତି ରଖିବା ଦ୍ୱାରା ଶତକଡ଼ା ୨୦ ଭାଗ ଶୁଖିଯାଇ ୧୦–୧୫ ଭାଗ ପଚା ହୋଇ ଓ ୫ ରୁ ୭ ଭାଗ ଗଜା ହୋଇ ନଷ୍ଟ ହୋଇଯାଏ । ଏହି ସବୁରୁ ପିଆଜକୁ ରକ୍ଷା କରିବା ପାଇଁ ନିମ୍ନଲିଖିତ ପ୍ରଣାଳୀ ଅନୁସରଣ କରିପାରିବେ...

– ତଳି ରୋଇବାର ୭୫ ଦିନ ପରେ ୨–୨.୫ ମି.ଲି. ମାଲିକ୍ ହାଇଡ୍ରାଜାଇଡ୍ ୧ ଲିଟର ପାଣିରେ ଗୋଳାଇ ଫସଲ ଉପରେ ସିଞ୍ଚନ୍ତୁ ।

– ଶତକଡ଼ା ୫୦ ଭାଗରୁ ଊର୍ଦ୍ଧ୍ୱ ଗଛ ଖେତରେ ବେକଭାଙ୍ଗି ତଳି ପଡ଼ିବାର ୭ ଦିନ ପରେ ପିଆଜ ଖୋଳନ୍ତୁ।

– ପିଆଜ ଖୋଳିବାର ୧୫ ଦିନ ପୂର୍ବରୁ ପାଣି ଦେବା ବନ୍ଦ କରି ଦିଅନ୍ତୁ।

– ପିଆଜ ଖୋଳି ସାରିବା ପରେ ତିନି ଦିନ ବିଲରେ ଖରା ଓ କାକର ଖାଇବା ପାଇଁ ରଖନ୍ତୁ । ଯଦି ବିଲରେ ରଖିବାର ସୁବିଧା ନ ଥାଏ, ତେବେ ଘର ଅଗଣା ବା ବାଡ଼ିରେ ତାହା ୩ ଦିନ ଖରା ଓ କାକର ଖୁଆଇବା ବ୍ୟବସ୍ଥା କରନ୍ତୁ ।

– ଏହା ପରେ ଛାଇ ଜାଗାରେ ୭ ଦିନ ଖୋଲାରେ ଶୁଖାନ୍ତୁ ।

–ଚାରିଆଡ଼େ ନିବୁଜ କାନ୍ଥ ନ ଥାଇ ଏକ ଚାଳିଆ ଘରେ ଏହି ଡୋଲି ତିଆରି କରାଯିବା ଆବଶ୍ୟକ ।

– ଗାଁ ଗହଳରେ ମିଳୁଥିବା କାଠ ଓ ବାଉଁଶ ଦ୍ୱାରା ଏହା କରାଯାଏ ।

– ତିନି ଫୁଟ ଚଉଡ଼ା, ଅଢ଼େଇ ଫୁଟ ଉଚ୍ଚ ଏବଂ ଆବଶ୍ୟକ ଅନୁଯାୟୀ ଲମ୍ବ ବିଶିଷ୍ଟ ଏକ କାଠ ଫ୍ରେମ ଭୂମିଠାରୁ ୧ ଫୁଟ୍ ଉଚ୍ଚରେ ତିଆରି କରନ୍ତୁ। ଏହାର ଛଅ ପାଖକୁ ବନ୍ଦ କରିବା ପାଇଁ ଆବଶ୍ୟକ ଲମ୍ବର ନିଦା ବାଉଁଶ ବା କାଠ ୧ ଇଞ୍ଚ ବ୍ୟବଧାନରେ ଲଗାନ୍ତୁ । ଉପର ପାଖକୁ ଘୋଡ଼ଣି ଭାବେ ଲଗାନ୍ତୁ, ଯଦ୍ୱାରା ପିଆଜ ରଖିବା ଓ କାଢ଼ିବା ପାଇଁ ସୁବିଧା ହେବ ।

– ବର୍ତ୍ତମାନ ପିଆଜ ରଖିବା ଲାଗି ଏବେ ଡୋଲି ପ୍ରସ୍ତୁତ ।

– ପିଆଜ ଡୋଲିରେ ରଖିବା ପୂର୍ବରୁ ୧ ଗ୍ରାମ ବାଭିଷ୍ଟିନ୍ ୧ ଲିଟର ପାଣିରେ ଗୋଳାଇ ପିଆଜ ଉପରେ ଛିଞ୍ଚନ୍ତୁ । ଶୁଖିଗଲା ପରେ ଏହାକୁ ନେଇ ଉପର ଲିଖିତ ଡୋଲିରେ ସାଇତି ରଖନ୍ତୁ।

*–ବିଶେଷଜ୍ଞ (ପନିପରିବା ବିଭାଗ), ଓୟୁଏଟି, ଭୁବନେଶ୍ୱର, ମୋ : ୯୪୩୭୧୩୫୯୩୯*

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 72.39 (97) | 769.88 ↓ 36,562.91 | 225.35 ↓ 10,797.90 | ₹538 ↑ 38,987.00 | ₹1080 ↑ 47,960.00 |

“ ଆର୍‌ବିଆଇ ବକଳା ପୁଞ୍ଜି ସରକାରଙ୍କୁ ପ୍ରଦାନ ଏବଂ ବ୍ୟାଙ୍କ ମିଶ୍ରଣ ଦେଶର ଆର୍ଥିକ ସ୍ଥିତିକୁ ଆହୁରି ବିଗାଡିବ।
– ସୀତାରାମ ୟେଚୁରୀ, ଜେନେରାଲ ସେକ୍ରେଟେରୀ, ସିପିଆଇଏମ୍



“ ଅର୍ଥନୀତିରେ ସୁଧାର ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଘୋଷଣା ଅଟୋ ଉଦ୍ୟୋଗ ଲାଗି କେତେ ଫଳପ୍ରଦ ହେବ ତାହା ବର୍ତ୍ତମାନ ଅନୁମାନ ଲଗାଇବା କଷ୍ଟକର।
– ଆଶିଷ ହର୍ସରାଜ କାଲେ, ସଭାପତି, ଅଟୋମୋବାଇଲ ଡିଲର ମହାସଂଘ



## ସଂକ୍ଷେପରେ

### ଜିଡିପି ହ୍ରାସକୁ ନେଇ ଚିଦାମ୍ବରମ୍ ବର୍ଷିଲେ



**ନୂଆଦିଲ୍ଲୀ, ୩-୯:** ଦେଶରେ ଆର୍ଥିକ ଅଭିବୃଦ୍ଧି ହାର କମିବାରେ ଲାଗିଛି। ଏଥିଲାଗି ପୂର୍ବତନ ଅର୍ଥମନ୍ତ୍ରୀ ତଥା କଂଗ୍ରେସ ନେତା ପି. ଚିଦାମ୍ବରମ୍ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରକୁ ଦାୟୀ କରିଛନ୍ତି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ ଜିଡିପି ୫.୮ ପ୍ରତିଶତରୁ ତଳକୁ ଖସି ୫ ପ୍ରତିଶତକୁ ଚାଲିଆସିଥିଲା। ଯାହା ଗତ ୬ ବର୍ଷ ମଧ୍ୟରେ ସର୍ବନିମ୍ନ ବୋଲି କୁହାଯାଇଛି। ଗତ ଆର୍ଥିକ ବର୍ଷର ଏହି ସମୟରେ ଜିଡିପି ହାର ୮ ପ୍ରତିଶତ ରହିଥିଲା। କୋର୍ଟରୁମ୍‌ରୁ ବାହାରିବା ପରେ ପି. ଚିଦାମ୍ବରମ୍‌ଙ୍କୁ ସିବିଆଇ ହେପାଜତ୍‌ରେ ରହିବା ସମ୍ପର୍କରେ କ’ଣ କହିବାକୁ ଚାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଖବରଦାତାମାନେ ପ୍ରଶ୍ନ କରିବାରୁ ସେ ଦେଶର ଅର୍ଥନୀତିକୁ ନେଇ ସିଧାସଳଖ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ୫ ପ୍ରତିଶତ ଜିଡିପି ମାନେ ବୁଝୁଛନ୍ତି ତ ବୋଲି କହିବା ସହ ପାଞ୍ଚ ଆଙ୍ଗୁଠି ଦେଖାଇବା ଲାଗି ଉପରକୁ ଉଠାଇବାବେଳେ ସିବିଆଇ ତାଙ୍କୁ ହେପାଜତକୁ ନେଇଯାଇଥିଲା।

ପ୍ରକାଶଥାଉ କି, ଜିଡିପି ହ୍ରାସକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ମଧ୍ୟ କେନ୍ଦ୍ରକୁ ସମାଲୋଚନା କରିଥିଲେ। ଦ୍ରୁତ ଆର୍ଥିକ ବିକାଶ ଲାଗି ଭାରତ ପାଖରେ ବିକଳ୍ପ ରହିଥିବାବେଳେ ଆର୍ଥିକ ମାନ୍ଦାବସ୍ଥା ଆଡ଼କୁ ଅର୍ଥନୀତି ଗତିକରୁଛି। ମାନୁଫାକ୍ଚରିଂ ସେକ୍ଟରରେ ଅଭିବୃଦ୍ଧି ହାର କମିବା ଯୋଗୁ ମନମୋହନ ବିମୁଦ୍ରୀକରଣ ଓ ତରବରିଆ ଭାବେ ଜିଏସ୍‌ଟି ଲାଗୁ କରିବାର କୁପରିଣାମ ବୋଲି କହିଥିଲେ।

### ଭାରତରୁ ଜୀବନ ରକ୍ଷାକାରୀ ଔଷଧ ଆମଦାନିକୁ ପାକ୍‌ର ଅନୁମତି

**ଇସ୍‌ଲାମାବାଦ, ୩-୯(ପି.ଟି.):** ୩୭୦ ଧାରା ଉଚ୍ଛେଦ ପରେ ପ୍ରତିଶୋଧମୂଳକ ମନୋଭାବ ରଖିଆସୁଥିବା ପାକିସ୍ତାନ ଜୀବନ ରକ୍ଷାକାରୀ ଔଷଧ ଭାରତରୁ ଆମଦାନି କରିବା ଲାଗି ଅନୁମତି ପ୍ରଦାନ କରିଛି। ଗତ ୧୬ ମାସ ମଧ୍ୟରେ ୩୬ ନିୟୁତ ଡଲାରର ଔଷଧ ଭାରତଠାରୁ ଆମଦାନି କରିଥିବାବେଳେ ଏଭଳି ପ୍ରକ୍ରିୟା ଜାରି ରହିବ ବୋଲି ପାକିସ୍ତାନ କହିଛି। ପ୍ରକାଶଥାଉ କି, କଶ୍ମୀରକୁ ନେଇ ଭାରତର ଆଭିମୁଖ୍ୟ ଓ ୩୭୦ ଧାରା ଉଚ୍ଛେଦ ପରେ ପାକିସ୍ତାନ ପକ୍ଷରୁ ବିଭିନ୍ନ କଟକଣା ଲଗାଯାଇଥିଲା। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରଠାରୁ ଦୁଇଦେଶ ମୁହାଁମୁହିଁ ସ୍ଥିତିକୁ ଆସିଥିଲେ। ୩୭୦ ଧାରା ଉଚ୍ଛେଦ ପରେ ପାକିସ୍ତାନ ଏକଚାଟିଆ ଭାବେ ଭାରତ ବିରୋଧୀ ମନୋଭାବ ପୋଷଣ କରିଥିଲା। କୂଟନୈତିକ ସମ୍ପର୍କ ଛିନ୍ନ କରିବା ସହ ବାଣିଜ୍ୟିକ ସମ୍ପର୍କ ଉପରେ କଟକଣା ଲଗାଯାଇଥିଲା। ତେବେ ମିଡିଆ ରିପୋର୍ଟ ମୁତାବକ ପାକିସ୍ତାନର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଭାରତରୁ ଔଷଧ ଆମଦାନି ଓ ରପ୍ତାନି ଲାଗି ଅନୁମତି ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

### ପାୱାରଗ୍ରୀଡ୍ ସିଏମ୍‌ଡି ହେଲେ କେ.ଶ୍ରୀକାନ୍ତ

**କଲିକତା, ୩-୯:** ପାୱାରଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍‌ର ଅଧକ୍ଷ ଭାବେ କେ.ଶ୍ରୀକାନ୍ତଙ୍କ ନାମ ଘୋଷଣା ହୋଇଛି। ଏହି ନୂଆ ପଦବୀରେ କାର୍ଯ୍ୟ କରିବା ପୂର୍ବରେ ସେ ପାୱାରଗ୍ରୀଡ୍‌ର ବିତ୍ତ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ଥିଲେ। ଶ୍ରୀକାନ୍ତ ବାଣିଜ୍ୟରେ ସ୍ନାତକ ହୋଇଥିବା ବେଳେ ସିଏମ୍‌ଏ ଏବଂ ପିଜିଡିବିଏମ୍ (ଫାଇନାନ୍ସ) ଭଳି ଡିଗ୍ରୀ ହାସଲ କରିଛନ୍ତି। ଶକ୍ତି କ୍ଷେତ୍ରରେ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି। ଫାଇନାନ୍ସ, ଆକାଉଣ୍ଟିଂ, ଫାଇନାନ୍ସିଆଲ ପ୍ଲାନିଂ, ଇନଭେଷ୍ଟମେଣ୍ଟ ଆପ୍ରାଇଜାଲ, କ୍ୟାପିଟାଲ ବଜେଟ ପ୍ରସ୍ତୁତି, ରିସୋର୍ସ ମୋବିଲାଇଜେଶନ ଏବଂ କର୍ପୋରେଟ ପରିଚାଳନା କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଅଭିଜ୍ଞତା ରହିଛି।

## ■ ପୁଞ୍ଜିବଜାର ଉପରେ ମାନ୍ଦାବସ୍ଥା ମାଡ଼

# ନିବେଶକ ହରାଇଲେ ୨.୫୫ ଲକ୍ଷ କୋଟି

- ■ ୨.୦୬% ଖସିଲା ସେନସେକ୍ସ
- ■ ଅର୍ଥନୈତିକ ମାନ୍ଦାବସ୍ଥା ଦ୍ୱାରା ନିବେଶକ ପ୍ରଭାବିତ
- ■ ସେନ୍‌ସେକ୍ସ ସୂଚୀଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୨.୫୫ ଲକ୍ଷ କୋଟି ଖସିଲା

**ନୂଆଦିଲ୍ଲୀ, ୩-୯**

ଘରୋଇ ବଜାରରେ ବାଣିଜ୍ୟ ସମସ୍ୟା ଏବଂ ଅର୍ଥନୈତିକ ମାନ୍ଦାବସ୍ଥାର ପ୍ରଭାବ ପୁଞ୍ଜି ବଜାର ଉପରେ ପରିଲକ୍ଷିତ ହୋଇଛି। ଏଭଳି ପ୍ରମୁଖ କାରଣ ଲାଗି ମଙ୍ଗଳବାର ଦେଶର ପୁଞ୍ଜିବଜାର ଗଭୀର ଭାବେ ପ୍ରଭାବିତ ହୋଇଛି। ଏହି ସମୟରେ ନିବେଶକମାନେ ୨.୫୫ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ସେହିଭଳି ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ୭୬୯.୮୮ ପଏଣ୍ଟ(୨.୦୬%) ହ୍ରାସ ଘଟି ୩୬,୫୬୨.୯୧ ପଏଣ୍ଟରେ କାରବାର ବନ୍ଦ ହୋଇଛି। ଏହାବାଦ୍ ନିଫ୍ଟି କାରବାର ୨୨୫.୩୫ପଏଣ୍ଟ କମି ୧୦,୭୯୭.୯୦ ସ୍ତରକୁ ଖସିଛି । ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୨.୫୫ ଲକ୍ଷ କୋଟି ଟଙ୍କା ଖସିଯିବା ଫଳରେ ଏହା ୧.୩୮ ଲକ୍ଷ କୋଟି ଟଙ୍କାକୁ ହ୍ରାସ ଘଟିଛି।

ଦେଶରେ ଅଟୋମୋବାଇଲ କ୍ଷେତ୍ରରେ ବିକ୍ରି ହ୍ରାସ ହେବା ନେଇ ନିକଟରେ ରିପୋର୍ଟ ଆସିଛି। ପ୍ରାୟ ସବୁ ଯାନ କମ୍ପାନୀର ବିକ୍ରି ହ୍ରାସ ଘଟିଛି। ଏହାବାଦ ଦେଶର ଜିଡିପି ଅଭିବୃଦ୍ଧି ଆଶାଠାରୁ କମ୍ ରହିଛି। ଏହା ଏପ୍ରିଲ-ଜୁନ ତ୍ରୈମାସରେ ୫%କୁ ଖସିଛି। ବଜାରରେ ମାନ୍ଦାବସ୍ଥା ଘନାଉଥିବା ଏହାର ପ୍ରତିଫଳନ ବୋଲି ନିବେଶକମାନେ ଆଶଙ୍କା କରୁଛନ୍ତି। ବିତ୍ତୀୟ ଏବଂ ମୁଦ୍ରାନୀତି କ୍ଷେତ୍ରରେ ସରକାର ବିଭିନ୍ନ ପଦକ୍ଷେପ ନେବାର ଆବଶ୍ୟକତା ରହିଥିବା ବଜାର ବିଶେଷଜ୍ଞମାନେ ମତ ପୋଷଣ କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନିକଟରେ ଘୋଷଣା କରିଥିବା ବିଭିନ୍ନ ପଦକ୍ଷେପ ବଜାରର ମାନ୍ଦାବସ୍ଥା ବିରୋଧରେ ଲଢେଇ କରିବାକୁ ସକ୍ଷମ ହେବ ବୋଲି ବିଶେଷଜ୍ଞ ଆଶା କରିଛନ୍ତି। ମାତ୍ର ସ୍ଥିତି ଜଟିଳ ଥିବାରୁ ଏହାକୁ ଟାଳିବା ଲାଗି ଅଧିକ ସକ୍ରିୟ ଭାବେ ପଦକ୍ଷେପ ନେବାର ଆବଶ୍ୟକତା ରହିଥିବା ସେମାନେ ମତ ଦେଇଛନ୍ତି।



ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ଏବେ ଘନୀଭୂତ ହୋଇଥିବା ବେଳେ ଏହା ଅନ୍ୟ ଦେଶର ଅର୍ଥନୀତି ଉପରେ ପ୍ରଭାବ ପକାଉଥିବା ଆକ୍ସିସ ସିକ୍ୟୁରିଟିଜର ଏମ୍‌ଡି ତଥା ସିଇଓ ଅରୁଣ ଠୁକରାଲ କହିଛନ୍ତି। ସେନସେକ୍ସର ୩୦ ଶେୟାର ବାସ୍କେଟ ମଧ୍ୟରେ ୨୮ଟି କ୍ଷତି ସହିଛି। ଆଇସିଆଇସିଆଇ ବ୍ୟାଙ୍କ, ଟାଟା ଷ୍ଟିଲ, ବେଦାନ୍ତ, ଏଚ୍‌ଡିଏଫସି ବ୍ୟାଙ୍କ, ଇଣ୍ଡସଇଣ୍ଡ ବ୍ୟାଙ୍କ ଏବଂ ଟାଟା ମୋଟର୍ସର ପୁଞ୍ଜିବଜାର କାରବାର ପ୍ରାୟ ୪.୪୫% ହ୍ରାସ ଘଟିଛି। ବିଏସ୍‌ଇର ୧୬୧୩ସଂସ୍ଥାଙ୍କ ଶେୟାର ହ୍ରାସ ଘଟିଛି। ଏହାବାଦ ୮୧୭ର କାରବାର ଉନ୍ନତ ସ୍ଥିତିରେ ରହିଥିବା ୧୭୮ର କାରବାର ଅପରିବର୍ତ୍ତିତ ରହିଛି। ଏହା ମଧ୍ୟରେ ମଙ୍ଗଳବାର ୨୦୦ରୁ ଅଧିକ ଷ୍ଟକ ୫୨ ସପ୍ତାହର ନିମ୍ନରେ ରହିଛି। ଜିଡିପି ଅଭିବୃଦ୍ଧି ହ୍ରାସ, ପ୍ରମୁଖ କ୍ଷେତ୍ର ଅଭିବୃଦ୍ଧି ମନ୍ଥର ହେବା ଯୋଗୁ ବଜାର ଉପରେ ଏହାର ପ୍ରଭାବ ରହିଛି। ଆମେରିକା-ଚାଇନା ଭଳି ଦେଶ ଉଭୟେ ଉଭୟଙ୍କ ଉପରେ ଟାରିଫ ଲାଗୁ କରିବା ଯୋଗୁ ଏହା ବିଶ୍ୱ ବଜାରର ସ୍ଥିତିକୁ ଦୋହଲାଇ ଦେଇଛି। ଏପରି ସ୍ଥିତିରେ ବିଏସ୍‌ଇର ମିଡ୍ କ୍ୟାପ ଏବଂ ସ୍ମଲ କ୍ୟାପ ସୂଚୀ ପ୍ରାୟ ୧.୭୫% ନିମ୍ନରେ ରହିଛି। ଇଣ୍ଟ୍ରା ଡେ କାରବାରରେ ଡଲାର ତୁଳନାରେ ଟଙ୍କା ୯୦ ପଇସା ହ୍ରାସ ଘଟିଛି।

# ୯ ମାସର ନିମ୍ନ ସ୍ତରରେ ଟଙ୍କା

- ■ ଡଲାର ତୁଳନାରେ ୯୭ ପଇସା ଖସିଲା
- ■ ପ୍ରଭାବିତ ବଜାର ସ୍ଥିତି, ଡଲାର ଦୃଢ଼ତାର ପ୍ରଭାବ



**ମୁମ୍ବାଇ, ୩-୯**

ମଙ୍ଗଳବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ଗଭୀର ଭାବେ ହ୍ରାସ ହୋଇଛି। ଡଲାର ତୁଳନାରେ ଟଙ୍କା ୯ ମାସର ସବୁଠାରୁ ନିମ୍ନ ସ୍ତରରେ ରହିଛି। ଟଙ୍କା ମୂଲ୍ୟରେ ମଙ୍ଗଳବାର ୯୭% ପଇସା ହ୍ରାସ ଘଟିଥିବା ଜଣାପଡିଛି। ଏହା ଫଳରେ ଏହା ୯ ମାସର ସର୍ବନିମ୍ନ ସ୍ତର ୭୨.୩୯ ଟଙ୍କା ସ୍ତରରେ ରହିଛି। ଘରୋଇ ପୁଞ୍ଜି ବଜାରରେ ଫରମାନ୍ସ ହ୍ରାସ, ଘରୋଇ ବଜାରର ପ୍ରଭାବିତ ସ୍ଥିତି ଯୋଗୁ ଏହା ନିବେଶକଙ୍କ ଉପରେ ଗଭୀର ଭାବେ ପ୍ରଭାବ ପକାଇଛି। ଶୁକ୍ରବାର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଜିଡିପି ତଥ୍ୟକୁ ନେଇ ବଜାର ନିବେଶକମାନେ ଆଶଙ୍କାଗ୍ରସ୍ତ ହୋଇଛନ୍ତି। ଜିଡିପି ୬ ବର୍ଷର ସର୍ବନିମ୍ନ ସ୍ତରରେ ରହିଛି। ଏହା ଜୁନ ତ୍ରୈମାସରେ ୫% ସ୍ତରକୁ ଖସି ଆସିଛି। ଏହାବାଦ୍ ୮ କୋର ସେକ୍ଟର ଅଭିବୃଦ୍ଧି ୨.୧%କୁ ହ୍ରାସ ଘଟିଛି। କୋଇଲା, ଅଶୋଧିତ ତୈଳ ଏବଂ ପ୍ରାକୃତିକ ବାଷ୍ପ ଉତ୍ପାଦନ କମିବା ଯୋଗୁ ଏଭଳି ସ୍ଥିତି ଆସିଛି। ଇଣ୍ଟରବ୍ୟାଙ୍କ ଫରେନ ଏକ୍ସଚେଞ୍ଜ ବଜାରରେ ଟଙ୍କା ମଙ୍ଗଳବାର ନିମ୍ନ ସ୍ତର ୭୨ରୁ କାରବାର ଆରମ୍ଭ କରିଥିଲା। ଏହା ପୁନଶ୍ଚ ମୂଲ୍ୟ ହ୍ରାସ ହେବା ଯୋଗୁ ନିମ୍ନ ସ୍ତର ୭୨.୪୦ରେ ରହିଛି।

ଟଙ୍କା ମୂଲ୍ୟରେ ୯୭ ପଇସା ହ୍ରାସ ଘଟିବା ଯୋଗୁ ଡଲାର ତୁଳନାରେ ଏହାର ମୂଲ୍ୟ ୭୨.୩୯ ସ୍ତରରେ ସ୍ଥିର ରହିଛି। ଅଗଷ୍ଟ ୫ ପରଠାରୁ ଟଙ୍କା ପରଫରମାନ୍ସରେ ଏହା ସର୍ବାଧିକ ପ୍ରଭାବିତ କାରବାର। ଏହାବାଦ୍ ୨୦୧୮ ନଭେମ୍ବର ୧୩ ପରଠାରୁ ଏହା ସର୍ବନିମ୍ନ ସ୍ତରର କ୍ଲୋଜିଂ। ଗଣେଶ ଚତୁର୍ଥୀ ଯୋଗୁ ଫରେକ୍ସ ବଜାର ବନ୍ଦ ରହିଥିଲା। ସେହିଭଳି ଡଲାର ମୂଲ୍ୟ ଦୃଢ ହେବା ଯୋଗୁ ଟଙ୍କା ମୂଲ୍ୟ କମୁଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ବାଣିଜ୍ୟ ଯୁଦ୍ଧ ସହ ଆମେରିକା ଡଲାର ଚାହିଦା ଯୋଗୁ ଡଲାର ସୂଚୀ ଉଚ୍ଚରେ ରହୁଛି। ବାଣିଜ୍ୟ ଯୁଦ୍ଧ ନ ଥମିବା, ବ୍ରେକ୍‌ଜିଟ୍ ଭୟ, ଅଶୋଧିତ ତୈଳ ମୂଲ୍ୟ ବଢିବା ଭଳି ପ୍ରସଙ୍ଗ ଟଙ୍କା ମୂଲ୍ୟକୁ ପ୍ରଭାବିତ କରୁଛି। ବାଣିଜ୍ୟ ଯୁଦ୍ଧ ଲାଗି ରହିଲେ ଟଙ୍କା ମୂଲ୍ୟ ସେପ୍ଟେମ୍ବର ଶେଷ ସୁଦ୍ଧା ୭୩.୫% ସ୍ତର ଛୁଇଁପାରେ ବୋଲି ଆଶଙ୍କା କରାଯାଉଛି।

# ୯.୧ ଲକ୍ଷ କୋଟିକୁ ଖସିପାରେ ଏନ୍‌ପିଏ

**ନୂଆଦିଲ୍ଲୀ, ୩-୯**




ଦେଶରେ ଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମୋଟ ଏନ୍‌ପିଏ ଆର୍ଥିକ ବର୍ଷ ୨୦୧୯-୨୦ରେ ୯.୧ ଲକ୍ଷ କୋଟି ଟଙ୍କାକୁ ହ୍ରାସ ଘଟିପାରେ।୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ବ୍ୟାଙ୍କଗୁଡିକର ମୋଟ ଏନ୍‌ପିଏ ୯.୪ ଲକ୍ଷ କୋଟି ଟଙ୍କା ରହିଥିବା ଆସୋଚାମ ଏବଂ କ୍ରିସିଲ ପକ୍ଷରୁ ହୋଇଥିବା ମିଳିତ ଅଧ୍ୟୟନରୁ ସାମ୍ନାକୁ ଆସିଛି। କର୍ପୋରେଟ କ୍ଷେତ୍ରର ଏନ୍‌ପିଏ ସିଂହଭାଗ ରହିଛି। ବୃହତ୍ ପରିମାଣର ଋଣ ନେଇଥିବା ବ୍ୟକ୍ତିଙ୍କର ମୋଟ ଋଣ ୫.୪ ଲକ୍ଷ କୋଟି ଟଙ୍କା ରହିଛି। ମୋଟ ଋଣ ମଧ୍ୟରୁ କମ୍ପାନୀ ଆଇନ ଟ୍ରିବ୍ୟୁନାଲର ତାଲିକା-୧ ଏବଂ ତାଲିକା -୨ରେ ପ୍ରାୟ ୨.୧ ଲକ୍ଷ କୋଟି ଟଙ୍କା ସାମିଲ ରହିଛି। ସେହିଭଳି ଅନ୍ୟାନ୍ୟ ଷ୍ଟକ କ୍ଷେତ୍ରରେ ଋଣ ୨ ଲକ୍ଷ କୋଟି ଟଙ୍କା ରହିଛି। ସେହିଭଳି ୧.୩ ଲକ୍ଷ କୋଟି ଟଙ୍କାର ଚାପଗ୍ରସ୍ତ ସମ୍ପତ୍ତି ରହିଛି ଯାହକୁ ଏନ୍‌ପିଏ ପରିସରଭୁକ୍ତ କରାଯାଇ ନାହିଁ। ଏହା ଆଗାମୀ ଦିନରେ ଏନ୍‌ପିଏ ହୋଇପାରେ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଶକ୍ତି, ଭିତ୍ତିଭୂମି ଏବଂ ଇସ୍ପାତ କ୍ଷେତ୍ରରେ ୪.୧ ଲକ୍ଷ କୋଟି ଟଙ୍କାର ଚାପଗ୍ରସ୍ତ ସମ୍ପତ୍ତି ରହିଛି। ଏହା ମଧ୍ୟରେ ଶକ୍ତି କ୍ଷେତ୍ରରେ ଅଧିକ ଋଣ ରହିଛି। ଏହି କ୍ଷେତ୍ରରେ ଋଣ ଅସୁଲି ମଧ୍ୟ ଏତେଟା ଉନ୍ନତ ନୁହେଁ। ଚାପଗ୍ରସ୍ତ ସମ୍ପତ୍ତି ନେଇ ଆସିଥିବା ନୂଆ ନିୟମ ମୁତାବକ ଅସୁଲ ଉନ୍ନତ ହେବ ବୋଲି ବିଶେଷଜ୍ଞମାନେ ଆଶା ରଖିଛନ୍ତି।

# ଆଇଡିବିଆଇ ବ୍ୟାଙ୍କକୁ ମିଳିବ ୯୩୦୦ କୋଟି




## କ୍ୟାବିନେଟ ଦେଲା ମଞ୍ଜୁରୀ

**ନୂଆଦିଲ୍ଲୀ, ୩-୯**

ଆଇଡିବିଆଇ ବ୍ୟାଙ୍କକୁ କେନ୍ଦ୍ର ସରକାର ୯,୩୦୦ କୋଟି ଟଙ୍କାର ପୁଞ୍ଜି ସହାୟତା ପ୍ରଦାନ କରିବେ। ବ୍ୟାଙ୍କର ପୁଞ୍ଜିକୁ ବୃଦ୍ଧି କରିବା ତଥା ଏହାକୁ ଲାଭଜନକ ସ୍ଥିତିକୁ ଆଣିବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ ଏହି ପୁଞ୍ଜି ସହାୟତା ନେଇ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆଇଡିବିଆଇ ବ୍ୟାଙ୍କକୁ ଲାଭଜନକ ସ୍ଥିତିକୁ ଆଣିବା ଦିଗରେ ଏହି ପଦକ୍ଷେପ ସହାୟତା କରିବ। ଏ ଦିଗରେ ସରକାରଙ୍କ ଉଦ୍ୟମ ସମ୍ପୂର୍ଣ୍ଣ ହୋଇଛି ବୋଲି ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ଉକ୍ତ ପୁଞ୍ଜି ସହାୟତା ଲାଭ କରିବା ଦ୍ୱାରା ବ୍ୟାଙ୍କ ଋଣ ପ୍ରଦାନ ଏବଂ ଲାଭ ହାସଲ କରିବାକୁ ସକ୍ଷମ ହେବ ବୋଲି ସେ କହିଛନ୍ତି। ବ୍ୟାଙ୍କରେ ସରକାର ଏବଂ ଏଲ୍‌ଆଇସି ଏକାସାଙ୍ଗରେ ପୁଞ୍ଜି ନିବେଶ କରିବେ। ଏହା ଦ୍ୱାରା ଏଲ୍‌ଆଇସି ଏବଂ ଆଇଡିବିଆଇ ଉଭୟଙ୍କର ଲାଭ ହେବ। ବ୍ୟାଙ୍କ ଉନ୍ନତ ସ୍ତରକୁ ଆସିବା ସହ ସରକାର ତାଙ୍କର ପ୍ରତିବଦ୍ଧତା ଦିଗରେ କାର୍ଯ୍ୟ କରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି।

୯ ଜହାର ଟଙ୍କା ମଧ୍ୟରୁ ସରକାର ୪୫୭୫ କୋଟି ଟଙ୍କା ପ୍ରଦାନ କରିବେ। ଏଥିରେ ଏଲ୍‌ଆଇସି ୪୭୦୦ କୋଟି ଟଙ୍କା ଦେବ। ଚଳିତ ବର୍ଷ ଜାନୁୟାରୀ ମାସରେ ଆଇଡିବିଆଇ ବ୍ୟାଙ୍କର ୫୧% ଅଂଶଧନକୁ ଏଲଆଇସି ଅଧିଗ୍ରହଣ କରିଥିଲା। ଏଭଳି ପଦକ୍ଷେପ ଦ୍ୱାରା ଆଇଡିବିଆଇ ରିଜର୍ଭ ବ୍ୟାଙ୍କର ପିସିଏ କାର୍ଯ୍ୟାନୁଷ୍ଠାନ ପରିସରରୁ ଶୀଘ୍ର ବାହାରିବ ବୋଲି ଆଶା କରାଯାଉଛି। ନିକଟରେ ବ୍ୟାଙ୍କ ଏହାର ନେଟ ଏନ୍‌ପିଏକୁ ୧୮.୮%ରୁ ୮%କୁ ହ୍ରାସ କରିଛି। ବର୍ତ୍ତମାନ ଆଇଡିବିଆଇ ୮୦୦ ଶାଖା ସହ ସେବା ଯୋଗାଉଛି। ବ୍ୟାଙ୍କରେ ୧୮ ହଜାର କର୍ମଚାରୀ ଏବଂ ୧.୫ କୋଟି ରିଟେଲ ଗ୍ରାହକ ରହିଛନ୍ତି। ୨୦୧୯ ଜୁନ ତ୍ରୈମାସରେ ବ୍ୟାଙ୍କର ନେଟ କ୍ଷତି ୩୮୦୧ କୋଟି ଟଙ୍କା ରହିଛି। ଯାହା ଗତ ବର୍ଷ ସମାନ ସମୟରେ ୨୪୧୦ କୋଟି ଟଙ୍କା ରହିଥିଲା।

## ଏସିଆର ୨୦ ପରିବାରର ସମ୍ପତ୍ତି

# ୨୦ ଗରିବ ଦେଶର ସମ୍ପତ୍ତି ସହ ସମାନ

**ନୂଆଦିଲ୍ଲୀ, ୩-୯**

ଏସିଆର ସବୁଠାରୁ ୨୦ ଅତି ଧନଶାଳୀ ପରିବାର ନିକଟରେ ୪୫୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି ରହିଛି। ଏହି ୨୦ ପରିବାରର ସମ୍ପତ୍ତି ଏସିଆର ୨୦ ଗରିବ ଦେଶର ମୋଟ ସମ୍ପତ୍ତି ସହ ସମାନ ବୋଲି ବ୍ଲୁମବର୍ଗ ପକ୍ଷରୁ ପ୍ରକାଶିତ ଏସିଆର ଅତିଧନୀ ପରିବାର ତାଲିକା ରିପୋର୍ଟରେ ପ୍ରକାଶ ପାଇଛି। ତାଲିକାରେ ୩ ଭାରତୀୟ ପରିବାର ସାମିଲ ରହିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ପରିବାର ତାଲିକାର ସବୁଠାରୁ ଆଗରେ ରହିଛନ୍ତି। ଏହି ପରିବାର ନିକଟରେ ମୋଟ ୫୪.୪ ବିଲିୟନ ଡଲାର ସମ୍ପତ୍ତି ରହିଛି। ସାପୋର୍ଜି ପାଲୋନଜି ଏବଂ ହିନ୍ଦୁଜା ଭ୍ରାତା ଏହି ତାଲିକାରେ ସ୍ଥାନିତ ହୋଇଛନ୍ତି।

ମୁକେଶ ଅମ୍ବାନୀଙ୍କ ପରିବାର ଶକ୍ତି, ଟେଲିକମ୍,ରିଟେଲ ଭଳି କ୍ଷେତ୍ରରେ କାରବାର କରୁଛି। ସେହିଭଳି ସପ୍ତମ ସ୍ଥାନରେ ଭାରତୀୟ ଉଦ୍ୟୋଗପତି ପରିବାର ସାପୋର୍ଜି ପାଲୋନଜୀ ରହିଛି। ଏହି ପରିବାର ଇଞ୍ଜିନିୟରିଂ ଏବଂ ନିର୍ମାଣ କ୍ଷେତ୍ର ସହ ଜଡିତ। ୧୬ତମ ସ୍ଥାନରେ ରହିଥିବା ହିନ୍ଦୁଜା ପରିବାର ଅଟୋମୋଟିଭ ଏବଂ ଅଏଲ ତଥା ଗ୍ୟାସ୍ କ୍ଷେତ୍ରରେ କାର୍ଯ୍ୟ କରୁଛି। ତାଲିକାର ଦ୍ୱିତୀୟ ସ୍ଥାନରେ ହଂକଂର କ୍ୱାକ ପରିବାର ଥିବା ବେଳେ ଏମାନଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୩୮ ବିଲିୟନ ଡଲାର ରହିଛି। ୪ର୍ଥ ସ୍ଥାନରେ ଥିବା ଥାଇଲ୍ୟାଣ୍ଡର ଚେରାବେନୋଣ୍ଟ ପରିବାର ନିକଟରେ ୩୭.୯ ବିଲିୟନ ଡଲାର ସମ୍ପତ୍ତି ଥିବା ବେଳେ ଏହା ଖାଦ୍ୟ, ରିଟେଲ, ଟେଲିକମ୍ ଭଳି କ୍ଷେତ୍ର ସହ ଜଡିତ।





- ■ ୨୦ ପରିବାର ପାଖରେ ୪୫୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି
- ■ ତାଲିକାରେ ୩ ଭାରତୀୟ ପରିବାର
- ■ ଅମ୍ବାନୀଙ୍କ ପରିବାର ତାଲିକାର ସବୁଠାରୁ ଆଗରେ

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଆକଳନ ମୁତାବକ ୨୦୧୮ରେ ଏହି ପରିବାରଗୁଡିକ ନିକଟରେ ମୋଟ ସମ୍ପତ୍ତି ବାବଦକୁ ୪୬୮.୫ ଡଲାର ରହିଥିଲା। ଏହା ଏସିଆର ୨୦ ଗରିବ ଦେଶର ମୋଟ ସମ୍ପତ୍ତି ସହ ସମାନ। ଏହି ଦେଶଗୁଡିକର ମୋଟ ଜନସଂଖ୍ୟା ୨୧.୩୬ କୋଟି ଥିବା ବେଳେ ସବୁଠାରୁ ଗରିବ ଦେଶ ଭାବେ ଭୁଟାନ ନିକଟରେ ୨.୬ ବିଲିୟନ ଡଲାର ସମ୍ପତ୍ତି ଥିଲା। ଭାରତ, ଇଣ୍ଡୋନେସିଆ ଏବଂ ଫିଲିପାଇନ୍ସ ଭଳି ଦେଶଗୁଡିକରେ ସମ୍ପତ୍ତିରେ ବୃହତ୍ ପରିମାଣରେ ତାରତମ୍ୟ ରହିଥିବା ବ୍ଲୁମବର୍ଗ ଏହାର ରିପୋର୍ଟରେ ପ୍ରକାଶ କରିଛି।

# ନୂଆ ପ୍ରିମିୟମ ବ୍ରାଣ୍ଡ ଆଣିଲା ଏରୋବ୍ଲୁ

**ଭୁବନେଶ୍ୱର, ୩-୯**

ପ୍ରମୁଖ ସୁ ବ୍ରାଣ୍ଡ ଏରୋବ୍ଲୁ କମ୍ପାନୀ ପକ୍ଷରୁ ନୂଆ ବ୍ରାଣ୍ଡ ପୁଷ୍ଟ ବ୍ଲୁ ଜୋତା ବଜାରକୁ ଆସିଛି। ସ୍ଥାନୀୟ ଏକ ହୋଟେଲରେ ଏହାକୁ ଉନ୍ମୋଚନ କରାଯାଇଛି। କମ୍ପାନୀ ଏହାର ପ୍ରଡକ୍ଟକୁ ଉଚ୍ଚ ଗୁଣବତ୍ତା ମ୍ୟାଟେରିଆଲରେ ପ୍ରସ୍ତୁତ କରୁଛି। ଏହା ଯେଭଳି ଭାବେ ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇପାରିବ ତାକୁ ଧ୍ୟାନରେ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ପ୍ରଡକ୍ଟଗୁଡିକ ଦେଶ ମଧ୍ୟରେ ଚାହିଦା ପୂରଣ କରିବା ସହ ବିଦେଶକୁ ମଧ୍ୟ ରପ୍ତାନି କରାଯାଉଛି। ସାରା ରାଜ୍ୟରେ କମ୍ପାନୀର ପ୍ରଡକ୍ଟ ଉପଲବ୍ଧ ରହିଛି। କମ୍ପାନୀ ପିୟୁ ପ୍ରଡକ୍ଟ ନିଜ ପୋର୍ଟଫୋଲିଓରେ ସାମିଲ କରିଛି। ପ୍ରଡକ୍ଟଗୁଡିକ ଟ୍ରିପଲ ଡେନ୍‌ସିଟି, ଡବଲ କଲର୍ ଭଳି ବୈଶିଷ୍ଟ୍ୟ ସହ ଆସୁଛି। ସମ୍ପୂର୍ଣ୍ଣ ଫ୍ୟାମିଲି ରେଞ୍ଜରେ ଏହା ପ୍ରଡକ୍ଟ ଆଣିଛି। ଏରୋବ୍ଲୁର ପ୍ରଡକ୍ଟ ୧୪୯ ଟଙ୍କାରୁ ୪୯୯ ଟଙ୍କା ପର୍ଯ୍ୟନ୍ତ ଦାମ ରହିଛି।

ପୁଷ୍ଟବ୍ଲୁ ପ୍ରିମିୟମ ପ୍ରଡକ୍ଟ ହୋଇଥିବା ବେଳେ ଏହାର ଦାମ ୫୯୯ ଟଙ୍କାରୁ ଆରମ୍ଭ ହୋଇ ୯୯୯ ଟଙ୍କା ପର୍ଯ୍ୟନ୍ତ ରହିଛି। ପୁରୁଷ ଏବଂ ମହିଳା ବର୍ଗରେ ପ୍ରଡକ୍ଟକୁ ଏହା ସାମିଲ କରିଛି। ଗତ ୪ ବର୍ଷ ଧରି କମ୍ପାନୀ ଓଡ଼ିଶାରେ ଏହାର ପ୍ରଡକ୍ଟ ଏବଂ ସେବା ଯୋଗାଇ ଦେଉଛି। ଦକ୍ଷିଣ ଭାରତ ଏବଂ ଉତ୍ତରରେ ଏହାର କାରବାର ଉନ୍ନତ ରହିଥିବା ଏହା ପ୍ରକାଶ କରିଛି। ଏହାବାଦ ପଶ୍ଚିମବଙ୍ଗ ଏବଂ ବିହାରରେ ମଧ୍ୟ କମ୍ପାନୀର ସ୍ଥିତି ଉନ୍ନତ ରହିଛି। ଓଡିଶା ବଜାରକୁ ନେଇ କମ୍ପାନୀ ବେଶ୍ ଆଶାବାଦୀ ରହିଛି। ଏଠାରେ ଗ୍ରାହକଙ୍କ ଚାହିଦା ଆଧାରରେ ନୂଆ ନୂଆ ପ୍ରଡକ୍ଟ ଆଣିବା ଦିଗରେ ଏହା କାର୍ଯ୍ୟ କରୁଛି। ସେହିଭଳି ନୂଆ ଡିଷ୍ଟ୍ରିବ୍ୟୁଟର ସହ ଯୋଗାଣ ଚେନ୍ ଏବଂ ଉପସ୍ଥିତିକୁ ଦୃଢ କରିବା ଲକ୍ଷ୍ୟରେ କମ୍ପାନୀ କାର୍ଯ୍ୟ କରୁଥିବା କହିଛି।

**FOOD CORPORATION OF INDIA**
**REGIONAL OFFICE, BHUBANESWAR-7**

Tender No. QC-9/DFG-Tender/2019 Dated : 02.09.2019

**TENDER NOTICE**

FCI, RO, Bhubaneswar invites online Tender under Two Bid System for the disposal of damaged food grains declared fit for Feed-I/Feed-II/Feed-III/Industrial Use / Manure use. **(A) Last date for submission of Bid on 23.09.2019 up to 02:00 PM. (B) Bid opening date on 24.09.2019 at 02:00 PM.** The Tender documents and other details are available on the website : **https://eprocure.gov.in/eprocure/app and www.fci.gov.in** from **03:00 PM on 02.09.2019 up to 02:00 PM on 23.09.2019.**

**Government of India**
**Office of the Dy. Superintending Horticulturist**
**Archaeological Survey of India, Horticulture Division No. IV**
Puratattva Bhawan, 3rd Floor, Samantarapur, Bhubaneswar-751002, Odisha

**E-NOTICE INVITING TENDER**

Online item rate tenders on behalf of the President of India are invited in two bids system for the following work at site from registered and eligible contractors of CPWD/MES/Indian Railways/A.S.I./State Govt./PWD Department in **Horticulture Category** & having experience of successfully completed similar nature of works.

| Sl. No. | Name of work | Estimated Amount (₹) | E.M.D. (₹) | Period of Maintenance | Bid submission end date | Date of opening of Technical/ Financial bid |
| --- | --- | --- | --- | --- | --- | --- |
| 1. | Annual maintenance and upkeep of Archaeological gardens in the state of Odisha for the year 2019-20. | 2,14,92,014/- | 6,44,760/- | 1 year from the date of order | 23.09.2019 up to 10.30 hrs. | 24.09.2019 at 11.00 hrs. |

For details please visit the website **https://eprocure.gov.in/eprocure/app**

Sd/-
**Dy. Superintending Horticulturist**
Horticulture Division No. IV, BBSR-2



❝ ମିଥାଲି ରାଜ ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେବା ଏକ ଭଲ ନିଷ୍ପତ୍ତି। ଏହାଦ୍ୱାରା ୨୦୨୧ ଦିନିକିଆ ବିଶ୍ୱକପ୍ ପାଇଁ ନିଜକୁ ଭଲରୂପେ ପ୍ରସ୍ତୁତ କରିପାରିବେ ।

–ଶାନ୍ତା ରଙ୍ଗାସ୍ୱାମୀ, ପୂର୍ବତନ ଭାରତୀୟ ଅଧିନାୟିକା



❝ ଦଳ ତରଫରୁ ଖେଳିବା ଲାଗି ମୋତେ ଯଥେଷ୍ଟ ସୁଯୋଗ ଦିଆ ନ ଯିବାରୁ ମାଞ୍ଚେଷ୍ଟର ୟୁନାଇଟେଡ୍‌ରେ ମୁଁ ଆଶାନୁରୂପ ପ୍ରଦର୍ଶନ କରିପାରିଲିନି ।

–ଆଲେକ୍ସିସ ସାଞ୍ଚେଜ୍, ଚିଲି ଫୁଟ୍‌ବଲ ଖେଳାଳି

## ସଂକ୍ଷେପରେ

### ଉତ୍ତରାଖଣ୍ଡ ପାଇଁ ଖେଳିବେ ଉନ୍ମୁକ୍ତ ଚାନ୍ଦ

ନୂଆଦିଲ୍ଲୀ, ୩।୯: ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଉନ୍ମୁକ୍ତ ଚାନ୍ଦ ଚଳିତ ଘରୋଇ ସିଜନରେ ନୂଆ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାର ନଜରକୁ ଆସିବେ। ଦିଲ୍ଲୀ ରଣ୍‌ଜୀ ଦଳ ପାଇଁ ୯ଟି ସିଜନ ଖେଳିବା ପରେ ଏହି ଉଦୀୟମାନ ଯୁବ ବ୍ୟାଟ୍ସମ୍ୟାନ ଚଳିତ ସିଜନରୁ ଉତ୍ତରାଖଣ୍ଡ ପକ୍ଷରୁ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଚାନ୍ଦ ୨୦୧୦ରେ ମାତ୍ର ୧୬ ବର୍ଷ ବୟସରେ ଦିଲ୍ଲୀ ପକ୍ଷରୁ ଲିଷ୍ଟ-ଏ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ଗୁଜରାଟ ବିପକ୍ଷରେ ସେ ନିଜର ପ୍ରଥମ ଶ୍ରେଣୀ ପଦାର୍ପଣ କରିଥିଲେ। ସେହିଭଳି ୨୦୧୬ରେ ଗୌତମ ଗମ୍ଭୀର ଜାତୀୟ ଦଳ ପକ୍ଷରୁ ଖେଳୁଥିବା ସମୟରେ ଚାନ୍ଦ ଦିଲ୍ଲୀ ରଣ୍‌ଜୀ ଦଳର ନେତୃତ୍ୱ ନେଇଥିଲେ। ୨୦୧୮-୧୯ ସିଜନରେ ମଧ ହିତେନ ଦଲାଲ୍‌ଙ୍କୁ ଗମ୍ଭୀରଙ୍କ ଓପନର୍ ପାର୍ଟନର ଭାବେ ମନୋନୀତ କରାଯିବାରୁ ଚାନ୍ଦଙ୍କୁ ଦଳରେ ସ୍ଥାନ ମିଳି ନ ଥିଲା।

### ଏସ୍‌ବିଆଇକୁ ହରାଇଲା ଆଜାଦ୍ ହିନ୍ଦ୍

କଟକ ଅଫିସ,୩।୯: କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ମଙ୍ଗଳବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । ସନସାଇନ କ୍ଲବ ଓ ମଙ୍ଗଳାକ୍ଲବ ମଧରେ ଅନୁଷ୍ଠିତ ୧-୧ ଗୋଲରେ ଡ୍ର ରହିଥିଲା । ସନସାଇନ ପକ୍ଷରୁ ୩୯ତମ ମିନିଟରେ ବାଦଲ କୁମାର ଭୋଇ ଓ ମଙ୍ଗଳା କ୍ଲବ ପକ୍ଷରୁ ତୋଫାନ ନାୟକ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚରେ ଆଜାଦ୍ ହିନ୍ଦ୍ କ୍ଲବ ୨-୦ ଗୋଲରେ ଏସ୍‌ବିଆଇକୁ ପରାସ୍ତ କରିଥିଲା। ଆଜାଦ୍ ହିନ୍ଦ୍ ପକ୍ଷରୁ ବସନ୍ତ କାଲୋ, ବାସୁଦେବ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି ।

# ଆଶେସ: ଚତୁର୍ଥ ଟେଷ୍ଟ ଆଜିଠାରୁ

ମାଞ୍ଚେଷ୍ଟର, ୩।୯ (ଏ.ଏଫ୍.ପି.)

ବିଶ୍ୱ କ୍ରିକେଟର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ହାଇପ୍ରୋଫାଇଲ ଆଶେସ ସିରିଜର ଚତୁର୍ଥ ଟେଷ୍ଟରେ ପରସ୍ପରକୁ ଭେଟିବେ। ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ୨୫୧ ରନରେ ବିଜୟୀ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟ ଅମୀମାଂସିତ ଭାବେ ଶେଷ ହୋଇଥିଲା। ତେବେ ତୃତୀୟ ଟେଷ୍ଟରେ ଲଢୁଆ ପ୍ରଦର୍ଶନ କରି ଇଂଲଣ୍ଡ ବେନ୍ ଷ୍ଟୋକ୍ସଙ୍କ ଅପରାଜିତ ୧୩୫ରନର ଐତିହାସିକ ଶତକୀୟ ଇନିଂସ ବଳରେ ବିଜୟୀ ହୋଇ ସିରିଜକୁ ୧-୧ ସମାନ ସ୍ତରକୁ ଆଣିବାରେ ସକ୍ଷମ ହୋଇଥିଲା। ଆଉ ଦୁଇଟି ମ୍ୟାଚ୍ ବାକିଥିବା ବେଳେ ସିରିଜ ବିଜୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସ୍ଥାନୀୟ ଓଲ୍ଡ ଟ୍ରାଫର୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ ଉଭୟ ଦଳ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ତେବେ କିଭଳି ସିରିଜ ଜିତିବାକୁ ହେବ ଅଷ୍ଟ୍ରେଲୀୟ ଖେଳାଳି ଭାବେ ଜାଣିଛନ୍ତି ବୋଲି ଦଳର କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। କିମ୍ବଦନ୍ତୀ ଆମେରିକୀୟ ବକ୍ସର ମହମ୍ମଦ ଅଲୀଙ୍କ ପିଲାଦିନର ଘଟଣାଠାରୁ ଖେଳାଳିମାନେ ପ୍ରେରଣା ନେବେ ବୋଲି ସେ କହିଛନ୍ତି। ପିଲାଦିନେ ଅଲୀଙ୍କ ବାଇକ ଚୋରି ହୋଇଯାଇଥିଲା। ଏହି ଘଟଣା ତାଙ୍କୁ ଜଣେ ମହାନ୍ ବକ୍ସରରେ ପରିଣତ କରିଥିଲା। ଗତ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ ଆଶେସ ବଜାୟ ରଖିବାକୁ ଅଷ୍ଟ୍ରେଲିଆ ସବୁମତେ ପ୍ରୟାସ କରିବ। ଏ ନେଇ ଆମେ କାର୍ଯ୍ୟ କରିଛୁ ଓ ଯୋଜନା ପ୍ରସ୍ତୁତ କରିଛୁ। ଦୀର୍ଘ ୧୮ ବର୍ଷ ପରେ ଆମେ ଇଂଲଣ୍ଡରେ ଆଶେସି ଜିତିବାର ସ୍ୱପ୍ନ ପୁରଣ କରିବୁ ବୋଲି କହିଛନ୍ତି।

ଅଷ୍ଟ୍ରେଲିଆ ଦଳରେ ଅତିକମ୍‌ରେ ଗୋଟିଏ ପରିବର୍ତ୍ତନ ହେବ। ଇନ୍‌ଫର୍ମ ତାରକା ବ୍ୟାଟ୍ସମ୍ୟାନ ସ୍ମିଥ୍ ଦଳକୁ ଫେରିବେ। ଦ୍ୱିତୀୟ ଟେଷ୍ଟରେ ଜୋଫ୍ରା ଆର୍ଚରଙ୍କ ଘଣ୍ଟା ପ୍ରତି ୯୨ମାଇଲ ବେଗରେ ବଲ୍ ତାଙ୍କୁ ଆଘାତ ଦେଇଥିଲା। ଫଳରେ ସେ ତୃତୀୟ ଟେଷ୍ଟ ଖେଳିପାରି ନ ଥିଲେ। ବଲ ଟ୍ୟାମ୍ପରିଂ ମାମଲାରେ ବର୍ଷେ ବାସନ୍ଦ ହେବା ପରେ ପ୍ରତ୍ୟାବର୍ତ୍ତନ କରି ସେ ପ୍ରଥମ ଟେଷ୍ଟରେ ଦୁଇଟି ଇନିଂସରେ ଯଥାକ୍ରମେ ୧୪୪ ଓ ୧୪୨୧ ରନ କରି ମୋଟ ୨୫୧ ରନ ସଂଗ୍ରହ କରିଥିଲେ। ଏହାପରେ ଦ୍ୱିତୀୟ ଟେଷ୍ଟରେ ସେ ୯୨ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ସ୍ମିଥ୍‌ଙ୍କ ବଦଳ ଖେଳାଳିଭାବେ ସ୍ଥାନ ପାଇଥିବା ମର୍ନସ ଲାବୁସେନ କ୍ରମାଗତ ୩ଟି ଅର୍ଦ୍ଧଶତକ ହାସଲ କରି ଦମ୍‌ଦାର ପ୍ରଦର୍ଶନ କରିଥିଲେ। ପ୍ରଥମ ଟେଷ୍ଟରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଏହି ମ୍ୟାଚ୍‌ରେ ଦଳକୁ ଫେରିବେ।

ଅପରପକ୍ଷରେ ପୂରା ଫର୍ମରେ ଥିବା ଇଂଲଣ୍ଡ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ ଏହି ମ୍ୟାଚ୍‌ରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ସେ ଏପର୍ଯ୍ୟନ୍ତ ୨୫. ୩୫ ରନ ହାରରେ ୧୪ଟି ଉଇକେଟ ଅକ୍ତିଆର କରିଛନ୍ତି। ଇଂଲଣ୍ଡ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଛି। ଇଞ୍ଜୁରି କାରଣରୁ ଇଂଲଣ୍ଡ ସର୍ବକାଳୀନ ସଫଳତମ ବୋଲର ଜେମ୍ସ ଆଣ୍ଡରସନ ଅନ୍ତିମ ଦୁଇଟି ଟେଷ୍ଟରୁ ବାଦ୍ ପଡିଛନ୍ତି। ତେବେ ବିଶ୍ୱକପ୍ ହିରୋ ଜାସନ ରୟ ଟେଷ୍ଟରେ ଓପନର ହିସାବରେ ସଂଘର୍ଷ କରିବାର ଇଂଲଣ୍ଡ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରୁଛି। ୪ ନମ୍ବରରେ ବ୍ୟାଟିଂ କରୁଥିବା ଜୋ ଡେନଲି ଓ ରୟଙ୍କ ମଧ ବ୍ୟାଟିଂ କ୍ରମର ଅଦଳବଦଳ ହେବ ବୋଲି ଆଶା କରାଯାଉଛି। ୪ ନମ୍ବରରେ ବଲ ଟିକିଏ ପୁରୁଣା ହୋଇଗଲେ ରୟ ଭଲ ପ୍ରଦର୍ଶନ କରିବେ ବୋଲି ଡେନଲି କହିଛନ୍ତି।



ନେଟ୍ସ ସେସନରେ ବୋଲିଂ ଅଭ୍ୟାସ କରୁଛନ୍ତି ବେନ୍ ଷ୍ଟୋକ୍ସ।

### ଇଂଲଣ୍ଡ ଦଳରେ ଓଭରଟନ

ଚତୁର୍ଥ ଆଶେସ ଟେଷ୍ଟ ପାଇଁ ଇଂଲଣ୍ଡ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଛି। ସମରସେଟ୍ ଦ୍ରୁତ ବୋଲର କ୍ରେଗ୍ ଓଭରଟନଙ୍କୁ ଦଳରେ ନିଆଯାଇଛି। କ୍ରିସ୍ ଓ୍ୱକ୍ସଙ୍କ ବଦଳରେ ସେ ଦଳରେ ସ୍ଥାନ ପାଇଛନ୍ତି। ଇଞ୍ଜୁରି କାରଣରୁ ଜେମ୍ସ ଆଣ୍ଡରସନ ସିରିଜ ବାଦ୍ ପଡିବା ନିଶ୍ଚିତ ହେବା ପରେ ଓଭରଟନଙ୍କୁ ଦଳରେ ନିଆଯାଇଛି। ଓପନର ଜାସନ ରୟ ଓ ୪ ନମ୍ବର ବ୍ୟାଟ୍ସମ୍ୟାନ ଜୋ ଡେନଲିଙ୍କ ସ୍ଥାନରେ ଅଦଳବଦଳ ହେବ ବୋଲି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ମ୍ୟାଚ୍ ପୂର୍ବର ଖବରଦାତା ସମ୍ମିଳନୀରେ କହିଛନ୍ତି।

# ଟି୨୦ରୁ ମିଥାଲିଙ୍କ ଅବସର

ନୂଆଦିଲ୍ଲୀ, ୩।୯ (ପି.ଟି.): ଭାରତର ସିନିୟର ମହିଳା କ୍ରିକେଟ ଦଳର ବରିଷ୍ଠ ଖେଳାଳି ମିଥାଲି ରାଜ ମଙ୍ଗଳବାର ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୨୦୨୧ ଆଇସିସି ବିଶ୍ୱକପ୍‌କୁ ନଜରରେ ରଖି ମିଥାଲି ୫୦ ଓଭର ବିଶିଷ୍ଟ କ୍ରିକେଟ୍ ଉପରେ ଫୋକସ୍ କରିବାକୁ ଏହି ନିଷ୍ପତ୍ତି ନେଇଛନ୍ତି। ୩୬ ବର୍ଷୀୟା ମିଥାଲି ୩୨ ଟି୨୦ ମ୍ୟାଚ୍‌ରେ ଭାରତୀୟ ଦଳର ନେତୃତ୍ୱ ନେଇଛନ୍ତି। ଏହାମଧରେ ୨୦୧୨ (ଶ୍ରୀଲଙ୍କା), ୨୦୧୪ (ବାଂଲାଦେଶ) ଓ ୨୦୧୬ (ଭାରତ) ଆଇସିସି ଟି୨୦ ବିଶ୍ୱକପ୍ ସାମିଲ ରହିଛି। ‘୨୦୦୬ରୁ ଭାରତ ପକ୍ଷରୁ ଟି୨୦ରେ ପ୍ରତିନିଧିତ୍ୱ କରିବା ପରେ ୨୦୨୧ ଆଇସିସି ଦିନିକିଆ ବିଶ୍ୱକପ୍‌କୁ ନଜରରେ ରଖି ଏହି ଫର୍ମାଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଦେଶ ପାଇଁ ବିଶ୍ୱକପ୍ ଜିତିବା ଏବେ ମଧ ମୋ ସ୍ୱପ୍ନ ହୋଇ ରହିଛି। ମୋ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି। ସର୍ବଦା ସମର୍ଥନ ଦେଇ ଆସିଥିବାରୁ ବିସିସିଆଇକୁ ଧନ୍ୟବାଦ’ ବୋଲି ଏହି ବରିଷ୍ଠ ଓପନର୍ ବ୍ୟାଟ୍ସଓମ୍ୟାନ କହିଛନ୍ତି।

ଟି୨୦ କ୍ରିକେଟ୍‌ରେ ଭାରତ ପକ୍ଷରୁ ସର୍ବାଧିକ ସ୍କୋର କରିବାର ରେକର୍ଡ ମିଥାଲିଙ୍କ ନାମରେ ରହିଛି। ଯୋଧପୁର ଜନ୍ମିତ ଏହି କ୍ରିକେଟର୍ ୨୦୦୬ରେ ଇଂଲଣ୍ଡ ବିପକ୍ଷରେ ପଦାର୍ପଣ କରି ମୋଟ୍ ୮୯ ମ୍ୟାଚ୍‌ରୁ ୩୭.୫ ଆଭରେଜରେ ୨୩୬୪ ରନ ସଂଗ୍ରହ କରିଛନ୍ତି। ଅପରାଜିତ ୯୭ ରନ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ସ୍କୋର ରହିଛି। ଶେଷଥର ପାଇଁ ଗତ ମାର୍ଚ୍ଚରେ ଇଂଲଣ୍ଡ ବିପକ୍ଷରେ ସେ ତାଙ୍କର ଅନ୍ତିମ ଟି୨୦ ମ୍ୟାଚ୍ ଖେଳିଥିଲେ। ମିଥାଲି ମଧ ପ୍ରଥମ ଭାରତୀୟ ମହିଳା କ୍ରିକେଟର୍ ଭାବେ କ୍ରିକେଟ୍‌ର ଏହି ଛୋଟିଆ ଫର୍ମାଟ୍‌ରେ ୨୦୦୦ ରନ୍ ଅତିକ୍ରମ କରିବାର ସୌଭାଗ୍ୟ ଲାଭ କରିଥିଲେ। ଗତବର୍ଷ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ମିଥାଲିଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଇଥିଲା। ମୁଖ୍ୟକୋଚ୍ ରମେଶ ପାୱାର ତାଙ୍କ କ୍ୟାରିୟର ଧ୍ୱଂସ କରିଦେବାକୁ ଚାହୁଁଛନ୍ତି ବୋଲି ମିଥାଲି ଅଭିଯୋଗ ଆଣିଥିଲେ। ଏହାପରେ ପାୱାରଙ୍କ ସ୍ଥାନରେ ଡବ୍ଲ୍ୟୁ.ଭି. ରମନଙ୍କୁ ନୂତନ କୋଚ୍‌ଭାବେ ନିଯୁକ୍ତି କରିବା ପରେ ଏହି ବିବାଦ ଶାନ୍ତ ପଡ଼ିଥିଲା। ମିଥାଲି ମଧ ୨୦୩ ଦିନିକିଆ ମ୍ୟାଚ୍ ଖେଳି ୫୧.୨୯ ଆଭରେଜରେ ୬୭୨୦ ରନ୍ ସଂଗ୍ରହ କରିଛନ୍ତି। ଯେଉଁଥିରେ ୭ଟି ଶତକ ସାମିଲ ରହିଛି। ଏଥିସହ ସେ ୧୦ ଟେଷ୍ଟ ମ୍ୟାଚ୍ ଖେଳି ୬୬୩ ରନ୍ କରିଛନ୍ତି।




# ଟି୨୦ ସିରିଜ ଜିତିଲା ନ୍ୟୁଜିଲାଣ୍ଡ


ପାଲିକେଲ,୩।୯

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୨ଟି ବଲ୍ ଥାଇ ୪ ଉଇକେଟରେ ବିଜୟୀ ହୋଇଛି। ସ୍ଥାନୀୟ ପାଲିକେଲ ଅନ୍ତର୍ଜାତୀୟ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏହି ମୁକାବିଲାରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୬୧ ରନ୍ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୯.୪ ଓଭରରେ ୬ ଉଇକେଟ ହରାଇ ୧୬୫ ରନ କରି ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨–୦ରେ ଅଗ୍ରଣୀ ହେବା ସହ ନ୍ୟୁଜିଲାଣ୍ଡ ଆଗୁଆ ସିରିଜ ହାତେଇ ନେଇଛି। ୪ ଓଭର ବୋଲିଂ କରି ୧୮ ରନ ବ୍ୟୟ କରିବା ସହ ମୂଲ୍ୟବାନ ୨ ଉଇକେଟ ନେଇଥିବା ନ୍ୟୁଜିଲାଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ତଥା ଅଧିନାୟକ ଟିମ୍ ସୌଦି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

### ସଂକ୍ଷିପ୍ତ ସ୍କୋର

- ଶ୍ରୀଲଙ୍କା ୨୦ ଓଭରରେ ୧୬୧/୯, (ଡିକ୍‌ୱେଲା- ୩୯, ଫର୍ନାଣ୍ଡୋ- ୩୭, ମେଣ୍ଡିସ୍- ୨୬, ଜୟସୂରିୟା-୨୦, ରାଜ୍ସ- ୩/୩୩, ସୌଦି- ୨/୧୮, କୁଗେଲେଜିନ୍- ୨/୩୮)।
- ନ୍ୟୁଜିଲାଣ୍ଡ ୧୯.୪ ଓଭରରେ ୧୬୫/୬, (ଗ୍ରାଣ୍ଡହୋମ- ୫୯, ବ୍ରୁସ୍- ୫୩, ଧନଞ୍ଜୟ- ୩/୩୬)।

# ଶୁଟିଂ ବିଶ୍ୱକପ୍: ମନୁ-ସୌରଭଙ୍କୁ ସ୍ୱର୍ଣ୍ଣ, ଭାରତର ଶ୍ରେଷ୍ଠ ପ୍ରଦର୍ଶନ



ମନୁ ଭାକର ଓ ସୌରଭ ଚୌଧାରୀ।

ରିଓ ଡି ଜେନିରୋ, ୩।୯ (ପି.ଟି.)

ଏଠାରେ ଅନୁଷ୍ଠିତ ଶୁଟିଂ ବିଶ୍ୱକପ୍‌ରେ ଭାରତର ଷ୍ଟାର୍ ଶୁଟର୍ ମନୁ ଭାକର ଓ ସୌରଭ ଚୌଧାରୀ ଯୋଡ଼ି ମିକ୍ସଡ୍ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ଅନ୍ୟତମ ଭାରତୀୟ ଯୋଡ଼ିଦାର ଯଶସ୍ୱିନୀ ଦେଶୱାଲ ଓ ଅଭିଷେକ ବର୍ମାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଭାରତ ଏଥିସହ ଏହି ବିଶ୍ୱକପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରି ଏହାର ଅଭିଯାନ ଶେଷ କରିଛି। ପ୍ରତିଯୋଗିତାରେ ଭାରତ ୫ ସ୍ୱର୍ଣ୍ଣ ଏବଂ ୨ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ସହ ମୋଟ୍ ୯ ପଦକ ଜିତି ଶୀର୍ଷ ସ୍ଥାନରେ ରହିଛି। ମହିଳା ୧୦ ମିଟର ଏୟାର ରାଇଫଲ୍‌ରେ ବିଶ୍ୱର ଏକ ନମ୍ବର ମାନ୍ୟତା ପ୍ରାପ୍ତ ଶୁଟର୍ ଅପୂର୍ବୀ ଚାଣ୍ଡେଲା ଓ ତାଙ୍କ ପାର୍ଟନର ଦୀପକ କୁମାର ଏଥିପୂର୍ବରୁ ସୋମବାର ମିକ୍ସଡ୍ ଏୟାର ରାଇଫଲ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରତିଯୋଗିତାରେ ଏହା ଭାରତ ପାଇଁ ୪ର୍ଥ ସ୍ୱର୍ଣ୍ଣ ଥିଲା। ସେହିଭଳି ଅଞ୍ଜୁମ ମୌଦଗିଲ ଓ ଦିବ୍ୟାଂଶ ସିଂ ପନୱର ମଧ ସେହି ସମାନ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏଥିସହ ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ୪ଟି ଯାକ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ରେ ଭାରତ ପଦକ ତାଲିକାର ଶୀର୍ଷ ସ୍ଥାନ ହାସଲ କରିବାର ସୌଭାଗ୍ୟ ଲାଭ କରିଛି।

# ଟେଷ୍ଟ ର୍‍ୟାଙ୍କିଙ୍ଗ ଶୀର୍ଷରେ ସ୍ମିଥ୍

ଦୁବାଇ,୩।୯(ପି.ଟି.)

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ତାଙ୍କର ୧ ନମ୍ବର ସ୍ଥାନ ହରାଇଛନ୍ତି। ସେ ଗୋଟିଏ ସ୍ଥାନ ତଳକୁ ଖସି ୨ ନମ୍ବର ସ୍ଥାନରେ ରହିଛନ୍ତି। ଅଭିଜ୍ଞ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଷ୍ଟିଭେନ୍ ସ୍ମିଥ୍ ଚଳିତ ଆଶେସ୍‌ରେ ଦମ୍‌ଦାର ପ୍ରଦର୍ଶନ କରି କୋହଲିଙ୍କୁ ହଟାଇ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ତେବେ ବୋଲିଂ ତାଲିକାରେ ଭାରତୀୟ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ତୃତୀୟ ସ୍ଥାନକୁ ଉନ୍ନତି କରିଛନ୍ତି। କୋହଲି ଜାମାଇକାରେ ବିନା ସ୍କୋରରେ ଆଉଟ ହେବାପରେ ବ୍ୟାଟିଂ ତାଲିକାର ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ଅନ୍ୟପଟେ ପ୍ରଥମ ଆଶେସ ଟେଷ୍ଟ ସ୍ମିଥ୍ ଦୁଇଟି ଇନିଂସରେ ଶତକ ହାସଲ କରିବା ସହ ଦ୍ୱିତୀୟ ମ୍ୟାଚ୍‌ରେ ୯୨ ରନର ଇନିଂସ ଖେଳି ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧରେ ଅଜିଙ୍କ୍ୟ ରାହାନେ ୪ଟି ସ୍ଥାନ ଉପରକୁ ଉଠି ବ୍ୟାଟିଂ ତାଲିକାର ୭ ନମ୍ବରସ୍ଥାନ ଅଧିକାର କରିବା ସହ ଟେପ୍ ୧୦ରେ ପ୍ରବେଶ କରିଛନ୍ତି। ଆଣ୍ଟିଗୁଆରେ ଅର୍ଦ୍ଧଶତକ ଓ ଶତକ ହାସଲ କରିବା ପରେ ସେ ଜାମାଇକାରେ ଆଉ ଏକ ଅର୍ଦ୍ଧଶତକ ହାସଲ କରି ଏହି ସଫଳତା ପାଇଛନ୍ତି।

ଦ୍ୱିତୀୟ ଟେଷ୍ଟରେ ଦମ୍‌ଦାର ବ୍ୟାଟିଂ କରିଥିବା ହନୁମା ବିହାରୀ ୪୦ଟି ସ୍ଥାନ ଉପରକୁ ଉଠି ୩୦ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ୭୯ଟି ଟେଷ୍ଟ ଖେଳି କୋହଲି ଏପର୍ଯ୍ୟନ୍ତ ୨୫ଟି ଶତକ ହାସଲ କରିଛନ୍ତି। ସ୍ମିଥ୍ ୨୦୧୫ ପର୍ଯ୍ୟନ୍ତ ଶୀର୍ଷରେ ରହିଥିଲେ। ତେବେ ବଲ ଟ୍ୟାମ୍ପରିଂ ଅଭିଯୋଗରେ ସେ ବାସନ୍ଦ ହେବାପରେ ୨୦୧୮ ଅଗଷ୍ଟରେ କୋହଲି ତାଙ୍କୁ ପଛରେ ପକାଇଥିଲେ। ଅକ୍ଟୋବର ୨ରୁ ଆରମ୍ଭ ହେବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ଭଲ ପ୍ରଦର୍ଶନ କଲେ କୋହଲି ପୁଣି ଶୀର୍ଷ ସ୍ଥାନକୁ ଫେରିବାର ସୁଯୋଗ ରହିଛି।

ଦିନିକିଆ ର୍‍ୟାଙ୍କିଙ୍ଗର ଶୀର୍ଷରେ ଥିବା ଯଶପ୍ରୀତ ବୁମ୍‌ରା କ୍ୟାରିୟର ଶ୍ରେଷ୍ଠ ୮୩୫ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଉଠିଛନ୍ତି। ଅଷ୍ଟ୍ରେଲିଆର ପ୍ୟାଟ୍ କୁମିନ୍ସ ଓ ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ଯଥାକ୍ରମେ ୧ ଓ ୨ ନମ୍ବର ସ୍ଥାନରେ ରହିଛନ୍ତି।



## କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଉଦ୍‌ଯାପିତ

# ହର୍ଷିତ ଚାମ୍ପିୟନ, ଶ୍ରୀୟାଂଶ ରନର୍ସ ଅପ୍

କଟକ ଅଫିସ,୩।୯

ଷ୍ଟେଶନବଜାରସ୍ଥିତ ପୂର୍ବତଟ ରେଳୱେ ପ୍ରତିଷ୍ଠାନରେ ଏସ୍ଆର୍ ଚେସ୍ ସେଣ୍ଟର ଦ୍ୱାରା ଆୟୋଜିତ ଦ୍ୱିତୀୟ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଚାମ୍ପିୟନଶିପ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୭.୫ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଛନ୍ତି କଟକ ଷ୍ଟିୱାର୍ଟ ସ୍କୁଲର ହର୍ଷିତ ରଞ୍ଜନ ସାହୁ। ଟ୍ରଫି ସମେତ ୫ହଜାର ଟଙ୍କାର ପୁରସ୍କାର ରାଶି ହର୍ଷିତଙ୍କୁ ପ୍ରଦାନ କରାଯାଇଛି।

ପ୍ରତିଯୋଗିତାରେ ଶ୍ରୀୟାଂଶ ଦାସ ଓ ପଲକ ମହାପାତ୍ର ୭ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ରନର୍ସଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେମାନଙ୍କୁ ଟ୍ରଫି ସହ ଯଥାକ୍ରମେ ୩୦୦୦ ଓ ୨୦୦୦ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ସତ୍ୟପ୍ରଞ୍ଜଳ ଇନ୍ଦ୍ରଜିତ, ଓମ ଆଦିତ୍ୟ ଖାଡଙ୍ଗା, ପ୍ରିୟାଂଶ ଦାସ, ଟୁର୍ନାମେଣ୍ଟ ଟପସିଡ ଖେଳାଳି ଜଗଦୀଶ ବାରିକ ଓ ପ୍ରତ୍ୟୁଷ ମହାପାତ୍ର ଯଥାକ୍ରମେ ୪ର୍ଥରୁ ୮ମ ସ୍ଥାନ ମଧରେ ରହିଥିଲେ। ଏହି ୫ଜଣ ୬.୫ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ୬ ପଏଣ୍ଟ ଲେଖାଏ ପାଇ ନିଖିଳ ସାହୁ ୯ମ ଓ ପ୍ରକୃତି ରାଉତ ୧୦ମ ସ୍ଥାନ ହାସଲ କରିଛନ୍ତି। ଶ୍ରେଷ୍ଠ ୧୦ଜଣ ଖେଳାଳିଙ୍କୁ ମଧ ପୁରସ୍କାର ଭାବେ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀ ପୁରସ୍କୃତ ହୋଇଛନ୍ତି। ୫ବର୍ଷରୁ କମ୍ ବୟସ ବର୍ଗରେ ସାରାଂଶ ସାହୁଙ୍କ ସମେତ ୮ ଜଣ, ୬ବର୍ଷରୁ କମ୍ ବୟସ ବର୍ଗରେ ପ୍ରତୀକ କୁଶଳ ରାଉତଙ୍କ ସହ ୮ ଜଣ, ୭ବର୍ଷରୁ କମ୍ ବର୍ଗରେ ସ୍ୱସ୍ତିକ ଶୁଭମ ପଟ୍ଟନାୟକଙ୍କ ସମେତ ୮ ଜଣ, ୮ବର୍ଷରୁ କମ ବର୍ଗରେ ବିଶ୍ୱପ୍ରୀତ ରାୟଙ୍କ ସହ ୮ ଜଣ, ୯ବର୍ଷରୁ କମ ବର୍ଗରେ ଶ୍ରୀୟାଂଶ ଦେଙ୍କ ସହ ୮ ଜଣ, ୧୦ବର୍ଷରୁ କମ୍ ବର୍ଗରେ ବିକାଶ କୁମାର ଲେଙ୍କାଙ୍କ ସହ ୬ ଜଣ, ୧୧ବର୍ଷରୁ କମ ବର୍ଗରେ ସ୍ଥିତପ୍ରଜ୍ଞ ସାହୁଙ୍କ ସହ ୬ ଜଣ, ୧୨ବର୍ଷରୁ କମ ବର୍ଗରେ ସିଦ୍ଧାର୍ଥ ଭୂୟାଁଙ୍କ ସହ ୬ ଜଣ, ୧୩ବର୍ଷରୁ କମ ବର୍ଗରେ ସୌରଭ କରଙ୍କ ସହ ୬ ଜଣଙ୍କୁ ଟ୍ରଫି ଓ ପଦକ ଦିଆଯାଇ ସମ୍ମାନିତ କରାଯାଇଛି। ସିଦ୍ଧାର୍ଥ ମିଶ୍ରଙ୍କୁ ରେଳୱେର ଶ୍ରେଷ୍ଠ ଖେଳାଳି ଓ ଶ୍ରୀମୟ ରାୟଙ୍କୁ ଆର୍କିଡ୍ସ ପବ୍ଲିକ ସ୍କୁଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେଣ୍ଟରର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜନାରାୟଣ ତ୍ରିପାଠୀ, ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ, ବରିଷ୍ଠ କ୍ରୀଡ଼ା ଖବରଦାତା ସନାତନ ପାଣି, ଡ. ସୌମ୍ୟଦର୍ଶନ ନାୟକ, ଅଲ ଓଡ଼ିଶା ଚେସ ଆସୋସିଏଶନ ସଭାପତି ଦେବାଶିଷ ସାମନ୍ତରାୟ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ସେପ୍ଟେମ୍ବର, ୨୦୧୯



“କୋଚ୍ ରବି ଶାସ୍ତ୍ରୀଙ୍କ ପରାମର୍ଶରେ ବ୍ୟାଟିଂ ବେଳେ ଆଣ୍ଠୁକୁ ସାମାନ୍ୟ ନମନୀୟ କରିବାରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ମୁଁ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ କରିପାରିଲି ।

–ହନୁମା ବିହାରୀ, ଭାରତୀୟ ବ୍ୟାଟ୍ସମ୍ୟାନ



“ହନୁମା ବିହାରୀ ନିଜ ତ୍ରୁଟି ସୁଧାରିବାକୁ ଚେଷ୍ଟା କରିଥାନ୍ତି, ଯେଉଁଥିପାଇଁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ସେ ନିଜକୁ ଜଣେ ଦକ୍ଷ ବ୍ୟାଟ୍ସମ୍ୟାନ ଭାବେ ପ୍ରମାଣିତ କରିଛନ୍ତି ।

–ବିରାଟ କୋହଲି, ଭାରତୀୟ ଅଧିନାୟକ



# ଜାତୀୟ ସବ୍‌ଜୁନିୟର ବାସ୍କେଟବଲ ଉଦ୍‌ଘାଟିତ




ଜାତୀୟ ସବ୍‌ଜୁନିୟର ବାସ୍କେଟ୍‌ବଲ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ଅବସରରେ ବିଭିନ୍ନ ରାଜ୍ୟର ଖେଳାଳି।

**କଟକ ଅଫିସ,୩।୯**

ଓଡ଼ିଶା ବାସ୍କେଟବଲ ଆସୋସିଏଶନ (ଓବିଏ) ଓ ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ କଟକରେ ୪୬ତମ ସବଜୁନିୟର ଜାତୀୟ ବାସ୍କେଟବଲ ଚାମ୍ପିୟନଶିପ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଓ ବାରବାଟୀ ଷ୍ଟାଡିୟମସ୍ଥିତ ବାସ୍କେଟବଲ ଇନଡୋର କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତାର ମ୍ୟାଚ ଖେଳାଯାଉଛି। ଉଦ୍‌ଘାଟନୀ ଦିବସରେ ଓଡ଼ିଶା ବାଳକ ଦଳ ଚଣ୍ଡୀଗଡ଼ଠାରୁ ପରାସ୍ତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଳକ ବର୍ଗରେ ଗତ ସଂସ୍କରଣର ଚାମ୍ପିୟନ ହୋଇଥିବା ଉତ୍ତରପ୍ରଦେଶ ୫୯–୫୨ ପଏଣ୍ଟରେ କର୍ଣ୍ଣାଟକକୁ ହରାଇଥିଲା। ବାଳକ ବର୍ଗର ଅନ୍ୟ ମ୍ୟାଚ୍‌ରେ ରାଜସ୍ଥାନ ୮୬–୩୬ ପଏଣ୍ଟରେ ଆନ୍ଧ୍ରପ୍ରଦେଶକୁ, ପଞ୍ଜାବ ୫୯–୨୩ ପଏଣ୍ଟରେ ବିହାରକୁ, ମିଜୋରାମ ୮୯–୧ ପଏଣ୍ଟରେ ଗୋଆକୁ, ତେଲେଙ୍ଗାନା ୬୭–୨୧ ପଏଣ୍ଟରେ ଉତ୍ତରାଖଣ୍ଡକୁ, ଗୁଜରାଟ ୪୫–୩୯ ପଏଣ୍ଟରେ ମଣିପୁରକୁ, କେରଳ ୪୭–୪ ପଏଣ୍ଟରେ ପୁଡୁଚେରୀକୁ, ହରିୟାଣା ୬୬–୩୪ ପଏଣ୍ଟରେ ତାମିଲନାଡୁକୁ ପରାସ୍ତ କରିଛି। ବାଳିକା ବର୍ଗରେ କର୍ଣ୍ଣାଟକ ୫୮–୪୮ ପଏଣ୍ଟରେ ପଞ୍ଜାବକୁ, ମହାରାଷ୍ଟ୍ର ୬୪–୧୯ ପଏଣ୍ଟରେ ହରିୟାଣାକୁ, ତେଲେଙ୍ଗାନା ୨୯–୮ ପଏଣ୍ଟରେ ଉତ୍ତରାଖଣ୍ଡକୁ, ଗୁଜରାଟ ୩୫–୬ ପଏଣ୍ଟରେ ମଣିପୁରକୁ, ଚଣ୍ଡୀଗଡ଼ ୩୬–୧୬ ପଏଣ୍ଟରେ ଆନ୍ଧ୍ରପ୍ରଦେଶକୁ, ତାମିଲନାଡୁ ୬୫–୧୫ ପଏଣ୍ଟରେ ରାଜସ୍ଥାନକୁ, ଦିଲ୍ଲୀ ୪୯–୩୫ ପଏଣ୍ଟରେ ଛତିଶଗଡ଼କୁ, ପୁଡୁଚେରୀ ୩୧–୧୦ ପଏଣ୍ଟରେ ବିହାରକୁ ହରାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଆଥଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଲିମ୍ପିଆନ ଡି.ପି. ଇରାନୀ, ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆର ସଭାପତି କେ. ଗୋବିନ୍ଦରାଜ, ସାଧାରଣ ସମ୍ପାଦକ ଚନ୍ଦ୍ରମୁଖୀ ଶର୍ମା, କୋଷାଧ୍ୟକ୍ଷ ଭି.ରଘୁଥମନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସଂଘ ସଭାପତି ଅଶୋକ କୁମାର ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଜ୍ଞାନରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଥାଉକି, ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚାମ୍ପିୟନଶିପରେ ୨୬ ରାଜ୍ୟରୁ ୧୦୦୦ ପ୍ରତିଯୋଗୀ, ମ୍ୟାଚ୍ ଅଫିସିଆଲ ଯୋଗଦେଇଛନ୍ତି।



ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଓଡ଼ିଶା ଓ ଚଣ୍ଡୀଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ସଂକ୍ଷେପରେ

### ଇଣ୍ଡୋ-ପାକ୍ କ୍ୱାଲିଫାୟର ୟୁରୋପରେ ନୁହେଁ


**ନୂଆଦିଲ୍ଲୀ, ୩।୯ (ପି.ଟି.):** ୟୁରୋପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅଲିମ୍ପିକ କ୍ୱାଲିଫାଇଂ ମ୍ୟାଚ ଖେଳାଯିବା କୌଣସି ଯୋଜନା ନ ଥିବା ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇ୍‌ଏଚ୍) ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ, ବର୍ତ୍ତମାନ ଦୁଇ ପଡୋଶୀ ରାଷ୍ଟ୍ର ମଧ୍ୟରେ ରାଜନୈତିକ ଉତ୍ତେଜନା ଦେଖା ଦେଇଥିବାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅଲିମ୍ପିକ କ୍ୱାଲିଫାଇଂ ମୁକାବିଲା ୟୁରୋପରେ କରିବା ଲାଗି ବିଚାର ଚାଲିଥିବା ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍)ର ଜଣେ ଅଫିସିଆଲ ଗତ ସପ୍ତାହରେ କହିଥିଲେ। ମାତ୍ର ଏଫ୍‌ଆଇଏଚ୍ ମଙ୍ଗଳବାର ତାହାକୁ ଖଣ୍ଡନ କରିଛି। ପିଏଚ୍‌ଏଫ୍‌ର ଜଣେ ଅଫିସିଆଲ ଯାହା କହିଛନ୍ତି, ସେଥିରେ କୌଣସି ସତ୍ୟତା ନାହିଁ। ସେପ୍ଟେମ୍ବର-ଅକ୍ଟୋବରରେ ହେବାକୁଥିବା କ୍ୱାଲିଫାୟର୍ସରେ ଉଚ୍ଚସ୍ତରୀୟ ଟିମ୍ ନୀଚସ୍ତରର ଟିମ୍ ପରସ୍ପରକୁ ଭେଟିବେ। ପାକିସ୍ତାନ ଓ ଭାରତ ଇତିମଧ୍ୟରେ ଏ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଜିତି ସାରିଥିବାରୁ ଡ୍ର’ରେ ଉଭୟେ ପରସ୍ପରକୁ ଭେଟିପାରନ୍ତି। କ୍ୱାଲିଫାଇଂ ଟୁର୍ନାମେଣ୍ଟରେ ପାକିସ୍ତାନ, ଇଜିପ୍ଟ, ଦକ୍ଷିଣ କୋରିଆ, ସ୍ପେନ, ଜର୍ମାନୀ, ନ୍ୟୁଜିଲାଣ୍ଡ, ଭାରତ ଏବଂ ଅନ୍ୟ କେତୋଟି ଦଳ ଭାଗନେବେ। ଦୁଇ ପାଦ ବିଶିଷ୍ଟ ଅଲିମ୍ପିକ କ୍ୱାଲିଫାୟରରେ ଭାରତ କେଉଁ ଦଳକୁ ଭେଟିବ ତାହା ସେପ୍ଟେମ୍ବର ୯ରେ ସୁଇଜରଲାଣ୍ଡର ଲାଉସାନେସ୍ଥିତ ଏଫ୍‌ଆଇଏଚ୍‌ର ମୁଖ୍ୟ କାର୍ଯ୍ୟାଳୟରେ ଡ୍ର ଅନୁଷ୍ଠିତ ହେବ। ୮ଟି ଶୀର୍ଷ ର୍ୟାଙ୍କିଙ୍ଗ ଦଳ ମ୍ୟାଚଗୁଡ଼ିକ ଆୟୋଜନ କରିବେ। ଯଦି ଡ୍ର ଅନୁସାରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବାକୁ ପଡ଼େ ତେବେ ୟୁରୋପରେ ମ୍ୟାଚ ଆୟୋଜନର କୌଣସି ଯୋଜନା ନ ଥିବା ଏଫ୍‌ଆଇଏଚ୍ କହିଛି।

### ସୁନୀଲ ଜୋଷୀ ୟୁପି ରଣଜୀ କୋଚ୍ ନିଯୁକ୍ତ

**ଲକ୍ଷ୍ନୌ, ୩।୯ (ପି.ଟି.):** ପୂର୍ବତନ ଭାରତୀୟ ସ୍ପିନର ସୁନୀଲ ଜୋଷୀଙ୍କୁ ଉତ୍ତର ପ୍ରଦେଶ (ୟୁପି) ରଣଜୀ କ୍ରିକେଟ୍ ଦଳର ନୂତନ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଆଗାମୀ ଏକବର୍ଷ ପର୍ଯ୍ୟନ୍ତ ଜୋଷୀଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଛି ବୋଲି ଉତ୍ତରପ୍ରଦେଶ କ୍ରିକେଟ୍ ଆସୋସିଏଶନ (ୟୁପିସିଏ) ପକ୍ଷରୁ କୁହାଯାଇଛି। ‘ଆଗାମୀ ଏକବର୍ଷ ପର୍ଯ୍ୟନ୍ତ ସୁନୀଲ ଜୋଷୀଙ୍କୁ ଆମ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି କରିଛୁ। ବିଜୟ ହଜାରେ ଟ୍ରଫି ପୂର୍ବରୁ ସେ କ୍ୟାମ୍ପ୍‌ରେ ଯୋଗଦେବେ’ ବୋଲି ୟୁପିସିଏ ସମ୍ପାଦକ ଯୁଦ୍ଧବୀର ସିଂ କହିଛନ୍ତି। କର୍ଣ୍ଣାଟକର ଏହି ବାମହାତୀ ସ୍ପିନର ସେପ୍ଟେମ୍ବର ୨୦ରୁ ୟୁପି ଟ୍ରେନିଂ କ୍ୟାମ୍ପ୍‌ରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏଥିପୂର୍ବରୁ ଜୋଷୀ ଗତ ଆଇସିସି ବିଶ୍ୱକପ୍ ପର୍ଯ୍ୟନ୍ତ ବାଂଲାଦେଶ ଜାତୀୟ ସିନିୟର କ୍ରିକେଟ୍ ଦଳର ସ୍ପିନ ବୋଲିଂ କୋଚ୍ ଦାୟିତ୍ୱ ତୁଲାଇଥିଲେ। ନିକଟରେ ସେ ଭାରତୀୟ ଦଳର ବୋଲିଂ କୋଚ୍ ପାଇଁ ଆବେଦନ କରିଥିଲେ ମଧ୍ୟ ସଂକ୍ଷିପ୍ତ ତାଲିକାରେ ତାଙ୍କୁ ସ୍ଥାନ ମିଳି ନ ଥିଲା। ଉତ୍ତର ପ୍ରଦେଶ କ୍ରିକେଟ୍ ଦଳ ପ୍ରଥମ ତଥା ଶେଷଥର ପାଇଁ ୨୦୦୫-୦୬ ସିଜନରେ ରଣଜୀ ଟ୍ରଫି ଟାଇଟଲ୍ ଜିତିଥିବାବେଳେ ୫ଥର ରନର୍ସଅପ୍ ହୋଇଛି।

# ସ୍ୱିତୋଲିନା ସେମିଫାଇନାଲରେ

**ନ୍ୟୁୟର୍କ, ୩।୯ (ଏଏଫ୍‌ପି)**



ମ୍ୟାଚ୍ ଜିତିବା ପରେ ଏଲିନା ସ୍ୱିତୋଲିନାଙ୍କ ପ୍ରତିକ୍ରିୟା।

ପଞ୍ଚମ ସିଡ୍ ତଥା ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ସେ ବ୍ରିଟିଶ ନମ୍ବର ୱାନ ଖେଳାଳି ଜୋହାନ୍ନା କୋଣ୍ଟାଙ୍କୁ ୬–୪, ୬–୪ ସେଟ୍‌ରେ ହରାଇ ଦେଇଛନ୍ତି। ସ୍ୱିତୋଲିନା ବର୍ତ୍ତମାନ ୨୩ ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟିନୀ ଆମେରିକାର ସେରେନା ୱିଲିୟମ୍ସ କିମ୍ବା ୱାଙ୍ଗ୍ କ୍ୱିଆଙ୍ଗ୍‌ଙ୍କୁ ଭେଟିବେ।

## କ୍ୱାର୍ଟରରେ ନାଡାଲ

ସ୍ପାନିଶ ଷ୍ଟାର ଖେଳାଳି ରାଫାଲ ନାଡାଲ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ଏଠାରେ ୨୦୧୪ ଚାମ୍ପିୟନ କ୍ରୋଏସିଆର ମାରିନ୍ ସିଲିକ୍‌ଙ୍କୁ ୬–୩, ୩–୬, ୬–୧, ୬–୨ ସେଟ୍‌ରେ ହରାଇ ଦେଇଛନ୍ତି। ଏଠାରେ ୪ର୍ଥ ଟାଇଟଲ ଅଭିଯାନରେ ଥିବା ନାଡାଲ କ୍ୱାର୍ଟରଫାଇନାଲରେ ୨୦ତମ ସିଡ୍ ତଥା ଆର୍ଜେଣ୍ଟିନାର ଡିଏଗୋ ସ୍ୱାର୍ଜମ୍ୟାନଙ୍କୁ ଭେଟିବେ। ଦ୍ୱିତୀୟ ସିଡ୍ ନାଡାଲ ଫ୍ଲସିଂ ମିଡୋଜଠାରେ ପୂର୍ବରୁ ୨୦୧୦, ୨୦୧୩ ଏବଂ ୨୦୧୭ରେ ଚାମ୍ପିୟନ ହୋଇଥିଲେ। ସ୍ପାନିଶ ଟେନିସ ଷ୍ଟାର ୟୁଏସ୍ ଓପନରେ ତାଙ୍କ ୯ମ ଏବଂ ମୋଟ ଉପରେ ୪୦ତମ ଗ୍ରାଣ୍ଡସ୍ଲାମ କ୍ୱାର୍ଟରଫାଇନାଲ ଖେଳିବାକୁ ଯାଉଛନ୍ତି।

ଅନ୍ୟପକ୍ଷରେ ସ୍ୱାର୍ଜମ୍ୟାନ ଏକ ୪ସେଟ୍ ବିଶିଷ୍ଟ ମ୍ୟାଚରେ ଆଲେକ୍‌ଜାଣ୍ଡର ଜେଭେରେଭଙ୍କୁ ୩–୬, ୬–୨, ୬–୪, ୬–୩ ସେଟ୍‌ରେ ହରାଇ ଦେଇଛନ୍ତି। ୟୁଏସ ଓପନରେ ୩ବର୍ଷରେ ସ୍ୱାର୍ଜମ୍ୟାନ ଦ୍ୱିତୀୟ ଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସର ଏକ ଚତୁର୍ଥ ରାଉଣ୍ଡ ମ୍ୟାଚରେ ୨୫ତମ ସିଡ୍ ତଥା ବେଲଜିୟମର ଏଲିସି ମର୍ଟେନ୍ସ ୬–୧, ୬–୧ ସିଧାସଳଖ ସେଟ୍‌ରେ ୧୪୧ତମ ର୍ୟାଙ୍କିଙ୍ଗପ୍ରାପ୍ତ ତଥା ଯୁକ୍ତରାଷ୍ଟ୍ର ଆମେରିକାର ୱାଇଲ୍ଡ କାର୍ଡ କ୍ରିଷ୍ଟି ଆହନଙ୍କୁ ପରାସ୍ତ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ କାନାଡାର ୧୯ ବର୍ଷୀୟା ଖେଳାଳି ୧୫ତମ ସିଡ୍ ବାଏଙ୍କା ଆଣ୍ଡ୍ରେସ୍କ୍ୟୁଙ୍କୁ ଭେଟିବେ। ଆଣ୍ଡ୍ରେସ୍କ୍ୟୁ ୧୧୬ତମ ର୍ୟାଙ୍କିଙ୍ଗପ୍ରାପ୍ତ ଆମେରିକାର ଟେଲର ଟାଉନ୍‌ସେଣ୍ଡଙ୍କୁ ୬–୧, ୪–୬, ୬–୨ ସେଟ୍‌ରେ ହରାଇ ଦେଇଛନ୍ତି।

# ୩୩ ଖେଳରେ ହେବ ଆନ୍ତଃ ମହାବିଦ୍ୟାଳୟ ପ୍ରତିଯୋଗିତା

**ଭୁବନେଶ୍ୱର,୩।୯(ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ାପରିଷଦର ୨୦୧୯–୨୦ ବାର୍ଷିକ କ୍ରୀଡ଼ାସୂଚୀ ପ୍ରକାଶିତ ହୋଇଛି। ଚଳିତବର୍ଷ ପୁରୁଷ ଓ ମହିଳା ବିଭାଗରେ ସମୁଦାୟ ୩୩ଟି ଖେଳରେ ଆନ୍ତଃ ମହାବିଦ୍ୟାଳୟ ପ୍ରତିଯୋଗିତା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପ୍ରତିଯୋଗିତାଗୁଡ଼ିକ ସେପ୍ଟେମ୍ବର ୧୪ରୁ ଆରମ୍ଭ ହୋଇ ଜାନୁୟାରୀ ୩୦ ତାରିଖ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ।

**ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ାପରିଷଦ ବାର୍ଷିକ କ୍ରୀଡ଼ାସୂଚୀ ଘୋଷିତ**

### ସେପ୍ଟେମ୍ବର

ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ୧୪ ତାରିଖରେ ଆନ୍ତଃମହାବିଦ୍ୟାଳୟ ପୁରୁଷ ଓ ମହିଳା ସନ୍ତରଣ ପ୍ରତିଯୋଗିତା ଅଡଶପୁରର ୟୁ.ଏନ୍. ମହାବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ସେହିପରି ଭୁବନେଶ୍ୱରର ଏସ୍.ଏସ୍.ବି.ଏମ୍.ଠାରେ ସେପ୍ଟେମ୍ବର ୧୬ ତାରିଖରେ ମହିଳା ଓ ପୁରୁଷ ଟେବୁଲ ଟେନିସ ପ୍ରତିଯୋଗିତା ଆୟୋଜନ ହେବ। ସେପ୍ଟେମ୍ବର ୧୮ରେ ମହିଳା ଓ ପୁରୁଷ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉତ୍କଳବିଶ୍ୱବିଦ୍ୟାଳୟ ପି.ଜି. ଆଥଲେଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜନ ହେବ। ସେପ୍ଟେମ୍ବର ୧୯ ତାରିଖରୁ ପୁରୁଷ ଭଲିବଲ ପ୍ରତିଯୋଗିତା ଚାରଟି ଜୋନ୍‌ରେ ଯଥାକ୍ରମେ ଖୋର୍ଦ୍ଧାର ପ୍ରାଣନାଥ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ନିମାପଡା ମହାବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାୟ ପି.ଜି. ଆଥଲେଟିକ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ସେହିପରି ସେପ୍ଟେମ୍ବର ୨୦ରେ ପୁରୁଷ ଓ ମହିଳା କୁସ୍ତି ପ୍ରତିଯୋଗିତା ପୁରୀର ସୁରଜ ମଲ୍ଲ ସାହା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ଯାଜପୁରର ଏନ୍.ସି. ମହାବିଦ୍ୟାଳୟରେ ସେପ୍ଟେମ୍ବର ୨୧ ତାରିଖରେ ପୁରୁଷ ସଫ୍ଟ ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ସେପ୍ଟେମ୍ବର ୨୩ ଓ ୨୫ ତାରିଖରେ ମହିଳା ଓ ପୁରୁଷ ବାସ୍କେଟ ବଲ ପ୍ରତିଯୋଗିତା ପି.ଜି. ଆଥଲେଟିକ କ୍ଲବ ଆନୁକୂଲ୍ୟରେ ବାଣୀବିହାରଠାରେ ଆୟୋଜନ ହେବ। ସେପ୍ଟେମ୍ବର ୨୭ ଠାରୁ ପୁରୁଷ ଓ ମହିଳା ଚେସ୍ ପ୍ରତିଯୋଗିତା କଟକର ମଧୁସୂଦନ ଆଇନ୍ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ।

### ଅକ୍ଟୋବର

ସେହିପରି ଅକ୍ଟୋବର ୪ରେ ପୁରୁଷ ହକି ପ୍ରତିଯୋଗିତା ପି.ଜି. ଆଥଲେଟିକ କ୍ଲବ ଆନକୁଲ୍ୟରେ ବାଣୀବିହାରଠାରେ, ମହିଳା ଖୋ–ଖୋ ବାଙ୍କୀ ମହାବିଦ୍ୟାଳୟରେ ଅକ୍ଟୋବର ୧୫ରେ ଆୟୋଜନ ହେବ। ପୁରୁଷ ଓ ମହିଳା ଭାରୋତ୍ତୋଳନ ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅକ୍ଟୋବର ୧୭ରେ ପୁରୀର ସୁରଜ ମଲ୍ଲ ସାହା ମହାବିଦ୍ୟାୟରେ ଅନୁଷ୍ଠିତ ହେବ। ଅକ୍ଟୋବର ୨୧ଠାରୁ ପୁରୁଷ କବାଡ଼ି ପ୍ରତିଯୋଗିତା ୩ଟି ଜୋନ୍ ଯଥା ଗୁରୁଡିଝାଟିଆର ଏସ୍.ଏସ୍.ଡି. ମହାବିଦ୍ୟାଳୟ, ଜାରକାର ଧର୍ମଶାଳା ମହାବିଦ୍ୟାଳୟ, ସାକ୍ଷୀଗୋପାଳର ୟୁ.ଜି.ଏସ୍. ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ଅକ୍ଟୋବର ୨୫ ତାରିଖରୁ ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ୪ଟି ଜୋନ ଯଥା ରଣପୁର ମହାବିଦ୍ୟାଳୟ, ନହରକଣ୍ଟାର ଶ୍ରୀ ଜୟଦେବ ମହାବିଦ୍ୟାଳୟ, ଆଳି ମହାବିଦ୍ୟାଳୟ ଓ ଜଟଣୀ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହେବ। ସେହିପରି ଅକ୍ଟୋବର ୩୦ ତାରିଖରୁ ମହିଳା କବାଡ଼ି ପ୍ରତିଯୋଗିତା ଦୁଇଟି ଜୋନ୍ ଯଥା ଚିତ୍ତୋଳ ମହାବିଦ୍ୟାଳୟ ଓ ବାରଙ୍ଗର କେ.ବି. ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

### ନଭେମ୍ବର

ନଭେମ୍ବର ୧ ତାରିଖରୁ ଆନ୍ତଃ ମହାବିଦ୍ୟାଳୟ ପୁରୁଷ ବଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା ମଠକରଗୋଲା ମହାବିଦ୍ୟାଳୟଠାରେ ଆୟୋଜନ ହେବ। ନଭେମ୍ବର ୨ ତାରିଖରେ ମହିଳା ଭଲିବଲ ଓ ୪ ତାରିଖରେ ପୁରୁଷ ଖୋ– ଖୋ ପି.ଜି. ଆଥଲେଟିକ କ୍ଲବ୍ ଆନୁକୂଲ୍ୟରେ ବାଣୀବିହାରଠାରେ ଅନୁଷ୍ଠିତ ହେବ। ୭ ତାରିଖରେ ଆନ୍ତଃ ମହାବିଦ୍ୟାଳୟ ଆଥଲେଟିକ ପ୍ରତିଯୋଗିତା ଅଡଶପୁରର ୟୁ.ଏନ୍. ମହାବିଦ୍ୟାଳୟରେ ଖେଳାଯିବ। ୧୧ ତାରିଖରେ ଆନ୍ତଃ ମହାବିଦ୍ୟାଳୟ ମହିଳା ବଲ ବ୍ୟାଡମିଣ୍ଟନ ପ୍ରତଯୋଗିତା ଛତିଆର ଏମ୍.ଏଚ୍.ଡି. ମହାବିଦ୍ୟାଳୟରେ ଖେଳାଯିବ। ସେହିପରି ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତା ପୁରୀର ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ ଆନୁକୂଲ୍ୟରେ ୧୪ ତାରିଖରେ ଅନୁଷ୍ଠିତ ହେବ। ୧୬ ତାରିଖରେ ପି.ଜି. ଆଥଲେଟିକ୍ କ୍ଲବ୍ ଆନୁକୂଲ୍ୟରେ ୧୬ ତାରିଖରେ ମହିଳା ଓ ପୁରୁଷ ରଗ୍‌ବୀ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ପୁରୁଷ କ୍ରିକେଟ ପ୍ରତିଯୋଗିତା ୬ଟି ଜୋନ୍ ଯଥା ମାର୍ଶାଘାଇ ମହାବିଦ୍ୟାଳୟ, ଅଡଶପୁରର ୟୁ.ଏନ. ମହାବିଦ୍ୟାଳୟ, ପାଣ୍ଡରାର ହାଇଟେକ ଫିଜିଓଥେରାପି ମହାବିଦ୍ୟାଳୟ, ଯାଜପୁର ରୋଡର ଭି.ଏନ୍. ମହାବିଦ୍ୟାଳୟ, କୁହୁଡିର ଜନତା ମହାବିଦ୍ୟାଳୟଠାରେ ନଭେମ୍ବର ୧୮ରୁ ଆରମ୍ଭ ହେବ। ସେହିପରି ମହିଳା ଫୁଟବଲ ପ୍ରତିଯୋଗିତା ନଭେମ୍ବର ୨୩ରେ ପି.ଜି. ଆଥଲେଟିକ କ୍ଲବ ଆନୁକୂଲ୍ୟରେ ବାଣୀବିହାରଠାରେ ଅନୁଷ୍ଠିତ ହେବ।

### ଡିସେମ୍ବର

ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ ଡିସେମ୍ବର ୨ ତାରିଖରେ ଆନ୍ତଃ ମହାବିଦ୍ୟାଳୟ ମହିଳା ଓ ପୁରୁଷ ବକ୍ସିଂ ଓ ୮ ତାରିଖରେ ପୁରୁଷ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ପୁରୀର ଜି.ଏମ୍.ଏଲ୍. ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହେବ। ସେହିପରି ମହିଳା କ୍ରିକେଟ ଓ ସିପକ୍ ଟାକ୍ରୋ ମହିଳା ଓ ପୁରୁଷ ଆନ୍ତଃ ମହାବିଦ୍ୟାଳୟ ପ୍ରତିଯୋଗିତା ଯଥାକ୍ରମେ ଡିସେମ୍ବର ୧୦ ଓ ୧୨ ତାରିଖରେ ପି.ଜି. ଆଥଲେଟିକ୍ କ୍ଲବ ଆନୁକୂଲ୍ୟରେ ବାଣୀବିହାରଠାରେ ଅନୁଷ୍ଠିତ ହେବ।

### ଜାନୁୟାରୀ

ସେହିପରି ପୁରୁଷ ଓ ମହିଳା ନେଟ ବଲ୍ ପ୍ରତିଯୋଗିତା ୨୦୨୦ ଜାନୁୟାରୀ ୩ ଓ ୫ରେ ପି.ଜି. ଆଥଲେଟିକ କ୍ଲବରେ, ପୁରୁଷ ଓ ମହିଳା ଯୋଗ ପ୍ରତିଯୋଗିତା ଜାନୁୟାରୀ ୧୦ ତାରିଖରେ ନୂଆବଜାରର କଟକ ମହାବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ସେହିପରି ପୁରୁଷ ଓ ମହିଳା କିକ୍ ବକ୍ସିଂ ପ୍ରତିଯୋଗିତା ଜାନୁୟାରୀ ୧୨ରେ ଚିତାଳୋ ମହାବିଦ୍ୟାୟରେ ଖେଳାଯିବ। ପୁରୁଷ ଓ ମହିଳା ଡ୍ରପ୍ ରୋବଲ ପ୍ରତିଯୋଗିତା ଜାନୁୟାରୀ ୧୮ ତାରିଖରେ ସାକ୍ଷୀଗୋପାଳର ୟୁ.ଜି.ଏସ୍. ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ଚଳିତବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବାଣୀବିହାରଠାରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ– ଖୋ ପ୍ରତିଯୋଗିତା ଆସନ୍ତା ନଭେମ୍ବରରେ ଅନୁଷ୍ଠିତ ହେବ।

# ରାଜ୍ୟ ସ୍କୁଲ ଓପନ ଚେସ୍: ଅବିନାଶ ଚାମ୍ପିୟନ

**ଭୁବନେଶ୍ୱର, ୩।୯(କ୍ରୀଡ଼ା ପ୍ରତିନିଧି)**




ଟ୍ରଫି ଓ ପ୍ରମାଣପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ପୁରୁଣା ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ କ୍ଲବ ଆନୁକୂଲ୍ୟରେ କୈଳାସ ସଦନରେ ମଙ୍ଗଳବାର ରାଜ୍ୟ ସ୍କୁଲ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଦର୍ସ ପବ୍ଲିକ୍ ସ୍କୁଲର ଅବିନାଶ ଆଚାର୍ଯ୍ୟ ୬.୫ ପଏଣ୍ଟ ସହ ଚାମ୍ପିୟନ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୀର୍ତ୍ତି ଅନୁରାଗ ପ୍ରତିହାରୀ, ଶାଶ୍ୱତ ସୌମ୍ୟବ୍ରତ, ବୈଷ୍ଣବୀ ଘୋଷ, ପ୍ରଭାଂଶୁ ଦାଶ, ଅଭିଜିତ ବିଶ୍ୱାଳ, ସୁଜିତ କୁମାର ଦାଶ, ବୈଭବ ଘୋଷ, ଆର୍ଯ୍ୟନ ଆଦେଶ ଚାଟୋଇ, ରୋହିତ ମଲିକ, ଅଭିଷେକ ନାୟକ, ଶିବାଙ୍ଗି ମହାନ୍ତି, ରାଜ ରଣବୀର ଗିରି, ଅମୃତ ଶତପଥୀ ଓ ସାର୍ଥକ ମହାନ୍ତି ଯଥାକ୍ରମେ ୨ୟରୁ ୧୫ତମ ସ୍ଥାନ ହାସଲ କରିଥିଲେ। ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବିଭାଗରେ ଶ୍ରେଷ୍ଠ ୪ ଜଣ ଲେଖାଏ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ କ୍ରୀଡ଼ା ଖବରଦାତା ସୁରେଶ ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଏବଂ ଲିଙ୍ଗରାଜ କ୍ଲବ ସମ୍ପାଦକ ଅଜୟ କୁମାର ଦାସ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ ପାଲ, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୪/୨୦୧୯ Bhubaneswar, Wednesday, September 4/2019

**ସଂକ୍ଷେପରେ**

## ଓଭରବ୍ରିଜ ଉପରେ ଗଲା ଘରୋଇ ବସ୍

ଭୁବନେଶ୍ୱର,୩।୯(ବ୍ୟୁରୋ): ବାଇକ ଓ କାର ଚାଳକଙ୍କ ପରେ କମିଶନରେଟ ପୋଲିସ ବସ୍ ଉପରେ କଟକଣା ଲଗାଇଛି। ସୋମବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ବସ୍ ମାଲିକଙ୍କ ସହ ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥର ବରମୁଣ୍ଡାରୁ ପଳାଶୁଣି ପର୍ଯ୍ୟନ୍ତ ନୋ ଓଭରଟେକିଂ ଜୋନ୍ ଭାବେ ଘୋଷଣା କରାଯାଇଛି। ଏଥିସହ ଓଭରବ୍ରିଜ ତଳ ରାସ୍ତାଦେଇ ବସ୍ ଚଳାଚଳ ଉପରେ ରୋକ୍ ଲଗାଇବାକୁ ପ୍ରସ୍ତାବ ଦିଆଯାଇଥିଲେ ମଧ ମାଲିକମାନେ ରାଜି ହୋଇ ନ ଥିଲେ। ତେବେ ମଙ୍ଗଳବାର ଅଧିକାଂଶ ବସ୍ ତଳେ ନ ଆସି ଓଭରବ୍ରିଜ୍ ଉପର ଦେଇ ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। ଓଭରବ୍ରିଜର ଆରମ୍ଭ ଓ ଶେଷ ମୁଣ୍ଡରେ ଅଟକି ଯାତ୍ରୀଙ୍କୁ ଉଠାଇବା ସହ ଓହ୍ଲାଇଥିଲେ। ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ ମଧ ନିଜେ ବାଣୀବିହାର ଛକରେ ରହି ସ୍ଥିତି ଉପରେ ନଜର ରଖିଥିଲେ। ଆଗାମୀ ଦିନରେ ଏହି ନିୟମକୁ କଡାକଡି କରାଯିବ ବୋଲି ପାଣିଗ୍ରାହୀ କହିଛନ୍ତି।

# ପୂର୍ବ ଶତ୍ରୁତାରୁ ଦୋକାନୀଙ୍କୁ ହତ୍ୟା: ୩ ଗିରଫ

■ ମାହାଳପଡ଼ା ଗ୍ରାମରେ ଉତ୍ତେଜନା
■ ୩ଘଣ୍ଟା ରାସ୍ତାରୋକୋ
■ ୩ପ୍ଲାଟୁନ ଫୋର୍ସ ମୁତୟନ

ଖୁଣ୍ଟୁଣୀ,୩।୯(ଡି.ଏନ୍.ଏ.)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଚୌଦ୍ୱାର ଥାନା ଅନ୍ତର୍ଗତ ମାହାଳପଡ଼ା ଗ୍ରାମର ଗୋଲକ ପ୍ରଧାନ(୪୯)ଙ୍କୁ ସଂଘବଦ୍ଧଭାବେ ପିଟିପିଟି ହତ୍ୟା କରାଯାଇଛି। ସ୍ତ୍ରୀ ସରସ୍ୱତୀଙ୍କ ଅଭିଯୋଗକ୍ରମେ ଖୁଣ୍ଟୁଣୀ ପୋଲିସ ହତ୍ୟା ମାମଲା (ନଂ.୧୦୧/୧୯)ରୁଜୁ କରି ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିରଞ୍ଚି ବାରିକ, ପରମେଶ୍ୱର ରାଉତ ଓ ଅଭିଜିତ୍ ମହାନ୍ତି। ଫେରାର ୯ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଥିବା ପୋଲିସ କହିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ମାହଳପଡ଼ା ଗ୍ରାମରେ ଉତ୍ତେଜନା ଲାଗି ରହିଛି। ମୃତଦେହ ହସ୍ତାନ୍ତର ଓ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଅଞ୍ଚଳବାସୀ କପୁରସିଂଠାରେ ୩ଘଣ୍ଟା ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, କଖଡି ଛକ ନିକଟରେ ଗୋଲକଙ୍କ ଏକ ଦୋକାନ ରହିଛି। ୧୫ଦିନ ତଳେ ଘଣ୍ଟିଖାଲର କେତେଜଣ ଯୁବକ ତାଙ୍କ ଦୋକାନରୁ ପାଣି ପାଉଚ କିଣିଥିଲେ। ଅଧିକା ଦାମ ନେଉଥିବା କହିବା ସହ ଗୋଲକଙ୍କ ପୁଅ ସୁନୀଲଙ୍କ ସହ ଯୁକ୍ତିତର୍କ କରି ପଳାଇଥିଲେ। ସୋମବାର ପୂର୍ବାହ୍ନ ୧୦ଟାରେ ଘଣ୍ଟିଖାଲର ଏହି ଯୁବକମାନେ କଖଡି ନିକଟ ଏକ ଢାବା ଆଗରେ ଛିଡା ହୋଇଥିଲେ। ଏହି ସମୟରେ କମେଣ୍ଟମରାକୁ କେନ୍ଦ୍ରକରି ସୁନୀଲର ସାଙ୍ଗ ପ୍ରଦୀପଙ୍କ ସହ ଗଣ୍ଡଗୋଳ କରି ପଳାଇଥିଲେ। ଅପରାହ୍ନ ୩ଟାରେ ଗୋଲକ ଝିଅଘର ନିଧିପୁରରୁ ଘରକୁ ଫେରୁଥିବାବେଳେ ପୂର୍ବରୁ ଛକି ରହିଥିବା ଅଭିଯୁକ୍ତମାନେ ନିଧିପୁର ଛକରେ ତାଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ମାଧବପୁରସ୍ଥିତ ଜିମସାର ମେଡିକାଲକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଆଠଗଡ ଓ ପରେ କଟକ ବଡ ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ଦୁଇ ଗ୍ରାମରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ଏସପି ରାଧା ବିନୋଦ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ୩ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏହା ପରେ ମାହଳାପଡ଼ା ଗ୍ରାମବାସୀ ୫୫ନଂ. ଜାତୀୟ ରାଜପଥର କପୁରସିଂଠାରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଘଟଣାସ୍ଥଳରେ ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ଖୁଣ୍ଟୁଣୀ ଥାନାଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ନିଧିପୁର ଛକ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଚଳାଇଛି। ସୂଚନାଥାଉକି, ପ୍ରାୟ ୧ ମାସ ପୂର୍ବେ ଘଣ୍ଟିଖାଲର ଏକ ଢାବା ନିକଟରେ କୌଣସି କାରଣକୁ ନେଇ ମାହାଳପଡା ଓ ଘଣ୍ଟିଖାଲର ଦୁଇ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା।



ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଦକ୍ଷତା ବିକାଶ ଚିନ୍ତା

# ସିଙ୍ଗାପୁରର ସହାୟତା ନେବ ଓଡ଼ିଶା



**ଆଇଟିଆଇ ପରେ ସିଙ୍ଗାପୁରରେ ପ୍ରଶିକ୍ଷଣ ନେବେ ପଲିଟେକ୍‌ନିକ୍ ପ୍ରଶିକ୍ଷକ**

ଭୁବନେଶ୍ୱର,୩।୯(ବ୍ୟୁରୋ)

ଦକ୍ଷତା ବିକାଶ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବେ ଓଡ଼ିଶା ଓ ସିଙ୍ଗାପୁର। ଧନ୍ଦାମୂଳକ ଶିକ୍ଷା ଏବଂ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଆଉପାଦେ ଆଗେଇବାକୁ ସିଙ୍ଗାପୁର ସରକାରଙ୍କ ସାହାଯ୍ୟ ଲୋଡ଼ିବ ଓଡ଼ିଶା। ରାଜ୍ୟରେ ଥିବା ଆଇଟିଆଇ ଏବଂ ପଲିଟେକ୍‌ନିକ୍‌ଗୁଡ଼ିକରେ ଯେପରି ପିଲାମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ପରିଚିତ ହୋଇ ଦକ୍ଷ ହୋଇପାରିବେ, ସେଥିପାଇଁ ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯିବ। ସିଙ୍ଗାପୁର ଗସ୍ତରେ ଯାଇଥିବା ଓଡ଼ିଶା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ସିଙ୍ଗାପୁର ଶିକ୍ଷା ମନ୍ତ୍ରୀ ଓଙ୍ଗ୍ ୟେ କୁଙ୍ଗ୍‌ଙ୍କ ସହ ଆଲୋଚନା କରିବା ଅବସରରେ ଏନେଇ ନିଷ୍ପତ୍ତି ହୋଇଛି। ଏଥିସହ ଓଡ଼ିଶା ସରକାର ଏବଂ ସିଙ୍ଗାପୁର ସରକାରଙ୍କ ମଧ୍ୟରେ ହୋଇଥିବା ବୁଝାମଣା ବିଷୟରେ ସମୀକ୍ଷା କରାଯାଇଥିଲା। ସିଙ୍ଗାପୁରସ୍ଥିତ ଆଇଟିଇଏସ୍ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ମଧ୍ୟରେ ହୋଇଥିବା ଏକାଧିକ ଏମ୍‌ଓୟୁ ଓଡ଼ିଶାର ବୈଷୟିକ ଧନ୍ଦାମୂଳକ ଶିକ୍ଷା ଏବଂ ପ୍ରଶିକ୍ଷଣରେ ବିଶେଷ ଭାବେ ସହାୟ ହୋଇଛି। ଏହି ଅବସରରେ ମନ୍ତ୍ରୀ ନାୟକ ସିଙ୍ଗାପୁର ଶିକ୍ଷା ମନ୍ତ୍ରୀଙ୍କୁ ୨୦୨୦ରେ ଓଡ଼ିଶା ଗସ୍ତ କରିବା ପାଇଁ ଆମନ୍ତ୍ରଣ କରିଥିଲେ। ସିଙ୍ଗାପୁର ଶିକ୍ଷା ମନ୍ତ୍ରୀ କୁଙ୍ଗ୍ ଆଗାମୀ ଦିନରେ ଓଡ଼ିଶାରେ ଦକ୍ଷତା ବିକାଶର ଭିତ୍ତିଭୂମି ସୁଦୃଢ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି କହିଥିଲେ।

ଓଡ଼ିଶାରେ ସିଙ୍ଗାପୁରର ୧୦୦ଜଣ ଶିକ୍ଷାର୍ଥୀଙ୍କୁ ବୈଷୟିକ ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ ନିମନ୍ତେ ଇଣ୍ଟର୍ନଶିପ୍ ପ୍ରଦାନ କରିବାକୁ ନାୟକ ପ୍ରସ୍ତାବ ଦେଇଥିଲେ। ଆଇଟିଆଇ ପ୍ରଶିକ୍ଷକଙ୍କ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ସଫଳଭାବେ କାର୍ଯ୍ୟକାରୀ ହୋଇଥିବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ପଲିଟେକ୍‌ନିକ୍‌ର ପ୍ରଶିକ୍ଷକଙ୍କୁ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ପାଇଁ ସିଙ୍ଗାପୁର ପଠାଯିବ ବୋଲି ଓଡ଼ିଶା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ବୈଠକରେ ଭାରତର ରାଷ୍ଟ୍ରଦୂତ ଜାଭେଦ ଆଶ୍ରଫ୍, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ଆଇଟିଇଏସ୍ ସିଇଓ ବ୍ରୁସ୍ ପୋ, ନିର୍ଦ୍ଦେଶକ ବୁନ୍ ୟିୟଙ୍ଗ୍, ଓଏସ୍‌ଡିଏ ସିଇଓ ରଶ୍ମିତା ପଣ୍ଡା ଏବଂ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି ଯୋଗଦେଇଥିଲେ।

# ଅଧିକ ଲକ୍ଷ୍ୟ ହାସଲ ଓ ଶ୍ରମିକ କଲ୍ୟାଣ ପରସ୍ପର ପରିପନ୍ଥୀ ନୁହନ୍ତି: ଧର୍ମେନ୍ଦ୍ର

**ଇସ୍ପାତ କ୍ଷେତ୍ରର ଟ୍ରେଡ୍ ୟୁନିୟନ ପ୍ରତିନିଧିଙ୍କ ସହ ଆଲୋଚନା**

ଭୁବନେଶ୍ୱର,୩।୯(ବ୍ୟୁରୋ)

ଅଳ୍ପ ଖର୍ଚ୍ଚରେ ଅଧିକ ଲକ୍ଷ୍ୟ ହାସଲ ଓ ଶ୍ରମିକ କଲ୍ୟାଣ ପରସ୍ପର ପରିପନ୍ଥୀ ନୁହନ୍ତି। ଉଭୟଙ୍କୁ ଏକାସଙ୍ଗେ ହାସଲ କରିହେବ ବୋଲି ଇସ୍ପାତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ଟ୍ରେଡ ୟୁନିୟନ ନେତୃମଣ୍ଡଳୀ ସହିତ ଆଲୋଚନା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଆଲୋଚନାରେ ଇସ୍ପାତ ଶିଳ୍ପରେ ଭାଗୀଦାରି ସଂସ୍କୃତିକୁ ମଜଭୁତ କରିବା ପାଇଁ ଅନେକ ସକାରାତ୍ମକ ଓ ଗଠନମୂଳକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଟ୍ରେଡ ୟୁନିୟନର ପ୍ରତିନିଧିମାନେ ଶ୍ରମିକ କଲ୍ୟାଣ, ମାନବ ସମ୍ବଳର ସୁବିନିଯୋଗ, ଦକ୍ଷତା ବିକାଶ, ସୁରକ୍ଷା, ବାସଗୃହ, ସବୁ ବୟସର ଶ୍ରମିକଙ୍କ ଉପସ୍ଥିତି, ମଜୁରିର ରିଭିଜନ ପ୍ରସଙ୍ଗରେ ଚର୍ଚ୍ଚା ହୋଇଥିଲା। ଉପସ୍ଥିତ ଟ୍ରେଡ୍ ୟୁନିୟନ ପ୍ରତିନିଧିମାନେ ଶ୍ରମିକମାନଙ୍କ ନିକଟତର ହେବା ଉଦ୍ୟମକୁ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଛନ୍ତି। ଗତ ମାସରେ ବୋକାରୋ ଷ୍ଟିଲ ପ୍ଲାଣ୍ଟ ଗସ୍ତ ସମୟରେ ଧର୍ମେନ୍ଦ୍ର କର୍ମଚାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ କର୍ମଚାରୀମାନଙ୍କ ସ୍ୱାର୍ଥରକ୍ଷା ସହ ପ୍ରବନ୍ଧନ ଓ କର୍ମଚାରୀମାନଙ୍କ ମଧ୍ୟରେ ସହବନ୍ଧନ ମାଧ୍ୟମରେ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସ୍ଥାୟୀ ଓ ଠିକା ଉଭୟ କର୍ମଚାରୀଙ୍କୁ ଡିଜିଟାଲ ରାସ୍ତାରେ ଦେୟ ପ୍ରଦାନ କରାଯିବା ସହ ପାରଦର୍ଶିତା ରକ୍ଷା କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଇସ୍ପାତ ଶିଳ୍ପର ଟାଉନଶିପ ସମସ୍ତ ନାଗରିକଙ୍କ ସହିତ ସ୍ମାର୍ଟସିଟିମାନର ହେବା ଜରୁରୀ। ସେଲ ଦ୍ୱାରା ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟସେବା ସୁବିଧା ଆଗାମୀ ଦିନରେ ଚାଲୁ ରହିବା ସହ ଏହାକୁ ଆଧୁନିକୀକରଣ କରାଯିବ ବୋଲି ସେ କହିଛନ୍ତି।

DADLS-24

## ଶ୍ରୀମନ୍ଦିର ସୁରକ୍ଷା ଅଞ୍ଚଳରୁ ସ୍ଥାନାନ୍ତରିତ ଭାଇଭଉଣୀମାନଙ୍କ ଅବଗତି ନିମନ୍ତେ ଆବଶ୍ୟକ ସୂଚନା

**ବାସଗୃହ**

| ପ୍ରଶ୍ନ | ଉତ୍ତର |
|---|---|
| ସରକାରଙ୍କ ଦ୍ୱାରା ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ ଅନୁଯାୟୀ କେଉଁମାନେ ସହାୟତା ପାଇବେ ? | ଶ୍ରୀମନ୍ଦିର ମେଘନାଦ ପ୍ରାଚୀରଠାରୁ ୭୫ ମିଟର ପରିସରରେ ଥିବା ବାସଗୃହ, ଦୋକାନ ଓ ଲଜ୍ ମାଲିକମାନେ, ଉଠାଦୋକାନୀ ଏହି ସହାୟତା ପାଇବା ପାଇଁ ହକ୍‌ଦାର । |
| ଶ୍ରୀମନ୍ଦିର ସୁରକ୍ଷା ଅଞ୍ଚଳରେ ଥିବା ମୋର ବାସଗୃହ ସ୍ଥାନାନ୍ତରିତ ହେଲେ ତାର କିପରି ଭରଣା କରାଯିବ ? | ଆଇନ ଅନୁଯାୟୀ ଆପଣଙ୍କ ଘର ଓ ଜମିର ମୂଲ୍ୟାୟନ କରାଯାଇ କ୍ଷତି ପୂରଣ ଦିଆଯିବ । ତା ସହିତ ଏହି ସ୍ୱତନ୍ତ୍ର ପ୍ୟାକେଜ ଅନୁଯାୟୀ ଅତିରିକ୍ତ ଭାବରେ ଆପଣଙ୍କ ଆସବାବ ପତ୍ର ସ୍ଥାନାନ୍ତରଣ ବାବଦ ଆପଣଙ୍କ ପରିବାରକୁ ୫୦ ହଜାର ଟଙ୍କା ତୁରନ୍ତ ସହାୟତା ଭାବରେ ଦିଆଯିବ ଏବଂ ଆପଣଙ୍କୁ ଆପଣଙ୍କ ଜମି ଅଧିଗ୍ରହଣ ହେବା ଦିନ ଠାରୁ ଆପଣ ସ୍ଥାୟୀ ବାସଗୃହ ବା ସ୍ଥାୟୀ ଜାଗା ପାଇବା ପର୍ଯ୍ୟନ୍ତ ମାସିକ ୧୦ ହଜାର ଟଙ୍କା ଘରଭଡା ବାବଦ ଦିଆଯିବ । |
| ମୁଁ ଏକକାଳୀନ ଗୃହ ନିର୍ମାଣ ସହାୟତା ନେବାକୁ ଚାହିଁଲେ ନେଇ ପାରିବି କି ? | ହଁ, ଆପଣ ଏକକାଳୀନ ୩୦ ଲକ୍ଷ ଟଙ୍କା ସହାୟତା ନେଇପାରିବେ କିମ୍ବା ଶ୍ରୀମନ୍ଦିର ଠାରୁ ୧.୫ କି.ମି. ପରିସର ମଧ୍ୟରେ ଆବାସିକ କଲୋନୀରେ ୫୨୦ ବର୍ଗଫୁଟର ଘର ନେଇ ପାରିବେ କିମ୍ବା ଶ୍ରୀମନ୍ଦିରର ୨ କି.ମି. ପରିସର ମଧ୍ୟରେ ୪୦ x ୨୫ ବର୍ଗଫୁଟର ଜାଗା ପାଇପାରିବେ । ଆପଣଙ୍କ ଘର ଓ ଜମିର ମୂଲ୍ୟାୟନ କରାଯାଇ ଦିଆଯିବାକୁ ଥିବା କ୍ଷତିପୂରଣ ସହିତ ସ୍ୱତନ୍ତ୍ର ପ୍ୟାକେଜ୍ ଅନୁଯାୟୀ ଆପଣ ଅତିରିକ୍ତ ଭାବରେ ଏହି ସହାୟତା ପାଇବେ । |

**ଦୋକାନଘର**

| ପ୍ରଶ୍ନ | ଉତ୍ତର |
|---|---|
| ଶ୍ରୀମନ୍ଦିର ସୁରକ୍ଷା ଅଞ୍ଚଳରେ ଥିବା ମୋର ଦୋକାନ ଘର ସ୍ଥାନାନ୍ତରଣ ଯୋଗୁଁ ମୁଁ କି କ୍ଷତିପୂରଣ ପାଇବି ? | ଆଇନ ଅନୁଯାୟୀ ଆପଣଙ୍କ ଦୋକାନ ଘର ଓ ଜମିର ମୂଲ୍ୟାୟନ କରାଯାଇ କ୍ଷତି ପୂରଣ ଦିଆଯିବ । ତା ସହିତ ଏହି ସ୍ୱତନ୍ତ୍ର ପ୍ୟାକେଜ ଅନୁଯାୟୀ ଅତିରିକ୍ତ ଭାବରେ ଆପଣଙ୍କ ଦୋକାନ ଜିନିଷ ପତ୍ର ସ୍ଥାନାନ୍ତରଣ ବାବଦ ଆପଣଙ୍କୁ ୫୦ ହଜାର ଟଙ୍କା ତୁରନ୍ତ ସହାୟତା ଭାବରେ ଦିଆଯିବ। ତା' ସହିତ ଆପଣଙ୍କ ପାଇଁ ୨ ଟି ପସନ୍ଦ ରଖାଯାଇଛି – (୧) ଆପଣଙ୍କ ଦୋକାନର |
| | ଆକାର ଅନୁଯାୟୀ ଆପଣଙ୍କୁ ଯଥାକ୍ରମେ ୫, ୧୦ ଓ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ଭଡା ସହାୟତା ଭାବରେ ଦିଆଯିବ । ନୂଆ ଦୋକାନ ଘର ପାଇବା ପର୍ଯ୍ୟନ୍ତ ଆପଣ ଏହି ଭଡା ପାଇବେ । (୨) ପୁରୀ ଜିଲ୍ଲାପାଳ ପୁରୀରେ ଦୋକାନ ଘର ଦେବାପାଇଁ ବ୍ୟବସ୍ଥା କରିବେ । |
| ମୁଁ ସ୍ଥାୟୀ ଭାବରେ ଦୋକାନଘର ପାଇ ପାରିବି କି ? | ହଁ । ପ୍ରତ୍ୟେକ ସ୍ଥାନାନ୍ତରିତ ଦୋକାନୀଙ୍କୁ ନୂଆ କରି ନିର୍ମାଣ କରାଯାଉଥିବା Market Complex ରେ ଦୋକାନ ଘର ଦିଆଯିବ । |

**ପାନ୍ଥଶାଳା (ଲଜ୍)**

| ପ୍ରଶ୍ନ | ଉତ୍ତର |
|---|---|
| ସ୍ଥାନାନ୍ତରିତ ପାନ୍ଥଶାଳା ପାଇଁ କିଛି କ୍ଷତିପୂରଣ ଅଛି କି ? | ହଁ । ଆଇନ ଅନୁଯାୟୀ ଆପଣଙ୍କ ପାନ୍ଥଶାଳା ଓ ଜମିର ମୂଲ୍ୟାୟନ କରାଯାଇ କ୍ଷତି ପୂରଣ ଦିଆଯିବ । ତା ସହିତ ଏହି ସ୍ୱତନ୍ତ୍ର ପ୍ୟାକେଜ ଅନୁଯାୟୀ ଆପଣ ଅତିରିକ୍ତ ସହାୟତା ପାଇବେ । |
| ଏହା ବ୍ୟତୀତ ମୁଁ ବ୍ୟବସାୟ ପାଇଁ ଆଉ ଅଧିକ ସହାୟତା ପାଇ ପାରିବି କି ? | ହଁ । ୩ ହଜାର ବର୍ଗଫୁଟ ଭିତରେ ଥିବା ପାନ୍ଥଶାଳା ପାଇଁ ୫ ଲକ୍ଷ ଟଙ୍କା ଏବଂ ୩ ହଜାର ବର୍ଗଫୁଟରୁ ଅଧିକ ଥିବା ପାନ୍ଥଶାଳା ପାଇଁ |
| | ୧୦ ଲକ୍ଷ ଟଙ୍କା ତୁରନ୍ତ ସହାୟତା ବ୍ୟବସ୍ଥା କରାଯାଇଛି । ସେହିପରି ଆପଣଙ୍କର ରୋଜଗାର ଜାରୀ ରଖିବା ପାଇଁ ୧୮ ମାସ ପର୍ଯ୍ୟନ୍ତ ଆପଣଙ୍କୁ ବର୍ଗଫୁଟ ହିସାବରେ ୨୫ ଟଙ୍କା ଲେଖାଏଁ ଦିଆଯିବ । |
| ମୁଁ ଏକକାଳୀନ ସହାୟତା ପାଇ ପାରିବି କି ? | ହଁ । ଆପଣ ଚାହିଁଲେ ଏକକାଳୀନ ସହାୟତା ପାଇ ପାରିବେ । ଏଥିପାଇଁ ଆପଣଙ୍କୁ Built up area ର ପ୍ରତି ବର୍ଗଫୁଟ ପିଛା ୨ ହଜାର ଟଙ୍କା ସହାୟତା ମିଳିପାରିବ । |
| ମୁଁ ନୂଆ ପାନ୍ଥଶାଳ ପାଇଁ ଜାଗା ନେବାକୁ ଚାହିଁଲେ ପାଇ ପାରିବି କି ? | ହଁ । ଏଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ବଡଦାଣ୍ଡର ଉଭୟ ପାର୍ଶ୍ୱର ୩୦୦ ମିଟର ପରିସର ମଧ୍ୟରେ ଆପଣଙ୍କୁ ଜାଗା ଦେବାପାଇଁ ବ୍ୟବସ୍ଥା କରାଯାଇଛି । ତା' ସହିତ ପାନ୍ଥଶାଳା ନିର୍ମାଣ ପାଇଁ ବର୍ଗଫୁଟ ପିଛା ୭୫୦ ଟଙ୍କା ମଧ୍ୟ ସହାୟତା ଦିଆଯିବ । ଆପଣଙ୍କ ଲଜ୍ ଓ ଜମିର ମୂଲ୍ୟାୟନ କରାଯାଇ ଦିଆଯିବାକୁ ଥିବା କ୍ଷତିପୂରଣ ସହିତ ସ୍ୱତନ୍ତ୍ର ପ୍ୟାକେଜ୍ ଅନୁଯାୟୀ ଆପଣ ଅତିରିକ୍ତ ଭାବରେ ଏହି ସହାୟତା ପାଇବେ । |

**ଉଠା ଦୋକାନୀ**

| ପ୍ରଶ୍ନ | ଉତ୍ତର |
|---|---|
| ମୁଁ ଶ୍ରୀମନ୍ଦିର ସୁରକ୍ଷା ଅଞ୍ଚଳରେ ଉଠା ଦୋକାନ କରି ପରିବାର ପୋଷଣ କରୁଥିଲି । ମୋ ପାଇଁ କିଛି ସହାୟତା ଅଛି କି ? | ହଁ । ପ୍ରତି ସ୍ଥାନାନ୍ତରିତ ଉଠା ଦୋକାନୀଙ୍କୁ ଏକକାଳୀନ ୩୦ ହଜାର ଟଙ୍କା ଦିଆଯିବ । |
| ମୋତେ ବେପାର କରିବା ପାଇଁ କିଛି ସୁବିଧା ଯୋଗାଇ ଦିଆଯିବ କି ? | ହଁ । ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଏକ ଯୋଜନା ପ୍ରସ୍ତୁତ କରାଯାଇ ସ୍ଥାନାନ୍ତରିତ ଉଠା ଦୋକାନୀମାନଙ୍କୁ ବେପାର କରିବା ପାଇଁ ସ୍ଥାନ ନିରୂପଣ କରାଯିବ । |

**ମଠ**

| ପ୍ରଶ୍ନ | ଉତ୍ତର |
|---|---|
| ଶ୍ରୀମନ୍ଦିର ସୁରକ୍ଷା ଅଞ୍ଚଳରେ ଥିବା ମଠ ଭଙ୍ଗା ଯିବ କି? | ଶ୍ରୀମନ୍ଦିର ସୁରକ୍ଷା ଅଞ୍ଚଳରେ ଥିବା ମଠଗୁଡିକର ଆବାସିକ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଥିବା ଅଂଶଗୁଡିକ ଅଧିଗ୍ରହଣ କରି ପୁନର୍ବିନ୍ୟାସ ପାଇଁ ପଦକ୍ଷେପ ନିଆଯିବ । ମଠରେ ପ୍ରତିଷ୍ଠିତ ଦେବାଦେବୀ ଓ ଆସ୍ଥାନକୁ ସୁରକ୍ଷିତ ରଖାଯିବା ସହିତ ପୂଜାର୍ଚ୍ଚନା ଜାରି ରହିବ । |
| ଶ୍ରୀମନ୍ଦିର ସୁରକ୍ଷା ଅଞ୍ଚଳରେ ଥିବା ମଠଗୁଡିକପାଇଁ କି ବ୍ୟବସ୍ଥା କରାଯାଇଛି ? | ପୁରୀ ଜିଲ୍ଲାପାଳ ଶ୍ରୀମନ୍ଦିର ସୁରକ୍ଷା ଅଞ୍ଚଳରେ ଥିବା ମଠଗୁଡିକର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଶ୍ରୀମନ୍ଦିର ସୁରକ୍ଷା ପାଇଁ ଅଧିଗୃହିତ ସମ୍ପତ୍ତି ବଦଳରେ ସେମାନଙ୍କୁ ଅନ୍ୟତ୍ର ଜମି ଦେବା ସହିତ ମଠର ଐତିହ ଓ ପରମ୍ପରାର ସୁରକ୍ଷା ପାଇଁ ପଦକ୍ଷେପ ନେବେ ।<br>ମଠରେ ଅଧିଷ୍ଠିତ ଦେବାଦେବୀ ଓ ଗାଦିର ସଂରକ୍ଷଣ କରାଯିବ । ଶ୍ରୀମନ୍ଦିରର ନୀତିକାନ୍ତି ସହିତ ଜଡିତ ମଠଗୁଡିକ ଯେଭଳି ସେମାନଙ୍କର ପରମ୍ପରା ବଜାୟ ରଖିପାରିବେ ସେଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ । |
| ବିଭିନ୍ନ ମଠ ସେମାନଙ୍କ ଜାଗାରେ ଦୋକାନ କରି ଭଡା ଦେଇଥିଲେ । ସେ ସମ୍ପର୍କରେ କିଛି ପଦକ୍ଷେପ ନିଆଯାଉଛି କି ? | ହଁ । ନିର୍ମିତ ହେବାକୁ ଥିବା Market Complex ରେ ମଠମାନଙ୍କୁ ଦୋକାନ ଘର ଦେବାପାଇଁ ଜିଲ୍ଲାପାଳ ବ୍ୟବସ୍ଥା କରିବେ । |

| | |
|---|---|
| ଯଦି ମୁଁ ସ୍ୱତଃସ୍ଫୂର୍ତ୍ତ ଭାବରେ ମୋର ସମ୍ପତ୍ତି ହସ୍ତାନ୍ତର କରେ ତା ପାଇଁ ମୋତେ କିଛି ସ୍ୱତନ୍ତ୍ର ସୁବିଧା ମିଳିବ କି ? | ହଁ । ଯଦି ଆପଣ ସ୍ୱତନ୍ତ୍ର ଥଇଥାନ ନୀତି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ସ୍ୱଇଚ୍ଛାରେ ଆପଣଙ୍କ ସମ୍ପତ୍ତି ହସ୍ତାନ୍ତର କରନ୍ତି ତେବେ ଆପଣଙ୍କୁ ସମସ୍ତ ସହାୟତା ଓ କ୍ଷତିପୂରଣ ବାଦ୍ ଅଧିକ ୧୦ ପ୍ରତିଶତ ଅର୍ଥରାଶି ପ୍ରଦାନ କରାଯିବ । |

ଓଡ଼ିଶା ସରକାର
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0036/1920



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
-ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଡାକ୍ତରଙ୍କଠାରୁ ୧୦ ହଜାର ଟଙ୍କା ଲୁଟ୍, ଜଣେ ଅଟକ

**ରଘୁନାଥପୁର, ୩।୯ (ଡି.ଏନ୍.ଏ.):** କିଶନନଗର ଥାନା ମାହାଳ ହାଟ ବିଟ୍ ହାଉସ ଅନ୍ତର୍ଗତ ବିଶ୍ୱନାଥପୁର ଚିତ୍ରୋତ୍ପଳା ନଦୀ ବନ୍ଧରେ ସୋମବାର ରାତିରେ ନିଜ ଘରକୁ ଫେରୁଥିବା ସମୟରେ ଜଣେ ଡାକ୍ତର ଲୁଟ୍‌ର ଶିକାର ହୋଇଛନ୍ତି। ସେ ହେଲେ ପାଟକୁରା ଥାନା ନେଦାଲ ଗାଁର ଆୟୁର୍ବେଦିକ ଡାକ୍ତର ସରୋଜ ଆଚାର୍ଯ୍ୟ। ଡା. ଆଚାର୍ଯ୍ୟ ବାଇକ୍‌ରେ ଉକ୍ତ ନଦୀ ବନ୍ଧ ରାସ୍ତା ଦେଇ ଫେରୁଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ତାଙ୍କ ପାଖରେ ଥିବା ୧୦ ହଜାର ଟଙ୍କା ସହ ବ୍ୟାଗ୍‌ରେ ଥିବା ଷ୍ଟେଥୋ ଓ ଅନ୍ୟ ମେଡିକାଲ ସାମଗ୍ରୀ ନେଇ ପଳାଇଥିଲେ। ଏ ସମ୍ପର୍କରେ ଆଚାର୍ଯ୍ୟ ଥାନାରେ ଅଭିଯୋଗ କରିବା ପରେ ଆଡସିନାଲ ଏସ୍‌ପି ପି.କେ. ଜେନା, ଏସ୍‌ଡିପିଓ ଏସ୍. କେ. ଦାସ, ଆଇଆଇସି ବାମଦେବ ସ୍ୱାଇଁ ଓ ବିଟ୍ ହାଉସ୍ ଅଧିକାରୀ ବାବୁଲି ଚରଣ ପ୍ରଧାନ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଜଣେ ଦୁର୍ବୃତ୍ତଙ୍କୁ ଧରିଛନ୍ତି। ତେବେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ବିଟ୍ ହାଉସ ଅଧିକାରୀ ପ୍ରଧାନ ତାଙ୍କ ନାମକୁ ଗୋପନ ରଖିଛନ୍ତି। ସୂଚନାଯୋଗ୍ୟ କି ଉକ୍ତ ନଦୀବନ୍ଧ ରାସ୍ତା ନିଛାଟିଆ ହୋଇଥିବାରୁ ଏହାର ସୁଯୋଗ ନେଇ ଅପରାଧୀମାନେ ପଥଚାରୀମାନଙ୍କଠାରୁ ଲୁଟ୍ କରୁଛନ୍ତି। ଉକ୍ତ ସ୍ଥାନରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### ୧୪ରେ ଜାତୀୟ ଲୋକ ଅଦାଲତ

**କଟକ ଅଫିସ, ୩।୯:** ହାଇକୋର୍ଟ ଆଇନସେବା କମିଟି ପକ୍ଷରୁ ଆସନ୍ତା ୧୪ରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ କମ୍ପାଉଣ୍ଡେବୁଲ୍ ମାମଲା, ଫୌଜଦାରି, ବ୍ୟାଙ୍କ, ବିଦ୍ୟୁତ୍ ଓ ପାଣି ବିଲ୍, ବୈବାହିକ, ଜମି ଅଧିଗ୍ରହଣ, ରାଜସ୍ୱ, ମୋଟର ଦୁର୍ଘଟଣା, ଚାକିରି ଜନିତ ମାମଲା ଏବଂ ଅନ୍ୟାନ୍ୟ ଦେୱାନୀ ମାମଲାର ଶୁଣାଣି ହେବ ବୋଲି ସୂଚନା ଦିଆଯାଇଛି।

### ନୂତନ ଜିଲାଜଜ୍‌ଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୩।୯:** କଟକର ନୂତନ ଜିଲାଜଜ୍ ଓ ଦୌରାଜଜ୍ ଭାବେ ଶିଶିର କୁମାର ରଥ ଯୋଗ ଦେଇଛନ୍ତି। ତାଙ୍କୁ ଆଇନଜୀବୀମାନଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପବ୍ଲିକ୍ ପ୍ରସିକ୍ୟୁଟର କ୍ଷେତ୍ରମୋହନ ବେହେରା, ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ବେଣୁଧର ବସ୍ତିଆ, ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ତପନ କୁମାର ମଣ୍ଡଳ, ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ବିକ୍ରମ କେଶରୀ ରାଜ୍, ସହକାରୀ ଆଇନଜୀବୀ ଏମ୍.ଏମ୍. ବେଗ୍, ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଦୀପ୍ତ ଶତପଥୀଙ୍କ ସମେତ ସମସ୍ତ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ଏବଂ ଆଇନଜୀବୀମାନେ ଉପସ୍ଥିତ ଥିଲେ।

### ନାବାଳକଙ୍କ ସହ ଅପ୍ରାକୃତିକ ଯୌନକ୍ରିୟା: ଯୁବକ ଅଟକ

**କଟକ ଅଫିସ,୩।୯:**କଟକରେ ମଙ୍ଗଳବାର ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ମଧୁପାଟଣା ଥାନା ଅଧୀନ ଖପୁରିଆ ଅଞ୍ଚଳରେ ଜନୈକ ୨୧ବର୍ଷୀୟ ଯୁବକ ଏକ ୫ବର୍ଷର ନାବାଳକ ସହ ଅପ୍ରାକୃତିକ ଯୌନକ୍ରିୟା କରିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖିଛି। ସମ୍ପୃକ୍ତ ନାବାଳକଙ୍କ ବୁଢ଼ୀମା'ଙ୍କ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ. ୧୩୫/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସକାଳେ ନାବାଳକ ଜଣଙ୍କ ଘର ସାମ୍ନାରେ ଏକ ଟ୍ରଲିରେ ବସିଥିବା ବେଳେ ଉକ୍ତ ଯୁବକ ଆସି ତାଙ୍କ ପାଖରେ ବସିଥିଲେ। ସେ ନାବାଳକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ପାଖ ସ୍କୁଲର ପାଇଖାନାକୁ ନେଇଯାଇଥିଲେ। ସେଠାରେ ସେ ନାବାଳକଙ୍କ ସହ ଅପ୍ରାକୃତିକ ଯୌନକ୍ରିୟା କରିଥିଲେ। ପରେ ନାବାଳକଙ୍କ ସହିତ ସମ୍ପୃକ୍ତ ଯୁବକ ଆସୁଥିବା ବେଳେ ନାବାଳକଙ୍କ ବୁଢ଼ୀମା ଦେଖିଥିଲେ। ସେ ନାବାଳକଙ୍କୁ କେଉଁଆଡ଼େ ଯାଇଥିଲୁ ବୋଲି ପଚାରିବାରୁ ସବୁକଥା ଜାଣିବାକୁ ପାଇଥିଲେ। ତେବେ ସମ୍ପୃକ୍ତ ଯୁବକ ଭୁଲ୍ ମାଗିବା ସହ ଥାନାକୁ ନ ଯିବା ଲାଗି ତାଙ୍କୁ ଅନୁରୋଧ କରିଥିଲେ ବୋଲି ନାବାଳକଙ୍କ ବୁଢୀମା କହିଛନ୍ତି। ମାତ୍ର ଯୁବକଙ୍କୁ କ୍ଷମା ନ ଦେଇ ସେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ମଧୁପାଟଣା ଥାନା ଅଧିକାରୀ ତୃଷାରକାନ୍ତ ସେଠୀ କହିଛନ୍ତି, ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

## ■ହଇରାଣପୁର ପ୍ରାଥମିକ ବିଦ୍ୟାଳୟ

# ସମସ୍ୟା ଅନେକ, ସମାଧାନ ନାହିଁ




ଶିକ୍ଷକଙ୍କ ଗହଣରେ ଉପସ୍ଥିତ ଥିବା ଛାତ୍ରୀଛାତ୍ର।



ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଥିବା ସ୍ଥାନ।

**ନରସିଂହପୁର,୩।୯(ଡି.ଏନ.ଏ.)**

■ରୋଷେଇ ଘର ହୋଇ ପାରିନାହିଁ
■ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଛନ୍ତି ୨୫ ଛାତ୍ରୀଛାତ୍ର
■ଶୌଚାଳୟରେ ପାଣି ସଂଯୋଗ ହୋଇନାହିଁ

ନରସିଂହପୁର ବ୍ଲକ ଅଧୀନ କୋକଳବା ପଞ୍ଚାୟତରେ ଥିବା ହଇରାଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନାନା ସମସ୍ୟା ଲାଗିରହିଛି। ହେଲେ ଏସବୁର ସମାଧାନ ହୋଇ ପାରୁନାହିଁ। ଦୁଇଟି ଶ୍ରେଣୀଗୃହରେ ପାଞ୍ଚଟି ଶ୍ରେଣୀର ପିଲା ପାଠ ପଢ଼ୁଛନ୍ତି। ହେଲେ ସେମାନଙ୍କୁ ଶିକ୍ଷାଦାନ କରିବାକୁ ପ୍ରଧାନଶିକ୍ଷକଙ୍କ ସହ ମାତ୍ର ଜଣେ ସହକାରୀ ଶିକ୍ଷକ ରହିଛନ୍ତି। ରୋଷେଇଘର ନ ଥିବାରୁ ବିଦ୍ୟାଳୟ ବାହାରେ ଆଜେବେଷ୍ଟସ ପଡ଼ି ଅସୁରକ୍ଷିତ ଭାବେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହେଉଛି। ପାଚେରି ନ ଥିବାରୁ ଅବାଧରେ ଗାଈଗୋରୁ ବିଦ୍ୟାଳୟ ହତାରେ ପ୍ରବେଶ କରୁଛନ୍ତି। ଯାହାକି ଛାତ୍ରଛାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ୧୨/୦୭/୨୦୦୪ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଶିକ୍ଷା ବିଭାଗ ଏହି ବିଦ୍ୟାଳୟ ଉନ୍ନତି ଦିଗରେ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନେଉନାହାନ୍ତି। ଯାହାକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ପ୍ରଧାନଶିକ୍ଷକ ଅନୁପ କୁମାର ବିଶ୍ୱାଳ କହିଛନ୍ତି, ବିଦ୍ୟାଳୟ ପ୍ରତି ଗ୍ରାମବାସୀ ଓ ଶିକ୍ଷାକମିଟିର ବହୁ ସହଯୋଗ ରହିଛି। ରୋଷେଇ ଘର, ପାଚେରି ସମସ୍ୟା ରହିଥିବାବେଳେ ଶୌଚାଳୟରେ ପାଣି ସଂଯୋଗ ହୋଇନାହିଁ। ବର୍ଷାଦିନେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ଲାଗି ବହୁ ହଇରାଣ ହେଉଛୁ। ଖେଳପଡ଼ିଆ ଅଛି ହେଲେ ତା'ର ଅବସ୍ଥା ଭଲ ନାହିଁ। ଯଦ୍ଦ୍ୱାରା ପିଲାମାନେ ଖେଳିପାରୁନାହାନ୍ତି। ଏକମାତ୍ର ନଳକୂପ ରହିଛି, ତାହାର ମଣ୍ଡପ ଭାଙ୍ଗି ନଷ୍ଟ ହେବାକୁ ବସିଲାଣି। ବିଦ୍ୟାଳୟ ଆଗରେ ପାଚେରି ଅଛି ମାତ୍ର ତିନିପାଖ ମେଲା। ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଦେବରାଜ ବେହେରା କହିଛନ୍ତି, ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଅମେ ବହୁବାର ବିଭିନ୍ନ ରାଜନୈତିକ ପ୍ରତିନିଧିଙ୍କୁ ଅବଗତ କରାଇଛୁ। ହେଲେ ଏ ପର୍ଯ୍ୟନ୍ତ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ବିଦ୍ୟାଳୟ ସମସ୍ୟା ସମାଧାନ ହୋଇ ପାରୁନାହିଁ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ବିଦ୍ୟାଳୟରେ ଥିବା ସମସ୍ୟା ଗୁଡ଼ିକ ମଧ୍ୟରେ ରୋଷେଇ ଘର ପ୍ରଥମ। ତେଣୁ ଖୁବଶୀଘ୍ର ରୋଷେଇଘର କରାଯିବ। ଏହାପରେ ଶେଣୀଗୃହ, ପାଚେରି, ଖେଳ ପଡ଼ିଆ ଓ ଶୌଚାଳୟକୁ ଜଳଯୋଗାଣ ପର୍ଯ୍ୟାୟ କ୍ରମେ ହେବ। ଏବେ ଦେଖିବାକୁ ଅପେକ୍ଷା କେବେ ଏହି ବିଦ୍ୟାଳୟର ସମସ୍ୟା ସମାଧନ ହେଉଛି।

# ଆସାମ ଏନ୍‌ଆର୍‌ସି ବାତିଲ ଦାବି କଲା ସମତା ମଞ୍ଚ

**କଟକ ଅଫିସ, ୩।୯**

ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଜାରି ହୋଇଥିବା ନ୍ୟାଶନାଲ ରେଜିଷ୍ଟର ଅଫ୍ ସିଟିଜେନ୍ସ (ଏନ୍‌ଆର୍‌ସି) ବା ନାଗରିକମାନଙ୍କ ଜାତୀୟ ତାଲିକାର ଚୂଡ଼ାନ୍ତ ଚିଠା ପ୍ରକାଶ ପାଇଛି। ଆସାମରେ ସ୍ଥାୟୀ ଭାବରେ ବସବାସ କରୁଥିବା ପ୍ରାୟ ୧୯ ଲକ୍ଷ ଲୋକ ଏହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଏଣୁ ଆସାମରେ ଏକ ବିଶାଳ ଓ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ଏହି ଲୋକମାନଙ୍କ ଭବିଷ୍ୟତ ସମ୍ପୂର୍ଣ୍ଣ ଅନିଶ୍ଚିତତା ଭିତରେ ରହିଛି। ଏଥିସହ ରାଷ୍ଟ୍ରହୀନ ହେବାର ବିପଦ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିକୁ କିପରି ସମ୍ମୁଖୀନ କରାଯିବ ସେନେଇ ପ୍ରୋଜେକ୍ଟ ସ୍ୱରାଜ୍ୟ ସଭାଗୃହରେ ମଙ୍ଗଳବାର ସମତା ମଞ୍ଚ ପକ୍ଷରୁ ସଭାପତି ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାନ୍ତ ଦାସ, ଯୁଗଳ ନାୟକ, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ଡଲି ଦାସ, ସୁକାନ୍ତ ନାୟକ, ପ୍ରଶାନ୍ତ ପଣ୍ଡା, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆସାମର ବାଂଲାଦେଶୀ ଅନୁପ୍ରବେଶକାରୀ ପ୍ରସଙ୍ଗକୁ ସାମ୍ପ୍ରଦାୟିକ ରୂପ ଦେଇ ଦେଶରେ ସାମ୍ପ୍ରଦାୟିକତା ବିଦ୍ୱେଷ ସୃଷ୍ଟି କରି ନିର୍ବାଚନ ବୈତରଣୀ ପାର ହେବା ପାଇଁ ଭାଜପା ଯେଉଁଭଳି ଭାବେ ଉଦ୍ୟମ ଚଳାଇଛି ତା'ର ତୀବ୍ର ନିନ୍ଦା କରାଯାଇଥିଲା। ଭାରତ ଭଳି ଏକ ସର୍ବଧର୍ମ, ଜାତି, ଭାଷା, ସଂସ୍କୃତି, ଜନଜାତି, ଜନଗୋଷ୍ଠୀର ଦେଶରେ ସଂଖ୍ୟାଲଘୁ, ପଛୁଆବର୍ଗ ଓ ଦୁର୍ବଳ ଗୋଷ୍ଠୀଙ୍କ ସାମ୍ବିଧାନିକ ଓ ଆଇନଗତ ଅଧିକାରକୁ ସୁରକ୍ଷିତ ରଖିବା ଏବଂ ଏନ୍‌ଆରସିକୁ ତୁରନ୍ତ ବାତିଲ କରିବା ପାଇଁ ସଭା ପକ୍ଷରୁ ଦାବି କରାଯାଇଛି। ଶେଷରେ ପାଭେଲ ପ୍ରିୟଦର୍ଶନ ଧନ୍ୟବାଦ ଦେଇଥିଲେ।

# କଂଗ୍ରେସ କର୍ମୀଙ୍କ ବିଜେଡିରେ ଯୋଗଦାନ



ବିଜେଡିରେ ସାମିଲ ହୋଇଥିବା କର୍ମୀଙ୍କୁ ପୂର୍ବତନ ବିଧାୟକ ସ୍ୱାଗତ କରୁଛନ୍ତି।

**ବାଙ୍କୀ,୩।୯(ସ୍ୱ.ପ୍ର.)**

ନୂଆଁଖାଇ ଭେଟଘାଟ୍ ଅବସରରେ ବାଙ୍କୀ ନଗର କଂଗ୍ରେସ ସଭାପତି ତଥା ପୂର୍ବତନ ଉପନଗରପାଳ ଭାଗୀରଥି ବିଶ୍ୱାଳ ତାଙ୍କ ସମର୍ଥକଙ୍କଙ୍କ ସହ ବିଜେଡିରେ ମଙ୍ଗଳବାର ଯୋଗ ଦେଇଛନ୍ତି। ବାଙ୍କୀ ବିଜେଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ମୁଖ୍ୟଅତିଥିଭାବେ ଯୋଗଦେଇ ବିଶ୍ୱାଳ ଏବଂ ସେମାନଙ୍କ ସମର୍ଥକଙ୍କୁ ଦଳକୁ ସ୍ୱାଗତ କରିଥିଲେ। କଂଗ୍ରେସ କର୍ମୀ ପ୍ରତାପ ଚନ୍ଦ୍ର ବେହେରା, ଯୁଗୋଳ କିଶୋର ମହାପାତ୍ର, ଜିତେନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ସ୍ୱାଇଁ, ଶ୍ରୀଧର ମଙ୍ଗୁଆଳ, ବାବାଜୀ ଦେହୁରୀ, ଶ୍ରୀନିବାସ ସ୍ୱାଇଁ ଓ ପ୍ରଶାନ୍ତ ମଙ୍ଗୁଆଳ ପ୍ରମୁଖ ତ୍ରିପାଠୀଙ୍କ ନେତୃତ୍ୱକୁ ସ୍ୱୀକାର କରି ଦଳରେ ଯୋଗଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବିଜେଡିର ଶ୍ରୀକାନ୍ତ ପ୍ରଧାନ, ଜାମିନୀ କାନ୍ତ ମହାପାତ୍ର, ଅଶୋକ ଗିରି, ଇନ୍ଦ୍ରମଣି ପ୍ରଧାନ, କହ୍ନେଇ ପ୍ରଧାନ, କାଶୀନାଥ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପରିଷଦ ସଭ୍ୟ ପ୍ରଣବ କିଶୋର ପଟେଲ ଓ ବାଙ୍କୀ ଉପଖଣ୍ଡ ଯୁବ ବିଜେଡି ସଭାପତି ସନ୍ତୋଷ ରଣାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନଏସି ଯୁବ ବିଜେଡି ସଭାପତି ପଠାଣୀ ବେହେରା ଧନ୍ୟବାଦ ଦେଇଥିଲେ।

# ନରସିଂହପୁର ପ୍ରେସ୍ କ୍ଲବର ବାର୍ଷିକ ଅଧିବେଶନ




ବାର୍ଷିକ ଅଧିବେଶନରେ ଯୋଗ ଦେଇଥିବା ଅତିଥି ଓ ପ୍ରେସ୍ କ୍ଲବ୍ ସଦସ୍ୟ।

**ନରସିଂହପୁର,୩।୯(ସ୍ୱ.ପ୍ର.)**

ନରସିଂହପୁର ପ୍ରେସ୍‌କ୍ଲବର ବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍‌କ୍ଲବ ସଙ୍ଗଠକ ଏନ୍ ଦେବକୁମାରଙ୍କ ଆବାହକତ୍ୱରେ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶପଥପାଠ କରାଇଥିଲେ। ସମ୍ମାନିତ ଅତିଥି ରାଷ୍ଟ୍ରୀୟ ଗୌରବ ଅଧ୍ୟକ୍ଷ ଡ. ଲୋକନାଥ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ମହାପାତ୍ର, ଶିକ୍ଷାବିତ୍ ଦେବରାଜ ସ୍ୱାଇଁ, ସନାତନ ସ୍ୱାଇଁ, ଗାନ୍ଧୀବାଦୀ ସାମାଜିକ କର୍ମୀ ଜ୍ଞାନରଞ୍ଜନ ନାୟକ ଯୋଗଦେଇ ଖବରଦାତାଙ୍କ କର୍ତ୍ତବ୍ୟ ଓ ସମାଜ ସଂସ୍କାର ପାଇଁ ଗଣମାଧ୍ୟମର ଭୂମିକା ସମ୍ପର୍କରେ କହିଥିଲେ। ପ୍ରେସ୍‌କ୍ଲବ ସଭାପତି ସ୍ୱପ୍ନେଶ୍ୱର ମହାଲିକ, ଉପସଭାପତି ତଥାଗତ ବିଶ୍ୱାଳ, ସମ୍ପାଦକ ବିଜୟ ସୁବୁଦ୍ଧି, ସହସମ୍ପାଦକ ରମେଶ ଚନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ବିଜୟ କୁମାର ପଣ୍ଡା, ଉପଦେଷ୍ଟା ପ୍ରଭାକର ମିଶ୍ର, ସଞ୍ଜୀବ କୁମାର ମହାନ୍ତି, ବିଦ୍ୟାଧର ପଣ୍ଡା, ରବିନାରାୟଣ ପଣ୍ଡା, ସଭ୍ୟ ସନ୍ତୋଷ କୁମାର ବାରିକ, ମୋହନ ପ୍ରଧାନ, କାହ୍ନୁ ଚରଣ ବେହେରା, ରାଜକିଶୋର ମହାନ୍ତି, ପ୍ରଭାତ କୁମାର ମହାପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଶେଷରେ କ୍ଲବର ବାର୍ଷିକ କାର୍ଯ୍ୟକ୍ରମର ସମୀକ୍ଷା ସହ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା।

# କାଠଯୋଡ଼ିରୁ ମୃତଦେହ ଉଦ୍ଧାର

**କଟକ ଅଫିସ,୩।୯:**

ପୁରୀଘାଟ ଥାନା ପୋଲିସ ମଙ୍ଗଳବାର କାଠଯୋଡ଼ି ନଦୀରୁ ଏକ ମୃତଦେହ ଉଦ୍ଧାର କରିଛି। ମୃତକ ହେଉଛନ୍ତି ମଙ୍ଗଳାବାଗ ଅଞ୍ଚଳର ଚଟାଣ ସିଂ ଓରଫ କାହ୍ନୁ ରାମ (୫୫)। ସୂଚନା ଅନୁଯାୟୀ, ଖରାଖିଆ ମହାଦେବ ମନ୍ଦିର ପାଖରେ ଥିବା ନଦୀବନ୍ଧ ତଳେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ମୃତକ ମଦ ପିଇ କାଠଯୋଡ଼ି ବନ୍ଧରେ ଯାଉଥିବା ବେଳେ ପାଣିକୁ ଖସିପଡ଼ି ପ୍ରାଣ ହରାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ପୁରୀଘାଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବେଲେଶ୍ୱରୀଙ୍କ ପୀଠରେ ନୂଆଁଖାଇ ଭେଟ୍‌ଘାଟ

**ନିଶ୍ଚିନ୍ତକୋଇଲି,୩।୯(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ମା'ବେଲେଶ୍ୱରୀଙ୍କ ପୀଠରେ ମଙ୍ଗଳବାର ନୂଆଁଖାଇ ଭେଟ୍‌ଘାଟ ପାଳିତ ହୋଇଛି। ପ୍ରଭାତରୁ ମନ୍ଦିର ପୂଜକ ଶୁକଦେବ ଷଡ଼ଙ୍ଗୀ ପୂଜାର୍ଚ୍ଚନା କରିଥିଲେ। ପରେ ମା'ଙ୍କୁ ନୂଆଚୂଡ଼ା ଭୋଗ ଲାଗି କରାଯାଇଥିଲା। ନିବାସଚନ୍ଦ୍ର ଗାୟାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲିର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ମନ୍ଦିରର ପ୍ରମୁଖ ପରିଚାଳକ କ୍ଷୀରୋଦଚନ୍ଦ୍ର ପଣ୍ଡା ଯୋଗଦେଇ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପରେ ବିଷଦ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ପରିବେଶବିତ୍ ବଳରାମ ପାତ୍ର, ପ୍ରମୋଦ ଦାସ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ଗୋଲକ ଚନ୍ଦ୍ର ପରିଡା, ବିଚିତ୍ରାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସିଦ୍ଧ ତବଲାବାଦକ ଗୋପୀନାଥ ବେହେରା, କୃଷକ ପରିକ୍ଷିତ ରାଉତ, ଶିକ୍ଷାବିତ୍ ନନ୍ଦକିଶୋର ବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବେଲେଶ୍ୱରୀ କଳାନିକେତନର ପୁନରୁଦ୍ଧାର ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା।

# ୧୧ରୁ ସାତସାହି କଟକ ନୃତ୍ୟୋତ୍ସବ

**କଟକ ଅଫିସ, ୩।୯**

ଆସନ୍ତା ୧୧ରୁ ୧୮ତାରିଖ ପର୍ଯ୍ୟନ୍ତ ସନସାଇନ ଖେଳପଡ଼ିଆରେ ସାତସାହି କଟକ ନୃତ୍ୟୋତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ଏହି ଉତ୍ସବ ୧୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଉତ୍ସବ ମାଧ୍ୟମରେ କଟକ ସହ ବିଦେଶର ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କରାଯାଉଛି ବୋଲି କଟକ ନୃତ୍ୟୋତ୍ସବ କମିଟିର ସାଧାରଣ ସମ୍ପାଦକ ଦୀପେଶ ମହାପାତ୍ର କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ସର୍କିଟହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାପାତ୍ର ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବରୁ ଏପ୍ରିଲରେ ଏହି ଉତ୍ସବ ହେଉଥିଲା। ବାତ୍ୟା ଫନୀ ଯୋଗୁ ଚଳିତବର୍ଷ ତାହା ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ରାଜାବଗିଚା ଖେଳପଡ଼ିଆରେ ଉତ୍ସବ ହେଉଥିଲା। ଚଳିତବର୍ଷ ଏହା ପ୍ରଥମଥର ସନ୍‌ସାଇନ ଖେଳପଡ଼ିଆରେ କରାଯିବ। ୧୦ ବର୍ଷ ପୂର୍ତ୍ତି ଅବସରରେ ବିଦେଶୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ବାଂଲାଦେଶର ସୁମନ ମଣ୍ଡଳ ଆଣ୍ଡ ଗ୍ରୁପର କଳାକାର ନୃତ୍ୟକଳା ଦେଖାଇବେ। ୭ଦିନିଆ କାର୍ଯ୍ୟକ୍ରମ ମଧ୍ୟରେ ୬୫ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ମୁକ୍ତାକାଶ ମଞ୍ଚରେ କଳା ପ୍ରଦର୍ଶନ କରିବେ। ଶାସ୍ତ୍ରୀୟ ନୃତ୍ୟ, ଓଡ଼ିଶୀ, କଥକ, ଭାରତନାଟ୍ୟମ୍, ମଣିପୁରୀ, କୁଚିପୁଡ଼ି ସମେତ ଲୋକନୃତ୍ୟ ସମ୍ବଲପୁରୀ, ପାଇକ ଆଖଡ଼ା, ଗୋଟିପୁଅ, ଛଉ, ବିହୁ ନୃତ୍ୟ ପରିବେଷଣ ହେବ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମାଜିକ ନାଟକ ମଞ୍ଚସ୍ଥ କରାଯିବ। ଏହାଛଡ଼ା ଦିବ୍ୟାଙ୍ଗ, କିନ୍ନରଙ୍କ ଦ୍ୱାରା ମଧ୍ୟ ନୃତ୍ୟ ବିଚିତ୍ରା ଉପସ୍ଥାପନ କରାଯିବ। ନୃତ୍ୟ ପରିବେଷଣ କରିଥିବା ଦିବ୍ୟାଙ୍ଗ କଳାକାରଙ୍କୁ, ଥାଲାସେମିଆ, କ୍ୟାନସର ପୀଡ଼ିତ ଶିଶୁଙ୍କୁ, ମଧୁମେହ ଶିଶୁରୋଗୀଙ୍କ ପାଇଁ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହାଛଡ଼ା ଓଲିଉଡ୍‌ର ସୁନାମଧନ୍ୟ କଳାକାରଙ୍କୁ ନେଇ ଓଲିଉଡ ଷ୍ଟାର ନାଇଟ୍ ଆୟୋଜନ ହେବ। ୫୦ଟି ଷ୍ଟଲ ମଧ୍ୟ ପଡ଼ିବ। ପ୍ରତିଦିନ ସନ୍ଧ୍ୟାକୁ ସାଂସ୍କୃତିକ କଳା ଜଗତର ଦିବଂଗତ ଗୁରୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାକୁ ସ୍ୱର୍ଗତ ସରୋଜ ମହାରଣାଙ୍କ ନାମରେ ଉତ୍ସର୍ଗ କରାଯିବ। ଏହାଛଡ଼ା ଯୁବ ପ୍ରଯୋଜକ ସୁମିତ ରାଉତ ମେମୋରିଆଲ ସିନେ ମେକର ସମ୍ମାନ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ କମିଟି ସଭାପତି ରବି ନାରାୟଣ ନନ୍ଦ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ମହାପାତ୍ର, ସୁରେନ୍ଦ୍ର ସାହୁ, ଡ. ଦୁର୍ଗାଚରଣ ଦାସ, ଡ. ଜୟନ୍ତ ପଣ୍ଡା, ପ୍ରଫେସର ଡ. କୃପାସିନ୍ଧୁ ପଣ୍ଡାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବନ୍ଦ କାରଖାନା ପରିସରରେ ହାତୀପଲ

**ଚୌଦ୍ୱାର, ୩।୯(ଡି.ଏନ୍.ଏ)**

■ଅଞ୍ଚଳବାସୀ ଆତଙ୍କିତ
■ହାତୀଙ୍କୁ ଜଗିରହିଛନ୍ତି ବନ କର୍ମଚାରୀ

ଚୌଦ୍ୱାରରେ ବନ୍ଦ ପଡ଼ିଥିବା ବଲାରପୁର କାଗଜକଳ କାରଖାନା ପରିସରରେ ଏକ ହାତୀପଲ ଆଜକୁ ୩ ଦିନ ହେବ ପଶି ରହିଛନ୍ତି। ଏହି ପଲରେ ୧୪ଟି ହାତୀ ରହିଛନ୍ତି। ସେମାନେ ସେଠାରୁ ବାହାରିବାର ନାଁ ଧରୁନାହାନ୍ତି। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି। ତେବେ ବନ ବିଭାଗ ପକ୍ଷରୁ ଲୋକଙ୍କ ସୁରକ୍ଷା ପାଇଁ ୨୪ ଘଣ୍ଟିଆ ପ୍ରହରା ଦିଆଯାଉଥିବା ଚୌଦ୍ୱାର ବନପାଳ ଜ୍ୟୋତିରଞ୍ଜନ ମହାପାତ୍ର କହିଛନ୍ତି। ବନପାଳଙ୍କ ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଚନ୍ଦକା ଜଙ୍ଗଲରୁ ୧୪ଟି ହାତୀ ନୂଆପାଟଣା ମଧୁସେତୁ ତଳ ପାଣି ଭିତରେ ପଶି ଚୌଦ୍ୱାର ଢିଅସାହି ବିଲବାଟ ଦେଇ ଟିପିଏମ ବଲାରପୁର କାରଖାନା ପରିସରରେ ପ୍ରବେଶ କରିଥିଲେ। ବାଟରେ କିଛି ଧାନବିଲ ନଷ୍ଟ କରିବା ସହିତ କମ୍ପାନୀ ପରିସରରେ ବନ ବିଭାଗ ତରଫରୁ ଲଗାଯାଇଥିବା ଚାରା ଓ ଅନେକ ଗଛ ନଷ୍ଟ କରିଦେଇଛନ୍ତି। କାରଖାନା ପରିସରରେ ହାତୀପଲ ରହିଥିବାରୁ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଧୂମାବତୀ ଛକଠାରୁ ଧବଳେଶ୍ୱର ପର୍ଯ୍ୟନ୍ତ ରାସ୍ତାରେ ସନ୍ଧ୍ୟା ହେଲେ ଲୋକଙ୍କ ଯାତାୟାତ ଏକପ୍ରକାର ଠପ୍ ହୋଇପଡୁଛି। ଆଖପାଖ ଗ୍ରାମ ଗୋଡ଼ିପାଟଣା, ପାଇକେରାପୁର, ଦାଶରଥିପାଟଣା, କୟଳପଡ଼ା, ଇନ୍ଦ୍ରାଣୀପାଟଣା, ଚଷାପଡ଼ା ଓ ମଣ୍ଡାପଡ଼ାର ବାସିନ୍ଦା ଭୟଭୀତ ଅବସ୍ଥାରେ ରହୁଥିବା ପ୍ରକାଶ କରିଛନ୍ତି। କିଛି ବର୍ଷ ପୂର୍ବେ ଏହି ରାସ୍ତାରେ ପାଇକେରାପୁର ଗ୍ରାମର ହେମନ୍ତ ନାୟକଙ୍କୁ ହାତୀ ଦଳିଦେଇ ଜୀବନରୁ ମାରି ଦେଇଥିଲା। ବନପାଳ କହିଛନ୍ତି, ବର୍ତ୍ତମାନ ହାତୀପଲ କାରଖାନା ପରିସରର ମଣ୍ଡାପଡ଼ା ପଟେ ରହିଛନ୍ତି। ସନ୍ଧ୍ୟା ପରେ ସେମାନେ କାରଖାନା ପରିସରରୁ ବାହାରିଲେ ସେମାନଙ୍କୁ ଜଙ୍ଗଲମୁହାଁ କରାଇବା ପାଇଁ ଫରେଷ୍ଟଗାର୍ଡ ପୂର୍ଣ୍ଣ ମହାନ୍ତିଙ୍କ ସମେତ ୧୨ଜଣ କର୍ମଚାରୀ ଜଗିରହିଛନ୍ତି। ସୂଚନାଯୋଗ୍ୟ, ବଲାରପୁର କାଗଜକଳ ବନ୍ଦ ହୋଇଯିବା ପରେ ଏହି କାରଖାନା ଚାରିପଟେ ଘେରା ଯାଇଥିବା ବାଡକୁ କେତେକ ସ୍ଥାନରେ ଭାଙ୍ଗି ହାତୀପଲ ପ୍ରତିବର୍ଷ ଏହାକୁ ସୁରକ୍ଷିତ ଜାଗା ମଣି ସେହି ବାଟଦେଇ ପ୍ରବେଶ କରୁଛନ୍ତି। ହେଲେ ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।



ହାତୀପଲ ଭାଙ୍ଗି ଦେଇଥିବା ସୁରକ୍ଷା ବାଡ଼।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
-ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### କାଠଯୋଡ଼ିରୁ ମୃତଦେହ ଉଦ୍ଧାର

**କଟକ ଅଫିସ,୩।୯:** ପୁରୀଘାଟ ଥାନା ପୋଲିସ ମଙ୍ଗଳବାର କାଠଯୋଡ଼ି ନଦୀରୁ ଏକ ମୃତଦେହ ଉଦ୍ଧାର କରିଛି। ମୃତକ ହେଉଛନ୍ତି ମଙ୍ଗଳାବାଗ ଅଞ୍ଚଳର ଚଟାଣ ସିଂ ଓରଫ କାହ୍ନୁ ରାମ (୫୫)। ସୂଚନା ଅନୁଯାୟୀ, ଖରାଖିଆ ମହାଦେବ ମନ୍ଦିର ପାଖରେ ଥିବା ନଦୀବନ୍ଧ ତଳେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ମୃତକ ମଦ ପିଇ କାଠଯୋଡ଼ି ବନ୍ଧରେ ଯାଉଥିବା ବେଳେ ପାଣିକୁ ଖସିପଡ଼ି ପ୍ରାଣ ହରାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ପୁରୀଘାଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ୧୪ରେ ଜାତୀୟ ଲୋକ ଅଦାଲତ

**କଟକ ଅଫିସ, ୩।୯:** ହାଇକୋର୍ଟ ଆଇନସେବା କମିଟି ପକ୍ଷରୁ ଆସନ୍ତା ୧୪ରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ କମ୍ପାଉଣ୍ଡେବୁଲ୍ ମାମଲା, ଫୌଜଦାରି, ବ୍ୟାଙ୍କ, ବିଦ୍ୟୁତ୍ ଓ ପାଣି ବିଲ୍, ବୈବାହିକ, ଜମି ଅଧିଗ୍ରହଣ, ରାଜସ୍ୱ, ମୋଟର ଦୁର୍ଘଟଣା, ଚାକିରି ଜନିତ ମାମଲା ଏବଂ ଅନ୍ୟାନ୍ୟ ଦେୱାନୀ ମାମଲାର ଶୁଣାଣି ହେବ ବୋଲି ସୂଚନା ଦିଆଯାଇଛି।

### ନୂତନ ଜିଲାଜଜ୍‌ଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୩।୯:** କଟକର ନୂତନ ଜିଲାଜଜ୍ ଓ ଦୌରାଜଜ୍ ଭାବେ ଶିଶିର କୁମାର ରଥ ଯୋଗ ଦେଇଛନ୍ତି। ତାଙ୍କୁ ଆଇନଜୀବୀମାନଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପବ୍ଲିକ୍ ପ୍ରସିକ୍ୟୁଟର କ୍ଷେତ୍ରମୋହନ ବେହେରା, ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ବେଣୁଧର ବସ୍ତିଆ, ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ତପନ କୁମାର ମଣ୍ଡଳ, ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ବିକ୍ରମ କେଶରୀ ରାଜ୍, ସହକାରୀ ଆଇନଜୀବୀ ଏମ୍.ଏମ୍. ବେଗ୍, ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଦୀପ୍ତ ଶତପଥୀଙ୍କ ସମେତ ସମସ୍ତ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର୍ ଏବଂ ଆଇନଜୀବୀମାନେ ଉପସ୍ଥିତ ଥିଲେ।

### ଯୋଗ ଶିବିର ଉଦ୍‌ଯାପିତ

**ଚୌଦ୍ୱାର, ୩।୯(ଡି.ଏନ୍.ଏ):** ଆର୍ଟ ଅଫ୍ ଲିଭିଂ ପକ୍ଷରୁ ସ୍ଥାନୀୟ ତାରିଣୀ ଗାର୍ଡେନରେ ଚାଲିଥିବା ୪ଦିନିଆ ଯୋଗ ଶିକ୍ଷା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷିକା ସଂଯୁକ୍ତା ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଯୋଗଦେଇ ଯୋଗ ଶିକ୍ଷା ଲାଭ କରିଥିଲେ। ଶରୀର ପାଇଁ ଯୋଗର ଆବଶ୍ୟକତା ରହିଥିବା ସେମାନେ ଉପଲବ୍ଧି କରିଥିଲେ। ଏଥିରେ ଯୋଗ, ପ୍ରାଣାୟାମ, ଧାନ ଓ ସତ୍‌ସଙ୍ଗ ଆଦି ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରକୁ ପ୍ରତୀକ ମହାନ୍ତି ଏବଂ ଅନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ବନ୍ଦ କାରଖାନା ପରିସରରେ ହାତୀପଲ

■ଅଞ୍ଚଳବାସୀ ଆତଙ୍କିତ
■ହାତୀଙ୍କୁ ଜଗିରହିଛନ୍ତି ବନ କର୍ମଚାରୀ

**ଚୌଦ୍ୱାର, ୩।୯(ଡି.ଏନ୍.ଏ)**

ଚୌଦ୍ୱାରରେ ବନ୍ଦ ପଡ଼ିଥିବା ବଲାରପୁର କାଗଜକଳ କାରଖାନା ପରିସରରେ ଏକ ହାତୀପଲ ଆଜକୁ ୩ ଦିନ ହେବ ପଶି ରହିଛନ୍ତି। ଏହି ପଲରେ ୧୪ଟି ହାତୀ ରହିଛନ୍ତି। ସେମାନେ ସେଠାରୁ ବାହାରିବାର ନାଁ ଧରୁନାହାନ୍ତି। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି। ତେବେ ବନ ବିଭାଗ ପକ୍ଷରୁ ଲୋକଙ୍କ ସୁରକ୍ଷା ପାଇଁ ୨୪ ଘଣ୍ଟିଆ ପ୍ରହରା ଦିଆଯାଉଥିବା ଚୌଦ୍ୱାର ବନପାଳ ଜ୍ୟୋତିରଞ୍ଜନ ମହାପାତ୍ର କହିଛନ୍ତି।

ବନପାଳଙ୍କ ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଚନ୍ଦକା ଜଙ୍ଗଲରୁ ୧୪ଟି ହାତୀ ନୂଆପାଟଣା ମଧୁସେତୁ ତଳ ପାଣି ଭିତରେ ପଶି ଚୌଦ୍ୱାର ଡିଅସାହି ବିଲବାଟ ଦେଇ ଟିପିଏମ ବଲାରପୁର କାରଖାନା ପରିସରରେ ପ୍ରବେଶ କରିଥିଲେ।



ହାତୀପଲ ଭାଙ୍ଗି ଦେଇଥିବା ସୁରକ୍ଷା ବାଡ଼।

ବାଟରେ କିଛି ଧାନବିଲ ନଷ୍ଟ କରିବା ସହିତ କମ୍ପାନୀ ପରିସରରେ ବନ ବିଭାଗ ତରଫରୁ ଲଗାଯାଇଥିବା ଚାରା ଓ ଅନେକ ଗଛ ନଷ୍ଟ କରିଦେଇଛନ୍ତି। କାରଖାନା ପରିସରରେ ହାତୀପଲ ରହିଥିବାରୁ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଧୂମାବତୀ ଛକଠାରୁ ଧବଳେଶ୍ୱର ପର୍ଯ୍ୟନ୍ତ ରାସ୍ତାରେ ସନ୍ଧ୍ୟା ହେଲେ ଲୋକଙ୍କ ଯାତାୟାତ ଏକପ୍ରକାର ଠପ୍ ହୋଇପଡୁଛି। ଆଖପାଖ ଗ୍ରାମ ଗୋଡ଼ିପାଟଣା, ପାଇକେରାପୁର, ଦାଶରଥିପାଟଣା, କୟଳପଡ଼ା, ଇନ୍ଦ୍ରାଣୀପାଟଣା, ଚଷାପଡ଼ା ଓ ମଣ୍ଡାପଡ଼ାର ବାସିନ୍ଦା ଭୟଭୀତ ଅବସ୍ଥାରେ ରହୁଥିବା ପ୍ରକାଶ କରିଛନ୍ତି। କିଛି ବର୍ଷ ପୂର୍ବେ ଏହି ରାସ୍ତାରେ ପାଇକେରାପୁର ଗ୍ରାମର ହେମନ୍ତ ନାୟକଙ୍କୁ ହାତୀ ଦଳିଦେଇ ଜୀବନରୁ ମାରି ଦେଇଥିଲା।

ବନପାଳ କହିଛନ୍ତି, ବର୍ତ୍ତମାନ ହାତୀପଲ କାରଖାନା ପରିସରର ମଣ୍ଡାପଡ଼ା ପଟେ ରହିଛନ୍ତି। ସନ୍ଧ୍ୟା ପରେ ସେମାନେ କାରଖାନା ପରିସରରୁ ବାହାରିଲେ ସେମାନଙ୍କୁ ଜଙ୍ଗଲମୁହାଁ କରାଇବା ପାଇଁ ଫରେଷ୍ଟଗାର୍ଡ ପୂର୍ଣ୍ଣ ମହାନ୍ତିଙ୍କ ସମେତ ୧୨ଜଣ କର୍ମଚାରୀ ଜଗିରହିଛନ୍ତି। ସୂଚନାଯୋଗ୍ୟ, ବଲାରପୁର କାଗଜକଳ ବନ୍ଦ ହୋଇଯିବା ପରେ ଏହି କାରଖାନା ଚାରିପଟେ ଘେରା ଯାଇଥିବା ବାଡକୁ କେତେକ ସ୍ଥାନରେ ଭାଙ୍ଗି ହାତୀପଲ ପ୍ରତିବର୍ଷ ଏହାକୁ ସୁରକ୍ଷିତ ଜାଗା ମଣି ସେହି ବାଟଦେଇ ପ୍ରବେଶ କରୁଛନ୍ତି। ହେଲେ ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।



କଟକ ସିଡିଏ ସେକ୍ଟର-୭ସ୍ଥିତ ଅସୀମ ଅଖଣ୍ଡ ପ୍ରତିଷ୍ଠାନ ପରିସରରେ ଶିଳ୍ପୀ ଅସୀମ ଅଖଣ୍ଡ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଗଣେଶ ଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ୧୧ରୁ ସାତସାହି କଟକ ନୃତ୍ୟୋତ୍ସବ

■ଏଥର ୧୦ ବର୍ଷରେ ପଦାର୍ପଣ କରିବ
■ବାଂଲାଦେଶରୁ ଆସିବେ କଳାକାର
■ସନ୍‌ସାଇନ ଖେଳପଡ଼ିଆରେ ହେବ ଆୟୋଜନ

**କଟକ ଅଫିସ, ୩।୯**

ଆସନ୍ତା ୧୧ରୁ ୧୮ତାରିଖ ପର୍ଯ୍ୟନ୍ତ ସନସାଇନ ଖେଳପଡ଼ିଆରେ ସାତସାହି କଟକ ନୃତ୍ୟୋତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ଏହି ଉତ୍ସବ ୧୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ରାଜ୍ୟର ବିଲୁପ୍ତପ୍ରାୟ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଏହା ଏକ ପ୍ରୟାସ। ଏହି ଉତ୍ସବ ମାଧ୍ୟମରେ କଟକ ସହ ବିଦେଶର ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କରାଯାଉଛି ବୋଲି କଟକ ନୃତ୍ୟୋତ୍ସବ କମିଟିର ସାଧାରଣ ସମ୍ପାଦକ ଦୀପେଶ ମହାପାତ୍ର କହିଛନ୍ତି। ଏ ନେଇ ମଙ୍ଗଳବାର ସ୍ଥାନୀୟ ସର୍କିଟହାଉସ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମହାପାତ୍ର ବିସ୍ତୃତ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ପୂର୍ବରୁ ଏପ୍ରିଲ ମାସରେ ଏହି ଉତ୍ସବ ଆୟୋଜନ ହେଉଥିଲା। ବାତ୍ୟା ଫନୀ ଯୋଗୁ ଚଳିତବର୍ଷ ତାହା ସେପ୍ଟେମ୍ବର ମାସକୁ ଘୁଞ୍ଚାଇ ଦିଆଯାଇଛି। ଅନ୍ୟପକ୍ଷରେ ପୂର୍ବରୁ ରାଜାବଗିଚା ଖେଳପଡ଼ିଆରେ ଉତ୍ସବ ସନ୍ଧ୍ୟାରେ ଆୟୋଜନ ହେଉଥିଲା। ଚଳିତବର୍ଷ ଏହା ପ୍ରଥମଥର ସନ୍‌ସାଇନ ଖେଳପଡ଼ିଆରେ କରାଯିବ। ୧୦ ବର୍ଷ ପୂର୍ତ୍ତି ଅବସରରେ ବିଦେଶୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ବାଂଲାଦେଶର ସୁମନ କୁମାର ମଣ୍ଡଳ ଆଣ୍ଡ ଗ୍ରୁପର କଳାକାର ଚଳିତବର୍ଷ ନୃତ୍ୟକଳା ଦେଖାଇବେ। ୭ଦିନିଆ କାର୍ଯ୍ୟକ୍ରମ ମଧ୍ୟରେ ୬୫ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ମୁକ୍ତାକାଶ ମଞ୍ଚରେ କଳା ପ୍ରଦର୍ଶନ କରିବେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମାଜିକ ନାଟକ ମଞ୍ଚସ୍ଥ କରାଯିବ। ଏହାଛଡ଼ା ଦିବ୍ୟାଙ୍ଗ, କିନ୍ନରମାନଙ୍କ ଦ୍ୱାରା ମଧ୍ୟ ନୃତ୍ୟ ବିଚିତ୍ରା ଉପସ୍ଥାପନ କରାଯିବ। ନୃତ୍ୟୋତ୍ସବର ଶେଷ ସନ୍ଧ୍ୟାକୁ କ୍ୟାନସର, ଥାଲାସେମିଆ, ମଧୁମେହ ରୋଗରେ ପୀଡ଼ିତ, ଦିବ୍ୟାଙ୍ଗ, ଅନାଥ ଶିଶୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ। ନୃତ୍ୟ ପରିବେଷଣ କରିଥିବା ଦିବ୍ୟାଙ୍ଗ କଳାକାରଙ୍କୁ, ଥାଲାସେମିଆ, କ୍ୟାନସର ପୀଡ଼ିତ ଶିଶୁଙ୍କୁ, ମଧୁମେହ ଶିଶୁରୋଗୀଙ୍କ ପାଇଁ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହାଛଡ଼ା ଓଲିଉଡ୍‌ର ସୁନାମଧନ୍ୟ କଳାକାରଙ୍କୁ ନେଇ ଓଲିଉଡ ଷ୍ଟାର ନାଇଟ୍ ଆୟୋଜନ ହେବ। ୫୦ଟି ଷ୍ଟଲ ମଧ୍ୟ ପଡ଼ିବ। ପ୍ରତିଦିନ ସନ୍ଧ୍ୟାକୁ ସାଂସ୍କୃତିକ କଳା ଜଗତର ଦିବଂଗତ ଗୁରୁମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାକୁ ସମାଜସେବୀ ସ୍ୱର୍ଗତ ସରୋଜ କୁମାର ମହାରଣାଙ୍କ ନାମରେ ଉତ୍ସର୍ଗ କରାଯିବ। ଏହାଛଡ଼ା ଯୁବ ପ୍ରଯୋଜକ ସୁମିତ ରାଉତ ମେମୋରିଆଲ ସିନେ ମେକର ସମ୍ମାନ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଖବରଦାତା ସମ୍ମିଳନୀରେ କମିଟି ସଭାପତି ରବି ନାରାୟଣ ନନ୍ଦ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ମହାପାତ୍ର, ଉପସଭାପତି ସୁରେନ୍ଦ୍ର ସାହୁ, ଡ. ଦୁର୍ଗାଚରଣ ଦାସ, ଡ. ଜୟନ୍ତ କୁମାର ପଣ୍ଡା, ଉପଦେଷ୍ଟା ପ୍ରଫେସର ଡ. କୃପାସିନ୍ଧୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅପ୍ରାକୃତିକ ଯୌନକ୍ରିୟା: ଯୁବକ ଅଟକ

**କଟକ ଅଫିସ,୩।୯**

କଟକରେ ମଙ୍ଗଳବାର ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ମଧୁପାଟଣା ଥାନା ଅଧୀନ ଖପୁରିଆ ଅଞ୍ଚଳରେ ଜନୈକ ୨୧ବର୍ଷୀୟ ଯୁବକ ଏକ ୫ବର୍ଷର ନାବାଳକ ସହ ଅପ୍ରାକୃତିକ ଯୌନକ୍ରିୟା କରିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖିଛି। ସମ୍ପୃକ୍ତ ନାବାଳକଙ୍କ ବୁଢ଼ୀମା'ଙ୍କ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ. ୧୩୫/୧୯) ରୁଜୁ କରି ତଦନ୍ତ ଜାରି ରଖିଛି ।

ସୂଚନା ଅନୁଯାୟୀ, ସକାଳେ ନାବାଳକ ଜଣଙ୍କ ଘର ସାମ୍ନାରେ ଏକ ଟ୍ରଲିରେ ବସିଥିବା ବେଳେ ଉକ୍ତ ଯୁବକ ଆସି ତାଙ୍କ ପାଖରେ ବସିଥିଲେ। ସେ ନାବାଳକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ପାଖ ସ୍କୁଲର ପାଇଖାନାକୁ ନେଇଯାଇଥିଲେ। ସେଠାରେ ସେ ନାବାଳକଙ୍କ ସହ ଅପ୍ରାକୃତିକ ଯୌନକ୍ରିୟା କରିଥିଲେ। ପରେ ନାବାଳକଙ୍କ ସହିତ ସମ୍ପୃକ୍ତ ଯୁବକ ଆସୁଥିବା ବେଳେ ନାବାଳକଙ୍କ ବୁଢ଼ୀମା ଦେଖିଥିଲେ। ସେ ନାବାଳକଙ୍କୁ କେଉଁଆଡ଼େ ଯାଇଥିଲୁ ବୋଲି ପଚାରିବାରୁ ସବୁକଥା ଜାଣିବାକୁ ପାଇଥିଲେ। ତେବେ ସମ୍ପୃକ୍ତ ଯୁବକ ଭୁଲ୍ ମାଗିବା ସହ ଥାନାକୁ ନ ଯିବା ଲାଗି ତାଙ୍କୁ ଅନୁରୋଧ କରିଥିଲେ ବୋଲି ନାବାଳକଙ୍କ ବୁଢ଼ୀମା କହିଛନ୍ତି। ମାତ୍ର ଯୁବକଙ୍କୁ କ୍ଷମା ନ ଦେଇ ସେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ମଧୁପାଟଣା ଥାନା ଅଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି, ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

# ଆସାମ ଏନ୍‌ଆର୍‌ସି ବାତିଲ ଦାବି କଲା ସମତା ମଞ୍ଚ



ସଭାରେ ଯୋଗ ଦେଇଥିବା ସମତାମଞ୍ଚର କର୍ମକର୍ତ୍ତା।

**କଟକ ଅଫିସ, ୩।୯**

ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଜାରି ହୋଇଥିବା ନ୍ୟାଶନାଲ ରେଜିଷ୍ଟର ଅଫ୍ ସିଟିଜେନ୍ସ (ଏନ୍‌ଆର୍‌ସି) ବା ନାଗରିକମାନଙ୍କ ଜାତୀୟ ତାଲିକାର ଚୂଡ଼ାନ୍ତ ଚିଠା ପ୍ରକାଶ ପାଇଛି। ଆସାମରେ ସ୍ଥାୟୀ ଭାବରେ ବସବାସ କରୁଥିବା ପ୍ରାୟ ୧୯ ଲକ୍ଷ ଲୋକ ଏହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଏଣୁ ଆସାମରେ ଏକ ବିଶାଳ ଓ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ଏହି ଲୋକମାନଙ୍କ ଭବିଷ୍ୟତ ସମ୍ପୂର୍ଣ୍ଣ ଅନିଶ୍ଚିତତା ଭିତରେ ରହିଛି। ଏଥିସହ ରାଷ୍ଟ୍ରହୀନ ହେବାର ବିପଦ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିକୁ କିପରି ସମ୍ମୁଖୀନ କରାଯିବ ସେନେଇ ପ୍ରୋଜେକ୍ଟ ସ୍ୱରାଜ୍ୟ ସଭାଗୃହରେ ମଙ୍ଗଳବାର ସମତା ମଞ୍ଚ ପକ୍ଷରୁ ସଭାପତି ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାନ୍ତ ଦାସ, ଯୁଗଳ ନାୟକ, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ଡଲି ଦାସ, ସୁକାନ୍ତ ନାୟକ, ପ୍ରଶାନ୍ତ ପଣ୍ଡା, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆସାମର ବାଂଲାଦେଶୀ ଅନୁପ୍ରବେଶକାରୀ ପ୍ରସଙ୍ଗକୁ ସାମ୍ପ୍ରଦାୟିକ ରୂପ ଦେଇ ଦେଶରେ ସାମ୍ପ୍ରଦାୟିକତା ବିଦ୍ୱେଷ ସୃଷ୍ଟି କରି ନିର୍ବାଚନ ବୈତରଣୀ ପାର ହେବା ପାଇଁ ଭାଜପା ଯେଉଁଭଳି ଭାବେ ଉଦ୍ୟମ ଚଳାଇଛି ତା'ର ତୀବ୍ର ନିନ୍ଦା କରାଯାଇଥିଲା। ଭାରତ ଭଳି ଏକ ସର୍ବଧର୍ମ, ଜାତି, ଭାଷା, ସଂସ୍କୃତି, ଜନଜାତି, ଜନଗୋଷ୍ଠୀର ଦେଶରେ ସଂଖ୍ୟାଲଘୁ, ପଛୁଆବର୍ଗ ଓ ଦୁର୍ବଳ ଗୋଷ୍ଠୀଙ୍କ ସାମ୍ବିଧାନିକ ଓ ଆଇନଗତ ଅଧିକାରକୁ ସୁରକ୍ଷିତ ରଖିବା ଏବଂ ଏନ୍‌ଆରସିକୁ ତୁରନ୍ତ ବାତିଲ କରିବା ପାଇଁ ସଭା ପକ୍ଷରୁ ଦାବି କରାଯାଇଛି। ଶେଷରେ ପାଭେଲ ପ୍ରିୟଦର୍ଶନ ଧନ୍ୟବାଦ ଦେଇଥିଲେ।

### କୁକୁଡା ଫାର୍ମରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**କଟକ ସଦର,୩।୯(ଡି.ଏନ୍.ଏ.)**

୪୨ମୌଜା ଫାଣ୍ଡି ଅନ୍ତର୍ଗତ ଝାରକଟା ଗ୍ରାମରେ ଥିବା ଏକ କୁକୁଡା ଫାର୍ମରେ କେତେଜଣ ଦୁର୍ବୃତ୍ତ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେଇଥିବା ସୋମବାର ଅଭିଯୋଗ ହୋଇଛି। ଏଥିରେ ସମସ୍ତ କୁକୁଡା ଖାଦ୍ୟ ଜଳି ପାଉଁଶ ହୋଇଯାଇଛି। ଫାର୍ମ ମାଲିକ ପଟଣା ଗ୍ରାମର ବିକ୍ରମ ଦାସଙ୍କ ଅଭିଯୋଗକ୍ରମେ କଟକ ସଦର ଥାନା ପୋଲିସ ଏକ ମାମଲା(ନଂ.୩୮୪/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କୌଣସି ବିବାଦକୁ ନେଇ ପଟଣା ଗ୍ରାମରେ ଗତ ରବିବାର ଦୁଇ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। କୁକୁଡା ଫାର୍ମ ମାଲିକ ପଟଣା ଗ୍ରାମର ହୋଇଥିବାରୁ ତାଙ୍କ ଉପରେ ଆକ୍ରୋଶ ରଖି ଅନ୍ୟ ଗ୍ରାମର ଯୁବକମାନେ ନିଆଁ ଲଗାଇଦେଇଛନ୍ତି ବୋଲି ପୋଲିସ ଅନୁମାନ କରୁଛି।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ ସଦର, ୩।୯(ଡି.ଏନ୍.ଏ.)**

ମହାନଦୀରେ ନିଖୋଜ ଥିବା ଶ୍ରୀଧର ନାଥଙ୍କ ମୃତଦେହକୁ ମଙ୍ଗଳବାର ସାଲେପୁର ଅଗ୍ନିଶମ କର୍ମଚାରୀମାନେ କାଳିକାପୁର ନିକଟରୁ ଉଦ୍ଧାର କରିଥଲେ। ଖବରପାଇ କିଶୋରନଗର ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୧୯)ରୁଜୁ ହୋଇଛି। ସୂଚନାଥାଉ କି, କେନ୍ଦ୍ରାପଡ଼ା ଜିଲା ଚାନ୍ଦୋଳ ଅଞ୍ଚଳର ଶ୍ରୀଧର କାଳିକାପୁର ଅଞ୍ଚଳରେ ବାଉଁଶକଟାଳି ଭାବେ କାର୍ଯ୍ୟ କରୁଥିଲେ। ଗତ ରବିବାର ମହାନଦୀରେ ଗାଧୋଉଥିବା ବେଳେ ସ୍ରୋତରେ ଭାସିଯାଇ ନିଖୋଜ ଥିଲେ।



କଟକ ଶାରଳାଭବନରେ ୨୭ତମ ଭାରତ ଥିଏଟର ଅଲମ୍ପିଆଡ଼ର ୩ୟ ସନ୍ଧ୍ୟାରେ କୋଲକାତା ବୋହୂବଜାର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ବେଙ୍ଗଲୀ ନାଟକ 'ଜୀବନର ଜନ୍ୟେ'ର ଏକ ଦୃଶ୍ୟ।

# ସଙ୍କଳ୍ପ ପକ୍ଷରୁ ଚାରାରୋପଣ

**କଟକ ଅଫିସ, ୩।୯**

ଯୁବ ସଙ୍ଗଠନ 'ସଂକଳ୍ପ' ପକ୍ଷରୁ ମଙ୍ଗଳବାର ସିଡିଏର ସେକ୍ଟର-୧୧ସ୍ଥିତ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଫନୀ ବାତ୍ୟାରେ ସିଡିଏ ଅଞ୍ଚଳରେ ବହୁ ଗଛ ଭାଙ୍ଗିଯାଇଛି। ସହରକୁ ପୁଣି ସବୁଜିମାମୟ କରିବା ଓ ପ୍ରକୃତିର ଭାରସାମ୍ୟ ରକ୍ଷା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ ଚନ୍ଦ୍ରାବତୀ ଦଳାଇ, ଶୁଭଙ୍କର ମିଶ୍ର, ସେକ୍ଟର-୧୧ର ସାମାଜିକ କର୍ମୀ ଚିତ୍ତରଞ୍ଜନ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଅକ୍ଷୟ ଦାସ, ପ୍ରମୋଦ ମହାନ୍ତି, କୈଳାସ ଚନ୍ଦ୍ର ପଣ୍ଡା, ଏନାମୁଲ ହକ୍, ଅକ୍ଷୟ ମହାନ୍ତି, ବନମାଳୀ ବିଶୋଇ, ରାଜକିଶୋର ଦାଶ, ପ୍ରଦ୍ୟୁମ୍ନ ବେହେରା ଏବଂ ଖଗେଶ୍ୱର ସେଠୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଉତ୍କଳୀୟ ପରମ୍ପରାର ଏକ ଅଂଶ 'ନୂଆଖାଇ'

**କଟକ ଅଫିସ, ୩।୯**

ବିଜୁ ପଟ୍ଟନାୟକ ଛକସ୍ଥିତ ଶାରଳା ଭବନରେ ମଙ୍ଗଳବାର ଶାରଳା ସାହିତ୍ୟ ସଂସଦ ଓ ଉତ୍କଳ ସାହିତ୍ୟ କଳା ପରିଷଦର ମିଳିତ ଆନୁକୂଲ୍ୟରେ ନୂଆଖାଇ ଭେଟଘାଟ ପାଳିତ ହୋଇଯାଇଛି। ଏଥିରେ ଶାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆକାଉଣ୍ଟାଣ୍ଟ ଜେନେରାଲ (ଜିଏସ୍‌ଏସ୍‌ଏ) ବିଭୂଦତ୍ତ ବସନ୍ତିଆ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇ ନୂଆଖାଇ ସମଗ୍ର ଉତ୍କଳୀୟ ପରମ୍ପରାର ଏକ ଅଂଶବିଶେଷ ବୋଲି କହିଥିଲେ। ଏହି ଅବସରରେ କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ଡ. ଜୟନ୍ତ ପଣ୍ଡା, ଚୌଧୁରୀ ସତ୍ୟ ଦାସ, ସଞ୍ଜିତ କୁମାର ପଟ୍ଟନାୟକ, ଡ. ସୁଲୋଚନା ଦାସ, ଡ. ମହେଶ୍ୱର ମହାନ୍ତି, କବି ପ୍ରସନ୍ନ କୁମାର ଜେନା, ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ନୂଆଖାଇ ଉତ୍ସବରେ ମୁଖ୍ୟ ଅତିଥି ଭାବେ 'ନୀଳଚକ୍ର' ଅଧ୍ୟକ୍ଷା ନମିତା ପଣ୍ଡା ଯୋଗଦେଇଥିଲେ। ଏଥିରେ ସଭାପତି ତରୁଣ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ନାଟ୍ୟକାର ରଣଜିତ୍ ପଟ୍ଟନାୟକ ଯୋଗଦେଇ ନୂଆଖାଇର ବୈଶିଷ୍ଟ୍ୟ ଓ ଲୋକପ୍ରିୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦିକା ମୀନାକ୍ଷୀ ଦେବୀ, ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ, ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରମୁଖ ଉପସ୍ଥିତ ଥିଲେ।



ନୂଆଖାଇ ଭେଟଘାଟ ଉତ୍ସବ ପାଳନ ଅବସରରେ ପରିବେଷିତ ସମ୍ବଲପୁରୀ ନୃତ୍ୟ।

ସାମାଜିକ ଅନୁଷ୍ଠାନ 'ସୁନାଦୁବ' ପକ୍ଷରୁ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ଆୟୋଜିତ ନୂଆଖାଇ ଉତ୍ସବକୁ ଉତ୍କଳ ସମ୍ମିଳନୀର ସଭାପତି ଡାକ୍ତର ରବିରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁଭାଷ ଚନ୍ଦ୍ର ସାହୁ ଓ ମୁଖ୍ୟବକ୍ତା ଭାବେ ନଳିନୀପ୍ରଭା ନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲା ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପୁଷ୍ପକାନ୍ତି ମହାନ୍ତି 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଶୁଭ୍ରାଂଶୁ ମିଶ୍ର ସ୍ୱାଗତ ଭାଷଣ ଏବଂ ଅଶ୍ୱିନୀ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ ।

କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ରଘୁନାଥ ଜୀଉ ମନ୍ଦିରରେ ନୂଆଖାଇ ଉତ୍ସବ ପାଳିତ ହୋଇଥିଲା। ଏଥିରେ ସଙ୍ଗଠନର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ପାଦକ ଶ୍ୟାମସୁନ୍ଦର ସାହୁ, ସୁରେନ୍ଦ୍ର ନାଥ ଛୋଟରାୟ, ନଳିନୀ ନାୟକ, ଅମିତା ବେହେରା, ଭୁବନାନନ୍ଦ ମହାନ୍ତି, ବୈଷ୍ଣବ ପରିଡ଼ା, ଭିକାରୀ ମିଶ୍ର, ସୁଭାଷ ସାହୁ, ଅଶ୍ୱିନୀ ସେଠୀ, ମୁକେଶ ସୋନୀ, ବିଦ୍ୟୁତ ଲାଲା, ଗଗନ ମେହେର, ବଂଶୀମୋହନ ଶତପଥୀ, ଅରୁଣା ସାମନ୍ତରାୟ, ସବିତା ମଞ୍ଜରୀ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ।






ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।

-ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ





ଜଟଣୀରେ ପୂଜା ପାଉଥିବା ଗଣେଶ : ଖୁଣ୍ଟିଆ ଲେନ | ଲୋକୋ କଲୋନୀ ରେଡଷ୍ଟାର ଆସୋସିଏଶନ | ବାଲିଛକସାହି | ଗୋପବନ୍ଧୁ ବଜାର | ଗୋଲେଇ ମାର୍କେଟ | ସୀତାରାମ ଛକ

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଛୁରା ମାରି ସ୍ୱାମୀ ଅଟକ

**ଖୋର୍ଦ୍ଧା ଅଫିସ,୩।୯:** ସ୍ତ୍ରୀଙ୍କୁ ଛୁରା ମାରିବା ଅଭିଯୋଗରେ ବାଣପୁର ଥାନା ପୋଲିସ ରାଣୀପଡା ଗାଁର ବବି ଦାସଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୋଗ ଅନୁସାରେ, ରାଣୀପଡା ଗାଁର ବବି ଦାସ(୨୬) ୧୦ ବର୍ଷ ତଳେ ଗୀତା (୨୪)ଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କର ୩ ଝିଅ ଅଛନ୍ତି। ସ୍ୱାମୀସ୍ତ୍ରୀଙ୍କ ମଧରେ ବିବାଦ କାରଣରୁ ଗୀତା ବାପ ଘରେ ୪ ବର୍ଷ ହେଲା ରହି ଆସୁଥିଲେ। ଗୀତା ଓ ମାମୁ ଝିଅ ଏକାଠି ହୋଇ ଜଣେ ସମ୍ପର୍କୀୟାଙ୍କୁ ଆଣିବାକୁ ଦୁଇ ସାଇକେଲ ଯୋଗେ ଯାଇଥିଲେ। ଫେରିବାବେଳକୁ କୁମାରଙ୍ଗ ରୋଡ ଓଭର ବ୍ରିଜ ଉପରେ ରାତି ପ୍ରାୟ ୯ଟାରେ ସ୍ୱାମୀ ବବି ବାଇକ୍ ଯୋଗେ ପହଞ୍ଚି ସାଇକେଲକୁ ଅଟକାଇ ଥିଲେ। କିଛି ନ କହି ସ୍ତ୍ରୀ ଗୀତାଙ୍କ ବେକକୁ ଛୁରା ମାରିଥିଲେ। ଆକ୍ରମଣ ସମୟରେ ଗୀତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଥିଲେ। ସେ ସମୟରେ ବବି ଫେରାର ହୋଇଯାଇଥିଲେ। ଗୀତା ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘଟଣା ସମ୍ପର୍କରେ ପୋଲିସକୁ ଅଭିଯୋଗ କରିଥିଲେ।

### ଲିଫ୍ଟ ମାଗି ବାଇକ୍‌ରେ ବସିଲେ
### ବନ୍ଧୁକ ଦେଖାଇ ଯୁବକ ଫସିଲେ

**ଖୋର୍ଦ୍ଧା ଅଫିସ,୩।୯:** ଲିଫ୍ଟ ମାଗି ବାଇକ୍‌ରେ ଯାଉଥିବା ଜଣେ ଅଚିହ୍ନା ଯୁବକ ଚାଳକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇ ଫସିଯାଇଛନ୍ତି। ସ୍ଥାନୀୟ ସିମୋର ଲୋକ ଉକ୍ତ ଅଚିହ୍ନା ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ସିମୋର ଯାଉଥିବା ଜଣେ ବାଇକ୍ ଚାଳକଙ୍କୁ ଜଣେ ଅଜଣା ଯୁବକ ବାଘମାରୀଠାରେ ଲିଫ୍ଟ ମାଗି ଉଠିଥିଲେ। ତେବେ ସିମୋର ହେବା ସମୟରେ ଗୋବିନ୍ଦପୁର ଯିବାକୁ କହିଥିଲେ। ବାଇକ୍ ଚାଳକ କହିଥିଲେ, ସିମୋର କହି ଗୋବିନ୍ଦପୁର ଯିବାକୁ କହୁଛନ୍ତି। ସେ ଯାଇପାରିବେ ନାହିଁ। ଏକଥା ଶୁଣି ଅଚିହ୍ନା ଯୁବକ ବିରକ୍ତି ହୋଇ କହିଥିଲେ ମଣିଷ ମରା ଲୋକଙ୍କୁ ବ୍ୟବହାର ଠିକ୍ ଦେଖାଉନ୍ତୁ। ପରିସ୍ଥିତି ଭୟାବହ ହେବ। ଚାଲ୍ ଗୋବିନ୍ଦପୁର ଯିବା କହି ବନ୍ଧୁକ ଦେଖାଇଥିଲେ। ତେବେ ବାଇକ୍ ରଖି ଅଚିହ୍ନା ଲୋକଙ୍କର ଗୁମରକୁ ଚାଳକ ବଜାରର ଲୋକଙ୍କୁ କହିବା ପରେ ଚାପା ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ଅଚିହ୍ନା ବ୍ୟକ୍ତିଙ୍କୁ କାବୁ କରି ନେଇଥିଲେ। ପୋଲିସ ଅଚିହ୍ନା ଯୁବକଙ୍କୁ ନିଜ ହେପାଜତକୁ ନେଇ ଏକ ବନ୍ଧୁକ ଜବତ କରିଛି। ତେବେ ଘଟଣା ସମ୍ପର୍କରେ ଆଇଆଇସିଙ୍କୁ ଯୋଗାଯୋଗ କରିବାକୁ ସେ ଫୋନ ଉଠାଇ ନ ଥିଲେ।

■ କଣ୍ଟାବାଡ଼ରେ ଗଣେଶ ମହୋତ୍ସବ-୨୦୧୯

## ମନ ମୋହିଲା ଓଡ଼ିଶୀନୃତ୍ୟ

**ବେଗୁନିଆ, ୩।୯ (ଡି.ଏନ୍.ଏ.)-** ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମସ୍ଥିତ ଶାସନ ସାହି ପୂଜା କମିଟି ପକ୍ଷରୁ ଗଣେଶ ମହୋତ୍ସବ-୨୦୧୯ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସୋମବାର ବର୍ଷା ରାତିରେ ମହୋତ୍ସବକୁ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ବାହିନୀପତି ଉଦ୍‌ଘାଟନ କରିଥିଲେ। ସେହିପରି ଶିକ୍ଷାବିତ୍ କୁଳମଣି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମଙ୍ଗଳବାର ୨ୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଆଇଏମ୍‌ଟିଏସ୍ ଭୁବନେଶ୍ୱରର ନିର୍ଦ୍ଦେଶକ କ୍ଷୀରୋଦ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା ଏବଂ ସମିତିସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଗଡମାଣତୀରର ପାଇକ ଆଖଡା ଆକର୍ଷଣ ସାଜିଥିଲା। ଶେଷରେ ଓଡିଶୀ ନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କ ମନ ମୋହିଥିଲା। ଅଞ୍ଚଳରେ ସୁନାମ ଅର୍ଜନ କରିଥିବା ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଖୋର୍ଦ୍ଧା ଡା. ଦ୍ୱାରିକାନାଥ ଶତପଥୀ, ମଞ୍ଚ କଳାକାର ତାରେଶ୍ୱର ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



ମହୋତ୍ସବରେ ଅନୁଷ୍ଠିତ ଓଡିଶୀ ନୃତ୍ୟ .

■ ଜଟଣୀ ଗଣେଶ ମହୋତ୍ସବ ଉଦ୍‌ଘାଟିତ

## ବର୍ଷା ସତ୍ତ୍ୱେ ପୂଜା ପେଣ୍ଡାଲରେ ଗହଳି

**ଜଟଣୀ,୩।୯(ଡି.ଏନ.ଏ.)** ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜାର ମଙ୍ଗଳବାର ଦ୍ୱିତୀୟ ଦିନରେ ତୁହାକୁ ତୁହା ବର୍ଷା ସତ୍ତ୍ୱେ ବିଭିନ୍ନ ପେଣ୍ଡାଲରେ ଗହଳି ପରିଲକ୍ଷିତ ହୋଇଥିଲା। ରାଜାବଜାର, ଗୋଲେଇ ମାର୍କେଟ୍, ସୀତାରାମଛକ, ପରିବା ଓ ମାଛ ମାର୍କେଟ୍, ପୋଷ୍ଟ ଅଫିସ ଛକ, ଥାନା ଛକ, ହରିଭାଇନା ଛକ, ଖୁଦୁପୁର ଛକ, ଗୋପବନ୍ଧୁ ବଜାର, ମେଡିକାଲ ଛକ, ଲୋକୋ କଲୋନୀ, ହାଟ ବଜାର, ରେତଙ୍ଗ କଲୋନୀ, ବାଲିଛକ ସାହି ଆଦି ଅଞ୍ଚଳର ପୂଜା ପେଣ୍ଡାଲରେ ହୋଇଥିବା ସାଜସଜ୍ଜା ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି। କୃଷ୍ଣଙ୍କ ବିଶ୍ୱରୂପ, କୋଣାର୍କ ମନ୍ଦିର କଳାକୃତି, ଗୁମ୍ଫା, ଡାଇନୋସୋର ଆଦି ସାଜସଜ୍ଜା ମୂର୍ତ୍ତି, ତୋରଣ ଓ ଆଲୋକମାଳାରେ ସ୍ଥାନ ପାଇଛି। ସେହିପରି ସୀତାରାମ ଛକ



ମହୋତ୍ସବକୁ ଅତିଥିମାନେ ଉଦଘାଟନ କରୁଛନ୍ତି ।

ପେଣ୍ଡାଲରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦଶ ଅବତାର ବେଶ ଓ ଶ୍ରୀମନ୍ଦିର ଆକୃତିର ତୋରଣ ଦେଖିବାକୁ ବେଶ୍ ଗହଳି ହୋଇଛି। କଳିଙ୍ଗ ୟୁଥ୍ ଫୋରମ୍ ପକ୍ଷରୁ ସ୍ଥାନୀୟ ମ୍ୟୁନିସିପାଲିଟି ଛକ ସୁଜାତା ଆନନ୍ଦଙ୍କ ଘର ନିକଟ ପଡ଼ିଆରେ ଗଣେଶ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଥିଲା। ରାଜ୍ୟ ଦୁର୍ନୀତି ନିବାରଣ ସଂଘର ସଭାପତି ଜଗବନ୍ଧୁ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆବାହକ ସୀତାକାନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଫୋରମ୍‌ର ସଭାପତି ମନୋରଞ୍ଜନ ମାର୍ଥା, ସମ୍ପାଦକ ପଦ୍ମଚରଣ ପ୍ରଧାନ, ଶଶାଙ୍କ ରାୟ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଡ୍ୟାନ୍ସ ଦରବାର ବିଶ୍ୱ ଭାରତୀ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ମହୋତ୍ସବ ପରିସରରେ ମିନାବଜାର, ସର୍କସ, ଛୋଟରୁ ବଡ ପର୍ଯ୍ୟନ୍ତ ସମସ୍ତଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ଚକ୍ରି, ରାମଦୋଳି ଆଦି ବିଭିନ୍ନ ଖେଳ ସ୍ଥାନ ପାଇଛି। ଏହାଛଡା ବିଭିନ୍ନ ସାମଗ୍ରୀର ଷ୍ଟଲ ମାନ ପଡିଛି।

■ ୨ଶହ ବର୍ଷରୁ ଉର୍ଦ୍ଧ୍ୱ ପରମ୍ପରା

## ସଂପୁରରେ ପାଳନ ହେଲା ନୂଆଁଖାଇ

**ଖୋର୍ଦ୍ଧା ଅଫିସ/ବୋଲଗଡ, ୩।୯(ଡି.ଏନ୍.ଏ.):** ପଶ୍ଚିମ ଓଡ଼ିଶାରେ ଗଣପର୍ବ ନୂଆଁଖାଇର ଝଲକ ଦେଖିବାକୁ ମିଳିଛି ଉପକୂଳ ଓଡ଼ିଶାର ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ସଂପୁର ଗ୍ରାମରେ। ଏଠାରେ ୨୦୦ରୁ ଉର୍ଦ୍ଧ୍ୱ ବର୍ଷ ଧରି ପାରମ୍ପରିକ ଭାବେ ପାଳିତ ହୋଇଆସିଛି ନୂଆଁଖାଇ ପର୍ବ। ଗ୍ରାମର ଆରାଧ୍ୟ ଦେବତା ବାଲୁଙ୍କେଶ୍ୱରଦେବଙ୍କ ପୀଠରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ନବାନ୍ନ ଲାଗି ହୋଇଥିଲା। ନବାନ୍ନ ଭୋଗରେ ନଅ ପ୍ରକାରର ବ୍ୟଞ୍ଜନ ନୂଆ ଚୂଡା, ଅନ୍ନ, ଡାଲି, ଖଟା, ଘାଣ୍ଟ ତରକାରି, ଶାଗ, ଖେଚୁଡି, ଖିରି ଓ ଭଜା ଥିଲା। ନୀଳକଣ୍ଠେଶ୍ୱର ଦେବ, ନିକୁଞ୍ଜବିହାରୀ ଦେବ, ଜଗନ୍ନାଥ, ହନୁମାନ ମନ୍ଦିର, ବଣିଆସାହି ମଠ ସମେତ ସମସ୍ତ ଦେବଦେବୀ ମନ୍ଦିରଗୁଡିକରେ ମଧ୍ୟ ଅନୁରୂପ ଭାବେ ନବାନ୍ନ ଲାଗି କରାଯାଇଥିଲା। ବାଲୁଙ୍କେଶ୍ୱର ମନ୍ଦିରରେ ସାମୂହିକ ନବାନ୍ନ ଲାଗି ପରେ ଘଣ୍ଟ ବାଜି ଉଠିଥିଲା। ଘଣ୍ଟ ଶବ୍ଦ ଶୁଣି ଗାଁ ଲୋକ ନିଜ ନିଜ ଘରୁ ନୂଆ ଚୂଡା ନେଇ ଭୋଗ ଲାଗି ଉଦ୍ଦେଶ୍ୟରେ ମନ୍ଦିର ନିକଟରେ ପହଞ୍ଚିଥିଲେ। ମନ୍ଦିରରେ ଲାଗି ହୋଇଥିବା ସାମୂହିକ



ଠାକୁରଙ୍କ ନବାନ୍ନ ଭୋଗ କରି ଶ୍ରଦ୍ଧାଳୁ ଫେରୁଛନ୍ତି ।

ପ୍ରସାଦ ସେବନ କରିବା ସହ ଘରକୁ ଆଣିଥିଲେ। ଘରେ ପରିବାର ସଦସ୍ୟ, ବନ୍ଧୁ ବାନ୍ଧବ, ଆତ୍ମୀୟ ସ୍ୱଜନ ମିଳିମିଶି ସେବନ କରିଥିଲେ। ଭୋଗ ଖାଇ ସାରିବ ପରେ ଓଡ଼ିଆ ସୁସ୍ୱାଦୁ ଖାଦ୍ୟକୁ ଖାଇ ମଜା ଉଠାଇଥିଲେ। ନୂଆଁଖାଇ ଯୋଗୁ ଭାଇଚାରା ଭାବ ସୁଦୃଢ ହେବା ସହ ନିଜ ନିଜ ପରିବାର ଏବଂ ଆତ୍ମୀୟସ୍ୱଜନମାନଙ୍କ ମଧ୍ୟରେ ଆତ୍ମିୟତା ବଢ଼ିଥାଏ ବୋଲି ଗ୍ରାମର ଶିକ୍ଷାବିତ ଜଳନ୍ଧର ମହାନ୍ତି, ସାମାଜିକ କର୍ମୀ ବିଜୟ ମହାନ୍ତି ଏବଂ ନିରଞ୍ଜନ ନାୟକ କହିଛନ୍ତି। ପ୍ରକାଶଥାଉକି ୧୮୧୬ରେ ସମ୍ବଲପୁର ରାଣୀ ମୁକ୍ତାଦେଈ ସଂପୁର ଗ୍ରାମରେ ନଅର କରି ରହୁଥିଲେ। ସେହି ନଅରର ଭଗ୍ନାବଶେଷ ପଡି ରହିଛି। ସେହି ସମୟରୁ ସଂପୁରରେ ପଶ୍ଚିମ ଓଡ଼ିଶାର ପର୍ବ ନୂଆଁଖାଇ ପରମ୍ପରା ପାଳିତ ହୋଇଆସୁଛି। ଏହି ପର୍ବରେ ପରିବାରର ସମସ୍ତେ ଏକତ୍ରିତ ହୋଇଥାନ୍ତି। ଯିଏ ଯେଉଁଠାରେ ଥାଉ ପର୍ବଦିନ ଘରେ ଏକାଠି ହୋଇ ପର୍ବର ମଜା ଉଠାଇଥାନ୍ତି।

### ହେଲ୍‌ମେଟ ଚଢ଼ାଉ ଶୌଚ, ସ୍ନାନ କରୁଥିବା ସ୍ଥାନୀୟ ଲୋକ ଅଟକ

**ଖୋର୍ଦ୍ଧା ଅଫିସ,୩।୯:** ବାଘମାରୀ ଥାନା ପୋଲିସ ହେଲ୍‌ମେଟ ଚଢ଼ାଉ ନାଁରେ ଶୌଚ ଓ ସ୍ନାନ କରିବାକୁ ଯାଉଥିବା ସ୍ଥାନୀୟ ଲୋକଙ୍କର ବାଇକ୍ ଜବତ କରିବା ସହ ଅଟକ ରଖିବା ପରେ ମଙ୍ଗଳବାର ସନ୍ଧ୍ୟାରେ ଚାପା ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ବ୍ୟବସାୟୀଙ୍କ ଯୁକ୍ତି ଅନୁସାରେ ପୋଲିସ ହେଲ୍‌ମେଟ ନ ପିନ୍ଧି ବାଇକ୍ ଚଳାଇ ଓ ସିଟ୍ ବେଲଟ୍ ନ ଥାଇ ଜିପ ଚଳାଇଲେ ଧରପଗଡ କରୁଛି। ଏଭଳିସ୍ଥଳେ ବ୍ୟବସାୟୀ ଅଟକ ହେବା ପରେ ସାଧାରଣରେ ଅସନ୍ତୋଷ ଓ କ୍ଷୋଭ ଦେଖାଦେଇଛି। ସ୍ଥାନୀୟ ବ୍ୟବସାୟୀଙ୍କ ଯୁକ୍ତି ଅନୁସାରେ, ସ୍ଥାନୀୟ ବଙ୍ଗଳାର ଶୌଚାଳୟକୁ ବ୍ୟବସାୟୀମାନେ ବ୍ୟବହାର କରୁଥିଲେ। ବଙ୍ଗଳାରେ ଥାନା ହେବା ପରେ ଶୌଚାଳୟ ବ୍ୟବହାର ବନ୍ଦ ହେଲା। ବ୍ୟବସାୟୀମାନେ ପୋଖରୀ ନିକଟକୁ ବାଇକ ଯୋଗେ ଯାଉଥିବା ବେଳେ ପୋଲିସର ଚଢାଉ ଅସନ୍ତୋଷ ସୃଷ୍ଟି କରିଛି।

■ ନିଲମ୍ବନର ପ୍ରତିବାଦ

## ଗୁରୁଦିବସରେ ଆତ୍ମୋତ୍ସର୍ଗ କରିବେ ପୂର୍ବତନ ପ୍ରଧାନ ଶିକ୍ଷକ

**ଖୋର୍ଦ୍ଧା ଅଫିସ, ୩।୯:** ନିଲମ୍ବନର ପ୍ରତିବାଦ କରି ଗୁରୁଦିବସରେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ (ଡିପିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖୋର୍ଦ୍ଧା ବ୍ଲକ ଜାଗୁଲାଇପାଟଣା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସଚ୍ଚିଦା ନନ୍ଦ ଖାଡଙ୍ଗା ଆତ୍ମୋତ୍ସର୍ଗ କରିବେ ବୋଲି ଚେତାବନୀ ଦେଇଛନ୍ତି। କଳଙ୍କ ଓ ବଦନାମରୁ ମୁକ୍ତି ପାଇଁ ପୂର୍ବତନ ପ୍ରଧାନ ଶିକ୍ଷକ ଏ ନିଷ୍ପତ୍ତି ନେଇଥିବା ଗଣମାଧ୍ୟମକୁ ମଙ୍ଗଳବାର କହିଛନ୍ତି। କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ, ଖୋର୍ଦ୍ଧା ବ୍ଲକ ଜାଗୁଲାଇପାଟଣା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖାଡଙ୍ଗା ଓ ସହକାରୀ ଶିକ୍ଷକ ବିଦ୍ୟୁ ଭୂଷଣ କରଙ୍କୁ ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ନିଲମ୍ବନ କରିଥିଲେ। ପ୍ରାପ୍ତ ସୂଚନା ଅନୁସାରେ, ଅଗଷ୍ଟ ୨୧ରେ ଡିପିସି ଜାଗୁଲାଇପାଟଣା ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ। ତେବେ ତଦନ୍ତ ବେଳେ ଅନୁପସ୍ଥିତ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ପରେ ବିଳମ୍ବରେ ସ୍କୁଲକୁ ଆସିଥିଲେ। ଅନ୍ୟପକ୍ଷେ ନିୟମିତ ବିଦ୍ୟାଳୟକୁ ଉଭୟ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ବିଳମ୍ବରେ ଆସୁଥିବାର ଅଭିଯୋଗ ମଧ୍ୟ ହୋଇଥିଲା। ଏ ସମ୍ପର୍କରେ ଡିପିସି ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଦ୍ୱୟଙ୍କ ଅଭ୍ୟାସଗତ ଅନୁପସ୍ଥିତ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ମତେ ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ନିଲମ୍ବନ କରିଥିବା ଡିପିସି ଅମିତା ପଟ୍ଟନାୟକ ସୂଚନା ଦେଇଥିଲେ। ନିଲମ୍ବନ ପରେ ପୂର୍ବତନ ପ୍ରଧାନ ଶିକ୍ଷକ ଖାଡଙ୍ଗା କହିଛନ୍ତି, ଡିପିସି ତଦନ୍ତ କରିବା ଦିବସରେ ସେ ସ୍କୁଲ କାର୍ଯ୍ୟରେ ନିୟୋଜିତ ଥିଲେ। ହେଲେ ବିଳମ୍ବର କାରଣ ପଚରା ଯାଇ ନ ଥିଲା। ଏପରି କି ବିଳମ୍ବ ନେଇ କାରଣ ଦର୍ଶାଅ ନୋଟିସ୍ କରାଯାଇ ନ ଥିଲା। ତେବେ ଗଣମାଧ୍ୟମରୁ ନିଲମ୍ବନ ନେଇ ଜାଣିଲି। ପରେ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ କରିବାକୁ ନିୟୋଜିତ କରିଛନ୍ତି।

■ ଚୋରା ବାଇକ୍‌ର ପେଣ୍ଠସ୍ଥଳ କୁହୁଡ଼ି

## ବାଇକ୍ ଚୋରି ପାଇଁ ତାଲିମ ଦିଆଯାଉଥିଲା

**ଖୋର୍ଦ୍ଧା ଅଫିସ,୩।୯:** ଖୋର୍ଦ୍ଧା ଜିଲାର ଟାଙ୍ଗୀ ଥାନା କୁହୁଡି ଚୋରା ବାଇକ୍‌ର ପେଣ୍ଠସ୍ଥଳ ପାଲଟିଛି। ଏପରି କି ଏଠାରେ ବାଇକ୍ ଲୁଟ୍ କରିବାକୁ ଯୁବକମାନଙ୍କୁ ତାଲିମ ଦିଆଯାଇ ଟ୍ରେଣ୍ଡ କରାଯାଉଥିଲା। ନୟାଗଡ ଜିଲାର ଚାନ୍ଦପୁର ଥାନା ପୋଲିସ ରବିବାର ଏଠାରୁ ୧୧ଟି ବାଇକ୍ ଜବତ କରିବା ସହ କୁହୁଡିର ଗ୍ୟାରେଜ ମାଲିକ କେଶବ ବେହେରା(୪୦), କୁହୁଡିର ବାବୁଲି ବେହେରା(୩୬) ଓ ଜିତେନ୍ଦ୍ର କୁମାର ପଟ୍ଟନାୟକ(୩୮) ବାଇକ୍ ଲୁଟ୍ ଅଭିଯୋଗରେ ଗିରଫ ହେବା ପରେ ସେମାନଙ୍କ କାରନାମା ପଦାକୁ ଆସିଛି। ହେଲେ ଚୋରା ବାଇକ୍ ଲୁଟ୍ କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଟାଙ୍ଗୀ ଥାନା ପୋଲିସ ଅବଗତ ନ ଥିଲା, ନା ଜାଣିଶୁଣି ଚୁପ ରହିଥିଲା ତାହା ସନ୍ଦେହ ଘେରକୁ ଆସିଛି। ଲୁଟ୍ କରୁଥିବା ବ୍ୟକ୍ତିଙ୍କଠାରୁ ମାସିକିଆ କୋଟା ନେଇ ପୋଲିସ ଚୁପ ରହୁଥିଲା ବୋଲି ଜଣେ ବାଇକ୍ ଲୁଟେରା ନାଁ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ତେବେ ବାଇକ୍ ଲୁଟ୍ ଦଳର ମୁଖିଆ ଥିଲେ କୁହୁଡିର ବାବୁଲି ଓ ଜିତେନ୍ଦ୍ର। ଏମାନଙ୍କ ଅଧୀନରେ ୨୦ଜଣ ବାଇକ୍ ଲୁଟ୍ କରୁଥିବା ସଦସ୍ୟ କାର୍ଯ୍ୟ କରୁଛନ୍ତି। ଏହି ଦଳର

**୧୧ ବାଇକ୍ ଜବତ, ୩ ଗିରଫ ପରେ ସନ୍ଦେହରେ ଟାଙ୍ଗୀ ପୋଲିସ**



ଜବତ ବାଇକ ।

ସଦସ୍ୟମାନେ ଖୋର୍ଦ୍ଧା, ନୟାଗଡ ଓ କଟକ ଜିଲାରୁ ବାଇକ୍ ଚୋରି କରିଥାନ୍ତି। ପରେ ବାଇକ୍‌ଗୁଡିକ ଆଣି କୁହୁଡିର ଗ୍ୟାରେଜରେ ଖୋଲାଯାଏ। ଗ୍ୟାରେଜ ମାଲିକ କେଶବ ଚୋରା ବାଇକ୍‌ର ପାର୍ଟସ୍‌ଗୁଡିକ ଖୋଲି ବିକ୍ରି କରିଥାନ୍ତି। ଯାହା ମିଳେ ଭାଗବାଣ୍ଟି ନିଅନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ନୟାଗଡ ଜିଲା ଚାନ୍ଦପୁର ଥାନା କନ୍ଧ ନୂଆଗଡ ଗାଁର କେଶବ ପ୍ରଧାନଙ୍କର (ନଂ. ଓଡି୨୫ ଏଚ୍ ୯୪୨୦) ବାଇକ୍ ରବିବାର ଚୋରି ହୋଇଥିଲା। ବାଇକ୍ ଚୋରି ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଦଫା ୩୭୯, ୪୧୧, ୩୪ ଆଇପିସିରେ ନଂ. ୮୦/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ତଦନ୍ତରୁ ଜାଣି ପାରିଥିଲା କୁହୁଡିର ବାବୁଲି ବାଇକ୍ ଚୋରିରେ ସମ୍ପୃକ୍ତ ଅଛନ୍ତି। ବାବୁଲିଙ୍କୁ ଅଟକ ରଖି ପଚରାଉଚୁରା ପରେ ଏଥିରେ ସମ୍ପୃକ୍ତ ଥିବା ୩ ଜଣ ଗିରଫ ହୋଇଛନ୍ତି। ତେବେ ଚାନ୍ଦପୁର ଥାନା ପୋଲିସ ତା'ର ଦାୟିତ୍ୱ ଶେଷ କରି ଦେଇଥିବାବେଳେ ଟାଙ୍ଗୀ ଥାନା ପୋଲିସ ବାଇକ୍ ଚୋରି ର୍‍ୟାକେଟକୁ ଠାବ କରିବାକୁ ତ୍ୱରିତ ପଦକ୍ଷେପ ନେବା କଥା। ହେଲେ ଏଯାବତ ଟାଙ୍ଗୀ ଥାନା ପୋଲିସ ଚୁପ ରହିବା କାରଣରୁ ବାଇକ୍ ଲୁଟ୍ କରୁଥିବା ବ୍ୟକ୍ତି ଦିଗ ପରିବର୍ତ୍ତନ କରିବାକୁ ସୁବିଧା ହେବ ବୋଲି ଜଣେ ବାଇକ୍ ଲୁଟେରା କହିଛନ୍ତି।

■ କାଳିଆ ଯୋଜନାରେ ଚାଲିଛି ରାଜନୀତି

## ବାଦ୍ ପଡୁଛନ୍ତି ଯୋଗ୍ୟ ହିତାଧିକାରୀ

**ଖୋର୍ଦ୍ଧା ଅଫିସ,୩।୯**

■ ଭୋଟ ହାତେଇ ନେଲା ପରେ କାର୍ଯ୍ୟାନୁଷ୍ଠାନ

■ ୨୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବେ ଚାଷୀ

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଖୋର୍ଦ୍ଧାର ମଙ୍ଗଳା ମଣ୍ଡପଠାରେ ଜିଲାସ୍ତରୀୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁରେଶ ମାନସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ମନୱର ଅଲ୍ଲି, ଚାଷୀ ନେତା ରମେଶ ସ୍ୱାଇଁ, ଜୟନ୍ତ ତ୍ରିପାଠୀ, ହାଡିବନ୍ଧୁ ମହାରଣା, ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ କହିଥିଲେ କାଳିଆ ଯୋଜନାରେ ରାଜନୀତି ଚାଲିଛି। ଯୋଜନା ହେଲା ଚାଷୀଙ୍କ ନାଁରେ, ଫାଇଦା ନେଲେ ରାଜନୈତିକ ଦଳର କର୍ମୀ। ନିର୍ବାଚନ ପୂର୍ବରୁ ଭୋଟ ଲାଗି କାଳିଆ ଯୋଜନାରେ ଆଖିବୁଜା ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଗଲା। ଯୋଗ୍ୟ ଅଯୋଗ୍ୟ ଖୋଜା ଗଲାନି। ସମସ୍ତଙ୍କୁ ୫ ହଜାର ଟଙ୍କା ଦିଆଗଲା। ତେବେ ଯୋଗ୍ୟ ପାଇଲେନି, ଅଯୋଗ୍ୟ ନେଇଗଲେ ମଧ୍ୟ ସରକାର ହାତ ଟେକି ଦେଲେ। ବିରୋଧୀ ଦଳ ବାରମ୍ବାର ଅନିୟମିତତା ନେଇ ପ୍ରଶ୍ନ ଉଠାଇଲେ ମଧ୍ୟ ସରକାର ଶୁଣିଲେନି। ସରକାର ଚାଷୀଙ୍କ ଜୀବନଜୀବିକା ସହ ଖେଳିଲେ। ଭୋଟ ଶେଷ ପରେ ସରକାର ସେହି ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ବାଦ୍ ଦେଲେ। ତେବେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବାକୁ ନବ ନିର୍ମାଣ କୃଷକ ସଙ୍ଗଠନ ସ୍ୱାଗତ କରିଛି। କିନ୍ତୁ ଅଯୋଗ୍ୟ ନାଁରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ଠିକ୍ ନୁହେଁ। ଯାହାକି ଚାଷୀ ଆନ୍ଦୋଳନ ପାଇଁ ପ୍ରୋତ୍ସାହନ ଯୋଗାଇ ଚାଲିଛି। ଏଭଳିସ୍ଥଳେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଉଥିବା କର୍ମଚାରୀଙ୍କୁ ଦଣ୍ଡବିଧାନ କରାଯାଉ। ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି କାଳିଆ ଯୋଜନା ଅର୍ଥ ଦିଆଯାଉ। ସେହିପରି ଚାଷୀଙ୍କ ପ୍ରସ୍ତାବଗୁଡିକୁ ଶୀଘ୍ର କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ପ୍ରଦାନ କରନ୍ତୁ ବୋଲି ଦାବି କରାଯାଇଛି। ଅପରପକ୍ଷେ କାଳିଆ ଯୋଜନାର ଅନିୟମିତତାକୁ ନେଇ ସେପ୍ଟେମ୍ବର ୨୦ରେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ସେହିପରି ନଭେମ୍ବର ୬ରେ ବରମୁଣ୍ଡାରେ ସର୍ବଭାରତୀୟ ସମ୍ମିଳନୀ ହେବ। ଏଥିପାଇଁ ଗାଁ ଓ ସହରରୁ ପାଣ୍ଠି ସଂଗ୍ରହ କରାଯିବା ସହ ସମ୍ମିଳନୀ ଏବଂ ଆନ୍ଦୋଳନକୁ ସଫଳ କରିବାକୁ ସମସ୍ତଙ୍କର ସହଯୋଗ ଲୋଡା ଯାଇଛି।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
-ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### କୋର୍ଟ ପରିସରରୁ ଅଭିଯୁକ୍ତ ଚମ୍ପଟ

ପୁରୀ ଅଫିସ, ୩।୯: ଏକ ନାବାଳିକାଙ୍କୁ ଅପହରଣ ମାମଲାରେ ପିପିଲି ପୋଲିସ ଦ୍ୱାରା ଗିରଫ ହୋଇଥିବା ଜଣେ ଯୁବକଙ୍କୁ ପୋଲିସ ମଙ୍ଗଳବାର ପୁରୀ କୋର୍ଟରେ ହାଜର କରିଥିଲେ। ହଠାତ୍ ଯୁବକଜଣଙ୍କ କୋର୍ଟ ପରିସରରୁ ଚମ୍ପଟ ମାରିଥିଲେ। ସେ ହେଲେ ସୁମନ୍ତ ରାଉତ(୧୯)। ପିପିଲି ଥାନାର ତିନିଜଣ କର୍ମଚାରୀ ତାଙ୍କୁ ପୁରୀ କୋର୍ଟରେ ହାଜର କରାଇଥିଲେ। ମାତ୍ର ପୋଲିସର ଖାମଖିଆଲ ମନୋଭାବ ଯୋଗୁ ସେ ଚମ୍ପଟ ମାରିଥିବା ଚର୍ଚ୍ଚା ହେଉଛି। ଏନେଇ ପିପିଲି ଥାନାରେ ୨୧୫/୧୯ ପକସୋ ଆକ୍ଟରେ ଏକ ଅପହରଣ ମାମଲା ରୁଜୁ ହୋଇଛି।

### ବାଇକରୁ ଖସିପଡ଼ି ମହିଳା ଏସ୍‌ଆଇ ଗୁରୁତର

ନିମାପଡ଼ା,୩।୯(ଡି.ଏନ୍.ଏ.): ନିମାପଡ଼ା ଗୋଲେଇ ଛକ ନିକଟରେ ବାଇକରୁ ଖସିପଡ଼ି ମଙ୍ଗଳବାର ଜଣେ ମହିଳା ଏସ୍‌ଆଇ ଗୁରୁତର ହୋଇଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା ହିନ୍ଦୋଳ ଥାନାର ଦିବ୍ୟସ୍ମିତା ବଲିୟାରସିଂ(୩୨)। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ନିମାପଡ଼ା ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଦିବ୍ୟସ୍ମିତା ତାଙ୍କ ସ୍ୱାମୀ ଜୀବନଜ୍ୟୋତିଙ୍କ ସହ ଏକ ବାଇକରେ ଭୁବନେଶ୍ୱରରୁ ଧୂମାଲୋ ଗ୍ରାମକୁ ଯାଉଥିବା ବେଳେ ଗୋଲେଇ ଛକଠାରେ ଖସିପଡିଥିଲେ।

### ଭଙ୍ଗାଗଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଛାତ

ପୁରୀ ଅଫିସ, ୩।୯: ଶ୍ରୀମନ୍ଦିର ସୁରକ୍ଷା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ଜିଲା ପ୍ରଶାସନ ପ୍ରଥମେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ ଘୋଷଣା କରି ବିଭିନ୍ନ ଉଠାଦୋକାନୀଙ୍କୁ ହଟାଇଥିଲା। ଏହାପରେ ମେଘନାଦ ପାଚେରି କଡ଼କୁ ଲାଗି ରହିଥିବା ବେଆଇନ ନିର୍ମାଣକୁ ଉଚ୍ଛେଦ କରିଥିଲା। ତେବେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଛାତ ଉପରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଥିବାରୁ ଏହାର ଛାତ ଭଙ୍ଗା ଯାଇପାରି ନ ଥିଲା। ତେବେ ଗତ ରବିବାର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ହେବା ପରେ ମଙ୍ଗଳବାର ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ପୂର୍ବରୁ ଏହାର କାନ୍ଥ ଭଙ୍ଗା ଯାଇଥିବା ବେଳେ ଛାତକୁ ସପୋର୍ଟ କରୁଥିବା ପିଲରଗୁଡ଼ିକ ରହିଥିଲା। ତେବେ ମଙ୍ଗଳବାର ଅପରାହ୍ଣରେ ଏହାକୁ ଭଙ୍ଗାଯାଇଛି।

### କୃଷ୍ଣଚନ୍ଦ୍ରଙ୍କ ସ୍ମୃତିସଭା

ପୁରୀ ଅଫିସ, ୩।୯: ମା' ଦକ୍ଷିଣକାଳୀଙ୍କ ସେବକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ବାରିକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଗୁରୁବାର କାଳିକାଦେବୀ ସାହି ମହାକାଳେଶ୍ୱର ପନ୍ତିଘରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୃନ୍ଦାବନ ପଣ୍ଡା ସଭାପତିତ୍ୱ କରିଥିଲେ। ମା'ଦକ୍ଷିଣକାଳୀ ଇଷ୍ଟେଟର ସମ୍ପାଦକ ପ୍ରଫୁଲ୍ଲ କୁମାର ଖୁଣ୍ଟିଆ, ଉପସଭାପତି ଲକ୍ଷ୍ମୀକାନ୍ତ ରଥ, ଗବେଷକ ଡ. ସିଦ୍ଧେଶ୍ୱର ମହାପାତ୍ର, ଆଇନଜୀବୀ ଭାଗୀରଥି ଖୁଣ୍ଟିଆ, ଜଗନ୍ନାଥ ସାହୁ, ବାସୁଦେବ ଖୁଣ୍ଟିଆ, ଅରୁଣ କୁମାର ମହାନ୍ତି, ନିରଞ୍ଜନ ସାମନ୍ତରାୟ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ କୃଷ୍ଣଚନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### 'ସୋନୁର ସତର ବନ୍ଧୁ' ଶିଶୁଙ୍କ ଦ୍ୱାରା ଉନ୍ମୋଚିତ

ପୁରୀ ଅଫିସ, ୩।୯: ଲେଖିକା ଡ. ତୁଳସୀ ଓଝାଙ୍କ ଦ୍ୱାରା ଲିଖିତ ଶିଶୁ ଗଳ୍ପ ସଂକଳନ 'ସୋନୁର ସତର ବନ୍ଧୁ' ଏକ ନୂତନ ପରମ୍ପରା ସୃଷ୍ଟି କରି ଶିଶୁମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ନରେନ୍ଦ୍ରକୋଣ ବାୟାବାବା ଲେନ୍‌ସ୍ଥିତ ଆଦିପୂର୍ବା ଭବନଠାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ବିଶେଷ ଉତ୍ସବରେ ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଶିଶୁମାନଙ୍କୁ ପୁସ୍ତକର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପିଲାମାନଙ୍କ ସହିତ ପ୍ରଶାନ୍ତ କୁମାର ମହାନ୍ତି, ପୂର୍ବାଶା ମିଶ୍ର, ଶ୍ଲୋକ ମିଶ୍ର, ଆଦ୍ୟାଶା ମହାନ୍ତି, ମୀନା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମହାପ୍ରଭୁଙ୍କୁ ସୁରକ୍ଷା ଦେଉଥିଲେ ନାଗା ସାଧୁ

**ପୁରୀ ଅଫିସ, ୩।୯**

## ନାଗା ସାଧୁଙ୍କ ଜମାତ ବଡ଼ ଆଖଡ଼ା ମଠ



ଏକଦା ଶ୍ରୀମନ୍ଦିର ଏବଂ ମହାପ୍ରଭୁଙ୍କୁ ସୁରକ୍ଷା ଦେଉଥିବା ନାଗା ସାଧୁମାନଙ୍କ ଜମାତ ବଡ଼ ଆଖଡା ମଠ ଏବେ ବିପଦରେ। ପ୍ରଶାସନ ପକ୍ଷରୁ ଏହାକୁ ଉଚ୍ଛେଦ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ଅସୁରକ୍ଷିତ ବୋଲି ଏହାକୁ ମଙ୍ଗଳବାର ଭଙ୍ଗାଯିବା ଲାଗି ସ୍ଥିର ହୋଇଥିଲା। ହେଲେ ସାଧୁସନ୍ଥଙ୍କ ବିରୋଧ ଯୋଗୁ ଉଚ୍ଛେଦକୁ ସାମୟିକ ଭାବେ ସ୍ଥଗିତ ରଖିଛି ପ୍ରଶାସନ। ତଥାପି ଏହି ମଠ ଉପରୁ ବିପଦ ଟଳିନି। ଆଲୋଚନା ପରେ ସହମତି ଭିତ୍ତିରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ବଡ଼ ଆଖଡା ମଠର କିଛି ଐତିହ୍ୟ ସମ୍ପର୍କରେ ଐତିହ୍ୟ ବିଷାରଦ ଡ. ସୁରେନ୍ଦ୍ର ମିଶ୍ର କୁହନ୍ତି, ଶ୍ରୀକ୍ଷେତ୍ରର ଐତିହ୍ୟ ହଜାର ହଜାର ବର୍ଷର ପରମ୍ପରାରୁ ଗଢ଼ିଉଠିଛି। ମହାପ୍ରଭୁଙ୍କ ଉପାସନାର ମୂଲ୍ୟବୋଧକୁ ସର୍ବଭାରତୀୟସ୍ତରରେ ପହଞ୍ଚାଇବାରେ ମଠଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ମଠ ସମ୍ପ୍ରଦାୟର ସାଧୁ ଓ ଶିଷ୍ୟମାନେ ଭାରତର ଯେଉଁ ଅଞ୍ଚଳର ହୁଅନ୍ତୁ ନା କାହିଁକି ଶ୍ରୀଜଗନ୍ନାଥଙ୍କ ସହିତ ଯୋଡି ହୋଇଯାଇଥିଲେ। ତାହାରି ଫଳରେ ମହାପ୍ରଭୁ ଗଣଦେବତା ଭାବେ ସମଗ୍ର ଭାରତବର୍ଷରେ ଆଜି ଉପାସିତ ହେଉଛନ୍ତି। ଶହ ଶହ ବର୍ଷ ଧରି ବାହାର ଆକ୍ରମଣକାରୀଙ୍କ ଆକ୍ରମଣରେ ବହୁ ଘାତ ପ୍ରତିଘାତ ଦେଇ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ସଂସ୍କୃତି ଆଜି ବଞ୍ଚିରହିଛି। ଏହି ଘାତ ପ୍ରତିଘାତ ସମୟରେ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ଶ୍ରୀରାମାନନ୍ଦାଚାର୍ଯ୍ୟଙ୍କ ସମ୍ପ୍ରଦାୟର ନାଗା ସାଧୁମାନଙ୍କର। ସ୍ମରଣଯୋଗ୍ୟ ଯେ, ଅତୀତରେ ବର୍ଷକୁ ମହାପ୍ରଭୁ ଦୁଇଥର ଶ୍ରୀମନ୍ଦିର ବାହାରକୁ ବିଜେ କରୁଥିଲେ। ଥରେ ଗୁଣ୍ଡିଚା ଯାତ୍ରାରେ ଏବଂ ଥରେ ଦୋଳ ଯାତ୍ରାରେ। ଦୋଳବେଦୀରେ ଅଘଟଣ ଘଟିବା ପରେ ଏବେ ଆଉ ମହାପ୍ରଭୁ ଦୋଳଯାତ୍ରାରେ ବିଜେ କରୁନାହାନ୍ତି। ମୋଗଲମାନଙ୍କ ଶାସନ ସମୟରେ ମହାପ୍ରଭୁଙ୍କ ବାହାର ବିଜେ କାଳରେ ବଡ଼ ଆଖଡା ମଠ ସାଧୁମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ନାଗା ସାଧୁମାନେ ହିଁ ଦୁଇପଟେ ଘେର ବାଡ କରି ହାତ ହତିଆର ଧରି ମହାପ୍ରଭୁଙ୍କୁ ବାହାର ଓ ଭିତର ବିଜେ କରାଉଥିଲେ। ମୋଗଲ ସାମ୍ରାଜ୍ୟ ସମୟରେ ଆଜିକାଲି ଭଳି ପୋଲିସ ସୁରକ୍ଷାର ବଳୟ ନ ଥିଲା। ତାଙ୍କୁ ନାଗାମାନଙ୍କର ଜମାତ ହିଁ ସୁରକ୍ଷା ଦେଉଥିଲା। ପ୍ରକାଶଯୋଗ୍ୟ ଯେ, ନାଗା ସାଧୁମାନେ ଗୋଟିଏ ସ୍ଥାନରେ ଏକାଠି ହେଲେ ତାଙ୍କ ସମାବେଶକୁ ଜମାତ କୁହାଯାଏ। ଏହି ସମ୍ପ୍ରଦାୟର ବୈଷ୍ଣବମାନଙ୍କୁ ରାମାଉତି ସାଧୁ କୁହାଯାଏ। ଏମାନେ କପାଳରେ ତିଳକ ଧାରଣ କରନ୍ତି।

ଶ୍ରୀକ୍ଷେତ୍ରର ମାର୍କଣ୍ଡେଶ୍ୱର ସାହିରେ ଥିବା ବଡ଼ସନ୍ଥ ମଠ ଦିନେ ଥିଲା ରାମାନନ୍ଦ ସମ୍ପ୍ରଦାୟର ଗୁରୁଗାଦି। ସାମ୍ପ୍ରତିକ ସେ ପରମ୍ପରା ନାହିଁ। ବର୍ତ୍ତମାନ ଏହି ସମ୍ପ୍ରଦାୟର ମହନ୍ତମାନଙ୍କ ମୁଣ୍ଡରେ ବଡ଼ ଆଖଡାର ମହନ୍ତ ହିଁ ଶାଢି ବାନ୍ଧି ସ୍ୱୀକୃତି ଦିଅନ୍ତି। ପୁରୀରେ ଏହି ସମ୍ପ୍ରଦାୟର ଆଉ ୨ଟି ଗୁରୁତ୍ୱପୂର୍ଣ୍ଣ ମଠ ଛାଉଣୀ ଓ ପାପୁଡିଆ ମଠ ରହିଛି। ପୀପା ଦାସଙ୍କ ନାମରେ ଏହି ପାପୁଡ଼ିଆ ମଠ ପ୍ରସିଦ୍ଧ ହୋଇଛି। ପିପା ଦାସ ଥିଲେ ଜଣେ ରାଜପୁତ ରାଜା। ସେ ରାମାନନ୍ଦାଚାର୍ଯ୍ୟଙ୍କ ଶିଷ୍ୟ ଥିଲେ। ସେ ପୁରୀ ଆସି ଶିଷ୍ୟତ୍ୱ ଗ୍ରହଣ କରିବା ପରେ ଆଉ ଫେରିଯିବାକୁ ଚାହିଁ ନ ଥିଲେ। ସେ ଯେଉଁଠି ଅବସ୍ଥାନ କରୁଥିଲେ ତାହା ଥିଲା ପିପଲାୟନ ସ୍ୱାମୀଙ୍କର ଆଶ୍ରମ। ତାହା ଲୋକମୁଖରେ ହୋଇଛି ପାପୁଡିଆ ମଠ। ଏହି ମଠ ହିଁ ଥିଲା ନାଗା ସାଧୁମାନଙ୍କର ଏକାଠି ହେବାର ସ୍ଥାନ। ବଡ଼ଆଖଡା ମଠରେ ଶ୍ରୀରାମାନନ୍ଦାଚାର୍ଯ୍ୟ ଶ୍ରୀମନ୍ଦିର ଉପାସନାରେ ପ୍ରଭାବିତ ହୋଇ ଘୋଷଣା କରିଥିଲେ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କ ଶିଷ୍ୟ ହୋଇପାରିବେ। ଏଣୁ ଶିବାଜୀଙ୍କ ଗୁରୁ ସମର୍ଥ ରାମ ଦାସ ଶ୍ରୀରାମାନନ୍ଦାଚାର୍ଯ୍ୟଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ସେ ମଧ୍ୟ ସନାତନ ସଂସ୍କୃତିର ସୁରକ୍ଷା ପାଇଁ ରାମାନନ୍ଦଙ୍କ ପାଖରେ ପ୍ରତିଜ୍ଞା କରିଥିଲେ। ରାମାନନ୍ଦ ସମ୍ପ୍ରଦାୟର ଅନ୍ୟ ଏକ ମଠ ସିଂହଦ୍ୱାର ନିକଟରେ ରହିଛି। ତାହା ହେଉଛି ଛାଉଣୀ ମଠ। ଛାଉଣୀ ଶବ୍ଦର ଅର୍ଥ ଯେଉଁଠାରେ ସୁରକ୍ଷା ବଳ ଅଧିକ ମାତ୍ରାରେ ମହଜୁଦ୍ ଥାନ୍ତି, ଯାହାକୁ ଇଂଲିଶରେ କୁହାଯାଏ କ୍ୟାଣ୍ଟେନମେଣ୍ଟ। ଏହା ଏକ ଆଖଡ଼ା। ଛାଉଣୀ ମଠରେ ନାଗା ସାଧୁମାନେ ଦିନରାତି ୨୪ ଘଣ୍ଟିଆ ଶ୍ରୀମନ୍ଦିର ସୁରକ୍ଷା ପାଇଁ ପ୍ରହରା ଦେଉଥିଲେ। ଏହି ଆଖଡାର ମହନ୍ତଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତି ରହିଥିବା ତ୍ୟାଗ ଓ ନିଷ୍ଠା ଗଜପତିଙ୍କୁ ପ୍ରଭାବିତ କରିଥିଲା। ଗଜପତିଙ୍କ ରାଣୀ ସେମାନଙ୍କ ତ୍ୟାଗରେ ମୁଗ୍ଧ ହୋଇ ନିଜର ଗୁରୁ ରୂପେ ମହନ୍ତଙ୍କୁ ମାନ୍ୟତା ଦେଇଥିଲେ। ପ୍ରାଚୀନ କାଗଜାତରୁ ଜଣାଯାଏ ରାମାନନ୍ଦ ସମ୍ପ୍ରଦାୟର ଛାଉଣୀ ମଠ ହେଉଛି ରାଣୀସାହେବାଙ୍କ ଗୁରୁ ଗାଦି। ରାମାନନ୍ଦ ସମ୍ପ୍ରଦାୟର ନାଗା ସାଧୁମାନେ ପ୍ରତିଦିନ ଶ୍ରୀମନ୍ଦିରରେ ବଡ଼ସିଂହାର ବେଶ ପରେ ଜୟ ବିଜୟ ଦ୍ୱାରରେ ରହି ଏକ ଗୀତିକା ପାଠ କରିଥାନ୍ତି। ସେହି ଗୀତିକା ହେଉଛି-

**ଜୟ ଜୟ ଜଗନ୍ନାଥ ଜଗଦେବା**
**ଶିବ ବିରଞ୍ଚି ନାରଦ କରେ ସେବା।**
**ଯୋଉ ରାମ ସେହି ଜଗଦୀଶା**
**ଜୀନ ହଁ କା ଅନ୍ତ ନ ପାବତ ଶେଷା।।**

### ଶ୍ରୀରାଧା ଜନ୍ମ ମହୋତ୍ସବ ପାଇଁ ସାକ୍ଷୀଗୋପାଳ ଉତ୍ସବମୁଖର

**ସାକ୍ଷୀଗୋପାଳ,୩।୯(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ସିଂହଦ୍ୱାର ଭଜନ କମିଟି ଆନୁକୂଲ୍ୟରେ ବୁଧବାରଠାରୁ ତିନିଦିନ ବ୍ୟାପି ଶ୍ରୀରାଧା ଜନ୍ମ ମହୋତ୍ସବ ଉପଲକ୍ଷେ ସାକ୍ଷୀଗୋପାଳ ମନ୍ଦିର ଉତ୍ସବମୁଖର ହୋଇଉଠିଛି। ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ, ହରିନାମ କୀର୍ତ୍ତନ, ପ୍ରବଚନ, ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସିଂହଦ୍ୱାର ସମ୍ମୁଖରେ ଯଜ୍ଞକୁଣ୍ଡ ଓ ମଞ୍ଚ ପ୍ରସ୍ତୁତି ଶେଷ ହୋଇଛି। ବୁଧବାର ମଧ୍ୟାହ୍ନ ୧୨ଟାରେ ବିଦ୍ୟାଳୟ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗୁରୁବାର ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଆଧ୍ୟାତ୍ମିକ ସଭାରେ ଉଦ୍‌ବୋଧନ ଦେବେ ବୋଲି ଭଜନ କମିଟିର ସମ୍ପାଦକ ଦିବାକର ମହାପାତ୍ର ସୂଚନା ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ଡା. ସିଦ୍ଧାର୍ଥ ସାହୁ ଓ ସମ୍ମାନିତ ଅତିଥି ଭାବରେ ସୁକାନ୍ତ କିଶୋର ସମନ୍ତରାୟ ଯୋଗଦେବେ। ଶୁକ୍ରବାର ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟ ମନ୍ତ୍ରୀମାନଙ୍କ ମଧ୍ୟରୁ ଅଶୋକ ଚନ୍ଦ୍ର ପଣ୍ଡା, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଦିବ୍ୟଶଙ୍କର ମିଶ୍ର, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ନାଲୋକର ସିଏମ୍‌ଡି ଡ. ତପନ କୁମାର ଚାନ୍ଦ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପ୍ରତିବର୍ଷ ଭଳି କୃତୀ ପ୍ରତଯୋଗୀଙ୍କୁ ପୁରସ୍କାର ପ୍ରଦାନ ଓ ବାଲଗୋପାଳ ସେବା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

# ବିସ୍ଥାପିତଙ୍କୁ ସ୍ୱତନ୍ତ୍ର ଥଇଥାନ, ପୁନର୍ବାସ କ୍ଷତିପୂରଣ

**ପୁରୀ ଅଫିସ, ୩।୯**

- ବିବାହିତ ହୋଇ ଅଲଗା ରହୁଥିବା ସବୁ ପୁଅଙ୍କୁ ମିଳିବ
- ସ୍ଥାନାନ୍ତର ହୋଇପାରେ ସିଂହଦ୍ୱାର ଶେଡ୍
- ୭୫ ମିଟର ମଧ୍ୟରେ ରହିଛି ୬/୭ ଏକର ଘରୋଇ ଜମି

ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ରହିଥିବା ନିର୍ମାଣ ଉଚ୍ଛେଦ କରାଯିବ। ଏଥିପାଇଁ ବହୁ ସଂଖ୍ୟାରେ ଘର, ଦୋକାନ, ମଠ ଓ ମନ୍ଦିର ଭଙ୍ଗାଯିବ। ବିସ୍ଥାପିତ ହେବେ ବହୁ ପରିବାର। ତେଣୁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ସ୍ଥାନାନ୍ତରିତ ହେବାକୁ ଥିବା କ୍ଷତିଗ୍ରସ୍ତଙ୍କୁ ୨୦୧୩ରେ ଘୋଷିତ ଥଇଥାନ ନୀତି ଅନୁଯାୟୀ ଜମି ଓ ସେଥିରେ ଥିବା କୋଠାର ମୂଲ୍ୟ ବାବଦରେ ସହାୟତା ଦିଆଯିବ। ଏହାସହିତ ଅତିରିକ୍ତ ଭାବେ ସ୍ୱତନ୍ତ୍ର ଥଇଥାନ ଓ ପୁନର୍ବାସ ନୀତି ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ। ଯଦି ଜଣେ ବ୍ୟକ୍ତିଙ୍କର ପୁଅମାନେ ବିବାହିତ ହୋଇ ଗୋଟିଏ ପ୍ଲଟରେ ଅଲଗା ରହୁଥାନ୍ତି ତେବେ ପ୍ରତ୍ୟେକ ପୁଅଙ୍କୁ ସ୍ୱତନ୍ତ୍ର ଥଇଥାନ ଓ ପୁନର୍ବାସ କ୍ଷତିପୂରଣ ମିଳିବ। କିନ୍ତୁ ସେମାନେ ରହୁଥିବା ଜମି ଏବଂ କୋଠାର ମୂଲ୍ୟ ଗୋଟିଏ ମିଳିବ ବୋଲି କହିଛନ୍ତି ଜିଲାପାଳ ବଲୱନ୍ତ ସିଂ।

ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଥିଲେ, ସୁରକ୍ଷିତ ଜୋନ ମଧ୍ୟରେ ଥିବା ମଠଗୁଡ଼ିକର ଥଇଥାନ, ସଂରକ୍ଷଣ କରାଯିବ। ମଠର ଗାଦି ଏବଂ ଦେବଦେବୀଙ୍କ ବିଜେସ୍ଥଳୀକୁ ସଂରକ୍ଷଣ କରାଯିବ। ପ୍ରତ୍ୟେକ ମଠ ପାଇଁ ଭିନ୍ନ ଭିନ୍ନ ବ୍ୟବସ୍ଥା ହେବ। ଏଥିପାଇଁ ପ୍ରତ୍ୟେକ ମଠ ସହିତ ହେଉ କିମ୍ବା ଏକାଧିକ ମଠ ସହିତ ବସି ଆଲୋଚନା କରାଯିବା ଲାଗି ଜିଲାପାଳଙ୍କୁ ସରକାର ଦାୟିତ୍ୱ ଦେଇଛନ୍ତି। ମଙ୍ଗଳବାର ବଡ଼ ଆଖଡା ମଠ ଏବଂ ଅନ୍ୟ ୨/୩ ମଠ ସହ ଆଲୋଚନା କରାଯାଇଛି। ଆସନ୍ତା ୩/୪ ଦିନ ମଧ୍ୟରେ ଅନ୍ୟମାନଙ୍କ ସହ ମଧ୍ୟ ଆଲୋଚନା କରାଯିବ। ସବୁ ମଠର ପରମ୍ପରାକୁ ଅକ୍ଷୁଣ୍ଣ ରଖାଯିବ। ଦେବଦେବୀଙ୍କ ପୂଜା ପାଇଁ ଯଦି ବିଜେସ୍ଥଳୀ ପାଖରେ କାହାର ରହିବାର ବିଧି ଥାଏ ତାହା ସୁନିଶ୍ଚିତ କରାଯିବ। କିନ୍ତୁ ଏ ନେଇ ବ୍ୟକ୍ତିଗତ ଭାବେ ମଠଗୁଡ଼ିକ ସହ ଆଲୋଚନା କରାଯିବା ପରେ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ କ୍ଷତିଗ୍ରସ୍ତ ପ୍ରତ୍ୟେକ ମଠର ମହନ୍ତ, ପୂଜାରୀ ଏବଂ ସାଧୁସନ୍ଥଙ୍କ ପାଇଁ ୭୫ ମିଟର ପରିଧି ବାହାରେ ବ୍ୟବସ୍ଥା ହେବ। ବର୍ତ୍ତମାନ ସୁଦ୍ଧା ଯେଉଁଠି ଉଚ୍ଛେଦ କରାଯାଇଛି ସେହିସବୁ ଜାଗାର ବିକାଶ କରାଯିବ। ବର୍ତ୍ତମାନ ସିଂହଦ୍ୱାର ପାଖରେ ଯେଉଁ ଶେଡ୍ ରହିଛି ତାହା ଯୋଗୁ ଦୂରରୁ ମନ୍ଦିର ସ୍ପଷ୍ଟ ଭାବେ ଦେଖାଯାଉ ନାହିଁ। ତେଣୁ ଏହି ଶେଡ୍‌କୁ ଯଦି ହୁଏ ସ୍ଥାନାନ୍ତର ମଧ୍ୟ କରାଯାଇପାରେ। ଏ ନେଇ ଆଲୋଚନା ହୋଇଛି। ସେହିପରି ୭୫ ମିଟର ସୁରକ୍ଷିତ ଜୋନ ମଧ୍ୟରେ ପ୍ରାୟ ୬/୭ ଏକର ଘରୋଇ ଲୋକଙ୍କ ଜମି ରହିଛି। ତେବେ ଉଚ୍ଛେଦ ପରେ ମୋଟାମୋଟି ଏହି ସୁରକ୍ଷିତ ଜୋନ ମଧ୍ୟରେ ଦର୍ଶନାର୍ଥୀଙ୍କ ସୁବିଧା ପାଇଁ ବ୍ୟବସ୍ଥା ହେବ। ଏମାର ମଠ ମହନ୍ତଙ୍କ ସମ୍ପର୍କରେ ଜିଲାପାଳ କହିଥିଲେ ଏହି ମଠ ବିପଦସଙ୍କୁଳ ରହିଛି। ମହନ୍ତ ବାହାରକୁ ଆସିଲେ ତାଙ୍କ ପାଇଁ ସବୁ ବ୍ୟବସ୍ଥା କରାଯିବ। ଯଦି ସେ ଚାହିଁବେ ତେବେ ବିଜେସ୍ଥଳୀରେ ରହିପାରନ୍ତି। କିନ୍ତୁ ବିଜେସ୍ଥଳୀକୁ ବାଦ୍ ଦେଇ ଆଉ ସବୁ ଭଙ୍ଗାଯିବ।

# ରାସ୍ତା ମରାମତି ପାଇଁ ଗ୍ରାମବାସୀଙ୍କ ଧାରଣା

**ଗୋପ,୩।୯(ଡି.ଏନ୍.ଏ.)**



ଦୀର୍ଘଦିନ ହେବ କୁଶଭଦ୍ରା ନଦୀକଡ଼ରେ ଥିବା ଗୋପ-ନିମାପଡ଼ା ସଂଯୋଗ ରାସ୍ତାଟି ଶୋଚନୀୟ ହୋଇପଡିଛି। ଏହି ରାସ୍ତାରେ ୫୦ରୁ ଊର୍ଦ୍ଧ୍ୱ ଗାଁର ଗ୍ରାମବାସୀ ଯାତାୟାତ କରୁଥିବାବେଳେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗସତ୍ତ୍ୱେ ସଫଳ ନ ହେବାରୁ ମଙ୍ଗଳବାର ଗୋପ-ବେଣୀପୁର ନଦୀବନ୍ଧର ବେଣୀପୁର ନିକଟରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ।

ଗୋପ ବ୍ଲକ୍‌ରୁ ସିଧାସଳଖ ନିମାପଡ଼ା ବ୍ଲକ୍ ସହ ଯୋଗାଯୋଗ କରିବା ଲାଗି ଜଳସମ୍ପଦ ବିଭାଗ ଅଧୀନରେ ଥିବା ଡାହାଣପଟ କୁଶଭଦ୍ରା ନଦୀବନ୍ଧରେ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ଏହି ରାସ୍ତା ଏବେ ବହୁ ପୁରୁଣା ହୋଇଯାଇଥିବାରୁ ଖରାପ ହେବା ସହ ଅଧିକ ଖାଲଖମା ହୋଇଗଲାଣି। ଯାହାଦ୍ୱାରା ଲୋକେ ଯିବାଆସିବାରେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତାରେ ଗୋପ ବ୍ଲକ୍‌ର ବେଣୀପୁର, ବଡ଼ମଠ, ଦିହୁଡ଼ା, ପୋଇତରା, ଅଣ୍ଡରା ଇଚ୍ଛାପୁର, ମାଧଗଡ଼ିଆ, ତରଡ଼ାପୁର, ଆଳିଚର, ନୂଆସାହି, ଅଡ଼ଙ୍ଗାସାହି, ସାନମଠ ଓ ନିମାପଡ଼ା ବ୍ଲକ୍‌ର ପାଟପୁର, ଅରିକ୍ଷେତ୍ର, ଗୁଆଡିରା, ବିଜିପୁର, ବାମଦେଇପୁର ଭଳି ଅନେକ ଗ୍ରାମର ଲୋକେ ନିର୍ଭର କରୁଛନ୍ତି। ଏହି ୧୨ କିମି ରାସ୍ତାକୁ ପ୍ରତ୍ୟେକ ବର୍ଷ ବିଭାଗ ପକ୍ଷରୁ ମରାମତି କରିବା ନାଁରେ ଲକ୍ଷାଧିକ ଟଙ୍କା ନିଆଯାଉଥିଲେ ମଧ୍ୟ ତାହା କେବଳ କାଗଜପତ୍ରରେ ଦର୍ଶାଯାଉଥିବା ଭଳି ଅଭିଯୋଗ ହୋଇଛି। ବର୍ଷାଦିନରେ ଏହି ରାସ୍ତାଟି ଅଧିକ ଖରାପ ହୋଇଯିବାରୁ ସାଧାରଣ ଲୋକେ ନିମାପଡ଼ା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ଦୀର୍ଘଦିନ ହେବ କୌଣସି ପ୍ରତିକ୍ରିୟା ନ ମିଳିବାରୁ ବାଧ୍ୟ ହୋଇ ଅବରୋଧ କରିଲୁ ବୋଲି ଧାରଣାରେ ଥିବା ଲକ୍ଷ୍ମଣ ସାହୁ, ରବି ସାହୁ, ନବଘନ ସାହୁ, କରୁଣାକର ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ରାସ୍ତା ଅବରୋଧ ଖବରପାଇ ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଖୁବଶୀଘ୍ର ରାସ୍ତା ମରାମତି ହେବାର ପ୍ରତିଶ୍ରୁତି ଦେବାପରେ ଦୀର୍ଘ ଏକ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା।

# ପୁରୀ ସୁରକ୍ଷା ମଞ୍ଚର ଆନ୍ଦୋଳନ ଧମକ

**ପୁରୀ ଅଫିସ, ୩।୯**




ପୁରୀ ପୌରସଦନଠାରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅତିଥି।

## ମଠ ଉଚ୍ଛେଦକୁ ତୀବ୍ର ବିରୋଧ

- ୧୫ଜଣିଆ କମିଟି ଗଠିତ
- ଗୋଟିଏ ମଞ୍ଚରେ ଏକାଠି ହେଲେ ନେତା, ଜନତା, ସାଧୁସନ୍ଥ

ଶ୍ରୀମନ୍ଦିର ସୁରକ୍ଷା ନେଇ ରାଜ୍ୟ ସରକାର ମେଘନାଦ ପାଚେରି ଚାରିପଟୁ ୭୫ମିଟର ପରିଧିରେ ଆସୁଥିବା ନିର୍ମାଣ ସ୍ଥଳ ଭାଙ୍ଗିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଲଙ୍ଗୁଳି ମଠ, ଏମାର ମଠ ଭଙ୍ଗାଯିବା ପରେ ମଙ୍ଗଳବାର ପ୍ରଶାସନ ବଡ଼ ଆଖଡ଼ା ମଠ ଭାଙ୍ଗିବାକୁ ଯାଉଥିବାବେଳେ ମଠ ମହନ୍ତ ଏବଂ ସାଧୁସନ୍ଥମାନେ ଏହାକୁ ତୀବ୍ର ବିରୋଧ କରିଥିଲେ। ପ୍ରଶାସନ ବିରୋଧରେ ନେତା, ଜନତା ଓ ସାଧୁସନ୍ଥ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଛନ୍ତି। ମଠ, ମନ୍ଦିର ସୁରକ୍ଷା ଏବଂ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ଲାଗି ପୁରୀ ସୁରକ୍ଷା ମଞ୍ଚ ଆହ୍ୱାନ ଦେଇଛି। ମଞ୍ଚ ଏହାକୁ ତୀବ୍ର ବିରୋଧ କରିଛି। ଏହାର ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରଶାସନକୁ ଚେତାବନୀ ଦେଇଛି। ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା ଲାଗି ଏକ ୧୫ଜଣିଆ କମିଟି ଗଠନ କରାଯାଇଛି। ବୁଧବାର ଏହି କମିଟି ଜିଲାପାଳଙ୍କୁ ଭେଟି ଉଚ୍ଛେଦ ସମ୍ପର୍କରେ ଆଲୋଚନା କରିବ ବୋଲି ମଞ୍ଚ ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

ମଙ୍ଗଳବାର ପୌର ସଦନଠାରେ ପୁରୀ ସୁରକ୍ଷା ମଞ୍ଚ ଆବାହକ ପଟ୍ଟନାୟକଙ୍କ ଆବାହକତ୍ୱରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ସେବାୟତ ଦାମୋଦର ପ୍ରଧାନୀ, ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ମଠ ମନ୍ଦିରାଧିଶ ସେବା ସଂଘ ସମ୍ପାଦକ ବିଜୟ ରାମାନୁଜ ଦାସ ମହାରାଜ, ଭାଷାବିତ୍ ଶଙ୍କର ପରିଡା, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଶ୍ରମିକ ନେତା ଶ୍ରୀକାନ୍ତ ପରିଚ୍ଛା, ପୁରୀ ଜିଲା କଂଗ୍ରେସ ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, କଂଗ୍ରେସ ମୁଖପାତ୍ର ତଥା ସେବାୟତ ବିନାୟକ ଦାସମହାପାତ୍ର, ଆଇନଜୀବୀ ବନଲତା ମହାନ୍ତି, ସେବାୟତ ଉଦୟଶଙ୍କର ପ୍ରତିହାରୀ, ମଧୁସୂଦନ ମହାପାତ୍ର ପ୍ରମୁଖଙ୍କ ସହ ପୁରୀ ସହରବାସୀ ଏହି ବୈଠକରେ ଯୋଗଦେଇଥିଲେ। ବିଧାୟକ ଷଡ଼ଙ୍ଗୀ କହିଲେ ଯେ, ରାଜ୍ୟ ସରକାର ଜନତାଙ୍କ ସ୍ୱରକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ଶ୍ରୀକ୍ଷେତ୍ର ଲାଗି ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଅଥଚ ଏନେଇ କୌଣସି ବର୍ଗର ଲୋକଙ୍କ ସହିତ ଆଲୋଚନା କରିନାହାନ୍ତି। ଶ୍ରୀମନ୍ଦିର ଯୋଗୁ ବହୁ ଦୋକାନୀ ନିଜ ପରିବାର ଚଳାଉଛନ୍ତି। ଉଚ୍ଛେଦ ପରେ ବିସ୍ଥାପିତ ପରିବାର ରାଜରାସ୍ତାକୁ ଚାଲି ଆସିଛନ୍ତି। ପୁରୀରେ ଶିଳ୍ପ, କ୍ଷୁଦ୍ର ଉଦ୍ୟୋଗ ନାହିଁ। ବଡଦାଣ୍ଡ ହେଉଛି ସେମାନଙ୍କ ଭାତହାଣ୍ଡି। ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଉଚିତ। ବରିଷ୍ଠ ସେବାୟତ ପ୍ରଧାନୀ କହିଲେ, ଏକାଧିକ ଯୋଜନା ସତ୍ତ୍ୱେ ପୁରୀର ବିକାଶରେ କୌଣସି ପ୍ରଭାବ ପଡିନାହିଁ। ନିଜ ଦୁର୍ବଳତାକୁ ଲୁଚାଇବାକୁ ଯାଇ ସରକାର ଶ୍ରୀମନ୍ଦିର ସୁରକ୍ଷା ଆଳରେ ଏହାର ସଂସ୍କୃତିକୁ ନଷ୍ଟ କରିବାକୁ ବସିଛନ୍ତି। ଶ୍ରୀମନ୍ଦିର ସହିତ ମଠ ସଂସ୍କୃତି ଜଡିତ ରହିଛି। ବିକାଶ ଆଳରେ ସରକାର ଗୁଣ୍ଡାରାଜ ଚଳାଇଛନ୍ତି। ଭାଷାବିତ୍ ପରିଡ଼ା କହିଥିଲେ, ସରକାର ଶ୍ରୀକ୍ଷେତ୍ରରେ ଭକ୍ତ, ସ୍ଥାନୀୟ ଜନତାଙ୍କୁ ସୁରକ୍ଷା ଦେଇପାରୁନାହାନ୍ତି। ଶ୍ରୀମନ୍ଦିର ସୁରକ୍ଷା ନାମରେ ସଂସ୍କୃତି ପ୍ରତି କୁଠାରାଘାତ କରୁଛନ୍ତି। ମଠ ସଂସ୍କୃତି ନଷ୍ଟ ହେଲେ, ଧାର୍ମିକ ଏବଂ ଆଧ୍ୟାତ୍ମିକ ବାତାବରଣ ନଷ୍ଟ ହେବ। ପୁରୀ ଜିଲା କଂଗ୍ରେସ ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ପ୍ରଶାସନ ଉପରେ ବର୍ଷିଥିଲେ। ଶ୍ରୀକ୍ଷେତ୍ରର ବୈଦିକ ସଂସ୍କୃତିକୁ ନଷ୍ଟ କରି ଭିଆଇପି ସଂସ୍କୃତି ଲାଗି ସରକାର ଅଣ୍ଟାଭିଡିବା ସହ ଅମଲାତନ୍ତ୍ରୀଙ୍କ ରାଜ ଚାଲିଛି ବୋଲି କହିଥିଲେ। ମଠ ମନ୍ଦିରାଧୀଶ ସେବାସଂଘ ଆବାହକ ଦାସ କହିଲେ, ତିରୁପତି ଓ ବାରାଣସୀ ମନ୍ଦିର ଜବରଦଖଲ ଉଚ୍ଛେଦ ପୂର୍ବରୁ ବିସ୍ଥାପିତଙ୍କୁ ଥଇଥାନ କରାଯାଇଥିଲା। ରାଜ୍ୟ ସରକାର ପୁରୀ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରିନାହାନ୍ତି। ମଠ ଭଙ୍ଗାଯିବା ପୂର୍ବରୁ ଶ୍ରୀମନ୍ଦିର ପରିଚାଳାନ କମିଟି, ଦେବୋତ୍ତର କମିଶନ, ମଠ ମହନ୍ତଙ୍କ ସହ ଆଲୋଚନା କରାଯିବା କଥା। ପ୍ରଶାସନ କାହାରି ସହିତ ଆଲୋଚନା ନ କରି ମଠ ଉଚ୍ଛେଦ କରିବା ଯୁକ୍ତିଯୁକ୍ତ ନୁହଁ।

### ନଦୀରେ ବିଷ ପକାଇ ଧରୁଛନ୍ତି ମାଛ

**କଣାସ,୩।୯(ଡି.ଏନ୍.ଏ.)**

ପୁରୀ ଜିଲା କଣାସ ବ୍ଲକରେ ପ୍ରବାହିତ ଦୟା ଓ ତା'ର ଶାଖା ମକରା ନଦୀ ଉପରେ ହଜାର ହଜାର ଲୋକେ ନିର୍ଭର କରନ୍ତି। କିନ୍ତୁ କେତେକ ଅସାମାଜିକ ଯୁବକ ଓ ପିଲାମାନେ ମିଶି ମାଛ ଧରିବା ପାଇଁ ନଦୀ ଜଳରେ ବିଷ ପକାଉ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହି ଅଞ୍ଚଳରେ ପାନୀୟ ଜଳ ପାଇଁ ବୋରିଂ କରିବା ଦ୍ୱାରା ଲୁଣି ପାଣି ବାହାରୁ ଥିବାରୁ ପ୍ରାୟଃ ୮୦% ଲୋକ ନଦୀଜଳ ଉପରେ ନିର୍ଭର କରିଥାନ୍ତି। ଏହି ଜଳକୁ ପାନୀୟ ରୂପେ ବ୍ୟବହାର କରିବା ସହ ଶୌଚ ମଧ୍ୟ ହୋଇଥାନ୍ତି। ଏହି ନଦୀ ଦୁଇ ପାର୍ଶ୍ୱରେ ପମ୍ପ ହାଉସ୍ ମାଧ୍ୟମରେ ଗ୍ରାମକୁ ଜଳଯୋଗାଣ କରାଯାଇଥାଏ। ଏହି ଦୁଇଟି ନଦୀରେ ବିଷ ପଡିବା ଦ୍ୱାରା ପାଣି ବିଷାକ୍ତ ହେବାସହ ମରି ଭାସୁଥିବା ପଚା ମାଛ ଦ୍ୱାରା ପାଣି ଦୁର୍ଗନ୍ଧ ହେଉଛି। ଫଳରେ ନଦୀ ପାର୍ଶ୍ୱରେ ଥିବା ଗ୍ରାମବାସୀ ଏହା ଜାଣିବା ପରେ ଉତ୍ତେଜନା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ସହଦେବ ସାହୁ କୁହନ୍ତି, ନଦୀରେ ବିଷ ପଡୁଥିବା ଆମେ ଶୁଣିବାକୁ ପାଇଛୁ । ହେଲେ ଲିଖିତ ଅଭିଯୋଗ ନ ହେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ।